କୃଷ୍ଣଯଜୁର୍ବେଦ ଅନ୍ତର୍ଗତ

ଶ୍ୱେତାଶ୍ୱେତର-ଉପନିଷଦ

- ଜୀବ ଏବଂ ଈଶ୍ୱରଙ୍କର ବିଲକ୍ଷଣତା -

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା
ସମାନଂ ବୃକ୍ଷଂ ପରିଷସ୍ୱଜାତେ ।
ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ୟ-ନଶ୍ନନ୍ନନ୍ୟୋ ଅଭିଚାକଶୀତି ॥

ଅଥର୍ବ ବେଦ ୯/୧୪/୨୦,
ଋକ୍‌ବେଦ ୧/୧୬୪/୨୦, ଶ୍ୱେତ.୪/୬

ସବୁବେଳେ ପରସ୍ପର ଏକତ୍ରିତ ହୋଇରହୁଥିବା ଦୁଇସଖା (ସମାନ ନାମ) ଯୁକ୍ତ
ସୁପର୍ଣ୍ଣ (ସୁନ୍ଦର ଗତିଯୁକ୍ତ ପକ୍ଷୀ) ଗୋଟିଏ ବୃକ୍ଷକୁ ଆଶ୍ରିତ ହୋଇଅଛନ୍ତି ।
ସେମାନଙ୍କ ଭିତରୁ ଗୋଟିଏ ବୃକ୍ଷସ୍ଥ ସ୍ୱାଦିଷ୍ଟ ଫଳକୁ ଭୋଗ କରୁଛି,
ଅନ୍ୟଟି ଭୋଗ ନ କରି କେବଳ ଅନ୍ୱେଷା କରୁଅଛି ।

ଶ୍ୱେତାଶ୍ୱେତରୋପନିଷଦ୍

ଉପକ୍ରମଣିକା

କୃଷ୍ଣଯଜୁର୍ବେଦ ଅନ୍ତର୍ଗତ ଶ୍ୱେତାଶ୍ୱେତର ଉପନିଷଦଟି ଶହେତେର ଗୋଟି ମନ୍ତ୍ର ବିଶିଷ୍ଟ ଷଡ଼ ଅଧ୍ୟାୟ ବିଶିଷ୍ଟ ଏକ ଉପାଦେୟ ଅଂଶ । ଉପନିଷଦ ଭାଗର ମୁଖ୍ୟ ଅଂଶ ହୋଇଥିବାରୁ ଏହାକୁ ବିଶେଷ ମାନ୍ୟତା ଦିଆଯାଏ । ଋଷି ଶ୍ୱେତାଶ୍ୱତରଙ୍କ ଅନୁସାରେ ଏହାର ନାମକରଣ ହୋଇଥିବାର ଅନୁମାନ କରାଯାଏ କାରଣ ଷଷ୍ଠ ଅଧ୍ୟାୟର ଏକୋଇଶତମ ମନ୍ତ୍ର[୧] ଏହାକୁ ନିର୍ଦ୍ଦେଶ କରୁଅଛି । ଯଦିଓ ଏହି ନାମଟି କୌଣସି ନିର୍ଦ୍ଦିଷ୍ଟ ଋଷିଙ୍କୁ ନିର୍ଦ୍ଦେଶ କରୁନାହିଁ ତଥାପି ଏହା ସମ୍ମାନସୂଚକ ନାମବାଚକ ହୋଇଥିବାରୁ ଉପାଦେୟତାକୁ ବହନ କରୁଛି । ବ୍ୟାଖ୍ୟାକାର ଶଙ୍କରାନନ୍ଦଙ୍କ ଅନୁସାରେ ଶବ୍ଦଟିର ଅର୍ଥ ବେଶ୍ ମହତ୍ତ୍ୱପୂର୍ଣ୍ଣ ଏବଂ ଶବ୍ଦାନୁସାରେ ଅର୍ଥବୋଧ ହୋଇ ନାମକରଣର ଯଥାର୍ଥତା ପ୍ରତିପାଦନ କରୁଛି । ଶ୍ୱେତ ଅର୍ଥାତ୍ ଶୁଭ୍ର, ବିଶୁଦ୍ଧ ତଥା ଅଶ୍ୱ ଅର୍ଥାତ୍ ଇନ୍ଦ୍ରିୟ ସାମଗ୍ରୀକ ଅର୍ଥରେ ଇନ୍ଦ୍ରିୟନିଗ୍ରହକାରୀ । ଅନ୍ୟମାନଙ୍କ ମତରେ ଶ୍ୱେତ ଅଶ୍ୱତର ଅର୍ଥାତ୍ ଶୁଭ୍ର ଅଶ୍ୱଶାବକ । ଯେହେତୁ ପୁରାକାଳରେ ଋଷଭ, ପୁଙ୍ଗବ ଇତ୍ୟାଦି ଶବ୍ଦ ସମ୍ମାନସୂଚକ ଭାବରେ ବ୍ୟବହାର ହେଉଥିଲା, ସେଥିପାଇଁ ଏହିଠାରେ ଋଷିଙ୍କ ନାମପୂର୍ବରୁ ଏଭଳି ଉପାଧି ସଂଯୋଗ ହୋଇଥିବାର କଳ୍ପନା ମଧ୍ୟ କରାଯାଇପାରେ ।

---

୧ ଶ୍ୱେତାଶ୍ୱତର ଋଷି ତପୋବଳର ସାହଯ୍ୟ ନେଇ ପରମାତ୍ମାଙ୍କୁ ପ୍ରସନ୍ନ କରିପାରିଥିବାରୁ ସେହି ସର୍ବପ୍ରସିଦ୍ଧ ବ୍ରହ୍ମଙ୍କୁ ଜାଣିବାକୁ ସକ୍ଷମ ହୋଇଥିଲେ ଏବଂ ଋଷି ସମ୍ପ୍ରଦାୟ ସେବିତ ଏହି ପରମପବିତ୍ର ବ୍ରହ୍ମତତ୍ତ୍ୱକୁ ସମ୍ୟକ୍ ରୂପେ ପରମହଂସ ସନ୍ନ୍ୟାସୀମାନଙ୍କୁ ଉପଦେଶ ଭାବେ ପ୍ରଦାନ ମଧ୍ୟ କରିଥିଲେ ।

ଯଦିଓ ଏହି ଉପନିଷଦର ଭାଷ୍ୟ ଶଙ୍କରାଚାର୍ଯ୍ୟ କରିଛନ୍ତି ତଥାପି ଏହାର ପୁରାତନତାରେ ସନ୍ଦେହ ଜାଗ୍ରତ ହୋଇପାରେ ମାତ୍ର ଉପାଦେୟତା ଏହାକୁ ମୂଲ୍ୟବାନ କରାଇଦେଇଛି । ଏଥିରୁ ବ୍ରହ୍ମସୂତ୍ରର ସୂତ୍ର ବା ସାରନିର୍ଝାସ ନିର୍ଗତ ହୋଇଥିବା ଅନୁମାନ ମଧ୍ୟ କରାଯାଏ । ସେ ଯାହାହେଉନା କାହିଁକି ଏହାର ଉପାଦେୟତା ସର୍ବସମ୍ମତ । ଏହା କୌଣସି ନିର୍ଦ୍ଦିଷ୍ଟ ଦର୍ଶନ ବା ଆଦର୍ଶକୁ ଅସମର୍ଥନ କରୁନାହିଁ ବରଂ ସମସ୍ତ ଧର୍ମୀୟ ଧାରାକୁ ସମ୍ମାନ ପ୍ରଦର୍ଶନ କରୁଅଛି । ଏଥିରେ ସମସ୍ତ ଶ୍ରେଣୀର ଯଥା, ଦ୍ୱୈତ, ବିଶିଷ୍ଟାଦ୍ୱୈତ, ଅଦ୍ୱୈତ ଏବଂ ବେଦାନ୍ତର ଶାଖାସମ୍ମତ ସାର ପ୍ରତିପାଦିତ ହୋଇଅଛି । କେତେକ ମନ୍ତ୍ରରେ ସାଂଖ୍ୟ ତଥା ଯୋଗର ସ୍ଥିତି ପ୍ରତିପାଦିତ ବି ହୋଇଛି । ଏପରିକି ଜ୍ଞାନ, ଭକ୍ତି ଏବଂ ଅନ୍ୟ ଅଧ୍ୟାତ୍ମିକ ପଥକୁ ମଧ୍ୟ ଉପଯୁକ୍ତ ଗୁରୁତ୍ୱ ପ୍ରଦାନ କରିବାକୁ ଏହି ଉପନିଷଦଟି ବେଶ୍ ସକ୍ଷମ ।

ପ୍ରତ୍ୟେକ ଧର୍ମାବଲମ୍ବୀ ନିଜ ନିଜ ମତାନୁସାରେ ଏହି ଉପନିଷଦକୁ ଆଧାରକରି ବିନା ଦ୍ୱିଧାରେ ନିଜତ୍ୱ ବିସ୍ତାର କରିବାରେ ସମର୍ଥ ହୋଇପାରିବେ, ଏହା ଆମ୍ଭର ମଧ୍ୟ ମତ । ଯଦିଓ ଏଥିରେ ଅନେକ ବୈଦିକ ଶବ୍ଦର ପ୍ରୟୋଗ ହୋଇଛି ତଥାପି ପୌରାଣିକ ପର୍ଯ୍ୟାୟବାଚୀ ଶବ୍ଦ ମଧ୍ୟ ସ୍ଥାନେ ସ୍ଥାନେ ପରିଲକ୍ଷିତ ହେଉଛି । କହିବାକୁ ଗଲେ ଦ୍ୱନ୍ଦ୍ୱ ତଥା ଦର୍ଶନ ବ୍ୟତିକ୍ରମ ସୃଷ୍ଟି କରୁଥିବା ସ୍ଥିତିରେ ଏହା ନିଃସନ୍ଦେହରେ ଉପଯୁକ୍ତ ପଥ ପ୍ରଦର୍ଶନ କରାଇବାକୁ ସମର୍ଥ, ଯାହା ପାଠକେ ନିଶ୍ଚିତ ଉପଲବ୍ଧ କରିପାରିବେ ।

– ସଂ

।। ଶାନ୍ତି-ମନ୍ତ୍ରଃ ।।

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ ।
ସହ ବୀର୍ଯ୍ୟଂ କରବାବହୈ । ତେଜସ୍ୱି ନାବଧୀତମସ୍ତୁ ।
ମା ବିଦ୍ୱିଷାବହୈ ।

ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!![୧]

'ଓଁକାର' ରୂପୀ ପୂର୍ଣ୍ଣବ୍ରହ୍ମ ପରମାତ୍ମନ୍ ! ଆପଣ ଆମକୁ ଅର୍ଥାତ୍ ଗୁରୁ ଓ ଶିଷ୍ୟ ଉଭୟଙ୍କୁ ରକ୍ଷା କରନ୍ତୁ (ଏକତ୍ର ସୁରକ୍ଷା ଦିଅନ୍ତୁ) । ଆମକୁ ଏକତ୍ର ପାଳନ କରନ୍ତୁ । ଆମେ ଏକତ୍ର ବିଦ୍ୟା ସମ୍ବନ୍ଧୀ ସାମର୍ଥ୍ୟକୁ ପ୍ରାପ୍ତକରୁ । ଆମଦ୍ୱାରା ଅଧିତ ବିଦ୍ୟା ସମୂହ ତେଜସ୍ୱୀ ହୁଅନ୍ତୁ । ଆମେ ପରସ୍ପର ମଧ୍ୟରେ କେବେହେଲେ ଦ୍ୱେଷ ଭାବ ନ ରଖୁ । ଆମ୍ଭର ତ୍ରିବିଧ ତାପ ଶାନ୍ତ ହେଉ ଅର୍ଥାତ୍ ଆମେ ତ୍ରିବିଧ ତାପରୁ ମୁକ୍ତ ହେଉ ।

---

୧ ହେ ପରମାତ୍ମନ୍ ! ଆପଣ ଆମ ଉଭୟଙ୍କୁ (ଗୁରୁ ଓ ଶିଷ୍ୟ) ରକ୍ଷାକରନ୍ତୁ । ଆମକୁ ସମୁଚିତ ଉପାୟରେ ପାଳନ ପୋଷଣ କରନ୍ତୁ । ଆମକୁ ଉପଯୁକ୍ତ ବଳ ଓ ବୀର୍ଯ୍ୟବାନ କରାନ୍ତୁ ଯେପରି ଅଧ୍ୟୟନ ଅଧ୍ୟାପନାରେ ମନୋନିବେଶକରି ତେଜୋମୟ ହୋଇପାରିବୁ ।

ହେ ପ୍ରଭୁ ! ଆମ ମଧ୍ୟରେ ଯେପରି କଦାପି ବିଦ୍ୱେଷଭାବ ଜାଗ୍ରତ ନ ହେଉ । ଆମେ ପରସ୍ପର କଲ୍ୟାଣରେ ସାମିଲହୋଇ ପରମ ଶାନ୍ତି ଲାଭକରି ତ୍ରିବିଧ ତାପରୁ (ଆଧ୍ୟାତ୍ମିକ, ଆଧିଦୈବିକ, ଆଧିଭୌତିକ ତାପରୁ) ମୁକ୍ତ ହେବୁ ।

ପ୍ରଥମ ଅଧ୍ୟାୟ

ଧ୍ୟାନ ବା ଆତ୍ମ ଚିନ୍ତନ ଦ୍ୱାରା ପରମାତ୍ମା ପ୍ରାପ୍ତି

ହରିଃ ଓଁ, ବ୍ରହ୍ମବାଦିନୋ ବଦନ୍ତି –

କିଂ କାରଣଂ ବ୍ରହ୍ମ କୁତଃ ସ୍ମ ଜାତା
ଜୀବାମ କେନ କ୍ୱ ଚ୍ ସମ୍ପ୍ରତିଷ୍ଠାଃ ।
ଅଧିଷ୍ଠିତାଃ କେନ ସୁଖେତରେଷୁ
ବର୍ତାମହେ ବ୍ରହ୍ମବିଦୋ ବ୍ୟବସ୍ଥାମ୍ ।।୧।।

ମନ୍ତ୍ରାର୍ଥ – ଓମ୍‌କାର ସ୍ମରଣପୂର୍ବକ, ବ୍ରହ୍ମବାଦୀଗଣ ବ୍ରହ୍ମବିଷୟରେ ଚ଼ର୍ଚ୍ଚା କରୁଥିବାବେଳେ କେହି ଜଣେ ଜିଜ୍ଞାସୁ ପ୍ରଶ୍ନ କଲେ — ହେ ବେଦଜ୍ଞ ମହର୍ଷି ଗଣ !

୧. ଏହି ଜଗତର କାରଣୀଭୂତ ବ୍ରହ୍ମ କିଏ ଅଟନ୍ତି ?

୨. ଆମେସବୁ କେଉଁଠାରୁ ଉତ୍ପନ୍ନ ହୋଇଅଛେ ?

୩. କାହାଯୋଗୁଁ ଜୀବିତ ହୋଇ ରହିଅଛେ ?

୪. କେଉଁଠାରେ ଆମର ସ୍ଥିତି ?

୫. ପୁନଶ୍ଚ, ହେ ବ୍ରହ୍ମବାଦୀଗଣ ! ଆମେ କାହାଯୋଗୁଁ ସୁଖ-ଦୁଃଖରୂପୀ ନିଶ୍ଚିତ ବ୍ୟବସ୍ଥାରେ ଭାଗୀ ହେଉଅଛେ ଅର୍ଥାତ୍ ଏହି ସଂସାର ଯାତ୍ରାର ଅନୁବର୍ତ୍ତନ କରୁଅଛେ ?

ସାମାନ୍ୟ ବ୍ୟାଖ୍ୟା– ପରବ୍ରହ୍ମ ପରମାତ୍ମାଙ୍କୁ ଜାଣିବା ପାଇଁ ତାଙ୍କ ବିଷୟରେ ଚ଼ର୍ଚ୍ଚା କରୁଥିବା କିଛି ଜିଜ୍ଞାସୁ ବ୍ୟକ୍ତିବିଶେଷ ପରସ୍ପର ମଧ୍ୟରେ କଥୋପକଥନ ହେଉଥିଲେ । ସେମାନଙ୍କ ଭିତରୁ ଜଣେ କେହି ଉପରୋକ୍ତ ପ୍ରଶ୍ନଗୁଡ଼ିକୁ ଶଙ୍କା ବିମୋଚ଼ନାର୍ଥେ ଉପସ୍ଥାପନ କରିଥିଲେ । ତାଙ୍କ କଥନର ଅଭିପ୍ରାୟ ହେଉଛି, ହେ ବେଦଜ୍ଞ ମହର୍ଷିଗଣ ! ଆମେମାନେ ବେଦରେ ପଢିଅଛେ କି, ଏହି ସମଗ୍ର ଜଗତର କାରଣ ହେଉଛନ୍ତି ବ୍ରହ୍ମ, ତାହେଲେ ସେହି ବ୍ରହ୍ମ କିଏ ? ଆଉ ଯଦି ଆମେମାନେ

ତହିଁରୁ ଉତ୍ପନ୍ନ ହୋଇଛେ ତାହେଲେ ସେହି ବ୍ରହ୍ମ ପୁଣି କିଏ ଅଟନ୍ତି ? ଏଠାରେ ଆଦି ଶବ୍ଦବାଚ୍ୟକ ବା ମୂଳକୁ ନିର୍ଦ୍ଦେଶ କରୁଥିବା ବସ୍ତୁ ସମ୍ପର୍କରେ ଆକଳନ କରିବାପାଇଁ ଶଙ୍କା ଉତ୍ପନ୍ନ ହୋଇଅଛି । ପୁନର୍ବାର ଜୀବନର ଆଧାର ସ୍ଥିତି ତଥା କାଳାନ୍ତରରେ (ଭୂତ, ଭବିଷ୍ୟ ଓ ବର୍ତ୍ତମାନ କାଳରେ) ସ୍ଥିତି ସମ୍ପର୍କରେ ଶଙ୍କା ଉତ୍ପନ୍ନ ହୋଇଅଛି । ଏତଦ୍‌ଭିନ୍ନ ଯାହାଙ୍କ ଦ୍ୱାରା ଏହି ସୃଷ୍ଟି ରଚିତ ହୋଇଛି ଏବଂ ଯାହାଙ୍କ ଯୋଗୁଁ ଆମେମାନେ ସୁଖ-ଦୁଃଖରେ ଭାଗୀ ହେଉଅଛେ, ସେହି ସଞ୍ଚାଳକ ସ୍ୱାମୀଙ୍କୁ ଜାଣିବାପାଇଁ ଜିଜ୍ଞାସା ପରିଲକ୍ଷିତ ହେଉଛି ।[୧]

କାଳ, ସ୍ୱଭାବ ଆଦିର ଜଗତ୍‌କାରଣସତ୍ତା ଖଣ୍ଡନ —

କାଳଃ ସ୍ୱଭାବୋ ନିୟତିର୍ଯଦୃଚ୍ଛା
ଭୂତାନି ଯୋନିଃ ପୁରୁଷ ଇତି ଚିନ୍ତ୍ୟା ।
ସଂଯୋଗ ଏଷାଂ ନ ତ୍ୱାତ୍ମଭାବା-
ଦାତ୍ମାପ୍ୟନୀଶଃ ସୁଖଦୁଃଖହେତୋଃ ।।୨।।

ମନ୍ତ୍ରାର୍ଥ – କାଳ, ସ୍ୱଭାବ, ନିୟତି, ଯଦୃଚ୍ଛା(ଆକସ୍ମିକ ଘଟଣା), ଭୂତ (ପଞ୍ଚ ମହାଭୂତ) ଏବଂ ପୁରୁଷ — ଏମାନେ ସମସ୍ତେ କାରଣ ଅଟନ୍ତି କି ନୁହଁନ୍ତି, ଏହି ବିଷୟରେ ବିବେଚ୍ଚନା କରିବା ଦରକାର । ଏହାର ସଂଯୋଗ ମଧ୍ୟ ଆତ୍ମାଧୀନ ହୋଇଥିବାରୁ କାରଣ ହୋଇ ନ ପାରନ୍ତି ଆଉ ଜୀବାତ୍ମା ମଧ୍ୟ ସୁଖ ଦୁଃଖର କାରଣ ଅର୍ଥାତ୍ ପୁଣ୍ୟାପୁଣ୍ୟ କର୍ମର ଅଧୀନ ହୋଇଥାନ୍ତି, ଏଣୁ ତାହା ମଧ୍ୟ କାରଣ ହୋଇ ନ ପାରେ ।[୨]

ସାମାନ୍ୟ ବ୍ୟାଖ୍ୟା— ସେମାନଙ୍କ କଥନାନୁସାରେ ବେଦଶାସ୍ତ୍ରରେ ଅନେକ

---

୧ ଏହିଭଳି ପରବ୍ରହ୍ମ ପରମାତ୍ମାଙ୍କର ଅନୁସନ୍ଧାନ କରିବା, ତାଙ୍କୁ ଜାଣିବା ଏବଂ ପାଇବା ପାଇଁ ଉତ୍କଟ ଅଭିଳାଷା ସହିତ ଉତ୍ସାହପୂର୍ବକ ପରସ୍ପର ମଧ୍ୟରେ ବିଚାର କରିବା, ପରମାତ୍ମାଙ୍କ ସତ୍ତ୍ୱକୁ ଜାଣିଥିବା ମହାପୁରୁଷମାନଙ୍କୁ ସେହି ବିଷୟରେ ବିନୟଭାବ ଏବଂ ଶ୍ରଦ୍ଧାପୂର୍ବକ ପ୍ରଶ୍ନ ପ୍ରତିପାଦନକରି ତାଙ୍କ ବର୍ଣ୍ଣିତ କଥନକୁ ଧ୍ୟାନପୂର୍ବକ ଶୁଣି କାମରେ ଲଗାଇବାଭ ଏହାର ନାମ **ସତ୍‌ସଙ୍ଗ** । ଏହି ଉପନିଷଦର ପ୍ରଥମ ମନ୍ତ୍ରରେ ସତ୍‌ସଙ୍ଗର ବର୍ଣ୍ଣନା ପରିଲକ୍ଷିତ ହେଉଛି । ଏଠାରେ ଏହି ଯେଉଁ ସତ୍‌ସଙ୍ଗର ପ୍ରକ୍ରିୟା ଦର୍ଶାଯାଇଛି, ତାହା ଅନାଦି ଆଉ ତାହାର ମହିମା ଅଲୌକିକ, ଏହା ମଧ୍ୟ ସୂଚିତ ହେଉଛି ।

୨ ଯେହେତୁ ସୁଖ-ଦୁଃଖର ହେତୁଭୂତ ପ୍ରାରବ୍ଧର ଅଧୀନ ଅଟେ ସ୍ୱତନ୍ତ୍ର ନୁହେଁ, ସେଥିପାଇଁ ଏ ସମ୍ପର୍କରେ ଭଲ ଭାବରେ ବିବେଚ୍ଚନା କରିବା ଆବଶ୍ୟକ ।

କାରଣର ବର୍ଣ୍ଣନା ହୋଇଛି । କେଉଁଠି କାଳକୁ କାରଣ ବତାଯାଇଛି ତ ଆଉ କେଉଁଠି ଉତ୍ପତ୍ତି, ରଚନା ଓ ପ୍ରଳୟକୁ କାରଣ ବତାଯାଇଛି । ଅନ୍ୟତ୍ର ସ୍ୱଭାବକୁ କାରଣ ବତାଯାଉଥିବା ବେଳେ କାର୍ଯ୍ୟକୁ ବି କାରଣ ବତାଯାଇଛି । ଏଥିରୁ ଏହା ସିଦ୍ଧ ହେଉଛି କି, ବସ୍ତୁଗତ ଶକ୍ତିରୂପ ଯେଉଁ ସ୍ୱଭାବ ରହିଛି, ତାହା କାରଣ ଅଟେ । ଯେଉଁଠି କର୍ମକୁ କାରଣ ବତାଯାଇଛି, ସେଠାରେ ଜୀବ କର୍ମାନୁସାରେ ଭିନ୍ନ ଭିନ୍ନ ଯୋନିରେ, ଭିନ୍ନ ଭିନ୍ନ ସ୍ୱଭାବଯୁକ୍ତ ହୋଇ ଉତ୍ପନ୍ନ ହୋଇଥାଏ । ଅନ୍ୟତ୍ର ଆକସ୍ମିକ ଘଟଣାକୁ ଅବା ଭବିତବ୍ୟକୁ କାରଣ ବୋଲି ଦର୍ଶାଯାଇଛି । କେଉଁଠି ପଞ୍ଚମହାଭୂତକୁ ଏବଂ କେଉଁଠି ଜୀବାତ୍ମାକୁ ଜଗତର କାରଣ ବୋଲି ମଧ୍ୟ କୁହାଯାଇଛି । ତେଣୁ ସେମାନଙ୍କର ବିଚାର୍ଯ୍ୟ ବସ୍ତୁ ହେଲା କାରଣ କିଏ ? ବିଚାର କରିବା ଦ୍ୱାରା ବୋଧ ହୋଇପାରେ କି, କାଳଠୁ ନେଇ ପଞ୍ଚ ମହାଭୂତ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଥିବା ଜଡ଼ ପଦାର୍ଥମାନଙ୍କ ମଧ୍ୟରୁ କେହିହେଲେ ଜଗତର କାରଣ ନୁହଁନ୍ତି । ସେମାନେ ଭିନ୍ନ ଭିନ୍ନ ଭାବରେ ନୁହଁନ୍ତି କି ଏକତ୍ରିତ ଭାବରେ ଜଗତର କାରଣ ହୋଇ ନ ପାରନ୍ତି । କାହିଁକି ନାଁ ଏଗୁଡ଼ିକ ସବୁ ଜଡ଼ ହୋଇଥିବା କାରଣରୁ ଚେତନର ଅଧୀନ ଅଟନ୍ତି । ସେମାନଙ୍କଠାରେ ସ୍ୱତନ୍ତ୍ର କାର୍ଯ୍ୟ କରିବାର ଶକ୍ତି ନାହିଁ । ଯେଉଁ ଜଡ଼ ବସ୍ତୁମାନଙ୍କ ସମ୍ମିଶ୍ରଣରେ କୌଣସି ନୂତନ ବସ୍ତୁ ଉତ୍ପନ୍ନ ହୁଏ, ସେହି ବସ୍ତୁ ତାହାର ସଞ୍ଚାଳକ ଚେତନ ଆତ୍ମାଙ୍କର ଅଧୀନ ଏବଂ ତାଙ୍କର ଭୋଗପାଇଁ ଉଦ୍ଦିଷ୍ଟ ହୋଇଥାଏ । ତାଙ୍କ ବ୍ୟତୀତ ପୁରୁଷ ଅର୍ଥାତ୍ ଜୀବାତ୍ମା ମଧ୍ୟ ଜଗତର କାରଣ ହୋଇ ନ ପାରେ । ଏହାର କାରଣ ସେ ସୁଖ-ଦୁଃଖରୂପୀ ହେତୁଭୂତ ପ୍ରାରବ୍ଧର ଅଧୀନ ଅଟନ୍ତି, ଆଉ ସେ ସ୍ୱତନ୍ତ୍ରରୂପେ କିଛି କରିପାରନ୍ତି ନାହିଁ । ତେଣୁ ଏହି କାରଣରୂପୀ ତତ୍ତ୍ୱ କିଛି ଭିନ୍ନ ଅଟେ ।

ଧ୍ୟାନ ଦ୍ୱାରା ଋଷିଗଣଙ୍କର କାରଣଭୂତା ବ୍ରହ୍ମଶକ୍ତିଙ୍କ ସାକ୍ଷାତ୍କାର—

ତେ ଧ୍ୟାନଯୋଗାନୁଗତା ଅପଶ୍ୟନ୍
ଦେବାତ୍ମଶକ୍ତିଂ ସ୍ୱଗୁଣୈର୍ନିଗୂଢ଼ାମ୍ ।
ଯଃ କାରଣାନି ନିଖିଳାନି ତାନି
କାଳାତ୍ମଯୁକ୍ତାନ୍ୟଧିତିଷ୍ଠତ୍ୟେକଃ ।।୩।।

ମନ୍ତ୍ରାର୍ଥ — ଏଣୁ ସେମାନେ ଧ୍ୟାନଯୋଗର ଅନୁବର୍ତ୍ତନକରି ସ୍ୱ-ଗୁଣ ଆଚ୍ଛାଦିତ ପରମାତ୍ମାଙ୍କ ଶକ୍ତିର ଅର୍ଥାତ୍ ସ୍ୱରୂପଭୂତ ଅଚିନ୍ତ୍ୟଶକ୍ତିର ସାକ୍ଷାତକାର କଲେ— ଯିଏକି(ପରମାତ୍ମା) ଏକାକୀ କାଳ ଠାରୁ ନେଇ ଆତ୍ମା ପର୍ଯ୍ୟନ୍ତ ସମସ୍ତ କାରଣମାନଙ୍କର ଅଧିଷ୍ଠାନ କରିଅଛନ୍ତି ।

ସାମାନ୍ୟ ବ୍ୟାଖ୍ୟା— ଏହିଭଳି ବିଚାର କରୁ କରୁ ଯେତେବେଳେ ଯୁକ୍ତି ତଥା ଅନୁମାନ ଦ୍ୱାରା ସେମାନେ କୌଣସି ନିଷ୍କର୍ଷରେ ପହଞ୍ଚି ପାରିଲେ ନାହିଁ, ସେତେବେଳେ ଧ୍ୟାନ ସାହାଯ୍ୟରେ ଅର୍ଥାତ୍ ମନ ତଥା ଇନ୍ଦ୍ରିୟକୁ ବାହ୍ୟ ବିଷୟରୁ ଦୂରେଇ ଦେଇ ପରବ୍ରହ୍ମଙ୍କୁ ଜାଣିବାପାଇଁ ତତ୍ପର ହୋଇଉଠିଲେ । ଧ୍ୟାନ କରୁ କରୁ ତାଙ୍କୁ ପରମାତ୍ମାଙ୍କ ମହିମାର ଅନୁଭବ ହେଲା । ସେମାନେ ସେହି ପରମଦେବ ପରବ୍ରହ୍ମ ପୁରୁଷୋତ୍ତମଙ୍କର ସ୍ୱରୂପଭୂତ ଅଚିନ୍ତ୍ୟ ଦିବ୍ୟଶକ୍ତିର ସାକ୍ଷାତକାର କଲେ । ଯିଏ ନିଜ ଗୁଣ ସାହାଯ୍ୟରେ (ସତ୍ତ୍ୱ, ରଜ ଓ ତମଗୁଣ ଦ୍ୱାରା ଆଚ୍ଛାଦିତ ହୋଇ) ତ୍ରିଗୁଣମୟୀ ଭାବେ ପ୍ରତୀତ ହେଉଛନ୍ତି, ବାସ୍ତବରେ ସେ ଉକ୍ତ ଗୁଣତ୍ରୟରୁ ଊର୍ଦ୍ଧ୍ୱରେ । ଅତଃ ସେମାନେ ନିଷ୍କର୍ଷରେ ପହଞ୍ଚିଲେ କି, କାଳଠାରୁ ନେଇ ଆତ୍ମା ପର୍ଯ୍ୟନ୍ତ ସମଗ୍ର କାରଣର ଅଧିଷ୍ଠାତା ବା ସ୍ୱାମୀ ଯିଏ, ସେ ଯାହାଙ୍କ ଆଜ୍ଞା ଓ ପ୍ରେରଣା ପାଇ, ଯାହାଙ୍କର ଉକ୍ତ ଶକ୍ତିର କୌଣସି ଏକ ଅଂଶକୁ ନେଇ ସ୍ୱ-ସ୍ୱ କାର୍ଯ୍ୟ କରିବାପାଇଁ ସମର୍ଥ ହୋଇଛନ୍ତି— ସେହି ଏକ ସର୍ବଶକ୍ତିମାନ୍ ପରମେଶ୍ୱର ଏହି ଜଗତର ବାସ୍ତବିକ କାରଣ ଅଟନ୍ତି, ତାଙ୍କ ଭିନ୍ନ ଅନ୍ୟ କେହି ନୁହଁନ୍ତି ।

ଚକ୍ର ରୂପରେ କାରଣବ୍ରହ୍ମଙ୍କର ବର୍ଣ୍ଣନା —

ତମେକନେମିଂ ତ୍ରିବୃତଂ ଷୋଡଶାନ୍ତଂ
ଶତାର୍ଧାରଂ ବିଂଶତିପ୍ରତ୍ୟରାଭିଃ ।
ଅଷ୍ଟକୈଃ ଷଡ୍‌ଭିର୍ବିଶ୍ୱରୂପୈକପାଶଂ
ତ୍ରିମାର୍ଗଭେଦଂ ଦ୍ୱିନିମିତ୍ତୈକମୋହମ୍ ।।୪।।

ମନ୍ତ୍ରାର୍ଥ — (ତାହା ଦ୍ୱାରା) ସମାନେ ଗୋଟିଏ ନେମି, ତିନିଗୋଟି ବୃତ୍ତ, ଷୋହଳଟି ଅନ୍ତ, ପଚାଶଟି ଅର, କୋଡ଼ିଏଟି ପ୍ରତିଅର, ଛଅଗୋଟି ଅଷ୍ଟକ, ବିଶ୍ୱରୂପର ଗୋଟିଏ ପାଶ, ତିନିଗୋଟି ମାର୍ଗ ତଥା ପାପପୁଣ୍ୟ ଉଭୟର ନିମିତ୍ତଭୂତ ଏକ ମୋହଯୁକ୍ତ କାରଣକୁ ଦେଖିଲେ ବା ଅବଗତ ହେଲେ ।

ସାମାନ୍ୟ ବ୍ୟାଖ୍ୟା— ଏହି ମନ୍ତ୍ରରେ ବିଶ୍ୱକୁ ଚକ୍ରଭାବରେ ବର୍ଣ୍ଣନା କରାଯାଇଛି । ପରମଦେବ ପରମେଶ୍ୱରଙ୍କର ସ୍ୱରୂପଭୂତା ଅଚିନ୍ତ୍ୟଶକ୍ତିକୁ ଦର୍ଶନକାରୀ ଉକ୍ତ ଋଷିଗଣ କହନ୍ତି, ଆମେମାନେ ଏଭଳି ଏକ ଚକ୍ରକୁ ଦେଖିଛୁ ଯେଉଁଥିରେ ଏକ ନେମି (ଏକ ଗୋଲାକାର ଆବୃତ୍ତି) ରହିଛି । ସେହି ନେମିର ଅର ଏବଂ ନାଭି ଆଦି ବିଦ୍ୟମାନ । ଏଠାରେ ଅବ୍ୟାକୃତ ପ୍ରକୃତିକୁ ନେମି କୁହାଯାଇଛି । କାହିଁକି ନାଁ ସେ ଏହି ବ୍ୟକ୍ତ ଜଗତର ମୂଳ ବା ଆଧାର ଅଟନ୍ତି । ଯେଉଁଭଳି କୌଣସି ଏକ ଚକ୍ରର ଚାରିପଟେ ରହିଥିବା ଗୋଲାକୃତିକୁ ଏକ ମେରୁଦଣ୍ଡ ବା କେନ୍ଦ୍ରବିନ୍ଦୁ ଉପରେ ରହି

ଘୂରିବାକୁ ହୋଇଥାଏ, ଠିକ୍ ସେହିଭଳି ଏହି ସଂସାର ଚ଼କ୍ରରୂପୀ ଅବ୍ୟାକୃତ ପ୍ରକୃତି ରୂପ ନେମି ଉପରେ ଗୁଣତ୍ରୟ ଘେରି ରହିଛନ୍ତି । ଏହା ପୂର୍ବରୁ କୁହାଯାଇଛି କି, ଭଗବାନଙ୍କର ସେହି ଅଚ଼ିନ୍ତ୍ୟଶକ୍ତି ଏହି ଗୁଣତ୍ରୟ ଦ୍ୱାରା ଆବୃତ ହୋଇ ରହିଛି ଏବଂ ସଂସାରରୂପୀ ଚ଼କ୍ରର ପ୍ରକୃତିରୂପ ନେମିର ମନ, ବୁଦ୍ଧି, ଅହଂକାର ତଥା ଆକାଶ, ବାୟୁ, ତେଜ, ଜଳ ଓ ପୃଥିବୀ ଏହି ଅଷ୍ଟ ସୂକ୍ଷ୍ମତତ୍ତ୍ୱ ଏବଂ ତାହାର ଅଷ୍ଟ ସ୍ଥୂଳତତ୍ତ୍ୱ ଏମିତି ମୋଟ ଷୋହଳଗୋଟି ଶିର ରହିଛନ୍ତି ।

ଯେଉଁଭଳି ଚ଼କ୍ରରେ ଅର ଲାଗିଥାଏ, ଠିକ୍ ସେହିଭଳି ଏହି ସଂସାରଚ଼କ୍ରରେ ଅନ୍ତଃ କରଣର ବୃତ୍ତିଗୁଡ଼ିକ ପଚ଼ାଶ ଗୋଟି ଭେଦ ପଚ଼ାଶଗୋଟି ଅର ଉପରେ ଏବଂ ପଞ୍ଚ ମହାଭୂତଙ୍କର କାର୍ଯ୍ୟ– ଦଶ ଇନ୍ଦ୍ରିୟ, ପଞ୍ଚ ବିଷୟ ଓ ପଞ୍ଚପ୍ରାଣ ଏହିଭଳି କୋଡ଼ିଏ ଗୋଟି ସହାୟକ ଉକ୍ତ ଅର ସ୍ଥାନରେ ରହିଛନ୍ତି । ଏହି ଚ଼କ୍ରରେ ଆଠ ଆଠ ବସ୍ତୁ ସମୂହ ଷଡ଼ ଅଙ୍ଗରୂପେ ବିଦ୍ୟମାନ ଅଟନ୍ତି । ଏହାକୁ ଷଡାଷ୍ଟକଂ ନାମ ଦିଆଯାଇଛି । ଜୀବକୁ ଏହି ଚ଼କ୍ରରେ ବାନ୍ଧି ରଖିଲାଭଳି ଅନେକ ରୂପରେ ପ୍ରକଟ ଆସକ୍ତିରୂପ ଏକ

---

୧ ଉପରୋକ୍ତ ମନ୍ତ୍ରରେ ଯେଉଁ ଅଷ୍ଟକ ଶବ୍ଦକୁ ପ୍ରତିପାଦନ କରାଯାଇଛି, ତାହାର ଯଥାର୍ଥ ସ୍ୱରୂପ ଅଧୀନକୁ କେଉଁଠି ହେଲେ ବୋଧ ହୋଇ ପାରିନଥିବାରୁ ତାହାକୁ ସମ୍ପୂର୍ଣ୍ଣରୂପେ ବ୍ୟାଖ୍ୟା କରାଯାଇପାରିନାହିଁ । ଶାଙ୍କରଭାଷ୍ୟରେ ମଧ ଏହା ବର୍ଣ୍ଣିତ ହୋଇନାହିଁ ମାତ୍ର ଷଡ଼ ଅଷ୍ଟକର ଯେଉଁ ବର୍ଣ୍ଣନା ରହିଛି, ତାହା ନିମ୍ନ ପ୍ରକାରେ ମିଳୁଥିବାରୁ ଏଠାରେ ଉଲ୍ଲେଖ କଲୁ —

୧. ଗୀତାରେ ଉଲ୍ଲିଖିତ ଅଷ୍ଟପ୍ରକୃତି– ପୃଥ୍ୱୀ, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର ।

୨. ଶରୀରଗତ ଅଷ୍ଟଧାତୁ – ତ୍ୱଚ଼ା, ଚ଼ର୍ମ, ମାଂସ, ରକ୍ତ, ମେଦ, ଅସ୍ଥି, ମଜ୍ଜା ଏବଂ ବୀର୍ଯ୍ୟ ।

୩. ଅଷ୍ଟଐଶ୍ୱର୍ଯ୍ୟ – ଅଣିମା, ମହିମା, ଗରିମା, ଲଘିମା, ପ୍ରାପ୍ତି, ପ୍ରାକାମ୍ୟ, ଈଶିତ୍ୱ ଓ ବଶିତ୍ୱ ।

୪. ଅଷ୍ଟଭାବ– ଧର୍ମ, ଜ୍ଞାନ, ବୈରାଗ୍ୟ, ଐଶ୍ୱର୍ଯ୍ୟ, ଅଧର୍ମ, ଅଜ୍ଞାନ, ଅବୈରାଗ୍ୟ (ରାଗ) ଓ ଅନୈଶ୍ୱର୍ଯ୍ୟ ।

୫. ଅଷ୍ଟ ଦେବଯୋନି – ବ୍ରହ୍ମା, ପ୍ରଜାପତି, ଦେବ, ଗନ୍ଧର୍ବ, ଯକ୍ଷ, ରାକ୍ଷସ, ଇତର ଓ ପିଶାଚ଼ ।

୬. ଅଷ୍ଟଗୁଣ – ଦୟା, କ୍ଷମା, ଅନସୂୟା(ନିନ୍ଦା ନ କରିବା), ଶୌଚ଼ (ବାହ୍ୟ ଓ ଅନ୍ତଃ ପବିତ୍ରତା), ଅନାୟାସ, ମଙ୍ଗଳ, ଅକୃପଣତା(ଉଦାରତା) ଏବଂ ଅସ୍ପୃହା), ଆଦିକୁ କଳନା କରାଯାଇପାରେ ।

ଫାଶ ରହିଛି । ଦେବଯାନ, ପିତୃଯାନ ଏବଂ ଏହି ଲୋକରେ ଗୋଟିଏ ଯୋନିରୁ ଅନ୍ୟ ଗୋଟିଏ ଯୋନିକୁ ପ୍ରତ୍ୟାଗମନ ଭଳି ତିନିଗୋଟି ମାର୍ଗ ରହିଛି । ପୁଣ୍ୟ ଓ ପାପରୂପୀ ଦୁଇଟି କର୍ମ ଜୀବକୁ ଏହି ଚକ୍ର ସହିତ ଘୂରାଇବା ପାଇଁ ରହିଛି । ଏହି ପରିଭ୍ରମଣ କାଳରେ ଅର୍ଥାତ୍ ନାଭିଦେଶରେ ଅଜ୍ଞାନ ହିଁ ସ୍ଥାନିତ ହୋଇଛି । ଯେଉଁଭଳି ଚକ୍ରର କେନ୍ଦ୍ର ନାଭି ଅଟେ, ସେହିଭଳି ଅଜ୍ଞାନ ଏହି ସମଗ୍ର ଜଗତର କେନ୍ଦ୍ର ଅଟେ ।

କାର୍ଯ୍ୟବ୍ରହ୍ମଙ୍କୁ ନଦୀ ରୂପେ ବର୍ଣ୍ଣନା—

ପଞ୍ଚସ୍ରୋତୋଽମ୍ବୁଂ ପଞ୍ଚଯୋନ୍ୟୁଗ୍ରବକ୍ରାଂ
ପଞ୍ଚପ୍ରାଣୋର୍ମିଂ ପଞ୍ଚବୁଦ୍ଧ୍ୟାଦିମୂଳାମ୍ ।
ପଞ୍ଚାବର୍ତାଂ ପଞ୍ଚଦୁଃଖୌଘବେଗାଂ
ପଞ୍ଚାଶଦ୍‌ଭେଦାଂ ପଞ୍ଚପର୍ବାମଧୀମଃ ।।୫।।

ମନ୍ତ୍ରାର୍ଥ– ପାଞ୍ଚଗୋଟି ସ୍ରୋତ ଯେଉଁଥିରୁ ଜଳର ଧାରା ନିର୍ଗତ ହୋଇଛନ୍ତି, ସେମାନଙ୍କର ପାଞ୍ଚଗୋଟି ଉଦ୍ଗମସ୍ଥାନ ହୋଇଥିବା ଯୋଗୁଁ ତାହା ଅତୀବ ଉଗ୍ର ଓ ବକ୍ର ହୋଇଛି, ଯେହିଁରେ ପଞ୍ଚ ପ୍ରାଣରୂପକ ତରଙ୍ଗ ମଧ ରହିଛି, ପଞ୍ଚ ଜ୍ଞାନ ଯାହାର ମୂଳ କାରଣ ଅଟେ, ଯେଉଁଥିରେ ପାଞ୍ଚ ଆବର୍ତ୍ତ ବା ଭଉଁରୀ ରହିଛି, ଯିଏ ପାଞ୍ଚପ୍ରକାର ଦୁଃଖରୂପା ଏବଂ ବେଗଯୁକ୍ତ ହୋଇଛନ୍ତି ପୁଣି ଯିଏ ପଞ୍ଚପର୍ବ ବା ସ୍ତରଯୁକ୍ତ ହୋଇଅଛନ୍ତି – ସେହିଭଳି ପଚ଼ାଶ ପ୍ରକାରେ ଭେଦଯୁକ୍ତ ହୋଇଥିବା ଶରୀର ରୂପା ଉକ୍ତ ନଦୀକୁ ଆମେ ଭଲଭାବରେ ଜାଣିଅଛେ ।

ସାମାନ୍ୟ ବ୍ୟାଖ୍ୟା– ଏହି ମନ୍ତ୍ରରେ ସଂସାରକୁ ନଦୀରୂପେ ବର୍ଣ୍ଣନା କରାଯାଇଛି । ବ୍ରହ୍ମଜ୍ଞ ଋଷିଗଣ କହନ୍ତି, ଆମେ ଏଭଳି ଏକ ନଦୀକୁ ଦେଖୁଅଛୁ ଯାହାର ପଞ୍ଚଜ୍ଞାନେନ୍ଦ୍ରିୟ ପାଞ୍ଚଗୋଟି ସ୍ରୋତ ଅଟନ୍ତି । ସାଂସାରିକ ଜ୍ଞାନ ଆମକୁ ପଞ୍ଚଜ୍ଞାନେନ୍ଦ୍ରିୟ ଦ୍ୱାରା ପ୍ରାପ୍ତ ହୁଅନ୍ତି, ଯେଉଁଥିରୁ କି ସଂସାରର ପ୍ରବାହ ହୋଇଛି । ତେଣୁ ଇନ୍ଦ୍ରିୟଗୁଡ଼ିକୁ ଏଠାରେ ସ୍ରୋତବୋଲି କୁହାଯାଇଛି । ଏହି ଇନ୍ଦ୍ରିୟଗୁଡ଼ିକ ପଞ୍ଚସୂକ୍ଷ୍ମଭୂତ ତନ୍ମାତ୍ରାଠାରୁ ଉତ୍ପନ୍ନ ହୋଇଛନ୍ତି । ଯେଉଁଭଳି ନଦୀର ଉଦ୍ଗମ ସ୍ଥାନ ରହିଛି ଆଉ ଉଦ୍ଗମୀତ ହୋଇ ତାହା ଭୟଙ୍କର ରୂପ ଧାରଣ କରିଛି, ଠିକ୍ ସେହିଭଳି । ସେହି ନଦୀ ପ୍ରବାହରେ ଖସିପଡିଲେ ଅଥଳ ସମୁଦ୍ରରେ ନିପତିତ ହେବାକୁ ହୁଏ, ଏହି ଇନ୍ଦ୍ରିୟମାନଙ୍କ ପ୍ରବାହରେ ପତିତ ହେଲେ ବାରମ୍ୱାର ଜନ୍ମମୃତ୍ୟୁର କ୍ଲେଶ ଉଠାଇବାକୁ ପଡ଼େ । ଏହି ସଂସାର ଅତୀବ ଆବୁଡ଼ା–

ଖାଚୁଡ଼ା ଅର୍ଥାତ୍ କପଟତା ପୂର୍ଣ୍ଣ ଅଟେ । ଏଥିରୁ ରକ୍ଷାପାଇବା କଷ୍ଟସାପେକ୍ଷ ଅଟେ । ତେଣୁ ସଂସାରରୂପ ନଦୀକୁ ବକ୍ର ବୋଲି କୁହାଯାଇଛି । ଜଗତରେ ଜୀବର ଯେଉଁସବୁ ଚେଷ୍ଟା ରହିଛି, ତାହାକୁ ଭବସରିତାରୂପୀ ତରଙ୍ଗମାଳା ସଙ୍ଗେ ତୁଳନା କରାଯାଇଛି । ନଦୀର ସ୍ରୋତରେ ଚଳଚଞ୍ଚଳ ଯେଉଁ ତରଙ୍ଗ ରହିଛି, ତାହାକୁ ପଞ୍ଚଜ୍ଞାନେନ୍ଦ୍ରିୟର ଜ୍ଞାନ ସହିତ ତୁଳନା କରାଯାଇଛି । ଯେଉଁଭଳି ଜ୍ଞାନର ଆଦିକାରଣ ମନ ଅଟେ ଆଉ ଯେତେସବୁ ଜ୍ଞାନ ରହିଛନ୍ତି ସବୁଗୁଡ଼ିକ ମନର ବୃତ୍ତି ଅଟନ୍ତି । ଯଦି ମନ ନହୁଏ, ଇନ୍ଦ୍ରିୟ ସଚେଷ୍ଟ ହୋଇଥିଲେ ମଧ୍ୟ ଜ୍ଞାନଲାଭ ହୁଏନାହିଁ । ଏହି ମନ ହିଁ ସଂସାରରୂପ ନଦୀର ମୂଳ ଅଟେ । ମନରୁ ସଂସାରର ସୃଷ୍ଟି । ସାରାଜଗତ୍ ମନର କଳ୍ପନା ଅଟେ । ମନ ଯେତେବେଳେ ଅମନ ହୋଇଯାଏ, ସେତେବେଳେ ଜଗତର ଅସ୍ତିତ୍ୱ ରହେନାହିଁ । ଯେ ପର୍ଯ୍ୟନ୍ତ ମନ ରହିଛି, ସେ ପର୍ଯ୍ୟନ୍ତ ସଂସାରଚକ୍ର ଅଛି । ଇନ୍ଦ୍ରିୟମାନଙ୍କର ଶବ୍ଦ, ସ୍ପର୍ଶ ଆଦି ପଞ୍ଚ ବିଷୟ ହିଁ ଏହି ସଂସାରରୂପୀ ନଦୀର ଆବର୍ତ୍ତ ବା ଭଉଁରୀ ସଦୃଶ । ସେଥିରେ ପତିତହୋଇ ଜୀବ ମୃତ୍ୟୁଚକ୍ରରେ ପଡ଼ିଥାଏ । ଗର୍ଭଦୁଃଖ, ଜନ୍ମଦୁଃଖ, ରୋଗ, ବୃଦ୍ଧା, ମୃତ୍ୟୁ ଆଦି ଦୁଃଖ ଏହିଭଳି ପଞ୍ଚଦୁଃଖ ନଦୀ ପ୍ରବାହର ବେଗ ସଦୃଶ ଅଟନ୍ତି । ଅବିଦ୍ୟା(ଅଜ୍ଞାନ), ଅସ୍ମିତା (ଅହଂକାର), ରାଗ(ପ୍ରିୟବୁଦ୍ଧି), ଦ୍ୱେଷ (ଅପ୍ରିୟବୁଦ୍ଧି), ଅଭିନିବେଶ (ମୃତ୍ୟୁଭୟ) ଏଭଳି ପଞ୍ଚବିଧ କ୍ଲେଶ ଏହି ସଂସାରରୂପ ନଦୀରେ ପଞ୍ଚପର୍ବ ଅର୍ଥାତ୍ ବିଭାଗ ଅଟନ୍ତି । ଏହିଭଳି ପଞ୍ଚବିଭାଗରେ ଉକ୍ତ ଜଗତକୁ ବିଭାଜିତ କରାଯାଇଛି । ଏହିପରି ଭାବେ ମୋଟକରି ଦେଖିଲେ ପଚାଶଗୋଟି ବୃତ୍ତି ସଂସାରରେ ପ୍ରତୀୟମାନ ହୁଅନ୍ତି, ଯାହାକି ନଦୀର ପଚାଶଗୋଟି ଭେଦ ବା ଭିନ୍ନଭିନ୍ନ ରୂପ ଅଟେ । ସେହି ଅନ୍ତଃ କରଣର ବୃତ୍ତିମାନଙ୍କୁ ନେଇ ସଂସାରରେ ଭେଦର ପ୍ରତୀତି ହୋଇଥାଏ ।

ଜୀବର ସଂସାରବନ୍ଧନ ଏବଂ ମୋକ୍ଷର କାରଣ ନିର୍ଦ୍ଦେଶ-

ସର୍ବାଜୀବେ ସର୍ବସଂସ୍ଥେ ବୃହନ୍ତେ
ଅସ୍ମିନ୍ ହଂସୋ ଭ୍ରାମ୍ୟତେ ବ୍ରହ୍ମଚକ୍ରେ ।
ପୃଥଗାତ୍ମାନଂ ପ୍ରେରିତାରଂ ଚ ମତ୍ୱା
ଜୁଷ୍ଟସ୍ତତସ୍ତେନାମୃତତ୍ୱମେତି ।।୬।।

ମନ୍ତ୍ରାର୍ଥ – ଜୀବ ନିଜକୁ ଆଉ ସର୍ବନିୟନ୍ତା ପରମାତ୍ମାଙ୍କୁ ଭିନ୍ନ ଭିନ୍ନ ଭାବରେ ସ୍ୱୀକାରକରି ଏହି ସମଗ୍ର ଭୂତଗଣଙ୍କର ଭୋଗଭୂମିରେ ଜୀବନ ନିର୍ବାହ କରେ ଆଉ ସମସ୍ତଙ୍କର ଆଶ୍ରୟୀଭୂତ ପ୍ରଳୟସ୍ଥାନରେ ଅର୍ଥାତ୍ ମହାନ୍

ବ୍ରହ୍ମଚକ୍ରରେ ଭ୍ରମଣ କରୁଥାଏ । ଆଉ ଯେତେବେଳେ ତାକୁ ଏଗୁଡିକ ଅଭିନ୍ନ ବୋଧହୁଏ ବା ସେବନ କରେ(ଉପଲବ୍ଧ କରେ), ସେତେବେଳେ ସେ ଅମୃତତ୍ୱକୁ ପ୍ରାପ୍ତ ହୋଇଯାଏ ।

ପରବ୍ରହ୍ମଙ୍କ ପ୍ରାପ୍ତିରେ ମୁକ୍ତିର ବର୍ଣ୍ଣନା-

ଉଦ୍ଗୀତମେତତ୍ ପରମଂ ତୁ ବ୍ରହ୍ମ
ତସ୍ମିଂସ୍ତ୍ରୟଂ ସୁପ୍ରତିଷ୍ଠାକ୍ଷରଂ ଚ ।
ଅତ୍ରାନ୍ତରଂ ବ୍ରହ୍ମବିଦୋ ବିଦିତ୍ୱା
ଲୀନା ବ୍ରହ୍ମଣି ତତ୍ପରା ଯୋନିମୁକ୍ତାଃ ।।୭।।

ମନ୍ତ୍ରାର୍ଥ – ୧) ଏହି (ଗାୟନ ଯୋଗ୍ୟ) ଉଦ୍‌ଗୀଥ (ବେଦ ବର୍ଣ୍ଣିତ) ହିଁ ସର୍ବ ଶ୍ରେଷ୍ଠ ଆଶ୍ରୟ ଏବଂ ଅବିନାଶୀ ଅଟନ୍ତି । ତାଙ୍କଠାରେ ଲୋକତ୍ରୟ ସ୍ଥିତ ହୋଇଛନ୍ତି । ବ୍ରହ୍ମବିତ୍‌ଗଣ (ବ୍ରହ୍ମଙ୍କୁ ଅବଗତ ଥିବା ମହାତ୍ମାଗଣ) ଏଠାରେ ଅନ୍ତର୍ଯ୍ୟାମୀ ରୂପେ ସ୍ଥିତ ବ୍ରହ୍ମଙ୍କୁ ଜାଣି ତତ୍ପରା (ତତ୍ ପରାୟଣ) ହୋଇ, ସେହି ପରଂବ୍ରହ୍ମଙ୍କଠାରେ ଲୀନ ହୋଇ ସଦାକାଳ ନିମନ୍ତେ (ଚୀରକାଳ) ଯୋନିମୁକ୍ତା (ଜନ୍ମ ମରଣ ଚକ୍ରରୁ ମୁକ୍ତ) ହୋଇଯାଆନ୍ତି ।

୨) ପ୍ରପଞ୍ଚ ଠାରୁ ପୃଥକ୍ ରୂପେ ବର୍ଣ୍ଣନା କରାଯାଇଥିବା ଏହି ବ୍ରହ୍ମ ସର୍ବୋକୃଷ୍ଟ ଅଟନ୍ତି । ସେଥିରେ ଭୋକ୍ତା, ଭୋଗ୍ୟ ଓ ନିୟନ୍ତା ତିନିହେଁ ସ୍ଥିତ ହୋଇଛନ୍ତି । ତାହା ତାଙ୍କର ସୁପ୍ରତିଷ୍ଠା ଆଉ ଅବିନାଶିତ୍ୱ ଅଟେ । ଏଥିରେ ପ୍ରବେଶ ଦ୍ୱାରକୁ ଲାଭକରି ବ୍ରହ୍ମବେତ୍ତାମାନେ ବ୍ରହ୍ମରେ ଲୀନହୋଇ ସମାଧି ନିଷ୍ଠାରେ ସ୍ଥିତ ହୋଇଥିବା ଜନ୍ମ-ମରଣରୁ ମୁକ୍ତ ହୋଇଯାନ୍ତି ।

ବ୍ୟବହାରିକ ଭେଦ ଏବଂ ଜ୍ଞାନ ସାହାଯ୍ୟରେ ମୋକ୍ଷ ପ୍ରଦର୍ଶନ-

ସଂଯୁକ୍ତମେତତ୍ କ୍ଷରମକ୍ଷରଂ ଚ
ବ୍ୟକ୍ତାବ୍ୟକ୍ତଂ ଭରତେ ବିଶ୍ୱମୀଶଃ ।
ଅନୀଶଶ୍ଚାତ୍ମା ବଧ୍ୟତେ ଭୋକ୍ତୃଭାବା-
ଜ୍ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ।।୮।।

ମନ୍ତ୍ରାର୍ଥ – ୧) କ୍ଷୟଶୀଳ ଏବଂ ଅକ୍ଷୟ (ଅବିନାଶୀ) ଉଭୟର ସଂଯୋଗରେ ବ୍ୟକ୍ତାବ୍ୟକ୍ତ ସ୍ୱରୂପ ଏହି ବିଶ୍ୱକୁ ପରମେଶ୍ୱର ଧାରଣ ତଥା ପୋଷଣ କରିଛନ୍ତି, ଏବଂ ଆତ୍ମା (ଜୀବାତ୍ମା) ଭୋକ୍ତୃଭାବରୁ ତାହାର ଅଧିନ ହେବାକୁ ଅସମର୍ଥ ହୋଇ ବନ୍ଧନରେ ପଡିଥାଏ । ଆଉ ଯେତେବେଳେ

ସେହି ପରମେଶ୍ୱର ଦେବତାଙ୍କୁ ଜାଣିପାରେ ସେତେବେଳେ ସର୍ବପାଶ ମୁକ୍ତ ହୋଇଯାଏ ।

୨) ପରସ୍ପର ମିଳିତ ହୋଇଥିବା ଏହି କ୍ଷର-ଅକ୍ଷର ଅଥବା ବ୍ୟକ୍ତାବ୍ୟକ୍ତରୂପ ବିଶ୍ୱର ପୋଷଣ ପରମାତ୍ମା କରିଥାନ୍ତି । ମାୟାଧୀନ ଜୀବ ଭୋକ୍ତୃଭାବ କାରଣରୁ ସେଥିରେ ବାନ୍ଧି ହୋଇରହିଥାଏ । ପରମାତ୍ମାଙ୍କ ଜ୍ଞାନଲାଭ ପରେ ତାଙ୍କର ସମସ୍ତ ବନ୍ଧନ ବା ପାଶ ମୁକ୍ତ ହୋଇଯାଏ ।

ସାମାନ୍ୟ ବ୍ୟାଖ୍ୟା- ବିନାଶଶୀଳ ଜଡ଼ବର୍ଗ ଏବଂ ଅବିନାଶୀ ଜୀବାତ୍ମା ଏହି ଦୁହିଁଙ୍କର ସଂଯୋଗରେ ନିର୍ମିତ ହୋଇଥିବା ବ୍ୟକ୍ତ ଏବଂ ଅବ୍ୟକ୍ତ ସ୍ୱରୂପ ଏହି ବିଶ୍ୱକୁ ପରମେଶ୍ୱର ହିଁ ଧାରଣ ତଥା ପୋଷଣ କରିଥାନ୍ତି ଏବଂ ଜୀବାତ୍ମା ଏହି ଜଗତର ବିଷୟମାନଙ୍କୁ ଭୋଗ କରୁଥିବା କାରଣରୁ ପ୍ରକୃତିର ଅଧୀନରେ ଅସମର୍ଥତା ବଶତଃ ବନ୍ଧା ହେଇରହିଛି । ଅତଃ ସେହି ପରମଦେବ ପରମେଶ୍ୱରଙ୍କୁ ଜାଣି ସମସ୍ତ ପ୍ରକାରର ବନ୍ଧନରୁ ମୁକ୍ତିଲାଭ କରାଯାଇପାରିବ । ଏହିପରି ଅନ୍ୟ ମନ୍ତ୍ରରେ ନିର୍ଦ୍ଦେଶିତ ହୋଇଛି ।

ଈଶ୍ୱର, ଜୀବ ଏବଂ ପ୍ରକୃତିର ବିଲକ୍ଷଣତା ତଥା ତତ୍ତ୍ୱଜ୍ଞାନ ଯୋଗୁଁ ମୋକ୍ଷଲାଭ କଥନ-

ଜ୍ଞାଜ୍ଞୌ ଦ୍ୱାବଜାବୀଶନୀଶାବଜା
ହ୍ୟେକା ଭୋକ୍ତୃଭୋଗ୍ୟାର୍ଥଯୁକ୍ତା ।
ଅନନ୍ତଶ୍ଚାତ୍ମା ବିଶ୍ୱରୂପୋ ହ୍ୟକର୍ତା
ତ୍ରୟଂ ଯଦା ବିନ୍ଦତେ ବ୍ରହ୍ମମେତତ୍ ।।୯।।

ମନ୍ତ୍ରାର୍ଥ - ଏମାନେ (ଈଶ୍ୱର ଏବଂ ଜୀବ କ୍ରମଶଃ) ସର୍ବଜ୍ଞ ଆଉ ଅଜ୍ଞାନୀ ତଥା ସର୍ବସମର୍ଥ ଆଉ ଅସମର୍ଥ ଅଟନ୍ତି । ଏହି ଦୁହେଁ ଅଜନ୍ମା ମଧ୍ୟ ଅଟନ୍ତି । ଏକମାତ୍ର ଅଜା ପ୍ରକୃତି ହିଁ ଭୋକ୍ତା ବା ଜୀବ ପାଇଁ ଭୋଗ୍ୟ ସମ୍ପାଦନାରେ ନିଯୁକ୍ତ ହୋଇଥାଏ । ବିଶ୍ୱରୂପ ଆତ୍ମା ତ ଅନନ୍ତ ଓ ଅକର୍ତ୍ତା ଅଟନ୍ତି । ଯେଉଁ ସମୟରେ ଏହି (ଈଶ୍ୱର, ଜୀବ ଆଉ ପ୍ରକୃତି) ତିନିଙ୍କୁ ବ୍ରହ୍ମରୂପେ ଅନୁଭବ ହୁଏ ବା ପ୍ରାପ୍ତକରେ, ସେହି ସମୟରେ ଜୀବ କୃତକୃତ୍ୟ ହୋଇଯାଏ । ଅର୍ଥାତ୍ ମୁକ୍ତ ହୋଇଯାଏ ।

ପରମେଶ୍ୱର ଏବଂ ପରମମୁଖ୍ୟଙ୍କର ବିଲକ୍ଷଣତା ତଥା ତାଙ୍କ ସମ୍ପର୍କିତ ଜ୍ଞାନଲାଭରେ ମୋକ୍ଷପ୍ରାପ୍ତି-

କ୍ଷରଂ ପ୍ରଧାନମମୃତାକ୍ଷରଂ ହରଃ
କ୍ଷରାତ୍ମାନାବୀଶତେ ଦେବ ଏକଃ ।
ତସ୍ୟାଭିଧ୍ୟାନାଦ୍ ଯୋଜନାତ୍ ତତ୍ତ୍ୱଭାବାଦ୍
ଭୂୟଶ୍ଚାନ୍ତେ ବିଶ୍ୱମାୟାନିବୃତ୍ତିଃ ॥୧୦॥

ମନ୍ତ୍ରାର୍ଥ – ବିନାଶଶୀଳ, ପ୍ରଧାନ ଏବଂ ଅବିନାଶୀ ଜୀବାତ୍ମାକୁ ହର ସଂଜ୍ଞକ ଜଣେ ଦେବତା ନିୟମିତ କରିଥାନ୍ତି । ତାଙ୍କର ଚିନ୍ତନରେ ଅର୍ଥାତ୍ ତାଙ୍କଠାରେ ମନୋଯୋଗ କରିବା ଯୋଗୁଁ ବା ତାଙ୍କ ତତ୍ତ୍ୱକୁ ଭାବନା କରିବା ଫଳରେ ପ୍ରାରବ୍ଧର ସମାପ୍ତି ଘଟେ । ତାପରେ ପରେ ବିଶ୍ୱରୂପା ମାୟାଙ୍କର ନିବୃତ୍ତି ହୋଇଯାଏ ।

ସାମାନ୍ୟ ବ୍ୟାଖ୍ୟା– ପ୍ରକୃତି ବିନାଶଶୀଳ, ଏହାକୁ ଭୋଗ କରୁଥିବା ଜୀବାତ୍ମା ଅମୃତ ସ୍ୱରୂପ ଅବିନାଶୀ । ଏହି ବିନାଶଶୀଳ ଜଡ଼ତତ୍ତ୍ୱ ଏବଂ ଚେ଼ତନାତ୍ମା ଉଭୟଙ୍କୁ ଏକକ ଈଶ୍ୱର ନିଜ ଶାସନରେ ରଖିଥାଆନ୍ତି । ଏହାକୁ ଏହିଭଳି ଭାବରେ ଜାଣି ତାଙ୍କୁ ନିରନ୍ତର ଧ୍ୟାନ କରିବା ଏବଂ ମନକୁ ତାଙ୍କ ଠାରେ ଲଗାଇ ରଖି ତନ୍ମୟ ହୋଇ ପରିଶେଷରେ ତାଙ୍କୁ ପ୍ରାପ୍ତ କରାଯାଇପାରିବ । ଫଳତଃ ସମଗ୍ର ମାୟାରୁ ନିବୃତ୍ତି ମିଳିଯିବ ।

ବ୍ରହ୍ମଜ୍ଞାନ ଏବଂ ଧ୍ୟାନ ଜନିତ ଫଳ ମଧ୍ୟରେ ପ୍ରଭେଦ–

ଜ୍ଞାତ୍ୱା ଦେବଂ ସର୍ବପାଶାପହାନିଃ
କ୍ଷୀଣୈଃ କ୍ଲେଶୈର୍ଜନ୍ମମୃତ୍ୟୁପ୍ରହାଣିଃ ।
ତସ୍ୟାଭିଧ୍ୟାନାତ୍ ତୃତୀୟଂ ଦେହଭେଦେ
ବିଶ୍ୱୈଶ୍ୱର୍ଯ୍ୟଂ କେବଳ ଆପ୍ତକାମଃ ॥୧୧॥

ମନ୍ତ୍ରାର୍ଥ – ପରମାତ୍ମାଙ୍କର ଜ୍ଞାନ ହେବାପରେ ଅବିଦ୍ୟା ଆଦି ସମ୍ପୂର୍ଣ୍ଣ କ୍ଲେଶଗଣଙ୍କର ନାଶ ହୁଏ । ଆଉ ସେଗୁଡ଼ିକ ନାଶ ବା କ୍ଷୟ ହୋଇଯିବା ପରେ ଜନ୍ମ-ମୃତ୍ୟୁରୁ ମଧ୍ୟ ନିବୃତ୍ତି ମିଳେ । ସେଗୁଡ଼ିକର ଧ୍ୟାନକରି ଶରୀରପାତ ହେବାପରେ ବିରାଟ ଏବଂ ହିରଣ୍ୟଗର୍ଭଙ୍କ ଅପେକ୍ଷା କାରଣରୁ ବ୍ରହ୍ମରୂପ ସର୍ବୈଶ୍ୱର୍ଯ୍ୟମୟୀ ତୃତୀୟ ଅବସ୍ଥା ପ୍ରାପ୍ତି ହୁଏ । ଫଳରେ ବ୍ୟକ୍ତି ଆପ୍ତକାମ ହୋଇ କୈବଲ୍ୟ ପଦକୁ ପ୍ରାପ୍ତ ହୋଇଯାଏ ।

ସାମାନ୍ୟ ବ୍ୟାଖ୍ୟା– ପରମପୁରୁଷ ପରମାତ୍ମାଙ୍କର ନିରନ୍ତର ଧ୍ୟାନ କରୁ କରୁ ଯେତେବେଳେ ସାଧକ ସେହି ପରମଦେବଙ୍କୁ ଜାଣିନିଏ, ସେତେବେଳେ ତାଙ୍କର

ସମସ୍ତ ବନ୍ଧନ ସବୁଦିନ ପାଇଁ କ୍ଷୟ ହୋଇଯାଏ । କାହିଁକି ନାଁ ଅବିଦ୍ୟା ଅସ୍ମିତା ବା ଅହଂକାର, ରାଗ, ଦ୍ୱେଷ ଓ ମରଣାଭୟ ରୂପୀ ପଞ୍ଚକ୍ଲେଶ ନାଶ ହୋଇଯାଆନ୍ତି । ଫଳରେ ଜୀବ ଜନ୍ମ-ମରଣ ଆବର୍ତ୍ତରୁ ମୁକ୍ତ ହୋଇଯାଏ । ତେଣୁ ସେ ପୁନରାୟ ବନ୍ଧନରେ ପଡେନାହିଁ । ତାଙ୍କର ଶରୀର କ୍ଷୟ ହେବା ପରେ ତୃତୀୟ ଲୋକ ଅର୍ଥାତ୍ ସ୍ୱର୍ଗର ଊର୍ଦ୍ଧ୍ୱରେ ସ୍ଥିତି ହୋଇଥାଏ, ସେ କୈବଲ୍ୟପଦକୁ ପ୍ରାପ୍ତହୋଇ ପୂର୍ଣ୍ଣକାମ ହୋଇଯାଆନ୍ତି । ତାଙ୍କଠାରେ କୌଣସି ପ୍ରକାରର କାମନା ରହେନାହିଁ କାହିଁକି ନାଁ ସେ ସମସ୍ତ କାମନାମାନଙ୍କର ଫଳକୁ ଲାଭ କରିନେଇଥାନ୍ତି ।

ବ୍ରହ୍ମଜ୍ଞଙ୍କର ଜ୍ଞାତବ୍ୟତା-

ଏତଜ୍ ଜ୍ଞେୟଂ ନିତ୍ୟମେବାତ୍ମସଂସ୍ଥଂ
ନାତଃ ପରଂ ବେଦିତବ୍ୟଂ ହି କିଂଚିତ୍ ।
ଭୋକ୍ତା ଭୋଗ୍ୟଂ ପ୍ରେରିତାରଂ ଚ୍ ମତ୍ୱା
ସର୍ବଂ ପ୍ରୋକ୍ତଂ ତ୍ରିବିଧଂ ବ୍ରହ୍ମମେତତ୍ ॥୧୨॥

ମନ୍ତ୍ରାର୍ଥ – ନିଜ ଆତ୍ମାରେ ସ୍ଥିତ ଉକ୍ତ ବ୍ରହ୍ମଙ୍କୁ ସର୍ବଦା ବୋଧହେବା ଦରକାର । ଏହାଠାରୁ ବଳି ଅନ୍ୟ କୌଣସି ଜ୍ଞାତବ୍ୟ ପଦାର୍ଥ ନାହିଁ । ଭୋକ୍ତା (ଜୀବ), ଭୋଗ୍ୟ (ଜଗତ୍) ଆଉ ପ୍ରେରକ (ଈଶ୍ୱର)- ଏମାନେ ତିନି ପ୍ରକାରେ କୁହାଯାଉଥିବା ପୂର୍ଣ୍ଣବ୍ରହ୍ମ ଅଟନ୍ତି- ଏହିଭଳି ଭାବେ ଜାଣିନେବା ଆବଶ୍ୟକ ।

ପ୍ରଣବ ଚିନ୍ତନ ଦ୍ୱାରା ବ୍ରହ୍ମ ସାକ୍ଷାତ୍କାର ହେବାର ଦୃଷ୍ଟାନ୍ତ ସମର୍ଥନ-

ବହ୍ନେର୍ଯଥା ଯୋନିଗତସ୍ୟ ମୂର୍ତିର୍ନ
ଦୃଶ୍ୟତେ ନୈବ ଚ୍ ଲିଙ୍ଗନାଶଃ ।
ସ ଭୂୟ ଏବେନ୍ଧନଯୋନିଗୃହ୍ୟସ୍ତ-
ଦ୍ୱୋଭୟଂ ବୈ ପ୍ରଣବେନ ଦେହେ ॥୧୩

ମନ୍ତ୍ରାର୍ଥ – ଯେଉଁଭଳି ନିଜ ଆଶ୍ରୟରେ (କାଠରେ) ସ୍ଥିତ ଅଗ୍ନିର ରୂପ ଦେଖାଯାଏ ନାହିଁ କି ତାହାର (ଲିଙ୍ଗ ବା ସୂକ୍ଷ୍ମ ସ୍ୱରୂପର) ନାଶ ହୁଏ ନାହିଁ ବରଂ ଇନ୍ଧନରୂପ କାରଣରୁ ତାହା(ଅଗ୍ନି)ର ଗ୍ରହଣ କରାଯାଏ, ଠିକ୍ ସେହିଭଳି ଅଗ୍ନି ଆଉ ଅଗ୍ନିଲିଙ୍ଗସମ ଏହି ଦେହରେ ପ୍ରଣବ ଦ୍ୱାରା ଆତ୍ମାକୁ ଗ୍ରହଣ କରାଯାଇଥାଏ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁଭଳି ଯୋନି ଅର୍ଥାତ୍ ଆଶ୍ରୟଭୂତ କାଷ୍ଠରେ ସ୍ଥିତ ଅଗ୍ନିର ରୂପ ଦେଖାଯାଏ ନାହିଁ ଏବଂ ତାହାର ଚିହ୍ନ ବା ସତ୍ତା ନାଶ ମଧ୍ୟ ହୋଇଯାଏ

ନାହିଁ କାହିଁକି ନାଁ ଚେଷ୍ଟା କରିବା ଦ୍ୱାରା ଉକ୍ତ ଇନ୍ଧନରୂପ ଅଗ୍ନି ପୁନରାୟ ଆବାହନ କରାଯାଇପାରେ ଅର୍ଥାତ୍ ସେ ଜନ୍ମ ନେଇପାରେ, ସେହିଭଳି ସେହି ଦୁହେଁ ଜୀବାତ୍ମା ଓ ପରମାତ୍ମା ଶରୀରରେ ହିଁ ଓମ୍କାର ଦ୍ୱାରା ଅର୍ଥାତ୍ ଓମ୍କାରକୁ ସାଧନକରି ଗ୍ରହଣ କରାଯାଇପାରନ୍ତି ।

ସ୍ୱଦେହମରଣିଂ କୃତ୍ୱା ପ୍ରଣବଂ ଚୋତ୍ତରାରଣିମ୍ ।
ଧ୍ୟାନନିର୍ମଥନାଭ୍ୟାସାଦ୍ ଦେବଂ ପଶ୍ୟେନ୍ନିଗୂଢବତ୍ ।।୧୪।।

ମନ୍ତ୍ରାର୍ଥ – ନିଜ ଦେହକୁ ଅରଣୀ ଆଉ ପ୍ରଣବକୁ ଉତ୍ତରାରଣୀ କରି ଧ୍ୟାନରୂପ ମନ୍ଥନ ବା ଅଭ୍ୟାସ କରିବାଦ୍ୱାରା ସ୍ୱପ୍ରକାଶକ ପରମାତ୍ମାଙ୍କୁ ଛପିଯାଇଥିବା ଅଗ୍ନିସମ ଦେଖି ପାରିବେ ।

ସାମାନ୍ୟ ବ୍ୟାଖ୍ୟା– ଅଗ୍ନିକୁ ପ୍ରକଟ କରିବାପାଇଁ ଯେଉଁଭଳି ଦୁଇଟି କାଷ୍ଠର ଘର୍ଷଣ କରାଯାଇଥାଏ, ଠିକ୍ ସେହିଭଳି ନିଜ ଶରୀରରେ ପରମପୁରୁଷ ପରମାତ୍ମାଙ୍କୁ ପ୍ରାପ୍ତ କରିବାପାଇଁ ସ୍ୱଶରୀରକୁ ନିମ୍ନ କାଷ୍ଠ ବା ଅରଣୀ କରାଇ ଓମ୍କାରକୁ ଉଚ୍ଚ ଅରଣୀ ମନେ କରିନେବା ଦରକାର । ଅର୍ଥାତ୍ ସ୍ୱ–ଶରୀରକୁ ସମଭାବରେ ନିଶ୍ଚଳପୂର୍ବକ ସ୍ଥିରକରି ଓମ୍କାରରୂପୀ ବାଣୀଦ୍ୱାରା ଜପ ତଥା ମନନ କରିବା ଫଳରେ ପରମାତ୍ମାଙ୍କର ନିରନ୍ତର ଚିନ୍ତନ ହୋଇଥାଏ । ଏହିଭଳି ଧ୍ୟାନରୂପ ମନ୍ଥନ ଦ୍ୱାରା ସାଧକକୁ କାଠରେ ଲୁଚି ରହିଥିବା ଅଗ୍ନିସମ ନିଜ ହୃଦୟରେ ରହିଥିବା ପରମେଶ୍ୱରଙ୍କୁ ଦେଖିନେବା ନିତାନ୍ତ ଆବଶ୍ୟକ ।

ତିଳେଷୁ ତୈଳଂ ଦଧନୀବ ସର୍ପି–
ରାପଃ ସ୍ରୋତଃସ୍ୱରଣୀଷୁ ଚାଗ୍ନିଃ ।
ଏବମାତ୍ମାଽଽତ୍ମନି ଗୃହ୍ୟତେଽସୌ
ସତ୍ୟେନୈନଂ ତପସା ଯୋଽନୁପଶ୍ୟତି ।।୧୫।।

ମନ୍ତ୍ରାର୍ଥ – ଯେଉଁଭଳି ରାଶିରେ ତେଲ, ଦହିରେ ଘିଅ, ସ୍ରୋତରେ ଜଳ ଆଉ କାଠରେ ଅଗ୍ନି ଲୁଚି ରହିଛନ୍ତି, ସେହିଭଳି ଉକ୍ତ ପରମାତ୍ମା ନିଜ ଭିତରେ (ହୃଦୟରେ) ଲୁଚି ରହିଛନ୍ତି । ଯେ କେହି (ସାଧକ) ଏହାକୁ ସତ୍ୟ ଏବଂ ତପ ଦ୍ୱାରା ଦେଖିବାପାଇଁ ବାରମ୍ବାର ପ୍ରଯତ୍ନ କରେ, ତାଙ୍କୁ ଉକ୍ତ ଆତ୍ମା ସ୍ୱ–ଆତ୍ମାରେ ହିଁ ଦେଖାଦେଇଥାନ୍ତି ।

ସାମାନ୍ୟ ବ୍ୟାଖ୍ୟା– ଯେଉଁଭଳି ରାଶିରେ ତୈଳ, ଦଧିରେ ଘିଅ, ନଦୀସ୍ରୋତରେ ଜଳ ତଥା ଅରଣି ବା କାଷ୍ଠରେ ଅଗ୍ନି ଲୁଚି ରହିଛନ୍ତି, ଠିକ୍ ସେହିଭଳି ପରମାତ୍ମା ଆମ ହୃଦୟକନ୍ଦରରେ ଲୁଚି ରହିଛନ୍ତି । ଯେଉଭଳି ସ୍ୱ–ସ୍ୱ ସ୍ଥାନରେ ଲୁଚି ରହିଥିବା

ବସ୍ତୁମାନଙ୍କ ଭଳି ପୂର୍ବୋକ୍ତ ଉପାୟରେ ଗ୍ରହଣଯୋଗ୍ୟ ବସ୍ତୁ ସଦୃଶ କୌଣସି ସାଧକ ବିଷୟବିରକ୍ତହୋଇ ସଦାଚାର, ସଂଯମ ତଥା ସତ୍ୟଭାଷଣରୂପୀ ତପସାଧନ କରନ୍ତି, ତେବେ ପୂର୍ବୋକ୍ତ ମତେ ନିରନ୍ତର ଧ୍ୟାନମଗ୍ନ ହୋଇଯାଆନ୍ତି । ଫଳରେ ସେ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ।

ସର୍ବବ୍ୟାପିନମାତ୍ମାନଂ କ୍ଷୀରେ ସର୍ପିରିବାର୍ପିତମ୍ ।
ଆତ୍ମବିଦ୍ୟାତପୋମୂଳଂ ତଦ୍ ବ୍ରହ୍ମୋପନିଷତ୍ ପରମ୍ ।।
ତଦ୍ ବ୍ରହ୍ମୋପନିଷତ୍ ପରମ୍ ।।୧୬।।

ମନ୍ତ୍ରାର୍ଥ – ଯାହା ଆତ୍ମବିଦ୍ୟା ଏବଂ ତପର ମୂଳ ଅଟେ ତଥା ଯେଉଁଥିରେ ପରମ ଶ୍ରେୟ ଆଶ୍ରିତ ହୋଇରହିଛି, ସେହି ସର୍ବବ୍ୟାପୀ ଆତ୍ମାଙ୍କୁ ଦୁଗ୍ଧରେ ବିଦ୍ୟମାନ ଘୃତସମ ଦେଖିବା ଦରକାର ।

ସାମାନ୍ୟ ବ୍ୟାଖ୍ୟା– ଆତ୍ମବିଦ୍ୟା ଏବଂ ତପ ଯାହାଙ୍କର ମୂଳଭୂତ ସାଧନ ହୋଇଯାଇଛି, ଯିଏ ଦୁଗ୍ଧସ୍ଥିତ ଘୃତସଦୃଶ ସର୍ବତ୍ର ପରମାତ୍ମାଙ୍କୁ ବୋଧ ହୁଅନ୍ତି, ସେ ଉପନିଷଦ ବର୍ଣ୍ଣିତ ପରମତତ୍ତ୍ୱ ବ୍ରହ୍ମଙ୍କୁ ଲାଭ କରନ୍ତି । ଅର୍ଥାତ୍ ସେ ହିଁ ପରମତତ୍ତ୍ୱ ବ୍ରହ୍ମ ଅଟନ୍ତି । ଏଠାରେ ବାକ୍ୟର ପୁନରାବୃତ୍ତି ଅଧ୍ୟାୟ ସମାପ୍ତି ସୂଚନା ଅଟେ ।

।। ପ୍ରଥମ ଅଧ୍ୟାୟ ସମାପ୍ତ ।।୧।।

ଦ୍ୱିତୀୟ ଅଧ୍ୟାୟ

ପ୍ରାର୍ଥନାର ପ୍ରଣାଳୀ ଓ ଧ୍ୟାନ ବିଧି

ପ୍ରଥମ ଅଧ୍ୟାୟରେ ପରମଦେବ ପରମାତ୍ମାଙ୍କୁ ସାକ୍ଷାତକାର କରିବା ନିମନ୍ତେ ଧ୍ୟାନକୁ ପ୍ରଧାନ ମାଧ୍ୟମ ଭାବରେ ଉପଯୋଗ କରାଯାଇଛି । ସେହି ଧ୍ୟାନର ପ୍ରକ୍ରିୟା ଅବଗତ କରାଇବା ପାଇଁ ଅଧୁନା ଦ୍ୱିତୀୟ ଅଧ୍ୟାୟର ପ୍ରାରମ୍ଭ କରାଯାଉଛି । ଏଥିରେ ପ୍ରଥମେ ଧ୍ୟାନରେ ସିଦ୍ଧିଲାଭ କରିବା ପାଇଁ ପ୍ରଥମ ପାଞ୍ଚଟି ମନ୍ତ୍ରରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବାର ବିଶେଷ ପ୍ରଣାଳୀ ବର୍ଣ୍ଣନା କରାଯାଇଛି । ତଦୁପରାନ୍ତ ଧ୍ୟାନର ବିଧି ବର୍ଣ୍ଣିତ ହୋଇଛି ।

ଧ୍ୟାନ ସିଦ୍ଧି ପାଇଁ ସବିତାଙ୍କ ନିକଟରେ ଅନୁଜ୍ଞାପୂର୍ବକ ପ୍ରାର୍ଥନା–

ଯୁଞ୍ଜାନଃ ପ୍ରଥମଂ ମନସ୍ତତ୍ତ୍ୱାୟ ସବିତା ଧିୟଃ ।
ଅଗ୍ନେର୍ଜ୍ୟୋତିର୍ନିଚାୟ ପୃଥିବ୍ୟା ଅଧ୍ୟାଭରତ ॥୧॥

ମନ୍ତ୍ରାର୍ଥ – ୧) ସମସ୍ତଙ୍କୁ ଉତ୍ପନ୍ନ କରୁଥିବା ପରମାତ୍ମା ପ୍ରଥମେ ଆମର ମନ ତଥା ବୁଦ୍ଧିକୁ ତତ୍ତ୍ୱପ୍ରାପ୍ତି ପାଇଁ ନିଜ ସ୍ୱରୂପରେ ସଂଲଗ୍ନକରି ଅଗ୍ନିଙ୍କର (ଇନ୍ଦ୍ରିୟାଭିମାନୀ ଦେବତାମାନଙ୍କର) ଜ୍ୟୋତିକୁ ଅବଲୋକନ କରାଇ ପାର୍ଥିବ ପଦାର୍ଥମାନଙ୍କ ଠାରୁ ଦୂରେଇ ନେଇ ଇନ୍ଦ୍ରିୟମାନଙ୍କରେ ସ୍ଥାପିତ କରନ୍ତୁ ।

୨) ସବିତା ଦେବତା ଆମର ମନ ଏବଂ ଅନ୍ୟ ପ୍ରାଣଗୁଡ଼ିକୁ ପରମାତ୍ମାଙ୍କ ଠାରେ ଲଗାଇ ଅଗ୍ନି ଆଦି ଇନ୍ଦ୍ରିୟାଭିମାନୀ ଦେବଗଣଙ୍କ ଜ୍ୟୋତି ଅର୍ଥାତ୍ ବାହ୍ୟବିଷୟ ପ୍ରକାଶନ ସାମର୍ଥ୍ୟକୁ ଅବଲୋକନ କରି ତତ୍ତ୍ୱଜ୍ଞାନ ପାଇଁ ତାଙ୍କୁ ପୃଥିବୀ (ପାର୍ଥିବ ପଦାର୍ଥମାନଙ୍କ)ଠାରୁ ଉର୍ଦ୍ଧ୍ୱରେ (ଶରୀର ମଧ୍ୟସ୍ଥ

ଇନ୍ଦ୍ରିୟମାନଙ୍କ ଠାରେ) ସ୍ଥାପିତ କରନ୍ତୁ ।

ସାମାନ୍ୟ ବ୍ୟାଖ୍ୟା– ସମସ୍ତଙ୍କୁ ଉତ୍ପନ୍ନକରୁଥିବା ପରମାତ୍ମା ପ୍ରଥମେ ଆମର ମନ ଓ ବୁଦ୍ଧିର ବୃତ୍ତିକୁ ତତ୍ତ୍ୱପ୍ରାପ୍ତି ଉଦ୍ଦେଶ୍ୟରେ ନିଜର ଦିବ୍ୟସ୍ୱରୂପରେ ସଂଲଗ୍ନ କରନ୍ତୁ । ଆଉ ଅଗ୍ନି ଆଦି ଇନ୍ଦ୍ରିୟାଭିମାନୀ ଦେବଗଣ ଯେଉଁମାନେ ବିଷୟ ପ୍ରକଟ କରିବାକୁ ସମର୍ଥ ଅଟନ୍ତି, ସେମାନଙ୍କୁ ଦୃଷ୍ଟିରେ ରଖି ବାହ୍ୟବିଷୟମାନଙ୍କଠାରୁ ଲେଉଟାଇ ଆଣି ବା ଦୂରେଇ ନେଇ ଇନ୍ଦ୍ରିୟମାନଙ୍କରେ ସ୍ଥିରତାପୂର୍ବକ ସ୍ଥାପିତ କରନ୍ତୁ, ଯଦ୍ଦ୍ୱାରା ଆମ ଇନ୍ଦ୍ରିୟମାନଙ୍କର ପ୍ରକାଶ ବାହାରକୁ ନ ଯାଇ ବୁଦ୍ଧି ତଥା ମନକୁ ସ୍ଥିର କରିବାରେ ସହାୟକ ହେବ ।

ଯୁକ୍ତେନ ମନସା ବୟଂ ଦେବସ୍ୟ ସବିତୁଃ ସବେ ।
ସୁବର୍ଗେୟାୟ ଶକ୍ତ୍ୟା ।।୨।।

ମନ୍ତ୍ରାର୍ଥ– ୧) ଆମେ ସମସ୍ତଙ୍କୁ ଉତ୍ପନ୍ନକାରୀ ପରମଦେବ ପରମେଶ୍ୱରଙ୍କର ଆରାଧନାରୂପା ଯଜ୍ଞକର୍ମରେ ସଲଗ୍ନ ମନ ସାହାଯ୍ୟରେ (ଭଗବତପ୍ରାପ୍ତି ଜନିତ ଆନନ୍ଦ) ସ୍ୱର୍ଗୀୟ ସୁଖ ପ୍ରାପ୍ତି ନିମନ୍ତେ ଶକ୍ତି ସହିତ ପ୍ରଯନ୍ କରିବୁ ।

୨) ସବିତା(ସମସ୍ତଙ୍କୁ ଉତ୍ପନ୍ନକାରୀ) ଦେବତାଙ୍କର ଅନୁମତିପାଇ ତାଙ୍କରି ପ୍ରେରଣାରୁ ପରମାତ୍ମାଙ୍କଠାରେ ସଂଲଗ୍ନ ମନ ଦ୍ୱାରା ଆମେ ଯଥାଶକ୍ତି ପରମାତ୍ମା ପ୍ରାପ୍ତିର ହେତୁଭୂତ ଧ୍ୟାନକର୍ମ ପାଇଁ ପ୍ରଯନ୍ କରିବା ।

ସାମାନ୍ୟ ବ୍ୟାଖ୍ୟା– ଆମେମାନେ ସମସ୍ତଙ୍କ ଉତ୍ପନ୍ନକାରୀ ପରମଦେବ ପରମେଶ୍ୱରଙ୍କ ଆରାଧନାରୂପ ଯଜ୍ଞରେ ଲାଗିଥିବା ମନ ଦ୍ୱାରା ସ୍ୱର୍ଗୀୟ ସୁଖ ବା ଭଗବଦ୍ ପ୍ରାପ୍ତି ଜନିତ ଆନନ୍ଦ ପ୍ରାପ୍ତି ପାଇଁ ସମ୍ପୂର୍ଣ୍ଣ ଶକ୍ତି ପ୍ରୟୋଗକରି ଅର୍ଥାତ୍ ପୂର୍ଣ୍ଣତୟା ପ୍ରଯନ୍ କରିବା । ଯେପରି ଆମର ମନ ନିରନ୍ତର ଭଗବାନଙ୍କ ଆରାଧନାରେ ଲାଗିରହିବ ଆଉ ଆମେ ଭଗବଦ୍ ପ୍ରାପ୍ତିଜନିତ ପରମାନନ୍ଦର ଅନୁଭୂତି ପାଇଁ ପୂର୍ଣ୍ଣ ଶକ୍ତି ସାହାଯ୍ୟରେ (ସମ୍ପୂର୍ଣ୍ଣ ଏକାଗ୍ରହୋଇ) ପ୍ରଯନ୍ ଶୀଳ ହେବୁ ।

ଯୁକ୍ତ୍ୱାୟ ମନସା ଦେବାନ୍ ସୁବର୍ଯତୋ ଧିୟା ଦିବମ୍ ।
ବୃହଜ୍ଜ୍ୟୋତିଃ କରିଷ୍ୟତଃ ସବିତା ପ୍ରସୁବାତି ତାନ୍ ।।୩।।[୧]

ମନ୍ତ୍ରାର୍ଥ– ୧) ସମସ୍ତଙ୍କ ଉତ୍ପନ୍ନକାରୀ ପରମେଶ୍ୱର ସ୍ୱର୍ଗାଦିଲୋକରେ ଏବଂ ଆକାଶରେ ଗମନକାରୀ ତଥା ବୃହତ୍ ପ୍ରକାଶ ବିସ୍ତୃତକାରୀ ସେହି ମନ

---

୧ ଉପରୋକ୍ତ ମନ୍ତ୍ର ୨–୩ ଯଜୁର୍ବେଦ ଅନ୍ତର୍ଗତ ଏକାଦଶ ଅଧ୍ୟାୟର ଦ୍ୱିତୀୟ ଓ ତୃତୀୟ ମନ୍ତ୍ର ଅଟେ ।

ଓ ଇନ୍ଦ୍ରିୟର ଅଧିଷ୍ଠାତା ଦେବଗଣଙ୍କୁ ଆମର ମନ ଓ ବୁଦ୍ଧି ସଂଯୁକ୍ତକରାଇ ପ୍ରକାଶଦାନ କରିବାପାଇଁ (ଆଲୋକିତ କରିବା ପାଇଁ) ପ୍ରେରଣା ପ୍ରଦାନ କରନ୍ତୁ ।

୨) ପୂର୍ଣ୍ଣାନନ୍ଦ ସ୍ୱରୂପ ପରମାତ୍ମାଙ୍କ ଆଡ଼କୁ ଗମନକରି ଏବଂ ସମ୍ୟକ୍ ଦର୍ଶନ ଦ୍ୱାରା ଜ୍ୟୋତିଃସ୍ୱରୂପ ବ୍ରହ୍ମଙ୍କର ପ୍ରକାଶକରି ମନ ସହ ଇନ୍ଦ୍ରିୟମାନଙ୍କୁ ପରମାତ୍ମାଙ୍କଠାରେ ସଂଯୁକ୍ତକରି ସେହି ସବିତୃ ଦେବତା ତାଙ୍କୁ (ସାଧକଙ୍କୁ) ଅନୁଜ୍ଞା (ସାମର୍ଥ୍ୟ) ପ୍ରଦାନ କରନ୍ତୁ ।

ସାମାନ୍ୟ ବ୍ୟାଖ୍ୟା– ସେହି ସୃଷ୍ଟିକର୍ତ୍ତା ପରମେଶ୍ୱର ମନ ଆଉ ଇନ୍ଦ୍ରିୟମାନଙ୍କର ଅଧିଷ୍ଠାତା ଦେବଗଣଙ୍କୁ ଯେଉଁମାନେ ସ୍ୱର୍ଗାଦିଲୋକ ତଥା ଆକାଶରେ ବିଚରଣ କରୁଛନ୍ତି ଆଉ ବିଶାଳ ପ୍ରକାଶ ଉତ୍ପନ୍ନ କରୁଛନ୍ତି, ସେମାନଙ୍କୁ ଆମର ମନ ଏବଂ ବୁଦ୍ଧିରେ ସଂଯୁକ୍ତ କରାଇ ଆମକୁ ପ୍ରକାଶ ପ୍ରଦାନ କରିବାପାଇଁ ପ୍ରେରିତ କରନ୍ତୁ । ଯାହା ଫଳରେ କି ଆମେ ସେହି ପରମେଶ୍ୱରଙ୍କର ସାକ୍ଷାତକାର କରିବାପାଇଁ ଧ୍ୟାନୋପଯୋଗୀ ସାମର୍ଥ୍ୟଲାଭ କରିପାରିବୁ । ଆମର ମନ, ବୁଦ୍ଧି ଏବଂ ଇନ୍ଦ୍ରିୟମାନଙ୍କରେ ପ୍ରକାଶ ବିସ୍ତାରକରନ୍ତୁ, ଯଦ୍ଦ୍ୱାରା ନିଦ୍ରା, ଆଳସ୍ୟ ଏବଂ ଅକର୍ମଣ୍ୟତା ଆଦି ଦୋଷ ଦୂରହୋଇ ଆମେ ଧ୍ୟାନ କରିବାକୁ ସକ୍ଷମ ହୋଇପାରିବୁ ।

ଯୁଞ୍ଜତେ ମନ ଉତ ଯୁଞ୍ଜତେ ଧିୟୋ
ବିପ୍ରା ବିପ୍ରସ୍ୟ ବୃହତୋ ବିପଶ୍ଚିତଃ ।
ବି ହୋତ୍ରା ଦଧେ ବୟୁନାବିଦେକ
ଇନ୍ମହୀ ଦେବସ୍ୟ ସବିତୁଃ ପରିଷ୍ଟୁତିଃ ॥୪॥[୧]

ମନ୍ତ୍ରାର୍ଥ – ୧) ଯେଉଁଥିରେ ବ୍ରାହ୍ମଣ ଆଦି ବିପ୍ରଗଣ ମନକୁ ଲଗାଉଅଛନ୍ତି ଆଉ ବୁଦ୍ଧିବୃତ୍ତିକୁ ଲଗାଉ ଅଛନ୍ତି, ପୁଣି ଯିଏ ଅଗ୍ନିହୋତ୍ରାଦି ଶୁଭକର୍ମର ବିଧାନ କରୁଅଛନ୍ତି ତା ସହିତ ଜଗତକୁ ଓ ଜଗତର ବିଚାରରେ ନିଜକୁ ସଂଲଗ୍ନକରି ରଖିଅଛନ୍ତି ସେହି ଶ୍ରେଷ୍ଠ ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବୋପାଦକ ପରମାତ୍ମାଙ୍କୁ ନିଶ୍ଚିତଭାବେ ସ୍ତୁତି କରିବା ଦରକାର ।

୨) ଯେଉଁ ବିପ୍ରଗଣ ମନ ଏବଂ ଇନ୍ଦ୍ରିୟମାନଙ୍କୁ ପରମାତ୍ମାଙ୍କଠାରେ ଲଗାଇଥାନ୍ତି, ସେମାନଙ୍କୁ ଯେ କୌଣସି ପ୍ରକାରେ ଜଣେ ପ୍ରଜ୍ଞାବିତଙ୍କ

---

୧ (ଏହା ଯଜୁର୍ବେଦ ଅନ୍ତର୍ଗତ ଏକାଦଶ ଅଧ୍ୟାୟର ଚତୁର୍ଥ ମନ୍ତ୍ର ଏବଂ ପଞ୍ଚମ ଅଧ୍ୟାୟର ଚତୁର୍ଦ୍ଦଶ ମନ୍ତ୍ର ଅଟେ । ପୁନଶ୍ଚ ଋଗବେଦର ୫/୮୧/୧ ମନ୍ତ୍ର ଅଟେ ।)

ଦ୍ୱାରା ହୋତୃସାଧ(ଯଜ୍ଞାଦି) କ୍ରିୟାମାନଙ୍କର ବିଧାନ କରାଇ ଉକ୍ତ ମହାନ୍ ସର୍ବଜ୍ଞ ଏବଂ ବିପ୍ର (ବିଶେଷରୂପରେ ବ୍ୟାପକ) ସବିତୃଦେବଙ୍କର ମହତୀ ସ୍ତୁତି କରନ୍ତୁ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁଥିରେ ବ୍ରାହ୍ମଣାଦି ବ୍ୟକ୍ତିବିଶେଷ ମନକୁ ସ୍ଥିରକରାନ୍ତି ଆଉ ବୁଦ୍ଧିର ବୃତ୍ତିକୁ ସଂଲଗ୍ନ କରାନ୍ତି– ଯିଏ ସମସ୍ତ ଅଗ୍ନିହୋତ୍ରାଦି ଶୁଭକର୍ମମାନଙ୍କର ବିଧାନ କରନ୍ତି ତଥା ଯିଏ ସମସ୍ତ ଜଗତର ବିଚାରମାନଙ୍କୁ ଜାଣନ୍ତି ଆଉ ସେ ଏକ ଅଟନ୍ତି । ଆଉ ସେହି ସର୍ବଶ୍ରେଷ୍ଠ, ସର୍ବବ୍ୟାପକ, ସର୍ବଜ୍ଞ, ସର୍ବୋନାଦକ ପରମଦେବ ପରମେଶ୍ୱରଙ୍କର ନିଶ୍ଚିତଭାବର ମହତୀ ବା ସ୍ତୁତି କରିବା ଦରକାର ।

ଯେଉଁ ପରବ୍ରହ୍ମ ପରମାତ୍ମାଙ୍କର ଶ୍ରେଷ୍ଠବୁଦ୍ଧିଯୁକ୍ତ ବ୍ରାହ୍ମଣାଦି ଅଧିକାରୀ ମନୁଷ୍ୟ ନିଜର ମନକୁ ଲଗାଇଛନ୍ତି ଅର୍ଥାତ୍ ନିଜର ସର୍ବପ୍ରକାର ବୁଦ୍ଧିବୃତ୍ତିକୁ ନିଯୁକ୍ତ କରିଛନ୍ତି, ଯିଏ ଅଗ୍ନିହୋତ୍ର ଆଦି ସମସ୍ତ ଶୁଭକର୍ମମାନଙ୍କର ବିଧାନ କରିଛନ୍ତି, ଯିଏ ସମସ୍ତ ଜଗତର ବିଚାରମାନଙ୍କୁ ଜାଣିବାକୁ ଏକ ତଥା ଅଦ୍ୱିତୀୟ ଅଟନ୍ତି, ସେହି ସର୍ବମହାନ୍, ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବୋନାଦକ, ପରମଦେବ ପରମେଶ୍ୱରଙ୍କର ପ୍ରଶଂସା ଆମେମାନେ କରିବା ବିଧେୟ ।

ଯୁଜେ ବାଂ ବ୍ରହ୍ମ ପୂର୍ବ୍ୟଂ ନମୋଭିର୍ବି
ଶ୍ଲୋକ ଏତୁ ପଥ୍ୟେବ ସୂରେଃ ।
ଶୃଣ୍ୱନ୍ତୁ ବିଶ୍ୱେ ଅମୃତସ୍ୟ ପୁତ୍ରା
ଆ ଯେ ଧାମାନି ଦିବ୍ୟାନି ତସ୍ଥୁଃ ।।୫।।

ମନ୍ତ୍ରାର୍ଥ – ୧) ହେ ମନ ଏବଂ ବୁଦ୍ଧି ! ମୁଁ ତୁମ ଦୁହିଁଙ୍କର ସ୍ୱାମୀଙ୍କୁ ଅର୍ଥାତ୍ ସମସ୍ତଙ୍କର ଆଦି ପୂର୍ଣ୍ଣବ୍ରହ୍ମ ପରମାତ୍ମାଙ୍କୁ ବାରମ୍ବାର ନମସ୍କାର ଦ୍ୱାରା ସଂଯୁକ୍ତ ହେଉଛି । ମୋର ସେହି ସ୍ତୁତିପାଠ ଶ୍ରେଷ୍ଠ ବିଦ୍ୱାନମାନଙ୍କର କୀର୍ତ୍ତି ଭଳି ସର୍ବତ୍ର ବିସ୍ତୃତ ହୋଇଯାଉ, ଯାହାଦ୍ୱାରା ଅବିନାଶୀ ପରମାତ୍ମାଙ୍କର ସମସ୍ତ ପୁତ୍ର ଯେଉଁମାନେ ଦିବ୍ୟଲୋକରେ ନିବାସ କରୁଛନ୍ତି ସେମାନେ ଶୁଣିପାରିବେ ।

୨) ହେ ଇନ୍ଦ୍ରିୟବର୍ଗ ଏବଂ ଇନ୍ଦ୍ରିୟାଧିଷ୍ଠାତୃ ଦେବଗଣ ! ମୁଁ ତୁମ ସମ୍ବନ୍ଧୀତ ପୁରାତନ ବ୍ରହ୍ମଙ୍କୁ ମନ ଲଗାଇ (ଚିତ୍ତପ୍ରଣିଧାନାଦି ଦ୍ୱାରା)ନମସ୍କାର କରୁଛି । ସଦ୍ ମାର୍ଗରେ ବିଦ୍ୟମାନ ବିଦ୍ୱାନଙ୍କ ଭଳି ମୋର ଏହି କୀର୍ତ୍ତନୀୟ ଶ୍ଲୋକ (ସ୍ତୁତିପାଠ) ଲୋକମାନଙ୍କଠାରେ ବିସ୍ତୃତହେଉ । ଯିଏ ସବୁଦିଗରୁ ଦିବ୍ୟଧାମ

ଉପରେ ଅଧିକାର ସାବ୍ୟସ୍ତ କରି ରଖିଛନ୍ତି, ତାହାଙ୍କୁ ଅମୃତ(ହିରଣ୍ୟଗର୍ଭ) ଙ୍କର ପୁତ୍ର ବିଶ୍ୱେଦେବଗଣ ଶ୍ରବଣ କରନ୍ତୁ ।

ସାମାନ୍ୟ ବ୍ୟାଖ୍ୟା– ହେ ମନ ତଥା ବୁଦ୍ଧି ! ମୁଁ ତୁମ ଦୁହିଁଙ୍କର ସ୍ୱାମୀ ସମଗ୍ର ଜଗତର ଆଦିକାରଣ ପରବ୍ରହ୍ମ ପରମାତ୍ମାଙ୍କୁ ବାରମ୍ବାର ନମସ୍କାରକରି ବିନୟପୂର୍ବକ ତାଙ୍କର ଶରଣାପନ୍ନ ହୋଇ ତାଙ୍କଠାରେ ସଂଲଗ୍ନ ହେଉଅଛି । ମୋ'ଦ୍ୱାରା ପରମେଶ୍ୱରଙ୍କର ଏହି ଯେଉଁ ମହିମା ବର୍ଣ୍ଣିତ ହେଲା, ତାହା ବିଦ୍ୱାନ ବ୍ୟକ୍ତିମାନଙ୍କର କୀର୍ତ୍ତିସମ ସମଗ୍ର ଜଗତରେ ବ୍ୟାପ୍ତ ହୋଇଯାଉ । ତାହାଙ୍କୁ ଅବିନାଶୀ ପରମାତ୍ମାଙ୍କର ସମସ୍ତ ପୁତ୍ରଗଣ, ଯେଉଁମାନେ କି ଦିବ୍ୟଲୋକରେ ବାସ କରୁଛନ୍ତି ସେମାନେ ମଧ ଭଲଭାବରେ ଶ୍ରବଣକରନ୍ତୁ ।

ସବିତାଙ୍କର ଅନୁଜ୍ଞା ବ୍ୟତୀତ ଘଟୁଥିବା ହାନି- ଅନ୍ୟ ପ୍ରକାରେ କହିଲେ, ଧ୍ୟାନ ନିମନ୍ତେ ପରମାତ୍ମଙ୍କୁ ସ୍ତୁତି କିପରି କରିବା ଦର୍ଶାଇ ଧ୍ୟାନ ସ୍ଥିତି ଓ ପରେ ଧ୍ୟାନ ଯୁକ୍ତ ହେବାର ଇଙ୍ଗିତ:

ଅଗ୍ନିର୍ଯତ୍ରାଭିମଥ୍ୟତେ ବାୟୁର୍ଯତ୍ରାଧିରୁଧ୍ୟତେ ।
ସୋମୋ ଯତ୍ରାତିରିଚ୍ୟତେ ତତ୍ର ସଂଜାୟତେ ମନଃ ।।୬।।

ମନ୍ତ୍ରାର୍ଥ– ୧) ଯେଉଁ ସ୍ଥିତିରେ ପରମାତ୍ମା ରୂପକ ଅଗ୍ନିଙ୍କୁ ପ୍ରାପ୍ତ କରିବା ନିମନ୍ତେ ଓମ୍‌କାର ଜପ ଓ ଧ୍ୟାନାଦ କରି ମନ୍ଥନ କରାଯାଇଥାଏ, ଯେଉଁଠାରେ ପ୍ରାଣବାୟୁକୁ ଭଲଭାବରେ ବିଧିପୂର୍ବକ ନିରୋଧ କରାଯାଏ ତଥା ଯେଉଁଠାରେ ଆନନ୍ଦରୂପ ସୋମରସ ଅଧିକ ମାତ୍ରାରେ ପ୍ରକଟିତ ହେଉଛି, ସେଠାରେ ଅର୍ଥାତ୍ ସେହିସ୍ଥିତିରେ ମନ ସର୍ବଥା ବିଶୁଦ୍ଧ ହୋଇଯାଏ ।

୨) ଯେଉଁଠାରେ ଅଗ୍ନିଙ୍କର ମନ୍ଥନ କରାଯାଉଛି, ଯେଉଁଠାରେ ବାୟୁକୁ ଅଧିରୋଧ କରାଯାଉଛି ଆଉ ଯେଉଁଠାରେ ସୋମରସର ଆଧିକ୍ୟ ଦେଖାଯାଉଛି, ଉକ୍ତ କର୍ମମାନଙ୍କରେ ହିଁ ମନର ପ୍ରବୃତ୍ତି ଗୁଡିକ ଜାଗ୍ରତ ରହେ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁ ସ୍ଥିତିରେ ଅଗ୍ନି ପ୍ରକଟ କରିବାପାଇଁ ଅରଣୀ ଦ୍ୱାରା ମନ୍ଥନ କଲାଭଳି ଅଗ୍ନି ସ୍ଥାନୀୟ ପରମାତ୍ମାଙ୍କୁ ପ୍ରାପ୍ତ କରିବାପାଇଁ ପ୍ରଥମ ଅଧ୍ୟାୟର ତ୍ରୟୋଦଶ ଏବଂ ଚତୁର୍ଦ୍ଦଶ ମନ୍ତ୍ରର ନିର୍ଦ୍ଦେଶ ଅନୁସାରେ ଶରୀରକୁ ନିମ୍ନ ଅରଣୀ ଏବଂ ଓମ୍‌କାରକୁ ଊର୍ଦ୍ଧ୍ୱ ଅରଣୀ କରାଇ ତାହାର ଜପ ତଥା ଅର୍ଥରୂପ ପରମାତ୍ମାଙ୍କୁ ନିରନ୍ତର ଚିନ୍ତନ କରାଯାଏ, ଯେଉଁଠାରେ ପ୍ରାଣବାୟୁର ବିଧିପୂର୍ବକ ନିରୋଧ କରାଯାଇପାରିବ, ସେଠାରେ ଆନନ୍ଦରୂପ ସୋମରସର ଆଧିକ୍ୟ ପ୍ରକଟହୋଇ

ଧ୍ୟାନକୁ ପୁଷ୍ଟ କରାଇପାରିବ । ଯେଉଁ ଅବସ୍ଥାରେ କି, ମନୁଷ୍ୟର ମନ ସର୍ବଦା ବିଶୁଦ୍ଧ ପ୍ରତୀତ ହୋଇପାରିବ ।

ସବିତାଙ୍କ ଅନୁଜ୍ଞାଦ୍ୱାରା ଲାଭ–

ସବିତ୍ରା ପ୍ରସବେନ ଜୁଷେତ ବ୍ରହ୍ମ ପୂର୍ବ୍ୟମ୍ ।
ତତ୍ର ଯୋନିଂ କୃଣବସେ ନ ହି ତେ ପୂର୍ବମକ୍ଷିପତ୍ ।।୭।।

ମନ୍ତ୍ରାର୍ଥ– ୧) ସମଗ୍ର ଜଗତ ସୃଷ୍ଟିକାରୀ ପରମାତ୍ମାଙ୍କ ଦ୍ୱାରା ପ୍ରାପ୍ତ ପ୍ରେରଣା ସାହାଯ୍ୟରେ ସମସ୍ତଙ୍କର ଆଦିକାରଣ ସେହି ପରବ୍ରହ୍ମ ପରମେଶ୍ୱରଙ୍କର ହିଁ ସେବା ତଥା ଆରାଧନା କରିବା ଦରକାର । ଅତଃ ତୁମେ ସେହି ପରମାତ୍ମାଙ୍କ ଠାରେ ଆଶ୍ରୟ ପ୍ରାପ୍ତକର । କାହିଁକି ନାଁ ଏଭଳି କରିବା ଦ୍ୱାରା ତୁମର ପୂର୍ବସଞ୍ଚିତ କର୍ମ ବିଘ୍ନକାରକ ହେବ ନାହିଁ ।

୨) ସବିତା ବା ଦେବତାଙ୍କ ଦ୍ୱାରା ଅନୁଜ୍ଞାତହୋଇ ସେହି ଚିରନ୍ତନ ବ୍ରହ୍ମଙ୍କର ସେବନ କରିବା ଦରକାର । ତୁମେ ସେହି ବ୍ରହ୍ମରେ ନିଷ୍ଠା (ସମାଧି) ସ୍ଥାପନ କର । ତାହାଦ୍ୱାରା ପୂର୍ବକର୍ମ ତୁମ ବନ୍ଧନର କାରଣ ହେବ କନାହିଁ ।

ସାମାନ୍ୟ ବ୍ୟାଖ୍ୟା– ହେ ସାଧକ ! ସମଗ୍ର ଜଗତର ଉତ୍ପନ୍ନାଦକ ସର୍ବାନ୍ତର୍ଯ୍ୟାମୀ ପରମେଶ୍ୱରଙ୍କ ପ୍ରେରଣାରୁ ଅର୍ଥାତ୍ ପୂର୍ବ ନିର୍ଦ୍ଦେଶିତ ପଦ୍ଧାନୁସାରେ ପରମାତ୍ମାଙ୍କର ସ୍ତୁତି କରି ତାଙ୍କଠାରୁ ଅନୁମତି ପ୍ରାପ୍ତିପୂର୍ବକ ତୁମେ ସେ ସମସ୍ତଙ୍କର ଆଦି ପରବ୍ରହ୍ମ ପରମାତ୍ମାଙ୍କର ସେବା ତଥା ଆରାଧନା କରିବା ଦରକାର । ସେହି ପରମେଶ୍ୱରଙ୍କ ଠାରେ ଆଶ୍ରୟ ପ୍ରାପ୍ତ କରିବା ଦରକାର । ତାଙ୍କ ଶରଣାପନ୍ନ ହୋଇ ନିଜକୁ ବିଲୀନ କରାଇଦେବା ଦରକାର । ଏଭଳି କରିପାରିଲେ ପୂର୍ବକୃତ କର୍ମ ତୁମର ବନ୍ଧନର କାରଣ ହେବନାହିଁ । ଅର୍ଥାତ୍ ତୁମଦ୍ୱାରା ଅନୁଷ୍ଠିତ କର୍ମ–ଅକର୍ମ ତୁମକୁ ଆଉ ବାନ୍ଧି ରଖିପାରିବ ନାହିଁ । ତାହାର ପରିଣତି ତୁମେ ଆଉ ଭୋଗ କରିବନାହିଁ ।

ଧ୍ୟାନଯୋଗର ବିଧି ଏବଂ ତାହାର ମହତ୍ତ୍ୱ–

ତ୍ରିରୁନ୍ନତଂ ସ୍ଥାପ୍ୟ ସମଂ ଶରୀରଂ
ହୃଦୀନ୍ଦ୍ରିୟାଣି ମନସା ସନ୍ନିବେଶ୍ୟ ।
ବ୍ରହ୍ମୋଡୁପେନ ପ୍ରତରେତ ବିଦ୍ୱାନ୍
ସ୍ରୋତାଂସି ସର୍ବାଣି ଭୟାବହାନି ।।୮।।

ମନ୍ତ୍ରାର୍ଥ – ୧) (ବୁଦ୍ଧିମାନ୍) ବିଜ୍ଞ ବ୍ୟକ୍ତିମାନେ ଶିର, ଗ୍ରୀବା ତଥା ହୃଦ୍‌ଦେଶକୁ ସରଳରେଖାରେ ସ୍ଥାପନାକରି ଶରୀରକୁ ଯଥାସାଧ ସରଳକରାଇ

ସ୍ଥିରଭାବରେ ବସିରହି ସମଗ୍ର ଇନ୍ଦ୍ରିୟମାନଙ୍କୁ ମନ ସାହାଯ୍ୟରେ ହୃତ୍‌ଦେଶରେ ନିରୁଦ୍ଧକରି ଓମ୍‌କାର ରୂପୀ ନୌକାର ସାହାଯ୍ୟନେଇ ଭୟଙ୍କର ସ୍ରୋତରୂପୀ ସଂସାରକୁ ପାର କରିପାରନ୍ତି ।

୨) ଶିର, ଗ୍ରୀବା ଏବଂ ବକ୍ଷସ୍ଥଳ- ଏହି ଅଙ୍ଗତ୍ରୟକୁ ଉଚ୍ଚରେ ରଖି, ଶରୀରକୁ ସିଧାକରି ମନଦ୍ୱାରା ଇନ୍ଦ୍ରିୟମାନଙ୍କୁ ହୃଦୟମଧ୍ୟରେ ସନ୍ନିବିଷ୍ଟକରି ବିଦ୍ୱାନଗଣ ଓମ୍‌କାରରୂପୀ ନୌକାରେ ସମ୍ପୂର୍ଣ୍ଣ ଭୟାନକ ଜଳପ୍ରବାହକୁ ପାର କରିପାରନ୍ତି ।

ସାମାନ୍ୟ ବ୍ୟାଖ୍ୟା– ଯେଉଁମାନେ ଧ୍ୟାନଯୋଗର ସାଧନ କରନ୍ତି, ସେହି ବୁଦ୍ଧିମାନ୍ ସାଧକମାନେ ଉପରୋକ୍ତ ପ୍ରକାରେ ଶରୀରକୁ ସଳଖ ରଖି ଇତସ୍ତତଃ ନ ହୋଇ ସ୍ଥିରଭାବରେ ବସିଯାଇ ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କୁ ମନ ସାହାଯ୍ୟରେ ହୃତ୍‌ଦେଶରେ କେନ୍ଦ୍ରିତକରି ଓମ୍‌କାର ଧ୍ୟାନ କରନ୍ତୁ । ଏଭଳି କରିବାଦ୍ୱାରା ସଂସାରରୂପୀ ସ୍ରୋତକୁ ଅନାୟାସରେ ପାର କରିହେବ । ଏହି ଯେଉଁ ଓମ୍‌କାରରୂପୀ ସାଧନ ଏଠାରେ ପ୍ରଦର୍ଶିତ ହୋଇଛି, ତାହା ନିଃସନ୍ଦେହରେ ସାଧନଲବ୍ଧ ଓ ସାଧନପ୍ରଦ ସାଧ୍ୟବସ୍ତୁ ଅଟେ । ଯାହାର ପ୍ରୟୋଗକରି ସଂସାର ସାଗରକୁ ଅତିକ୍ରମ କରିହେବ । ସେଥିପାଇଁ ଯେଉଁଭଳି ଭାବରେ ନିଜକୁ ପ୍ରସ୍ତୁତକରିବା ଦରକାର, ତାହା ମଧ୍ୟ ଏଠାରେ ବର୍ଣ୍ଣିତ ହୋଇଛି । ଶରୀରର ସ୍ୱରୂପ ତଥା ଅଙ୍ଗ ଓ ଇନ୍ଦ୍ରିୟମାନଙ୍କର ସ୍ଥିତି ମଧ୍ୟ କିଭଳି ହେବା ଦରକାର, ତାହା ବର୍ଣ୍ଣନା କରାଯାଇଛି । ଏହି ଉପାୟର ଅବଲମ୍ବନରେ ବ୍ୟକ୍ତି ନିଜକୁ ପ୍ରସ୍ତୁତ କରିନେଇପାରିବ, ଯାହାକି ପୂର୍ବମନ୍ତ୍ରାନୁସାରେ କର୍ମ ବନ୍ଧନର କାରଣ ନ ହୋଇ ମୁକ୍ତିର ପଥ ପ୍ରଶସ୍ତ କରିପାରିବ ।୩୨

ପ୍ରାଣାୟାମର କ୍ରମ ଏବଂ ତାହାର ମହତ୍ତ୍ୱ–

ପ୍ରାଣାନ୍ ପ୍ରପୀଡ୍ୟେହ ସଂଯୁକ୍ତଚେଷ୍ଟଃ
କ୍ଷୀଣେ ପ୍ରାଣେ ନାସିକୟୋଚ୍ଛ୍ୱସୀତ ।
ଦୁଷ୍ଟାଶ୍ୱଯୁକ୍ତମିବ ବାହମେନଂ
ବିଦ୍ୱାନ୍ ମନୋ ଧାରୟେତାପ୍ରମତ୍ତଃ ।।୯।।

ମନ୍ତ୍ରାର୍ଥ – ୧) ବୁଦ୍ଧିମାନ୍ ସାଧକ ଉପରୋକ୍ତ ପ୍ରକାରେ ଯୋଗ ସାଧନା କରିବା ପାଇଁ ଆହାର–ବିହାର ଆଦି ସମସ୍ତ ଚେଷ୍ଟାକୁ ଯଥାଯୋଗ୍ୟ କରାଇ ବିଧିବତ୍ ପ୍ରାଣାୟାମ ପୂର୍ବକ ପ୍ରାଣ ସୂକ୍ଷ୍ମ ହୋଇଯିବା ପରେ ନାସିକା ଦ୍ୱାରା ତାକୁ ବହିର୍ଗତ କରାଇ ଦୁଷ୍ଟ ଘୋଡ଼ା ସଂଯୁକ୍ତ ରଥକୁ ସାରଥୀ ଯେଉଁ ଭଳି ସାବଧାନ ପୂର୍ବକ ଗନ୍ତବ୍ୟ ସ୍ଥଳକୁ ନେଇଯାଏ, ଠିକ୍ ସେହିଭଳି ଉକ୍ତ ମନକୁ

ସାବଧାନ ପୂର୍ବକ ବଶତା ସ୍ୱୀକାର କରାଇବା ଦରକାର ।

୨) ସାଧକକୁ ଯୁକ୍ତାହାର-ବିହାରକରି ପ୍ରାଣକୁ ନିରୋଧପୂର୍ବକ ଯେତେବେଳେ ପ୍ରାଣଶକ୍ତି (ପ୍ରାଣଧାରଣର ସାମର୍ଥ୍ୟ) କ୍ଷୀଣ ହୋଇଯିବ, ସେତେବେଳେ ନାସିକା ରନ୍ଧ୍ର ଦ୍ୱାରା ତାକୁ ବହିଷ୍କାର କରିବା ଦରକାର । ତାପରେ ସେହି ବିଦ୍ୱାନବ୍ୟକ୍ତି ପୁଣି ଦୁଷ୍ଟ ଅଶ୍ୱଯୁକ୍ତ ରଥର ସାରଥୀସମ ସାବଧାନ ପୂର୍ବକ ମନର ନିୟନ୍ତ୍ରଣ କରିବା ଦରକାର ।

ସାମାନ୍ୟ ବ୍ୟାଖ୍ୟା – ବୁଦ୍ଧିମାନ୍ ସାଧକଗଣ ଯୋଗସାଧନା ପାଇଁ ଆହାର-ବିହାର ଆଦି ସମଗ୍ର ଚେଷ୍ଟାକୁ ଯଥାଯୋଗ୍ୟ କରାନ୍ତୁ ।[୧] ସେମାନେ ଧ୍ୟାନଯୋଗ ଉପଯୋଗୀ ହେବାପାଇଁ ନିଜକୁ ପ୍ରସ୍ତୁତ କରାଇନିଅନ୍ତୁ । ଯୋଗ ଶାସ୍ତ୍ରାନୁସାରେ ଅର୍ଥାତ୍ ଶାସ୍ତ୍ରନିର୍ଦ୍ଦେଶିତ ବିଧି ଅନୁସାରେ ପ୍ରାଣାୟାମ ଆଦିକରି ପ୍ରାଣକୁ ନିୟନ୍ତ୍ରଣ କରିନିଅନ୍ତୁ । ଯେତେବେଳେ ନିୟନ୍ତ୍ରିତ ପ୍ରାଣ ସୂକ୍ଷ୍ମ ସ୍ଥିତିରେ ଉପନୀତ ହେବ ଠିକ୍ ସେତିକିବେଳେ ନାସିକା ରନ୍ଧ୍ରଦେଇ ଉକ୍ତପ୍ରାଣକୁ ବହିର୍ଗତ କରାଇଦିଅନ୍ତୁ । ଏହାପରେ ଯେଉଁଭଳି ଦୁଷ୍ଟଘୋଡ଼ା ସଂଯୁକ୍ତ ରଥର ସାରଥୀ ସନ୍ତର୍ପଣର ସହିତ ରଥଚାଳନା କରନ୍ତି, ଠିକ୍ ସେହିଭଳି ମନକୁ ସଂଯତକରି ସାବଧାନ ପୂର୍ବକ ଆୟତ୍ତ କରନ୍ତୁ । ଯାହାଦ୍ୱାରା ଯୋଗ ସାଧନରେ କୌଣସି ପ୍ରକାର ବିଘ୍ନ ଉପସ୍ଥିତ ନ ହେବ ଆଉ ତାହା ପରମାତ୍ମା ପ୍ରାପ୍ତି ରୂପ ଲକ୍ଷ୍ୟ ସ୍ଥଳରେ ଉପନୀତ କରାଇପାରିବ ।[୨]

ଧ୍ୟାନ ପାଇଁ ଉପଯୁକ୍ତ ସ୍ଥାନର ନିର୍ଦ୍ଦେଶ–

ସମେ ଶୁଚୌ ଶର୍କରାବହ୍ନିବାଲୁକା
ବିବର୍ଜିତେ ଶବ୍ଦଜଳାଶ୍ରୟାଦିଭିଃ ।
ମନୋନୁକୂଳେ ନ ତୁ ଚକ୍ଷୁପୀଡନେ
ଗୁହାନିବାତାଶ୍ରୟଣେ ପ୍ରୟୋଜୟେତ୍ ।।୧୦।।

ମନ୍ତ୍ରାର୍ଥ– ଯାହା ସମତଳ, ପବିତ୍ର, ଶର୍କରା, ଅଗ୍ନି ଏବଂ ବାଲୁକାରହିତ ତଥା ଶବ୍ଦ, ଜଳ ଆଉ ଆଶ୍ରୟାଦି ଶୂନ୍ୟ ହୋଇଛି, ମନର ଅନୁକୂଳ ହୋଇଛି ଏବଂ ନେତ୍ରକୁ ପୀଡ଼ା ପ୍ରଦାନ କରୁନାହିଁ, ସେହିଭଳି ଗୁହା ଆଦି ମଧ୍ୟରେ

---

୧ ଗୀତା ୬/୧୭ ଶ୍ଳୋକରେ ମଧ୍ୟ ଏ ପ୍ରକାର ନିର୍ଦ୍ଦେଶ ରହିଛି ।

୨ କଠୋପନିଷଦ (୧/୩/୨-୮) ମନ୍ତ୍ରମାନଙ୍କରେ ଏହାର ଉପମାଯୁକ୍ତ ବିବରଣ ଦିଆଯାଇଛି ।

ବାୟୁଶୂନ୍ୟ ସ୍ଥାନ ଚ୍ୟନକରି ସେଠାରେ ତାଙ୍କ ଉଦ୍ଦେଶ୍ୟରେ ମନକୁ ଯୁକ୍ତକରାଅ ।

ସାମାନ୍ୟ ବ୍ୟାଖ୍ୟା– ସମତଳ ତଥା ଶୁଦ୍ଧ, ଅଗ୍ନି, ପ୍ରସ୍ତର ବାଲୁକା ରହିତ ତଥା ଜଳ, ଶବ୍ଦ ଆଉ ଆଶ୍ରୟ ବିହୀନ ଏକ ଅନୁକୂଳ ସ୍ଥାନରେ ନେତ୍ରକୁ ପୀଡ଼ା ନ ଦେଲାଭଳି ଗୁହା ମଧରେ ବାୟୁଶୂନ୍ୟ ସ୍ଥାନ ଚ୍ୟନକରି ମନକୁ ଧାନସ୍ଥ କରାଇବାର ଅଭ୍ୟାସ କରିବାପାଇଁ ଉକ୍ତ ମନ୍ତ୍ରରେ ନିର୍ଦ୍ଦେଶିତ ହୋଇଛି ।

ଯୋଗସିଦ୍ଧିର ପୂର୍ବ ଲକ୍ଷଣ–

ନୀହାରଧୂମାର୍କାନିଲାନଲାନାଂ
ଖଦ୍ୟୋତବିଦ୍ୟୁତ୍‌ସ୍ଫଟିକଶଶୀନାମ୍ ।
ଏତାନି ରୂପାଣି ପୁରଃସରାଣି
ବ୍ରହ୍ମଣ୍ୟଭିବ୍ୟକ୍ତିକରାଣି ଯୋଗେ ॥୧୧॥

ମନ୍ତ୍ରାର୍ଥ – ୧) ଯୋଗାଭ୍ୟାସ ପ୍ରାରମ୍ଭରେ କୁହୁଡି, ଧୂଆଁ, ସୂର୍ଯ୍ୟ, ବାୟୁ ଏବଂ ଅଗ୍ନିସମ ତଥା ଖଦ୍ୟୋତ୍, ବିଜୁଳୀ, ସ୍ଫଟିକ ମଣି ସମ ଏବଂ ଚନ୍ଦ୍ର ସଦୃଶ ପ୍ରତିଭାତ ହେବାକୁ ଲାଗିଥାଏ ଯାହା ଯୋଗ ସିଦ୍ଧି ଦିଗରେ ଅଗ୍ରସର ହେଉଥିବାର ଲକ୍ଷଣ ଅଟନ୍ତି ।

୨) ଯୋଗାଭ୍ୟାସ ଆରମ୍ଭ କରିବାପରେ ପ୍ରଥମେ ଅନୁଭୂତ ହେଉଥିବା ଶୀତ, ଉଷ୍ଣ, ତାପ ଅର୍ଥାତ୍ କୁହୁଡ଼ି, ଧୂମ, ସୂର୍ଯ୍ୟ, ବାୟୁ, ଅଗ୍ନି, ଖଦ୍ୟୋତ୍, ବିଦ୍ୟୁତ୍, ସ୍ଫଟିକମଣି ଏବଂ ଚନ୍ଦ୍ରମା ଆଦି ତାଙ୍କର ରୂପରେ ବ୍ରହ୍ମଙ୍କର ଅଭିବ୍ୟକ୍ତିକୁ ପ୍ରକାଶ କରିଥାନ୍ତି ।

ସାମାନ୍ୟ ବ୍ୟାଖ୍ୟା– ଯେତେବେଳେ ସାଧକ ପରବ୍ରହ୍ମ ପରମାତ୍ମାଙ୍କ ପ୍ରାପ୍ତି ପାଇଁ ଧାନଯୋଗର ସାଧନା ଆରମ୍ଭ କରେ, ସେତେବେଳେ ତାଙ୍କ ସମ୍ମୁଖରେ କେବେ କୁହୁଡ଼ି ସଦୃଶ ରୂପ ଦୃଶ୍ୟମାନ୍ ହୁଏ ପୁଣି କେବେ ଧୂମ ସଦୃଶ ପ୍ରତୀୟମାନ ହୁଏ । କେବେକେବେ ସୂର୍ଯ୍ୟସମ ପ୍ରକାଶୋଦୀପ୍ତ ପ୍ରତିଭାତ ହେଲାବେଳେ କେବେ ନିଶ୍ଚଳ ବାୟୁଙ୍କର ନିରାକାର ରୂପ ଅନୁଭୂତ ହୁଏ । କେବେ ଅଗ୍ନି ସଦୃଶ ତେଜ ପ୍ରତୀୟମାନ ହେଲାବେଳେ କେବେ ଜୁଳୁଜୁଳିଆ ପୋକ ଭଳି ସାମାନ୍ୟତମ ଦୀପ୍ତି ପ୍ରତୀତ ହୁଏ । ପୁନଶ୍ଚ କେବେ ବିଜୁଳି ଭଳି ଚ୍ମକୃତ ଆଲୋକବର୍ତ୍ତିକା ଦୃଷ୍ଟିଗୋଚ୍ର ହେଲାବେଳେ ପୁଣି କେବେ ସ୍ୱଟିକମଣି ସଦୃଶ ଉଜ୍ଜ୍ୱଳରୂପ ପରିଦୃଷ୍ଟ ହୋଇଥାଏ । କେବେ ଚ୍ନ୍ଦ୍ରସମ ଶୀତଳତା ଅନୁଭୂତ ହେଲାବେଳେ ଆଉ କେବେ ସୂର୍ଯ୍ୟଙ୍କର ତେଜରଶ୍ମି ସମ ଉଷ୍ମତା

ପରିଦୃଷ୍ଟ ହୋଇଥାଏ । ଏସବୁ ଯୋଗ ସାଧନାର ଉନ୍ନତି ଦ୍ୟୋତକ ହୋଇଥିବାରୁ ସାଧକ ନିଶ୍ଚଳ-ନିଶ୍ଚିନ୍ତ ହୋଇ ଧ୍ୟାନସ୍ଥ ହେବା ବିଧେୟ ।

ରୋଗ, ଜରା ଏବଂ ଅକାଳ ମୃତ୍ୟୁରୁ ବିଜୟପ୍ରାପ୍ତ ହେବାର ଚିହ୍ନ-

ପୃଥ୍ୱ୍ୟପ୍ତେଜୋଽନିଲଖେ ସମୁତ୍ଥିତେ
ପଞ୍ଚାତ୍ମକେ ଯୋଗଗୁଣେ ପ୍ରବୃତ୍ତେ ।
ନ ତସ୍ୟ ରୋଗୋ ନ ଜରା ନ ମୃତ୍ୟୁଃ
ପ୍ରାପ୍ତସ୍ୟ ଯୋଗାଗ୍ନିମୟଂ ଶରୀରମ୍ ।।୧୨।।

ମନ୍ତ୍ରାର୍ଥ- ପୃଥିବୀ, ଜଳ, ଅଗ୍ନି, ବାୟୁ ଏବଂ ଆକାଶର ଅଭିବ୍ୟକ୍ତି ହେବାପରେ ଅର୍ଥାତ୍ ପଞ୍ଚଭୂତମୟ ଯୋଗ ଗୁଣମାନଙ୍କର ଅନୁଭବ ହେବା ପରେ ଯାହାଙ୍କୁ ଯୋଗାଗ୍ନିମୟ ଶରୀର ପ୍ରାପ୍ତ ହୋଇଛି, ସେହି ପ୍ରକାର ଯୋଗୀଙ୍କୁ ନାଁ ରୋଗ, ନାଁ ବୃଦ୍ଧାବସ୍ଥା କିମ୍ବା ନାଁ ସାମୟିକ ମୃତ୍ୟୁ ପ୍ରାପ୍ତି ହୁଏ ।

ସାମାନ୍ୟ ବ୍ୟାଖ୍ୟା- ପୃଥିବୀ, ଜଳ, ତେଜ, ବାୟୁ ଏବଂ ଆକାଶ ଯଏହି ପଞ୍ଚମହାଭୂତର ସମ୍ୟକ୍ ଉତ୍ଥାନ ହେବାରୁ ଏମାନଙ୍କ ସହ ସମ୍ବନ୍ଧ ରକ୍ଷାକାରୀ ଯୋଗ ସମ୍ବନ୍ଧିତ ପଞ୍ଚଗୁଣରେ ସିଦ୍ଧିଲାଭ ହୁଏ । ଫଳତଃ ଯୋଗାଗ୍ନିମୟ ଶରୀରକୁ ପ୍ରାପ୍ତକାରୀ ଉକ୍ତ ସାଧକ ନାଁ ରୋଗ, ନାଁ ଶୋକ, ନାଁ ବୃଦ୍ଧାବସ୍ଥା ନାଁ ମୃତ୍ୟୁ ଆଦିକୁ ପ୍ରାପ୍ତ ହୋଇଥାଏ । ଧ୍ୟାନଯୋଗକୁ ସାଧନ କରୁ କରୁ ଯେତେବେଳେ ପଞ୍ଚମହାଭୂତର ଉତ୍ଥାନ ହୁଏ ଅର୍ଥାତ୍ ସାଧକ ଉକ୍ତ ପଞ୍ଚମହାଭୂତର ଅଧିକାରୀ ହୋଇଯାଏ, ସେତେବେଳେ ତାଙ୍କ ନିକଟରେ ପଞ୍ଚସିଦ୍ଧି ଅବଶ୍ୟ ପ୍ରକଟିତ ହୁଅନ୍ତି । ସେହି ସମୟରେ ଯୋଗାଗ୍ନିମୟ ଶରୀରକୁ ପ୍ରାପ୍ତ କରିଥିବା ଉକ୍ତ ଯୋଗୀ ରୋଗ, ଶୋକ, ବୃଦ୍ଧା ତଥା ମୃତ୍ୟୁକୁ ଭୟ ନ କରି ନିଶ୍ଚିନ୍ତରେ ନିବାସ କରିଥାନ୍ତି । ଏହାର ଅଭିପ୍ରାୟ ହେଉଛି ତାଙ୍କ ଇଚ୍ଛା ବ୍ୟତିରେକ ତାଙ୍କ ଶରୀରକୁ କେହିହେଲେ ସ୍ପର୍ଶ କରିପାରନ୍ତି ନାହିଁ ।

ଲଘୁତ୍ୱମାରୋଗ୍ୟମଲୋଲୁପତ୍ୱଂ
ବର୍ଣ୍ଣପ୍ରସାଦଂ ସ୍ୱରସୌଷ୍ଠବଂ ଚ୍ ।
ଗନ୍ଧଃ ଶୁଭୋ ମୂତ୍ରପୁରୀଷମଳ୍ପଂ
ଯୋଗପ୍ରବୃତ୍ତିଂ ପ୍ରଥମାଂ ବଦନ୍ତି ।।୧୩

ମନ୍ତ୍ରାର୍ଥ– ଶରୀରରେ ଓଜନଶୂନ୍ୟତା[୧], ନୀରୋଗତା, ବିଷୟାସକ୍ତିର ନିବୃତ୍ତି, ଶାରୀରିକ କାନ୍ତିର ଉଜ୍ଜ୍ୱଳତା, ସ୍ୱରର ମଧୁରତା, ସୁଗନ୍ଧ ଏବଂ ମଳ-ମୂତ୍ରର ନ୍ୟୂନତା– ଏସବୁ ଯୋଗର ପ୍ରାଥମିକ ସିଦ୍ଧି ବୋଲାନ୍ତି ।[୨]

ଯୋଗସିଦ୍ଧି ଅଥବା ତତ୍ତ୍ୱଜ୍ଞାନର ପ୍ରଭାବ–

ଯଥୈବ ବିମ୍ବଂ ମୃଦୟୋପଲିପ୍ତଂ
ତେଜୋମୟଂ ଭ୍ରାଜତେ ତଦ୍ ସୁଧାନ୍ତମ୍ ।
ତଦ୍ୱାଽଽତ୍ମତତ୍ତ୍ୱଂ ପ୍ରସମୀକ୍ଷ୍ୟ ଦେହୀ
ଏକଃ କୃତାର୍ଥୋ ଭବତେ ବୀତଶୋକଃ ।।୧୪।।

ମନ୍ତ୍ରାର୍ଥ– ଯେଉଁଭଳି ମୃତ୍ତିକା ଦ୍ୱାରା ଆଚ୍ଛାଦିତ ହୋଇଥିବା ସ୍ୱର୍ଣ୍ଣ ବା ରୌପ୍ୟଖଣ୍ଡ ବିଶୋଧିତ ହେବା ପରେ ତେଜୋମୟତା ଲାଭ କରେ, ସେହିଭଳି ଦେହଧାରୀ ଜୀବ ଆତ୍ମତତ୍ତ୍ୱର ସାକ୍ଷାତକାରକରି ଅଦ୍ୱିତୀୟ, କୃତକୃତ୍ୟ ତଥା ଶୋକରହିତ ହୋଇଯାଆନ୍ତି ।[୩]

ଯୋଗସିଦ୍ଧି ଅଥବା ତତ୍ତ୍ୱଜ୍ଞର ସ୍ଥିତି–

ଯଦାଽଽତ୍ମତତ୍ତ୍ୱେନ ତୁ ବ୍ରହ୍ମତତ୍ତ୍ୱଂ
ଦୀପୋପମେନେହ ଯୁକ୍ତଃ ପ୍ରପଶ୍ୟେତ୍ ।
ଅଜଂ ଧ୍ରୁବଂ ସର୍ବତତ୍ତ୍ୱୈର୍ବିଶୁଦ୍ଧଂ
ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ।।୧୫।।

ମନ୍ତ୍ରାର୍ଥ– ଯେଉଁ ସମୟରେ ଯୋଗୀ ଦୀପକସଦୃଶ ପ୍ରକାଶସ୍ୱରୂପ ଆତ୍ମଭାବରେ ବ୍ରହ୍ମତତ୍ତ୍ୱର ସାକ୍ଷାତକାର କରିବାକୁ ସକ୍ଷମ ହୁଏ , ସେହି ସମୟରେ ସେହି ଅଜନ୍ମା ନିଶ୍ଚଳ ଏବଂ ସମସ୍ତ ତତ୍ତ୍ୱଦ୍ୱାରା ବିଶୁଦ୍ଧ ଦେବତାଙ୍କୁ ଅବଗତ ହୋଇ ସେ ସମଗ୍ର ବନ୍ଧନରୁ ମୁକ୍ତ ହୋଇଯାଏ ।

ପରମାତ୍ମସ୍ୱରୂପର ବର୍ଣ୍ଣନା–

---

୧ ଓଜନଶୂନ୍ୟର ଅର୍ଥ ମେଦହୀନତା ବୁଝିବା ଠିକ୍ ହେବ ।

୨ ପାତଞ୍ଜଳ ଯୋଗ ସୂତ୍ରରେ ଏ ସବୁର ବିଶଦ ବିବରଣୀ ଉପଲବ୍ଧ । ଆବଶ୍ୟକ ହେଲେ ଆମ ପ୍ରକାଶିତ 'ଯୋଗ-ଦର୍ଶନ' ପୁସ୍ତକ ଦ୍ରଷ୍ଟବ୍ୟ ।

୩ ଯୋଗ ସୂତ୍ର ୪/୩୪ ।

ଏଷ ହ ଦେବଃ ପ୍ରଦିଶୋଽନୁ ସର୍ବାଃ
ପୂର୍ବୋ ହ ଜାତଃ ସ ଉ ଗର୍ଭେ ଅନ୍ତଃ ।
ସ ଏବ ଜାତଃ ସ ଜନିଷ୍ୟମାଣଃ
ପ୍ରତ୍ୟଙ୍ ଜନାଂସ୍ତିଷ୍ଠତି ସର୍ବତୋମୁଖଃ ।।୧୬।।[୧]

ମନ୍ତ୍ରାର୍ଥ– ଏହି ଦେବତା ହିଁ ସମ୍ପୂର୍ଣ୍ଣ ଦିଗବିଦିଗ ପରିବ୍ୟାପ୍ତ ହୋଇଛନ୍ତି, ସେ ହିରଣ୍ୟଗର୍ଭ ରୂପରେ ପୂର୍ବରୁ ଉତ୍ପନ୍ନ ହୋଇଥିଲେ, ସେ ମଧ୍ୟ ଏହି ବ୍ରହ୍ମାଣ୍ଡରୂପ ଗର୍ଭାନ୍ତର୍ଗତ ଅଟନ୍ତି । ସେ ହିଁ ଅନ୍ତର୍ଯ୍ୟାମୀରୂପେ ସ୍ଥିତ ଅଟନ୍ତି । ତାଙ୍କର ଏହିଠାରୁ ଉତ୍ପନ୍ନ ମଧ୍ୟ ହୋଇଛନ୍ତି, ଭବିଷ୍ୟତରେ ବି ହେବେ । ଆହୁରି ସେ ମଧ୍ୟ ସମଗ୍ର ଜୀବରେ ପ୍ରତିଷ୍ଠିତ ହୋଇ ସର୍ବତୋମୁଖ ଅଟନ୍ତି ।

ସାମାନ୍ୟ ବ୍ୟାଖ୍ୟା– ନିଶ୍ଚିତଭାବରେ ପୂର୍ବବର୍ଣ୍ଣିତ ଫଳଗୁଡ଼ିକ ଲାଭକରି ସାଧକ ପରମଦେବ ପରମାତ୍ମାଙ୍କ ପରିପୂର୍ଣ୍ଣତାକୁ ଉପଲବ୍ଧ କରେ । ଜଗତରେ ଏଭଳି କୌଣସି ସ୍ଥାନ ନାହିଁ, ଯେଉଁଠାରେ ସେ ନାହାନ୍ତି । ସେ ପ୍ରାରମ୍ଭରୁ ହିରଣ୍ୟଗର୍ଭ ରୂପେ ପ୍ରକଟିତ ହୋଇଥିଲେ, ବ୍ରହ୍ମାଣ୍ଡରୂପ ଗର୍ଭରେ ଅନ୍ତର୍ଯ୍ୟାମୀ ରୂପେ ସ୍ଥିତ ହୋଇଛନ୍ତି । ସେ ମଧ୍ୟ ଅଧୁନା ଜଗତ୍ ରୂପରେ ପ୍ରକଟିତ ହୋଇଛନ୍ତି ଏବଂ ଭବିଷ୍ୟତରେ ଅର୍ଥାତ୍ ପ୍ରଳୟାନ୍ତେ ସୃଷ୍ଟି ପ୍ରାରମ୍ଭ ମଧ୍ୟ କରିପାରିବେ । ସେ ସମଗ୍ର ଜୀବଜଗତ ମଧ୍ୟରେ ଅନ୍ତର୍ଯ୍ୟାମୀରୂପେ ସ୍ଥିତ ହୋଇଛନ୍ତି ଆଉ ସର୍ବବ୍ୟାପୀ ମୁଖଯୁକ୍ତ ହୋଇ ସବୁକିଛିର ଦର୍ଶନ ମଧ୍ୟ କରୁଛନ୍ତି । ତେଣୁ ସାଧକ ଏହାକୁ ବୁଝି ସ୍ପଷ୍ଟ ହୋଇଯିବା ଦରକାର କି, ସେହି ପରବ୍ରହ୍ମ ପରମାତ୍ମା ହିଁ ସାଧବସ୍ତୁ ଅଟନ୍ତି । ଯୋଗ ମାଧ୍ୟମରେ ବା ଉପାସନା ମାଧ୍ୟମରେ ତାଙ୍କୁ ହିଁ ଅବଗତ ହେବା ଏକାନ୍ତ ବିଧେୟ ।

ଯୋ ଦେବୋ ଅଗ୍ନୌ ଯୋ ଅପ୍ସୁ ଯୋ ବିଶ୍ୱଂ ଭୁବନମାବିବେଶ ।
ଯ ଔଷଧୀଷୁ ଯୋ ବନସ୍ପତିଷୁ ତସ୍ମୈ ଦେବାୟ ନମୋ ନମଃ ।।୧୭।।

ମନ୍ତ୍ରାର୍ଥ – ଯେଉଁ ଦେବତା ଅଗ୍ନିରେ ରହିଛନ୍ତି, ଯିଏ ଜଳରେ ରହିଛନ୍ତି ଆଉ ଯିଏ ସମ୍ପୂର୍ଣ୍ଣ ଜଗତକୁ ବ୍ୟାପ୍ତକରି ରଖିଛନ୍ତି ପୁଣି ଯିଏ ଔଷଧୀ ତଥା ବନସ୍ପତି ମଧ୍ୟରେ ବିଦ୍ୟମାନ ହୋଇ ରହିଛନ୍ତି, ସେହି ଦେବତାଙ୍କୁ ନମସ୍କାର, ପୁନଃ ପୁନଃ ନମସ୍କାର ।

---

୧ ଏହି ମନ୍ତ୍ର ଅବିକଳ ଭାବେ ଯଜୁର୍ବେଦ ଅ.୧୨/ମ. ୪ ରେ ମଧ୍ୟ ଉପଲବ୍ଧ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁ ସର୍ବଶକ୍ତିମାନ୍ ପୂର୍ଣ୍ଣବ୍ରହ୍ମ ପରମଦେବ ଅଗ୍ନିରେ, ଜଳରେ ତଥା ସମଗ୍ର ଲୋକରେ ଅନ୍ତର୍ଯ୍ୟାମୀରୂପେ ପ୍ରବିଷ୍ଟ ହୋଇଛନ୍ତି ଏପରିକି ଔଷଧି ତଥା ବନସ୍ପତିରେ ଅର୍ଥାତ୍ ଦୃଶ୍ୟମାନ୍ ଜଗତରେ ସର୍ବତ୍ର ପରିବ୍ୟାପ୍ତ ହୋଇ ରହିଛନ୍ତି, ସେହି ପରମଦେବ ପରମାତ୍ମାଙ୍କୁ ନମସ୍କାର । ବାରମ୍ବାର ନମସ୍କାର । ଏଠାରେ ନମଃ ଶବ୍ଦର ଦ୍ୟୁରୁକ୍ତି ଅଧ୍ୟାୟ ସମାପ୍ତି ସୂଚକ ବୋଧହେଉଛି ।

।। ଦ୍ୱିତୀୟ ଅଧ୍ୟାୟ ସମାପ୍ତ ।।୨।।

ତୃତୀୟ ଅଧ୍ୟାୟ

ପରମାତ୍ମାଙ୍କ ସ୍ୱରୂପ ଓ ବୈଶିଷ୍ଟ୍ୟ

ପୂର୍ବ ଅଧ୍ୟାୟରେ ଧ୍ୟାନର ବିଧି ସମ୍ପର୍କରେ ଅବଧାରଣା ଆଣିବା ପରେ ଏହି ଅଧ୍ୟାୟରେ ପରମାତ୍ମାଙ୍କର ସ୍ୱରୂପ ଅବଗତି ସହିତ ବିଶେଷତା ଓ ବୈଶିଷ୍ଟ୍ୟ ସ୍ପଷ୍ଟ କରିଦିଆଯାଇଛି । ପରମାତ୍ମାଙ୍କ ପରେ ଆଉ କେହି ନାହାନ୍ତି ତାହାକୁ ସ୍ପଷ୍ଟ କରାଇଦେଇ ବ୍ରହ୍ମଯୋଗୀମାନଙ୍କର ଶଙ୍କା ଉନ୍ମୋଚନ ପାଇଁ ଚେଷ୍ଟା କରାଯାଇଛି ।

ସେହି ଏକକ ପରମାତ୍ମାଙ୍କୁ ଶାସକ ଓ ଶାସନୀୟ ଉଭୟ ଭାବର ସମର୍ଥନ-

ଯ ଏକୋ ଜାଲବାନୀଶତ ଈଶନୀଭିଃ
ସର୍ବାଁ୍ଲୋକାନୀଶତ ଈଶନୀଭିଃ ।
ଯ ଏବୈକ ଉଦ୍ଭବେ ସମ୍ଭବେ ଚ
ଯ ଏତଦ୍ୱିଦୁରମୃତାସ୍ତେ ଭବନ୍ତି ।।୧।।

ମନ୍ତ୍ରାର୍ଥ – ୧) ଜଣେ ଯିଏ ଜଗତ୍‌ରୂପ ଜାଲର ଅଧିପତି, ସିଏ ନିଜର ସ୍ୱରୂପଭୂତ ଶାସନଶକ୍ତି ଦ୍ୱାରା ଶାସନ କରିଥାନ୍ତି- ତାଙ୍କର ସେହି ବିବିଧ ଶାସନଶକ୍ତି ଦ୍ୱାରା ସମଗ୍ର ଲୋକକୁ ଶାସନକରି ଯିଏ ଏକାକୀ ସୃଷ୍ଟି ତଥା ତାହାର ବିସ୍ତୃତି କରିପାରନ୍ତି, ସେହି ବ୍ରହ୍ମଙ୍କୁ ଅବଗତ ହୋଇଥିବା ମହାପୁରୁଷ ଅମର ହୋଇଯାଆନ୍ତି ।

୨) ଜଣେ ଯିଏ ନିଜ ଐଶ୍ୱରୀୟ ଶକ୍ତି ସାହାଯ୍ୟରେ (ମାୟା)ଜାଲ ବିସ୍ତାରକାରୀ ଶାସନ କରିଥାନ୍ତି ପୁଣି ଯିଏ ଏକାକୀ ଐଶ୍ୱର୍ଯ୍ୟଯୁକ୍ତ ହୋଇ ଜଗତର ପ୍ରାଦୁର୍ଭାବ ସମୟରେ ନିଜଶକ୍ତି ଦ୍ୱାରା ସମଗ୍ର ଲୋକକୁ ଶାସନ ମଧ କରନ୍ତି, ତାଙ୍କୁ ଅବଗତଥିବା ମହାତ୍ମା ଅମର ହୋଇଯାଆନ୍ତି ।

ସାମାନ୍ୟ ବ୍ୟାଖ୍ୟା– ଯେଉଁ ଏକ ଅଦ୍ୱିତୀୟ ପରମାତ୍ମା ଜଗତରୂପ ଜାଲର ରଚ଼ନାକରି ନିଜର ସ୍ୱରୂପଭୂତ ଶାସନଶକ୍ତି ଦ୍ୱାରା ଶାସନ କରିଥାନ୍ତି । ଏବଂ ତାଙ୍କ

ବିବିଧ ଶାସନଶକ୍ତି ଦ୍ୱାରା ସମଗ୍ର ଲୋକ ଆଉ ଲୋକପାଳଙ୍କର ଯଥାଯୋଗ୍ୟ ସଞ୍ଚାଳନ କରିପାରନ୍ତି ଅର୍ଥାତ୍ ଯାହାଙ୍କ ଶାସନକାଳରେ ସମସ୍ତେ ନିଜ ନିଜର କାର୍ଯ୍ୟକୁ ନିୟମପୂର୍ବକ ପାଳନ କରନ୍ତି ଏବଂ ଏକାକୀ ଅନ୍ୟ କାହାର ସହାୟତା ନ ନେଇ ସମଗ୍ର ଜଗତର ଉତ୍ପତ୍ତି ଓ ତାହାର ବିସ୍ତାର କରିବାକୁ ସମର୍ଥ ହୋଇଥାଆନ୍ତି, ସେହି ପରବ୍ରହ୍ମ ପରମେଶ୍ୱରଙ୍କୁ ଯେଉଁ ମହାପୁରୁଷ ତତ୍ତ୍ୱତଃ ଜାଣିନିଅନ୍ତି– ସେ ଅମର ହୋଇଯାଆନ୍ତି । ଜନ୍ମ–ମୃତ୍ୟୁରୂପ ଜାଲରୁ ଚିରକାଳ ପାଇଁ ମୁକ୍ତ ହୋଇଯାଆନ୍ତି ।

ଏକୋ ହି ରୁଦ୍ରୋ ନ ଦ୍ୱିତୀୟାୟ ତସ୍ଥୁ–
ର୍ଯ ଇମାଁଲ୍ଲୋକାନୀଶତ ଈଶନୀଭିଃ ।
ପ୍ରତ୍ୟଙ୍ ଜନାଂସ୍ତିଷ୍ଠତି ସଂଚୁକୋଚାନ୍ତକାଳେ
ସଂସୃଜ୍ୟ ବିଶ୍ୱା ଭୁବନାନି ଗୋପାଃ ॥୨॥

ମନ୍ତ୍ରାର୍ଥ – ୧) ଯିଏ ନିଜର ସ୍ୱରୂପଭୂତ ବିବିଧ ଶାସନ ଶକ୍ତି ଦ୍ୱାରା ଏହି ସମଗ୍ର ଲୋକକୁ ଶାସନ କରନ୍ତି, ସେହି ରୁଦ୍ର ଏକ ଅଟନ୍ତି । ଏଣୁ ବିଦ୍ୱାନ ବ୍ୟକ୍ତି ଜଗତର କାରଣକୁ ନିଶ୍ଚିତ କରିବା ସମୟରେ ଅନ୍ୟର ଆଶ୍ରୟ ନେଇ ନ ଥାନ୍ତି । ସେହି ପରମାତ୍ମା ସମଗ୍ର ଜୀବଜଗତ ମଧ୍ୟରେ ସ୍ଥିତହୋଇ ରହିଛନ୍ତି ଆଉ ସମ୍ପୂର୍ଣ୍ଣ ଲୋକର ରଚନାକରି ସେମାନଙ୍କର ରକ୍ଷାକାରୀ ପରମେଶ୍ୱର ହୋଇଛନ୍ତି । ଏମିତିକି ପ୍ରଳୟକାଳରେ ସିଏ ହିଁ ସେଗୁଡିକୁ ସଙ୍କୁଚିତ ମଧ୍ୟ କରିପାରନ୍ତି ।

୨) କାହିଁକି ନାଁ ରୁଦ୍ର ଏକ ଅଟନ୍ତି, ଏଣୁ ବ୍ରହ୍ମବିଦ୍‌ଗଣ ତାଙ୍କ ଭିନ୍ନ ଅନ୍ୟ କୌଣସି ବସ୍ତୁ ପାଇଁ ଅପେକ୍ଷା ରଖନ୍ତି ନାହିଁ । ସେ ନିଜର ଶକ୍ତି ସମୂହ ଦ୍ୱାରା ଏହି ଲୋକକୁ ଶାସନ କରିଥାଆନ୍ତି– ସେ ସମସ୍ତ ଜୀବଙ୍କ ମଧ୍ୟରେ ରହିଥାଆନ୍ତି ଆଉ ସମ୍ପୂର୍ଣ୍ଣ ଲୋକର ରଚନା ମଧ୍ୟ କରିଛନ୍ତି । ଏପରିକି ସମସ୍ତଙ୍କର ରକ୍ଷକହୋଇ ପ୍ରଳୟ କାଳରେ ସେସବୁକୁ ସଙ୍କୁଚିତ ମଧ୍ୟ କରିଦେଇପାରନ୍ତି ।

ପରମେଶ୍ୱରଙ୍କ ଠାରେ ଜଗତର ସୃଷ୍ଟି ପ୍ରତିପାଦନ–

ବିଶ୍ୱତଶ୍ଚକ୍ଷୁରୁତ ବିଶ୍ୱତୋମୁଖୋ
ବିଶ୍ୱତୋବାହୁରୁତ ବିଶ୍ୱତସ୍ପାତ୍ ।
ସଂ ବାହୁଭ୍ୟାଂ ଧମତି ସଂ ପତତ୍ରୈ–
ର୍ଦ୍ୟାବାଭୂମୀ ଜନୟନ୍ ଦେବ ଏକଃ ॥୩॥[୧]

---

୧ ଋକ୍‌ବେଦ: ୧୦/୮୧/୩, ଯଜୁର୍ବେଦ:୧୭/୧୯, ଅଥର୍ବ ବେଦ: ୧୩/୨୬ ।

ମନ୍ତ୍ରାର୍ଥ – ସେ(ପରମାତ୍ମା) ସର୍ବ ବିଦ୍ୟମାନ ହୋଇଛନ୍ତି ଅର୍ଥାତ୍ ତାଙ୍କର ଚକ୍ଷୁ ସର୍ବତ୍ର ରହିଛି, ସେ ଅନେକ ମୁଖବିଶିଷ୍ଟ ହୋଇଛନ୍ତି, ସର୍ବତ୍ର ଭୁଜାବିଷ୍ଟ ତଥା ଉର ବିଶିଷ୍ଟ ହୋଇଛନ୍ତି । ସେହି ଏକମାତ୍ର ଦେବତା (ପ୍ରକାଶମୟ ପରମାତ୍ମା) ଦ୍ୟୁଲୋକ ଏବଂ ପୃଥିବୀଲୋକର ରଚ଼ନାକରି (ସେଠାରେ ମନୁଷ୍ୟ, ପକ୍ଷୀ ଆଦି ପ୍ରାଣୀମାନଙ୍କୁ) ଦୁଇ ଭୁଜା ବିଶିଷ୍ଟ କରାଇ ଏବଂ ପତତ୍ର ଯୁକ୍ତ (ପାଦପକ୍ଷୀଯୁକ୍ତ) କରାଇ ଅଛନ୍ତି ।

ସାମାନ୍ୟ ବ୍ୟାଖ୍ୟା– ସେହି ପରମେଶ୍ୱର ଏକ ଅଟନ୍ତି ପୁଣି ତାଙ୍କର ସର୍ବତ୍ର ଚ଼କ୍ଷୁ ବ୍ୟାପୀ ରହିଛି ଆଉ ସର୍ବତ୍ର ମୁଖ ମଧ ରହିଛି । ସବୁସ୍ଥାନରେ ତାଙ୍କର ହସ୍ତପାଦ ପରିବ୍ୟାପ୍ତ ହୋଇ ରହିଛି । ଏହାର ଭାବାର୍ଥ ହେଉଛି, ସେ ସମଗ୍ରଲୋକରେ ସ୍ଥିତ ସମସ୍ତ ଜୀବମାନଙ୍କର କର୍ମ ଓ ବିଚ଼ାରକୁ ତଥା ସମଗ୍ର ଘଟଣାମାନଙ୍କୁ ନିଜର ଦିବ୍ୟଶକ୍ତି ଦ୍ୱାରା ନିରନ୍ତର ଦର୍ଶନ କରିପାରନ୍ତି । ତାଙ୍କ ସମ୍ମୁଖରେ କୌଣସି ବସ୍ତୁ ଲୁଚ଼ି ରହିପାରେନାହିଁ । ତାଙ୍କ ଭକ୍ତ ତାଙ୍କୁ ଯେଉଁଠି ସେଇଠି ଭୋଜନଯୋଗ୍ୟ ବସ୍ତୁ ସମର୍ପିତ କରନ୍ତି, ତାକୁ ମଧ ସେ ଗ୍ରହଣ କରନ୍ତି । ସେ ସର୍ବତ୍ର ପରିଦୃଷ୍ଟ ହୁଅନ୍ତି, ସମସ୍ତ ବସ୍ତୁ ତାଙ୍କଦ୍ୱାରା ସୃଷ୍ଟ । ତେଣୁ ତାଙ୍କ ଆଶ୍ରିତ ଯେ କୌଣସି ଜୀବର ସଙ୍କଟନାଶନ ତାଙ୍କ ଦ୍ୱାରା ସମ୍ଭବ ହୁଏ ଅର୍ଥାତ୍ ସେ ସମସ୍ତଙ୍କର ରକ୍ଷାକାରୀ ଅଟନ୍ତି । ସଂସାରରେ ଏଭଳି କୌଣସି ସ୍ଥାନ ନାହିଁ, ଯେଉଁଠାରେ ତାଙ୍କର କୌଣସି ଶକ୍ତି ବିଦ୍ୟମାନ ନୁହେଁ । ସେ ସମଗ୍ର ପ୍ରାଣୀମାନଙ୍କର ଆବଶ୍ୟକତା ଅନୁସାରେ ଭିନ୍ନ ଭିନ୍ନ ଶକ୍ତି ଏବଂ ସାଧନା ଦ୍ୱାରା ସେଗୁଡ଼ିକୁ ସମ୍ପନ୍ନ କରନ୍ତି । ଏଠାରେ ଭୁଜା ତଥା ପକ୍ଷ କଥା ଉପଲକ୍ଷଣ ଭାବରେ ପ୍ରଯୋଗ କରାଯାଇଛି । ଏଠାରେ ବୁଝିବାକୁ ହେବ, ସମଗ୍ର ପ୍ରାଣୀମାନଙ୍କଠାରେ ଯେଉଁକିଛି ବି ଶକ୍ତି ରହିଛି, ସେଗୁଡ଼ିକ ପରମାତ୍ମା ପ୍ରଦତ୍ତ ।

ପରମେଶ୍ୱରଙ୍କର ସ୍ତବନ–

ଯୋ ଦେବାନାଂ ପ୍ରଭବଶ୍ଚୋଭବଶ୍ଚ–
ବିଶ୍ୱାଧିପୋ ରୁଦ୍ରୋ ମହର୍ଷିଃ ।
ହିରଣ୍ୟଗର୍ଭଂ ଜନୟାମାସ ପୂର୍ବଂସ
ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ॥୪॥

ମନ୍ତ୍ରାର୍ଥ – ଯେଉଁ ରୁଦ୍ର ଇନ୍ଦ୍ରାଦି ଦେବଗଣଙ୍କର ଉତ୍ପତ୍ତି ଏବଂ ଐଶ୍ୱର୍ଯ୍ୟପ୍ରାପ୍ତିର କାରଣ ଅଟନ୍ତି, ଜଗତ୍‌ପତି ଏବଂ ସର୍ବଜ୍ଞ ଅଟନ୍ତି ତଥା ଯିଏ ପ୍ରଥମେ ହିରଣ୍ୟଗର୍ଭଙ୍କୁ ଉତ୍ପନ୍ନ କରାଇଛନ୍ତି, ସେ ଆମକୁ ଶୁଭ ବୁଦ୍ଧିଯୁକ୍ତ କରାନ୍ତୁ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁ ରୁଦ୍ର ଇନ୍ଦ୍ରାଦି ଦେବଗଣଙ୍କର ଉତ୍ପତ୍ତିର କାରଣ ଅଟନ୍ତି

ଆଉ ବୃଦ୍ଧି ଆଦିର କାରଣ ଅଟନ୍ତି, ଏପରିକି ସମଗ୍ର ସତ୍ତାର ଅଧିପତି ଅଟନ୍ତି, ମହାନ୍ ଜ୍ଞାନୀ ବା ସର୍ବଜ୍ଞ ଅଟନ୍ତି– ସେ ପ୍ରଥମେ ହିରଣ୍ୟଗର୍ଭଙ୍କୁ ସୃଷ୍ଟି କରିଥିଲେ । ସେହି ପରମଦେବ ପରମେଶ୍ୱର ଆମମାନଙ୍କୁ ଶୁଭବୁଦ୍ଧିଯୁକ୍ତ କରାନ୍ତୁ । ଏହିଭଳି ପ୍ରାର୍ଥନା ଏଠାରେ ପରମାତ୍ମାଙ୍କ ଉଦ୍ଦେଶ୍ୟରେ କରାଯାଇଛି ।

ଯା ତେ ରୁଦ୍ର ଶିବା ତନୂରଘୋରାପାପକାଶିନୀ ।
ତୟା ନସ୍ତନୁବା ଶନ୍ତମୟା ଗିରିଶନ୍ତାଭିଚାକଶୀହି ।।୫।।

ମନ୍ତ୍ରାର୍ଥ – ହେ ରୁଦ୍ର ! ତୁମର ଯେଉଁ ଭୟାନକତା ଶୂନ୍ୟ(ସୌମ୍ୟ), ମଙ୍ଗଳମୟୀ, ଶାନ୍ତ, ପୁଣ୍ୟ ପ୍ରକାଶିନୀ ମୂର୍ତ୍ତି ରହିଅଛିନ୍ତି: ହେ ଗିରିଶନ୍ତ (ପର୍ବତ ଶିଖର ନିବାସୀ) ! ସେହି ପୂର୍ଣ୍ଣାନନ୍ଦମୟୀ ମୂର୍ତ୍ତି ଦ୍ୱାରା ତୁମେ ଆମ ଆଡ଼କୁ କୃପାଦୃଷ୍ଟି ପ୍ରଦାନ କର ।

ସାମାନ୍ୟ ବ୍ୟାଖ୍ୟା– ହେ ରୁଦ୍ରଦେବ ! ଆପଣଙ୍କର ଯେଉଁ ଭୟାନକ, ଶୂନ୍ୟ ତଥା ପୁଣ୍ୟକର୍ମଯୁକ୍ତ ପ୍ରକାଶିତ କଲ୍ୟାଣମୟୀ ସୌମ୍ୟମୂର୍ତ୍ତି ରହିଛି, ତାହାର ଦର୍ଶନକରି ମାନବ ପରମାନନ୍ଦ ମଗ୍ନ ହୋଇଯାଏ । ହେ ଗିରିଶନ୍ତ ଅର୍ଥାତ୍ ପର୍ବତଶିଖରବାସୀ ! ସମଗ୍ର ଲୋକକୁ ସୁଖ ପ୍ରଦାନକାରୀ ପରମେଶ୍ୱର ! ସେହି ପରମଶାନ୍ତ ମୂର୍ତ୍ତି ହୋଇ ଆପଣ ଆମମାନଙ୍କୁ କୃପାଦୃଷ୍ଟିରେ ଦେଖନ୍ତୁ । ସେହି ଦୃଷ୍ଟିପ୍ରାପ୍ତ ହୋଇ ଆମେ ସଦୈବ ପବିତ୍ରତାକୁ ପ୍ରାପ୍ତକରି ଯୋଗ୍ୟ ହୋଇଯିବୁ ।

ଯାମିଷୁଂ ଗିରିଶନ୍ତ ହସ୍ତେ ବିଭର୍ଷ୍ୟସ୍ତବେ ।
ଶିବାଂ ଗିରିତ୍ର ତାଂ କୁରୁ ମା ହିଁସୀଃ ପୁରୁଷଂ ଜଗତ୍ ।।୬।।[୧]

ମନ୍ତ୍ରାର୍ଥ – ହେ ଗିରିଶନ୍ତ ! ଜୀବମାନଙ୍କ ପ୍ରତି ପ୍ରେରଣ କରିବା ପାଇଁ ଯେଉଁ ବାଣ ତୁମେ ହସ୍ତରେ ଧାରଣ କରିଅଛ, ହେ ଗିରିତ୍ର (ଗିରିଗୁହା ରକ୍ଷାକାରୀ)! ସେହି ବାଣକୁ ମଙ୍ଗଳମୟ କରାଅ । କୌଣସି ଜୀବ ଅଥବା ଜଗତର ହିଂସା (ଅର୍ଥାତ୍ ନଷ୍ଟ କରାଇବାକୁ ଉପଯୋଗ) କରନାହିଁ ।

ସାମାନ୍ୟ ବ୍ୟାଖ୍ୟା–ହେ ଗିରିଶନ୍ତ ! ହେ କୈଳାସବାସୀ ସୁଖଦାୟକ ପରମେଶ୍ୱର ! ଯେଉଁବାଣକୁ ପ୍ରକ୍ଷେପନ କରିବାପାଇଁ ଆପଣ ହସ୍ତରେ ଧାରଣ କରିଛନ୍ତି, ତାକୁ କଲ୍ୟାଣମୟ କରାଇ ଅର୍ଥାତ୍ କ୍ରୁରତା ବିହୀନ ହୋଇ ଶାନ୍ତ–ସୌମ୍ୟ ମୂର୍ତ୍ତି ଧାରଣ କରନ୍ତୁ । ଏହି ଜୀବ ସମୁଦାୟକୁ ବିନାଶ ନ କରି ଆମକୁ କଷ୍ଟମୁକ୍ତ କରାନ୍ତୁ ।

---

୧ ଉପରୋକ୍ତ ୫ ଓ ୬ ମନ୍ତ୍ରଦ୍ୱୟ ଯଜୁର୍ବେଦୋକ୍ତ ଷୋଡ଼ଶ ଅଧ୍ୟାୟର ଦ୍ୱିତୀୟ ତଥା ତୃତୀୟ ମନ୍ତ୍ର ଅଟନ୍ତି ।

ପରମାତ୍ମତତ୍ତ୍ୱ ଜ୍ଞାନଦ୍ୱାରା ଅମୃତତ୍ୱ ପ୍ରାପ୍ତି–

ତତଃ ପରଂ ବ୍ରହ୍ମପରଂ ବୃହନ୍ତଂ
ଯଥାନିକାୟଂ ସର୍ବଭୂତେଷୁ ଗୂଢମ୍ ।
ବିଶ୍ୱସ୍ୟୈକଂ ପରିବେଷ୍ଟିତାର–
ମୀଶଂ ତଂ ଜ୍ଞାତ୍ୱାମୃତା ଭବନ୍ତି ।।୭।।

ମନ୍ତ୍ରାର୍ଥ – ସେହି ପୁରୁଷ ଯୁକ୍ତ ଜଗତ ଠାରୁ ଉର୍ଦ୍ଧ୍ୱରେ ଯେଉଁ ବ୍ରହ୍ମ- ହିରଣ୍ୟଗର୍ଭଙ୍କ ଠାରୁ ଉତ୍କୃଷ୍ଟ ଏବଂ ମହାନ ଅଟନ୍ତି, ଯିଏ ସମସ୍ତ ପ୍ରାଣୀମାନଙ୍କ ଠାରେ ଶରୀରାନୁସାରେ ପରିଚ୍ଛିନ୍ନ ରୂପରେ ଲୁଚି ରହିଛନ୍ତି ଏବଂ ବିଶ୍ୱର ଏକମାତ୍ର ପରିବେଷ୍ଟା (ସବୁ ଦିଗରୁ ଆଚ୍ଛାଦନ କରିରଖିଛନ୍ତି) ହୋଇଛନ୍ତି, ସେହି ପରମେଶ୍ୱରଙ୍କୁ ଜାଣି ଜୀବଗଣ ଅମର ହୋଇଯାଆନ୍ତି ।

ସାମାନ୍ୟ ବ୍ୟାଖ୍ୟା– ଯିଏ ପୂର୍ବକଥିତ ଜୀବସମୁଦାୟ, ଜଗତ ତଥା ହିରଣ୍ୟଗର୍ଭ ନାମ୍ନୀ ବ୍ରହ୍ମଙ୍କ ଠାରୁ ମଧ ଶ୍ରେଷ୍ଠ ଅଟନ୍ତି, ସମଗ୍ର ପ୍ରାଣୀମାନଙ୍କ ଶରୀରରେ ଅନୁରୂପ ହୋଇ ଯିଏ ସ୍ଥିତ ଅଟନ୍ତି, ସେହି ଏକମାତ୍ର ପରମେଶ୍ୱରଙ୍କୁ ଜାଣି ଜ୍ଞାନୀଜନ ଚିରକାଳ ପାଇଁ ଅମର ହୋଇଯାଆନ୍ତି । ଆଉ କେବେହେଲେ ଜନ୍ମ-ମରଣର ବ୍ୟୁହ ମଧ୍ୟକୁ ପ୍ରବେଶ କରନ୍ତି ନାହିଁ ।

ପରମେଶ୍ୱରଙ୍କ ବିଷୟରେ ଜ୍ଞାନୀଜନଙ୍କର ଅନୁଭବ ବର୍ଣ୍ଣନ–

ବେଦାହମେତଂ ପୁରୁଷଂ ମହାନ୍ତ–
ମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।
ତମେବ ବିଦିତ୍ୱାତି ମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।।୮।।[୧]

ମନ୍ତ୍ରାର୍ଥ – ମୁଁ ଏହି ଅଜ୍ଞାନାତୀତ, ପ୍ରକାଶସ୍ୱରୂପ, ମହାନ ପୁରୁଷଙ୍କୁ ଜାଣିଅଛି । ତାଙ୍କୁ ଜାଣି ପୁରୁଷ ମୃତ୍ୟୁକୁ ପାର କରିଥାଏ । ତାଙ୍କ ବ୍ୟତୀତ ପରମପଦ ପ୍ରାପ୍ତିର ଅନ୍ୟ କୌଣସି ମାର୍ଗ ହିଁ ନାହିଁ ।

ସାମାନ୍ୟ ବ୍ୟାଖ୍ୟା– କୌଣସି ଜ୍ଞାନୀ ମହାପୁରୁଷ କହନ୍ତି କି – ଏହି ମହାନାତୀତସମ ପରମ ପୁରୁଷୋତ୍ତମଙ୍କୁ ମୁଁ ଜାଣିଅଛି । ସେ ଅବିଦ୍ୟାରୂପକ ଅନ୍ଧକାରଠାରୁ ସର୍ବଦା ଉର୍ଦ୍ଧ୍ୱରେ ରହନ୍ତି । ସୂର୍ଯ୍ୟସମ ସ୍ୱୟଂ ପ୍ରକାଶସ୍ୱରୂପ ଅଟନ୍ତି । ତାଙ୍କୁ ଜାଣିଲେ ବ୍ୟକ୍ତି

---

୧ ଯଜୁର୍ବେଦ : ୩୧/୧୮ ।

ମୃତ୍ୟୁକୁ ଉଲଂଘନ କରିପାରେ ଅର୍ଥାତ୍ ଜନ୍ମ-ମୃତ୍ୟୁଚକ୍ରରୁ ମୁକ୍ତ ହୋଇଯାଆନ୍ତି ।

ଯସ୍ମାତ୍ ପରଂ ନାପରମସ୍ତି କିଂଚିଦ୍
ଯସ୍ମାନ୍ନାଣୀୟୋ ନ ଜ୍ୟାୟୋଽସ୍ତି କଶ୍ଚିତ୍ ।
ବୃକ୍ଷ ଇବ ସ୍ତବ୍ଧୋ ଦିବି ତିଷ୍ଠତ୍ୟେକ-
ସ୍ତେନେଦଂ ପୂର୍ଣ୍ଣଂ ପୁରୁଷେଣ ସର୍ବମ୍ ।।୯।।

ମନ୍ତ୍ରାର୍ଥ – ଯାହାଠାରୁ ଉତ୍କୃଷ୍ଟ ଆଉ କେହି ନାହାଁନ୍ତି, ଯାହାଙ୍କଠାରୁ ଆଉ କେହି ଛୋଟ ବା ବଡ଼ ନ ଥାନ୍ତି, ସେ ହିଁ ଏହି ଅଦ୍ୱିତୀୟ ପରମାତ୍ମା ଅଟନ୍ତି । ତାଙ୍କର ଦ୍ୟୋତନାତ୍ମକ ମହିମା ବୃକ୍ଷସମ ନିଶ୍ଚଳ ଭାବରେ ସ୍ଥିତ ହୋଇ ରହିଛି, ସେହି ପୁରୁଷ ହିଁ ଏହି ସମଗ୍ର ଜଗତକୁ ବ୍ୟାପି ରହିଛନ୍ତି ।

ସାମାନ୍ୟ ବ୍ୟାଖ୍ୟା– ସେହି ପରମଦେବ ପରମେଶ୍ୱରଙ୍କଠାରୁ ଶ୍ରେଷ୍ଠ ଅନ୍ୟ କେହି ନାହାଁନ୍ତି । ସେ ସର୍ବଶ୍ରେଷ୍ଠ ଅଟନ୍ତି । ଯେତେସବୁ ସୂକ୍ଷ୍ମତତ୍ତ୍ୱ ରହିଛନ୍ତି, ସେମାନଙ୍କଠାରୁ ଅଧିକ ସୂକ୍ଷ୍ମତର ସେ ହିଁ ଅଟନ୍ତି । ତାଙ୍କଠାରୁ ସୂକ୍ଷ୍ମ ଆଉ କେହି ନାହାଁନ୍ତି । ତେଣୁ ସେ କ୍ଷୁଦ୍ରାତିକ୍ଷୁଦ୍ର ଜୀବମାନଙ୍କ ଶରୀରରେ ପ୍ରବିଷ୍ଟ ହୋଇ ରହିଛନ୍ତି । ଏହିଭଳି ଯେତେସବୁ ମହାନ ବ୍ୟାପକ ତତ୍ତ୍ୱ ରହିଛନ୍ତି, ସେସବୁଥିରୁ ମହାନ-ଅଧିକ ବ୍ୟାପକ ସେହି ପରବ୍ରହ୍ମ ଅଟନ୍ତି । ତାଙ୍କଠାରୁ ବଡ଼ ବା ଅଧିକ ବ୍ୟାପ୍ତ କେହି ନାହାଁନ୍ତି । ତେଣୁ ସେ ପ୍ରଳୟକାଳରେ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ନିଜ ମଧ୍ୟରେ ଲୀନ କରାଇଦିଅନ୍ତି । ଯିଏ ଏକାକୀ ବୃକ୍ଷସଦୃଶ ନିଶ୍ଚଳ ଭାବରେ ପରମଧାମ ରୂପ ପ୍ରକାଶମୟ ଦିବ୍ୟ ଆକାଶରେ ସ୍ଥିତ ହୋଇଛନ୍ତି, ସେହି ପରବ୍ରହ୍ମ ପରମାତ୍ମାଙ୍କଠାରୁ ଏହି ସମଗ୍ର ଜଗତ୍ ବ୍ୟାପ୍ତ ହୋଇଛି । ସେହି ପରମପୁରୁଷ ପରମେଶ୍ୱର ହିଁ ନିରାକାର ରୂପେ ସମଗ୍ର ଜଗତରେ ପରିପୂର୍ଣ୍ଣ ହୋଇ ରହିଛନ୍ତି ।

ତତୋ ଯଦୁତ୍ତରତରଂ ତଦରୂପମନାମୟମ୍ ।
ଯ ଏତଦ୍ୱିଦୁରମୃତାସ୍ତେ ଭବନ୍ତ୍ୟ-
ଥେତରେ ଦୁଃଖମେବାପିୟନ୍ତି ।।୧୦।।

ମନ୍ତ୍ରାର୍ଥ – ସେହି କାରଣ ବ୍ରହ୍ମଙ୍କ ଠାରୁ ଯିଏ ଉତ୍କୃଷ୍ଟତର ସେ ଅରୂପ ଏବଂ ଅନାମୟ (ଦୋଷଶୂନ୍ୟ) ଅଟନ୍ତି । ତାଙ୍କୁ ଯିଏ ଜାଣନ୍ତି ସେ ଅମର ହୋଇଯାଆନ୍ତି ପରନ୍ତୁ ଇତର ଜନଗଣ (ଅନ୍ୟ ସାଧାରଣ ମନୁଷ୍ୟମାନେ) ଦୁଃଖକୁ ହିଁ ପ୍ରାପ୍ତ ହୋଇଥାଆନ୍ତି ।

ସାମାନ୍ୟ ବ୍ୟାଖ୍ୟା– ପ୍ରଥମ ବର୍ଣ୍ଣିତ ହିରଣ୍ୟଗର୍ଭଙ୍କଠାରୁ ଯେଉଁ ସର୍ବୋତ୍କୃଷ୍ଟ

ରହିଛନ୍ତି, ସେହି ପରବ୍ରହ୍ମ ପରମାତ୍ମା ଆକାରରହିତ ଏବଂ ସର୍ବଦୋଷଶୂନ୍ୟ ଅଟନ୍ତି । ଯିଏ ତାଙ୍କୁ ଜାଣନ୍ତି, ସେ ଅମର ହୁଅନ୍ତି କିନ୍ତୁ ଏହି ରହସ୍ୟକୁ ନ ଜାଣିଥିବା ବ୍ୟକ୍ତି ବାରମ୍ବାର ଦୁଃଖକୁ ହିଁ ପ୍ରାପ୍ତ କରନ୍ତି ।

ସର୍ବାନନଶିରୋଗ୍ରୀବଃ ସର୍ବଭୂତଗୁହାଶୟଃ ।
ସର୍ବବ୍ୟାପୀ ସ ଭଗବାଂସ୍ତସ୍ମାଦ୍ ସର୍ବଗତଃ ଶିବଃ ।।୧୧।।

ମନ୍ତ୍ରାର୍ଥ – ସେହି ଭଗବାନ୍ ସମସ୍ତ ଦିଗରେ ମୁଖଯୁକ୍ତ ହୋଇ, ଅନେକ ଶିର ବା ମସ୍ତକଯୁକ୍ତ ହୋଇ ସମ୍ପୂର୍ଣ୍ଣ ଜୀବଗଣଙ୍କର ଅନ୍ତଃକରଣରେ ସ୍ଥିତ ହୋଇଛନ୍ତି ତଥା ସର୍ବବ୍ୟାପୀ ମଧ୍ୟ ହୋଇଛନ୍ତି, ଏଣୁ ସେ ସର୍ବଗତ ଏବଂ ମଙ୍ଗଳରୂପ ଅଟନ୍ତି ।

ସାମାନ୍ୟ ବ୍ୟାଖ୍ୟା– ସେହି ଭଗବାନ୍ ସର୍ବତ୍ର ମୁଖଯୁକ୍ତ, ଶିର ତଥା ଗ୍ରୀବାଯୁକ୍ତ ଅଟନ୍ତି । ସମଗ୍ର ପ୍ରାଣୀଙ୍କର ହୃଦୟରୂପ ଗୁହାରେ ନିବାସ କରୁଛନ୍ତି ଏବଂ ସର୍ବବ୍ୟାପୀ ହୋଇଛନ୍ତି । ଏଣୁ ସେ କଲ୍ୟାଣସ୍ୱରୂପ ପରମେଶ୍ୱର ହୋଇ ସର୍ବତ୍ର ବିଦ୍ୟମାନ ହୋଇପାରିଛନ୍ତି । ସେହି ସର୍ବେଶ୍ୱର ଭଗବାନଙ୍କର ସବୁସ୍ଥାନରେ ମୁଖ ରହିଛି, ସର୍ବତ୍ର ଶିର ତଥା ଗ୍ରୀବା ବିଦ୍ୟମାନ ହୋଇଛି । ଏହାର ଭାବ ହେଉଛି ପ୍ରତ୍ୟେକ ସ୍ଥାନରେ, ପ୍ରତ୍ୟେକ ଅଙ୍ଗଦ୍ୱାରା କୃତକର୍ମ ତାଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ସମଗ୍ର ପ୍ରାଣୀଙ୍କର ହୃଦୟକନ୍ଦରରେ ନିବାସକରି ସେ ସର୍ବବ୍ୟାପୀ ହୋଇଛନ୍ତି । ଏହାର ଅଭିପ୍ରାୟ ହେଉଛି, ସେ କଲ୍ୟାଣସ୍ୱରୂପ ଭାବେ ସର୍ବତ୍ର ପହଞ୍ଚି ପାରୁଛନ୍ତି । ଅର୍ଥାତ୍ ସାଧକ ତାଙ୍କୁ ଯେଉଁ ସମୟରେ ଯେଉଁଭଳି ଭାବରେ ପ୍ରତ୍ୟକ୍ଷ କରିବାକୁ ଚାହୁଁଛି, ସେହି ସମୟରେ, ସେହି ଜାଗାରେ ଆଉ ସେହି ରୂପରେ ପ୍ରତ୍ୟକ୍ଷ କରିପାରୁଛି ।

ମହାନ୍ ପ୍ରଭୁର୍ବୈ ପୁରୁଷଃ ସତ୍ତ୍ୱସ୍ୟୈଷ ପ୍ରବର୍ତକଃ ।
ସୁନିର୍ମଳାମିମାଂ ପ୍ରାପ୍ତିମୀଶାନୋ ଜ୍ୟୋତିରବ୍ୟୟଃ ।।୧୨।।

ମନ୍ତ୍ରାର୍ଥ – ନିଶ୍ଚିତଭାବେ ସେହି ମହାନ୍ (ପରମବ୍ରହ୍ମ) ପରମସମର୍ଥ, ଶରୀରରୂପ ପୁରରେ ଶୟନକାରୀ ଏହି (ସ୍ୱରୂପ-ସ୍ଥିତିରୂପ) ନିର୍ମଳ ପ୍ରାପ୍ତି ଉଦ୍ଦେଶ୍ୟରେ ଅନ୍ତଃକରଣକୁ ପ୍ରେରିତକରି ପାରୁଥିବା, ସମସ୍ତଙ୍କର ଶାସକ, ପ୍ରକାଶସ୍ୱରୂପ ଏବଂ ଅବିନାଶୀ ଅଟନ୍ତି ।

ସାମାନ୍ୟ ବ୍ୟାଖ୍ୟା– ନିଶ୍ଚିତ ଭାବରେ ଏହି ମହାନ ତଥା ସାମର୍ଥ୍ୟବାନ୍ ଅବିନାଶୀ, ପ୍ରକାଶସ୍ୱରୂପ, ପରମପୁରୁଷ ପୁରୁଷୋତ୍ତମ ସମସ୍ତଙ୍କୁ ଶାସନକାରୀ ହୋଇ ନିଜକୁ ପ୍ରାପ୍ତ କରାଇବାର ଯେଉଁ ନିର୍ମଳଲାଭ ରହିଛି, ସେହି ଦିଗକୁ ପ୍ରେରିତକାରୀ

ଅଟନ୍ତି । ଅର୍ଥାତ ସମସ୍ତଙ୍କ ଉପରେ ଶାସନ କରୁଥିବା ମହାନ୍ ପ୍ରଭୁ ପ୍ରଥମରୁ ବର୍ଣ୍ଣିତ ହୋଇଥିବା ଉକ୍ତ ପରମପଦ ଲାଭ ଯାହାକି ନିର୍ମଳ ଲାଭ ଭାବରେ ଖ୍ୟାତ ଅଟେ, ତାହାକୁ ଲାଭ କରିବା ପାଇଁ ପ୍ରତ୍ୟେକ ମନୁଷ୍ୟକୁ ପ୍ରେରିତ କରୁଛନ୍ତି । ପ୍ରତ୍ୟେକଙ୍କୁ ତାଙ୍କ ଆଡ଼କୁ ଆକର୍ଷଣ କରୁଛନ୍ତି । ତଥାପି ଏହି ମୂର୍ଖ ଜୀବ ସବୁପ୍ରକାର ସୁଯୋଗ ପାଇ ମଧ ତାଙ୍କ ପ୍ରେରଣା ଅନୁସାରେ ତାଙ୍କ ପ୍ରାପ୍ତି ପାଇଁ ତତ୍ପର ହେଉନାହିଁ । ସେଇଥିପାଇଁ ସେ ବାରମ୍ବାର ମୃତ୍ୟୁମୁଖରେ ପଡୁଛି ।

ଅଙ୍ଗୁଷ୍ଠମାତ୍ରଃ ପୁରୁଷୋଽନ୍ତରାତ୍ମା
ସଦା ଜନାନାଂ ହୃଦୟେ ସଂନିବିଷ୍ଟଃ ।
ହୃଦା ମନ୍ୱୀଶୋ ମନସାଭିକ୍ଳୃପ୍ତୋ
ଯ ଏତଦ୍‌ବିଦୁରମୃତାସ୍ତେ ଭବନ୍ତି ॥୧୩॥

ମନ୍ତ୍ରାର୍ଥ – ଏହି ଅଙ୍ଗୁଷ୍ଠମାତ୍ର (ବୃଦ୍ଧାଙ୍ଗୁଳି ପରିମିତ) ଅନ୍ତରାତ୍ମା ପୁରୁଷ ସର୍ବଦା ଜୀବହୃଦୟରେ ସ୍ଥିତ(ବିଦ୍ୟମାନରହି), ଜ୍ଞାନାଧିପତି ଓ ହୃଦୟସ୍ଥିତ ମନ ଦ୍ୱାରା ସୁରକ୍ଷିତ ଅଟନ୍ତି । ଯିଏ ଏହାକୁ ଜାଣନ୍ତି, ସେ ଅମର ହୋଇଯାଆନ୍ତି ।

ସାମାନ୍ୟବ୍ୟାଖ୍ୟା– ଅଙ୍ଗୁଷ୍ଠମାତ୍ର ପରିମାଣଯୁକ୍ତ ଅନ୍ତର୍ଯ୍ୟାମୀ ପରମ ପୁରୁଷ ପରମେଶ୍ୱର ସବୁବେଳେ ମନୁଷ୍ୟ ହୃଦୟରେ ସମ୍ୟକ୍‌ଭାବେ ସ୍ଥିତ ହୋଇଛନ୍ତି ଆଉ ମନର ସ୍ୱାମୀ ମଧ ହୋଇଛନ୍ତି । ନିର୍ମଳ ହୃଦୟ ଏବଂ ବିଶୁଦ୍ଧ ମନ ଦ୍ୱାରା ଧ୍ୟାନ ମାଧମରେ ପ୍ରାପ୍ତ ହେଉଥିବା ପରମେଶ୍ୱରଙ୍କୁ ଯିଏ ଜାଣନ୍ତି, ସିଏ ଅମର ହୋଇଯାଆନ୍ତି । ଅର୍ଥାତ୍ ସବୁବେଳ ପାଇଁ ଜନ୍ମମରଣ ଚକ୍ରବ୍ୟୁହରୁ ଉର୍ଦ୍ଧ୍ୱକୁ ଉଠିଯାଆନ୍ତି । ଏଠାରେ ପରମାତ୍ମାଙ୍କୁ ଅଙ୍ଗୁଷ୍ଠମାତ୍ର କହିବାର ଅର୍ଥ ହେଉଛି, ମନୁଷ୍ୟର ହୃଦୟ ଅଙ୍ଗୁଷ୍ଠମାତ୍ର ପରିମାଣ ହୋଇଥାଏ । ସେହିଠାରେ ପରମାତ୍ମାଙ୍କର ଉପଲବ୍ଧ କରାଯାଏ ବା ସେ ସେହିଠାରେ ନିବାସ କରନ୍ତି । ସେଥିପାଇଁ ତାଙ୍କୁ ଏଭଳି କ୍ଷୁଦ୍ରାକୃତି ବିଶିଷ୍ଟ ଭାବେ ବର୍ଣ୍ଣନା କରାଯାଇଛି ।

ପରମେଶ୍ୱରଙ୍କର ସର୍ବାତ୍ମଭାବ ଅଥବା ବିରାଟସ୍ୱରୂପର ବର୍ଣ୍ଣନା–

ସହସ୍ରଶୀର୍ଷା ପୁରୁଷଃ ସହସ୍ରାକ୍ଷଃ ସହସ୍ରପାଦ୍ ।
ସ ଭୂମିଂ ବିଶ୍ୱତୋ ବୃତ୍ୱାତ୍ୟତିଷ୍ଠଦ୍‌ଦଶାଙ୍ଗୁଳମ୍ ॥୧୪॥
ପୁରୁଷ ଏବେଦଁ ସର୍ବଂ ଯଦ୍‌ଭୂତଂ ଯଚ୍ଚ ଭବ୍ୟମ୍ ।
ଉତାମୃତତ୍ୱସ୍ୟେଶାନୋ ଯଦନ୍ନେନାତିରୋହତି ॥୧୫॥[୧]

୧ ଯଜୁର୍ବେଦ ୩୧/୧-୨, ଋକ୍‌ବେଦ ୧୦/୯୦/୧-୨, ଅଥର୍ବବେଦ ୨୯/୬/୧ ଓ ୪ ମନ୍ତ୍ର ଅଟନ୍ତି ।

ମନ୍ତ୍ରାର୍ଥ – ସେ ସହସ୍ରଶିର, ସହସ୍ରନେତ୍ର ଏବଂ ସହସ୍ରଚରଣଯୁକ୍ତ ହୋଇ ପୂର୍ଣ୍ଣ ଅଟନ୍ତି । ସେ ଭୂମିକୁ(ଭୂମଣ୍ଡଳକୁ) ସବୁଦିଗରୁ ବ୍ୟାପ୍ତକରି ରଖିଅଛନ୍ତି, ଅନନ୍ତ ରୂପରେ ସେ ସବୁର ଅତିକ୍ରମଣକରି ସ୍ଥିତ ହୋଇଛନ୍ତି ।

ଅନ୍ୟପ୍ରକାରେ କହିଲେ– ସେ ନାଭିର ଊର୍ଦ୍ଧ୍ୱକୁ ଦଶଅଙ୍ଗୁଳ ପରିମାଣ ବିଶିଷ୍ଟ ହୃଦୟ ମଧ୍ୟରେ ସ୍ଥିତ ହୋଇଛନ୍ତି ।)। ଯାହାକିଛି ଭୂତ ଏବଂ ଭବିଷ୍ୟତ ରହିଛି, ଯାହା ଅନ୍ନଦ୍ୱାରା ବୃଦ୍ଧିକୁ ପ୍ରାପ୍ତ ହୋଇଥାଏ, ସେସବୁ ପୁରୁଷ(ସେ ହିଁ) ଅଟନ୍ତି । ସେ ଅମୃତତ୍ୱ ଅର୍ଥାତ୍ ମୁକ୍ତିର ମଧ୍ୟ ପ୍ରଭୁ ଅଟନ୍ତି ।।୧୪–୧୫

ସାମାନ୍ୟ ବ୍ୟାଖ୍ୟା– ସେହି ପରମପୁରୁଷ ପରମେଶ୍ୱରଙ୍କର ସହସ୍ର ଶିର, ସହସ୍ର ଚକ୍ଷୁ ତଥା ପାଦ ରହିଛି ଅର୍ଥାତ୍ ସେ ସମସ୍ତ ଅବୟବ ରହିତ ହୋଇ ମଧ୍ୟ ଶିର, ଚକ୍ଷୁ, ପାଦ ଆଦି ଅଙ୍ଗମାନଙ୍କରେ ଭୂଷିତ ହୋଇଛନ୍ତି । ତାଙ୍କର ଅସଂଖ୍ୟ ଅଙ୍ଗ ବିଦ୍ୟମାନ ଅଟେ । ସେହି ସର୍ବଶକ୍ତିମାନ୍ ପରମେଶ୍ୱର ସମସ୍ତ ଜଗତକୁ ସବୁଆଡୁ ଘେରି ରହି ସର୍ବତ୍ର ବ୍ୟାପ୍ତ ହୋଇଛନ୍ତି । ଏମିତିକି ନାଭି ଭାଗର ଊର୍ଦ୍ଧ୍ୱକୁ ଦଶ ଅଙ୍ଗୁଳ ଅନ୍ତେ ଯେଉଁ ଅନ୍ତର୍ଦେଶ ରହିଛି, ସେଠାରେ ବିଦ୍ୟମାନ ହୋଇଛନ୍ତି ବୋଲି ମୁକ୍ତକଣ୍ଠରେ ସ୍ୱୀକାର କରାଯାଇଛି । ଉକ୍ତ ହୃଦୟାକାଶରେ ବିଦ୍ୟମାନ ପରମାତ୍ମା ସର୍ବବ୍ୟାପୀ ଏବଂ ମହାନ୍ ହୋଇ ହୃତ୍‌ରୂପକ କନ୍ଦରରେ ନିବାସ କରୁଛନ୍ତି ।

ଯାହା ପୂର୍ବରୁ ଘଟିଯାଇଛି ଓ ଭବିଷ୍ୟତରେ ଘଟିବାକୁ ଅଛି ଏବଂ ବର୍ତ୍ତମାନ କାଳରେ ଅନ୍ନଦ୍ୱାରା ଅର୍ଥାତ୍ ଖାଦ୍ୟପଦାର୍ଥ ଦ୍ୱାରା ବୃଦ୍ଧି ପ୍ରାପ୍ତ ହେଉଛନ୍ତି, ସେ ସମସ୍ତ ଜଗତ୍ ପରମାତ୍ମା ପରମପୁରୁଷଙ୍କର ହିଁ ସ୍ୱରୂପ ଅଟେ । ସେ ନିଜେ ନିଜର ସ୍ୱରୂପଭୂତ ଅଚିନ୍ତ୍ୟ ଶକ୍ତି ଦ୍ୱାରା ଏହି ରୂପରେ ପ୍ରକଟିତ ହୋଇଛନ୍ତି ଏବଂ ତାହାର ସ୍ୱାମୀ ହୋଇ ଜୀବମାନଙ୍କୁ ସଂସାର ବନ୍ଧନରୁ ମୁକ୍ତି କରାଉଛନ୍ତି । ଅତଏବ ତାଙ୍କୁ ପ୍ରାପ୍ତ କରିବାର ଅଭିଳାଷା ସାଧକମାନଙ୍କ ମନରେ ଜାଗ୍ରତ ହେବା ଦରକାର ଏବଂ ସାଧକମାନେ ତାଙ୍କ ଶରଣାପନ୍ନ ହେବା ଦରକାର ।

ସର୍ବତଃ ପାଣିପାଦଂ ତତ୍ ସର୍ବତୋଽକ୍ଷିଶିରୋମୁଖମ୍ ।
ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ।।୧୬।।

ମନ୍ତ୍ରାର୍ଥ – ତାଙ୍କର ସବୁଦିଗରେ ହସ୍ତ ଓ ପଦ ରହିଛି, ସର୍ବତ୍ର ଚକ୍ଷୁ ରହିଛି, ଶିର ଏବଂ ମୁଖ ମଧ୍ୟ ରହିଛି । ଏପରିକି ତାଙ୍କର କର୍ଣ୍ଣ ସର୍ବତ୍ର ବ୍ୟାପ୍ତ ହୋଇ ରହିଛି । ସେ ଲୋକମାନଙ୍କ ମଧ୍ୟରେ (ସବୁଲୋକରେ ବା ଲୋକତ୍ରୟରେ) ସର୍ବତ୍ର ବ୍ୟାପୀ ରହିଛନ୍ତି ।

ଆତ୍ମାର ଦେହାବସ୍ଥାନ ଏବଂ ଇନ୍ଦ୍ରିୟ-ସମ୍ବନ୍ଧରହିତ ନିରୂପଣ-

ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟବିବର୍ଜିତମ୍ ।
ସର୍ବସ୍ୟ ପ୍ରଭୁମୀଶାନଂ ସର୍ବସ୍ୟ ଶରଣଂ ବୃହତ୍ ।।୧୭।।

ମନ୍ତ୍ରାର୍ଥ – ସେ ସମସ୍ତ ଇନ୍ଦ୍ରିୟଗଣଙ୍କର ବୃତ୍ତିରୂପରେ ଅବଭାସିତ ହୋଇ ମଧ ସମସ୍ତ ଇନ୍ଦ୍ରିୟରହିତ ଅଟନ୍ତି । ସେ ସମସ୍ତଙ୍କର ପ୍ରଭୁ, ଶାସକ ଏବଂ ସର୍ବାଶ୍ରୟଦାତା ତଥା ସମସ୍ତଙ୍କର କାରଣ ମଧ ଅଟନ୍ତି ।

ନବଦ୍ୱାରେ ପୁରେ ଦେହୀ ହଁସୋ ଲେଲାୟତେ ବହିଃ ।
ବଶୀ ସର୍ବସ୍ୟ ଲୋକସ୍ୟ ସ୍ଥାବରସ୍ୟ ଚରସ୍ୟ ଚ ।।୧୮।।

ମନ୍ତ୍ରାର୍ଥ – ସମ୍ପୂର୍ଣ୍ଣ ସ୍ଥାବର-ଜଙ୍ଗମ ଜଗତର ସ୍ୱାମୀ ଏହି ହଂସ (ପରମାତ୍ମା) ଦେହାଭିମାନୀ ହୋଇ ନବଦ୍ୱାରଯୁକ୍ତ (ଦେହରୂପକ) ପୁରରେ ବାହ୍ୟ ବିଷୟମାନଙ୍କୁ ଗ୍ରହଣ କରିବା ପାଇଁ ଚେଷ୍ଟିତ ଅଟନ୍ତି ।

ସାମାନ୍ୟ ବ୍ୟାଖ୍ୟା– ସମ୍ପୂର୍ଣ୍ଣ ସ୍ଥାବର ଏବଂ ଜଙ୍ଗମ ଜୀବଗଣଙ୍କର ପରିବେଷ୍ଟିତ ଏହି ସମ୍ପୂର୍ଣ୍ଣ ଜଗତକୁ ନିଜ ବଶରେ ରଖି ପାରିଥିବା ସେହି ପ୍ରକାଶମୟ ପରମେଶ୍ୱର ଦୁଇ ଆଖି, ଦୁଇ କାନ, ଦୁଇ ନାସା, ଏକ ମୁଖ, ଏକ ଗୁହ୍ୟ ଏବଂ ଏକ ଉପସ୍ଥ – ଏହିଭଳି ଭାବେ ମୋଟ ନବଦ୍ୱାର ବେଷ୍ଟିତ ମନୁଷ୍ୟଶରୀର ରୂପ ନଗରରେ ଅନ୍ତର୍ଯ୍ୟାମୀ ରୂପେ ସ୍ଥିତ ଅଟନ୍ତି ଆଉ ସେ ହିଁ ଏହି ବାହ୍ୟ ଜଗତରେ ମଧ ଲୀଳା କରୁଅଛନ୍ତି । ଏଭଳି ବୁଝି ମନ ଯେଉଁଠାରେ ସୁଗମତା ପୂର୍ବକ ସ୍ଥିର ହୋଇପାରୁଛି, ସେହିଠାରେ ତାଙ୍କର ଧାନ କରିବା ଦରକାର ।

ବ୍ରହ୍ମଙ୍କର ନିର୍ବିଶେଷ ରୂପ-

ଅପାଣିପାଦୋ ଜବନୋ ଗ୍ରହୀତା
ପଶ୍ୟତ୍ୟଚକ୍ଷୁଃ ସ ଶୃଣୋତ୍ୟକର୍ଣ୍ଣଃ ।
ସ ବେତ୍ତି ବେଦ୍ୟଂ ନ ଚ ତସ୍ୟାସ୍ତି ବେତ୍ତା
ତମାହୁରଗ୍ର୍ୟଂ ପୁରୁଷଂ ମହାନ୍ତମ୍ ।।୧୯।।

ମନ୍ତ୍ରାର୍ଥ – ସେ ହସ୍ତପାଦରହିତ ହୋଇ ମଧ ବେଗବାନ୍ ଅଟନ୍ତି । ସବୁକିଛି ଗ୍ରହଣ କରିବାକୁ ସକ୍ଷମ ଅଟନ୍ତି । ନେତ୍ରହୀନ ହୋଇମଧ ଦେଖିପାରୁଛନ୍ତି, କର୍ଣ୍ଣରହିତ ହୋଇ ମଧ ଶୁଣିପାରୁଛନ୍ତି । ସେ ସମ୍ପୂର୍ଣ୍ଣ ବେଦ୍ୟବର୍ଗଙ୍କୁ ଜାଣୁଛନ୍ତି କିନ୍ତୁ ତାଙ୍କୁ ଜାଣିବାକୁ କେହି ସକ୍ଷମ ହେଉ ନାହାନ୍ତି । ତାଙ୍କୁ ଋଷିମାନେ ସମସ୍ତଙ୍କର ଆଦି, ପୂର୍ଣ୍ଣ ଏବଂ ମହାନ୍ ବୋଲି ବର୍ଣ୍ଣନା ଓ ସ୍ୱୀକାର କରିଛନ୍ତି ।

ସାମାନ୍ୟ ବ୍ୟାଖ୍ୟା– ଯାହାଙ୍କର ପ୍ରକରଣ ଚଳମାନ ଅଟେ, ସେହି ପରବ୍ରହ୍ମ ପରମାତ୍ମା ହସ୍ତପାଦାଦି ରହିତ ହୋଇ ମଧ୍ୟ ସର୍ବତ୍ର ବିଦ୍ୟମାନ ହୋଇଛନ୍ତି ଏବଂ ସର୍ବବସ୍ତୁ ଗ୍ରହଣ କରିବାକୁ ସକ୍ଷମ ଅଟନ୍ତି । ପାଦାଦିରହିତ ହୋଇ ମଧ୍ୟ ଇଚ୍ଛାନୁସାରେ ଗମନ କରିପାରନ୍ତି, ଚକ୍ଷୁରହିତ ହୋଇ ମଧ୍ୟ ସବୁକିଛି ଦେଖିପାରନ୍ତି ଏପରିକି କର୍ଣ୍ଣରହିତ ହୋଇ ମଧ୍ୟ ସବୁକିଛି ଶୁଣିପାରୁଛନ୍ତି । ସେ ସମସ୍ତ ଜାଣିବା ଯୋଗ୍ୟ ଏବଂ ଜାଣିବାପାଇଁ ଇଚ୍ଛୁକ ଜଡ଼-ଚେତନ ପଦାର୍ଥମାନଙ୍କୁ ଭଲଭାବରେ ଅବଗତ ଅଟନ୍ତି । ପରନ୍ତୁ ତାଙ୍କୁ ଜାଣିବାପାଇଁ ସମସ୍ତେ ସକ୍ଷମ ହୁଅନ୍ତି ନାହିଁ, ଯିଏ ସମସ୍ତଙ୍କୁ ଜାଣନ୍ତି ତାଙ୍କୁ ଭଲା କିଏ ଜାଣିପାରେ ! ତାଙ୍କ ବିଷୟରେ ଜ୍ଞାନୀ ମହାପୁରୁଷମାନେ ଏତିକି କହନ୍ତି କି, ସେ ଆଦି, ପୁରାତନ ତଥା ମହାନ ପୁରୁଷ ଅଟନ୍ତି ।

ଆତ୍ମଜ୍ଞାନଦ୍ୱାରା ଶୋକନିବୃତ୍ତିର ନିରୂପଣ–

ଅଣୋରଣୀୟାନ୍ ମହତୋ ମହୀୟା–
ନାତ୍ମା ଗୁହାୟାଂ ନିହିତୋଽସ୍ୟ ଜନ୍ତୋଃ ।
ତମକ୍ରତୁଂ ପଶ୍ୟତି ବୀତଶୋକୋ
ଧାତୁଃ ପ୍ରସାଦାନ୍ମହିମାନମୀଶମ୍ ।।୨୦।।[୧]

ମନ୍ତ୍ରାର୍ଥ – ସେ ଅଣୁଠାରୁ ମଧ୍ୟ କ୍ଷୁଦ୍ର ଅଣୁ ସଦୃଶ ଅଟନ୍ତି, ମହାନ୍‌ଠାରୁ ମଧ୍ୟ ମହତ୍ତର ଅଟନ୍ତି, ସମଗ୍ର ଜୀବର ଅନ୍ତଃକରଣରେ ସ୍ଥିତ ହୋଇ ରହିଛନ୍ତି । ସେହି ବିଷୟଭୋଗ ସଙ୍କଳ୍ପଶୂନ୍ୟ ମହିମାମୟ ଆତ୍ମାଙ୍କୁ ଯିଏ ବିଧାତାଙ୍କ କୃପା ସାହାଯ୍ୟରେ ଈଶ୍ୱରରୂପେ ଦେଖିଥାଏ, ସେ ଶୋକରହିତ ହୋଇଯାଇଥାଏ ।

ଆତ୍ମସ୍ୱରୂପ ବିଷୟରେ ବ୍ରହ୍ମବେତ୍ତାଙ୍କର ଅନୁଭବ–

ବେଦାହମେତମଜରଂ ପୁରାଣଂ
ସର୍ବାତ୍ମାନଂ ସର୍ବଗତଂ ବିଭୁତ୍ୱାତ୍ ।
ଜନ୍ମନିରୋଧଂ ପ୍ରବଦନ୍ତି ଯସ୍ୟ
ବ୍ରହ୍ମବାଦିନୋ ହି ପ୍ରବଦନ୍ତି ନିତ୍ୟମ୍ ।।୨୧।।

ମନ୍ତ୍ରାର୍ଥ – ବ୍ରହ୍ମବେତ୍ତାଗଣ ଯାହାଙ୍କର ଜନ୍ମ ନ ହେବା କଥା କହନ୍ତି ଆଉ ଯାହାଙ୍କୁ ନିତ୍ୟ ବୋଲି କହନ୍ତି, ସେହି ଜରାଶୂନ୍ୟ ପୁରାତନ ସର୍ବାତ୍ମାଙ୍କୁ ବିଭୁ ଭାବରେ

---

୧ କଠୋପନିଷଦ : ୧/୨/୨୦

ସ୍ୱୀକାର କରୁଛନ୍ତି, ସେ ସର୍ବଗତ ଅଟନ୍ତି, ଏହା ଆମ୍ଭେ ଜାଣୁଅଛୁ ।

ସାମାନ୍ୟ ବ୍ୟାଖ୍ୟା– ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥିବା ମହାତ୍ମାମାନେ କହନ୍ତି କି, 'ବେଦର ରହସ୍ୟକୁ ବର୍ଣ୍ଣନା କରୁଥିବା ମହାପୁରୁଷ ଯାହାଙ୍କୁ ଜନ୍ମରହିତ ତଥା ନିତ୍ୟ ବୋଲି କହିଛନ୍ତି, ଯାହାଙ୍କୁ ବ୍ୟାପକ ହୋଇଥିବା କାରଣରୁ ସର୍ବବିଦ୍ୟମାନ ବୋଲି କହନ୍ତି, ଯାହାଙ୍କ ପାଖରେ କୌଣସିସ୍ଥାନ ଖାଲି ନାହିଁ, ଯେ ଜରା–ମୃତ୍ୟୁ ରହିତହୋଇ ସମଗ୍ର ବିକାରରହିତ ଭାବେ ବିଦ୍ୟମାନ ଅଟନ୍ତି– ସେହି ପୁରାଣ ପୁରୁଷ ପରମେଶ୍ୱରଙ୍କୁ ମୁଁ ଜାଣିଅଛି ।'

।। ତୃତୀୟ ଅଧ୍ୟାୟ ସମାପ୍ତ ।।

ଚତୁର୍ଥ ଅଧ୍ୟାୟ

ସାଧକର ଦୃଷ୍ଟି ଓ ପରମାତ୍ମାଙ୍କୁ ସ୍ତୁତି

ପୂର୍ବ ଅଧ୍ୟାୟରେ ପୁରାଣ ପୁରୁଷଙ୍କର ବ୍ୟାପ୍ତି ବ୍ୟୁତ୍ପତି କରାଯାଇ ଥିଲେ ହେଁ, ତାଙ୍କୁ ଆମେ କିପରି ଆପଣାର କରିପାରିବା ଓ କିଭଳି ପ୍ରାର୍ଥନା କରଣୀୟ ତାହାକୁ ବ୍ୟକ୍ତକରି ଏହି ଅଧ୍ୟାୟର ପ୍ରତିପାଦନ କରାଯାଇଛି । ବିଭିନ୍ନ ଦୃଷ୍ଟିରୁ ଓ ଭାବରୁ ତାଙ୍କୁ କିପରି ଅବଗତ କରାଯାଇପାରିବ ତାହାକୁ ଗୁରୁତ୍ୱ ଦେଇ ଉପସ୍ଥାପନ କରାଯାଇଛି । ସର୍ବୋପରି ମୁକ୍ତିକାମୀ ସଂସାର ଭୟରୁ ରକ୍ଷାପାଇବା ନିମନ୍ତେ କି ପ୍ରକାର ସ୍ତବ କରିବ ତାହା ବର୍ଣ୍ଣିତ ହୋଇଛି ।

ପରମେଶ୍ୱରଙ୍କ ନିକଟରେ ସଦ୍‌ବୁଦ୍ଧି ପ୍ରାପ୍ତି ପାଇଁ ପ୍ରାର୍ଥନା–

ଯ ଏକୋଽବର୍ଣ୍ଣୋ ବହୁଧା ଶକ୍ତିଯୋଗାଦ୍
ବର୍ଣ୍ଣାନନେକାନ୍ ନିହିତାର୍ଥୋ ଦଧାତି ।
ବି ଚୈତି ଚାନ୍ତେ ବିଶ୍ୱମାଦୌ ସ ଦେବଃ
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ।।୧।।

ମନ୍ତ୍ରାର୍ଥ – ସୃଷ୍ଟି ପ୍ରାରମ୍ଭରେ ଯିଏ ଏକ ଓ ନିର୍ବିଶେଷ ରୂପେ ନିଜ ଶକ୍ତି ଦ୍ୱାରା କୌଣସି ପ୍ରୟୋଜନ ବିହୀନ ଭାବେ ଅନେକ ପ୍ରକାର, ଅନେକ ବର୍ଣ୍ଣ ତଥା ବିଶେଷ ରୂପ ଧାରଣ କରିପାରନ୍ତି ଆଉ ପରିଶେଷରେ ଯାହାଙ୍କଠାରେ ବିଶ୍ୱ ବିଲୀନ ହୁଏ, ସେହି ପ୍ରକାଶସ୍ୱରୂପ ପରମାତ୍ମା ଆମକୁ ଶୁଭବୁଦ୍ଧି ସଂଯୁକ୍ତ କରାନ୍ତୁ ।

ପରମାତ୍ମାଙ୍କର ସର୍ବରୂପତା–

ତଦେବାଗ୍ନିସ୍ତଦାଦିତ୍ୟସ୍ତଦ୍ୱାୟୁସ୍ତଦୁ ଚନ୍ଦ୍ରମାଃ ।
ତଦେବ ଶୁକ୍ରଂ ତଦ୍‌ବ୍ରହ୍ମ ତଦାପସ୍ତତ୍ ପ୍ରଜାପତିଃ ।।୨।।[୧]

---

୧ ଯଜୁର୍ବେଦ ୩୨/୧ ମନ୍ତ୍ର

ମନ୍ତ୍ରାର୍ଥ – ସେ (ପରଂବ୍ରହ୍ମ) ଅଗ୍ନି ଅଟନ୍ତି, ସେ ସୂର୍ଯ୍ୟ ଅଟନ୍ତି, ସେ ବାୟୁ ଅଟନ୍ତି, ସେ ଚନ୍ଦ୍ରମା ଅଟନ୍ତି, ସେ ଶୁକ୍ର ବା ଶୁଦ୍ଧ ଅଟନ୍ତି, ସେ ବ୍ରହ୍ମ ଅଟନ୍ତି– ଏପରିକି ଜଳ ଓ ପ୍ରଜାପତି ମଧ୍ୟ ସେ ଅଟନ୍ତି ।

ତ୍ୱଂ ସ୍ତ୍ରୀ ତ୍ୱଂ ପୁମାନସି ତ୍ୱଂ
କୁମାର ଉତ ବା କୁମାରୀ ।
ତ୍ୱଂ ଜୀର୍ଣ୍ଣୋ ଦଣ୍ଡେନ ବଞ୍ଚସି
ତ୍ୱଂ ଜାତୋ ଭବସି ବିଶ୍ୱତୋମୁଖଃ ।।୩।।[୧]

ମନ୍ତ୍ରାର୍ଥ – ତୁମେ ସ୍ତ୍ରୀ ଅଟ, ତୁମେ ପୁରୁଷ, ତୁମେ କୁମାର, ତୁମେ କୁମାରୀ, ତୁମେ ବୃଦ୍ଧ ହୋଇ ଦଣ୍ଡ ଧରି ଚାଲୁଅଛ ଆଉ ତୁମେ ହିଁ ପ୍ରପଞ୍ଚରୂପରେ ଉତ୍ପନ୍ନ ହୋଇ ଅନେକରୂପ ଧାରଣ କରିଅଛ ।

ନୀଳଃ ପତଙ୍ଗୋ ହରିତୋ ଲୋହିତାକ୍ଷ–
ସ୍ତଡିତ୍ଗର୍ଭ ଋତବଃ ସମୁଦ୍ରାଃ ।
ଅନାଦିମତ୍ତ୍ୱଂ ବିଭୁତ୍ୱେନ ବର୍ତସେ
ଯତୋ ଜାତାନି ଭୁବନାନି ବିଶ୍ୱା ।।୪।।

ମନ୍ତ୍ରାର୍ଥ – ତୁମେ ହିଁ ନୀଳବର୍ଣ୍ଣର ଭ୍ରମର, ହରିତ ବର୍ଣ୍ଣ ଏବଂ ଲାଲ ଚକ୍ଷୁଯୁକ୍ତ ଜୀବ(ଶୁକାଦି ନିକୃଷ୍ଟ ପ୍ରାଣୀ), ମେଘ ତଥା ଗ୍ରୀଷ୍ମାଦି ଋତୁ ଓ ସପ୍ତ ସମୁଦ୍ର ହୋଇଛ, ତୁମେ ଅନାଦି ଅଟ, ସର୍ବତ୍ର ବ୍ୟାପ୍ତ ହୋଇ ରହିଛ । ତୁମଠାରୁ ସମଗ୍ର ଲୋକର ଉତ୍ପତ୍ତି ହୋଇଛି ।

ପ୍ରକୃତି ଏବଂ ଜୀବର ସମ୍ବନ୍ଧ ବିଚାର–

ଅଜାମେକାଂ ଲୋହିତଶୁକ୍ଳ କୃଷ୍ଣାଂ
ବହ୍ୱୀଃ ପ୍ରଜାଃ ସୃଜମାନାଂ ସରୂପାଃ ।
ଅଜୋ ହ୍ୟେକୋ ଜୁଷମାଣୋଽନୁଶେତେ
ଜହାତ୍ୟେନାଂ ଭୁକ୍ତଭୋଗାମଜୋଽନ୍ୟଃ ।।୫।।[୨]

ମନ୍ତ୍ରାର୍ଥ – ୧) ନିଜ ସଦୃଶ ଅର୍ଥାତ୍ ତ୍ରିଗୁଣମୟ ଅନେକଭୂତ ସମୁଦାୟକୁ ରଚନା କରିପାରୁଥିବା ତଥା ଲୋହିତ, ଶୁଭ୍ର ଓ କୃଷ୍ଣ ବର୍ଣ୍ଣ ଅର୍ଥାତ୍ ତ୍ରିଗୁଣମୟୀ ଗୋଟିଏ

---

୧ ଅଥର୍ବବେଦ କା୧୦/୮ମ ସୂ/୨୭ତମ ମନ୍ତ୍ର ।

୨ ଏହି ମନ୍ତ୍ରଟିକୁ ସାଂଖ୍ୟ ଦର୍ଶନରେ ସାଂଖ୍ୟବୀଜ ଭାବରେ ଗଣନା କରାଯାଏ ।

ଅଜା ଅର୍ଥାତ୍ ଅଜନ୍ମା ବା ଅନାଦି ପ୍ରକୃତିଯୁକ୍ତ ଜୀବକୁ ନିଶ୍ଚିତଭାବେ ଆଉ ଏକ ଅଜଃ ଅର୍ଥାତ୍ ଅଜନ୍ମା ଅଜ୍ଞାନୀ ଜୀବ ଆସକ୍ତ ହୋଇ ଭୋଗ କରୁଅଛି ଆଉ ଦ୍ୱିତୀୟ ଅଜ ଅର୍ଥାତ୍ ଜ୍ଞାନୀ ମହାପୁରୁଷ ସେହି ଭୁକ୍ତ ପ୍ରକୃତିକୁ (ଭୋଗ୍ୟ ଜୀବକୁ) ତ୍ୟାଗ କରିଦିଅନ୍ତି ।

୨) ନିଜ ଅନୁରୂପ ଅନେକ ଗୁଡ଼ିଏ ପ୍ରଜା ଉତ୍ପନ୍ନକାରୀ ଏକ ଲୋହିତ, ଶୁକ୍ଳ ଏବଂ କୃଷ୍ଣ ବର୍ଣ୍ଣର ଅଜାକୁ ଗୋଟିଏ ଅଜ ସେବନ କରି ଭୋଗ କରୁଛି । ଦ୍ୱିତୀୟ ଅଜ ସେହି ଭୁକ୍ତଭୋଗାକୁ ତ୍ୟାଗ କରିଦେଉଛି ।

ସାମାନ୍ୟ ବ୍ୟାଖ୍ୟା– ପୂର୍ବ ମନ୍ତ୍ରରେ ଯାହାଙ୍କର ସଙ୍କେତ କରାଯାଇଛି, ଉକ୍ତ ଉଭୟ ପ୍ରକୃତି ମଧ୍ୟରୁ ଗୋଟିଏ ହେଉଛି ଗୀତାବର୍ଣ୍ଣିତ ଅପରା, ଯାହାର ଅଷ୍ଟଭେଦ ବର୍ଣ୍ଣନା କରାଯାଇଛି(ଗୀତା–୭/୪) । ଅନ୍ୟଟି ହେଉଛି ଗୀତାବର୍ଣ୍ଣିତ ଜୀବରୂପ ପରା ଅଥବା ଚେତନ ପ୍ରକୃତି (୭/୫), କ୍ଷେତ୍ରଜ୍ଞ (୧୩/୧) ତଥା ଅକ୍ଷର ପୁରୁଷ (୧୫/୧୬) ।

ପ୍ରଥମ ବର୍ଣ୍ଣିତ ଅପରା ଅର୍ଥାତ୍ ସ୍ୱ–ଅଧିଷ୍ଠିତ ପରମଦେବ ପରମେଶ୍ୱରଙ୍କର ଅଧ୍ୟକ୍ଷତାରେ ନିଜ ସଦୃଶ ଅର୍ଥାତ୍ ତ୍ରିଗୁଣମୟ, ଅସଂଖ୍ୟ ଜୀବଦେହକୁ ଉତ୍ପନ୍ନକାରୀ । ତ୍ରିଗୁଣମୟୀ ଅଥବା ତ୍ରିଗୁଣାତ୍ମିକା ହୋଇଥିବା ଯୋଗୁଁ ଏହାକୁ ତିନିରଙ୍ଗଯୁକ୍ତ କୁହାଯାଇଛି । ସେଗୁଡ଼ିକ ହେଲେ ଯ ସତ୍ତ୍ୱ, ରଜ ଓ ତମଗୁଣରୂପୀ ରଙ୍ଗତ୍ରୟ । ସତ୍ତ୍ୱଗୁଣ ନିର୍ମଳ ଏବଂ ପ୍ରକାଶକ ହୋଇଥିବାରୁ ଏହା ଶ୍ୱେତ ବର୍ଣ୍ଣର, ରଜୋଗୁଣ ରାଗାତ୍ମକ ହୋଇଥିବାରୁ ରକ୍ତବର୍ଣ୍ଣ ଏବଂ ତମୋଗୁଣ ଅଜ୍ଞାନ ରୂପ ହୋଇଥିବାରୁ କୃଷ୍ଣବର୍ଣ୍ଣର ବୋଲି କୁହାଯାଏ । ଠିକ୍ ସେହିଭଳି ଦ୍ୱିତୀୟ ଅର୍ଥରେ ଚେତନପ୍ରକୃତି କ୍ଷେତ୍ରଜ୍ଞ ତଥା ଅକ୍ଷରପୁରୁଷ ନାମରେ ଯାହାକୁ ବର୍ଣ୍ଣନା କରାଯାଇଛି, ତାଙ୍କୁ ଦୁଇ ପ୍ରକାର ବୋଲି କୁହାଯାଏ । ଗୋଟିଏ ଜୀବ ଯିଏକି ଅପରା ପ୍ରକୃତିରେ ଆସକ୍ତ ହୋଇ ତାଙ୍କ ସହିତ ଏକରୂପ ହେବା ସହ ବିଚିତ୍ର ଭୋଗମାନଙ୍କୁ ନିଜ କର୍ମାନୁସାରେ ଭୋଗ କରୁଛି । ଦ୍ୱିତୀୟଟି ହେଉଛି ଜ୍ଞାନୀ ମହାପୁରୁଷମାନଙ୍କର, ଯିଏକି ଏସବୁକୁ ଭୋଗକରି ନିଃସାର ଏବଂ କ୍ଷଣଭଙ୍ଗୁରତାକୁ ଉପଲବ୍ଧକରି ସେଗୁଡ଼ିକ ପରିତ୍ୟାଗ କରିଦେଉଛି । ଏହି ଉଭୟ ଜୀବ ସ୍ୱରୂପତଃ ଅଜନ୍ମା ତଥା ଅନାଦି ଅଟନ୍ତି । ଏଣୁ ତାଙ୍କୁ ଅଜ କୁହାଯାଇଛି ।

ଜୀବ ଏବଂ ଈଶ୍ୱରଙ୍କର ବିଲକ୍ଷଣତା–

ଦ୍ୱା ସୁପର୍ଣ୍ଣା ସଯୁଜା ସଖାୟା
ସମାନଂ ବୃକ୍ଷଂ ପରିଷସ୍ୱଜାତେ ।

ତୟୋରନ୍ୟଃ ପିପ୍ପଳଂ ସ୍ୱାଦ୍ୱତ୍ୟନ-
ଶ୍ନନ୍ନନ୍ୟୋ ଅଭିଚାକଶୀତି ।।୬।।[୧]

ମନ୍ତ୍ରାର୍ଥ – ସବୁବେଳେ ପରସ୍ପର ଏକତ୍ରିତ ହୋଇରହୁଥିବା ଦୁଇଟି ସଖା (ସମାନ ନାମ) ଯୁକ୍ତ ସୁପର୍ଣ୍ଣ (ସୁନ୍ଦର ଗତିଯୁକ୍ତ ପକ୍ଷୀ) ଗୋଟିଏ ବୃକ୍ଷକୁ ଆଶ୍ରିତ ହୋଇଅଛନ୍ତି । ସେମାନଙ୍କ ଭିତରୁ ଗୋଟିଏ ବୃକ୍ଷସ୍ଥ ସ୍ୱାଦିଷ୍ଟ ଫଳକୁ ଭୋଗ କରୁଛି, ଅନ୍ୟଟି ଭୋଗ ନ କରି କେବଳ ଦେଖୁଅଛି ।

ସମାନେ ବୃକ୍ଷେ ପୁରୁଷୋ ନିମଗ୍ନୋ-
ଽନୀଶୟା ଶୋଚତି ମୁହ୍ୟମାନଃ ।
ଜୁଷ୍ଟଂ ଯଦା ପଶ୍ୟତ୍ୟନ୍ୟମୀଶ-
ମସ୍ୟ ମହିମାନମିତି ବୀତଶୋକଃ ।।୭।।

ମନ୍ତ୍ରାର୍ଥ – ସେହି ଗୋଟିଏ ବୃକ୍ଷରେ ଜୀବ ଦେହାତ୍ମଭାବରେ ବୁଡ଼ି ରହି ମୋହଗ୍ରସ୍ତ ହୋଇଯାଇଛି ଓ ଦୀନଭାବଯୁକ୍ତ ହୋଇ ଶୋକ କରୁଅଛି । ଯେଉଁ ସମୟରେ ସେ (ଅନେକ ପ୍ରକାରର ଭୋଗମାର୍ଗଯୁକ୍ତ ହୋଇ) ସେବିତ ହୁଏ ଏବଂ ଦେହାଦି ଭିନ୍ନ ଈଶ୍ୱର ତଥା ତାଙ୍କର ମହିମାକୁ ଅବଗତ ହୁଏ, ସେହି ସମୟରେ ଶୋକରହିତ ହୋଇଯାଏ ।

ବ୍ରହ୍ମଙ୍କର ଅଧିଷ୍ଠାନରୂପ ଏବଂ ତାଙ୍କ ଜ୍ଞାନଲାଭରେ କୃତାର୍ଥତା-

ଋଚୋ ଅକ୍ଷରେ ପରମେ ବ୍ୟୋମନ୍
ଯସ୍ମିନ୍ ଦେବା ଅଧି ବିଶ୍ୱେ ନିଷେଦୁଃ ।
ଯସ୍ତଂ ନ ବେଦ କିମୃଚା କରିଷ୍ୟତି
ଯ ଇତ୍ ତଦ୍ ବିଦୁସ୍ତ ଇମେ ସମାସତେ ।।୮।।[୨]

ମନ୍ତ୍ରାର୍ଥ – ଯେଉଁଥିରେ ସମସ୍ତ ଦେବଗଣ ଅଧିଷ୍ଠିତ ହୋଇଛନ୍ତି, ସେହି ଅକ୍ଷର (ଅବିନାଶୀ) ପରବ୍ୟୋମରେ (ପରମଧାମରେ) ହିଁ ସମଗ୍ର ବେଦ (ବେଦତ୍ରୟ) ସ୍ଥିତ ଅଟନ୍ତି । ଯିଏ ଏହାକୁ ଜାଣନ୍ତି ନାହିଁ ସେ ବେଦକୁ ନେଇ କ'ଣ ସିଦ୍ଧ କରିବେ ? ହେଲେ ଯିଏ ଏହାକୁ ଜାଣନ୍ତି ସେ ତ କୃତାର୍ଥ ହୋଇଛନ୍ତି ଅର୍ଥାତ୍ ତହିଁରେ ବୁଡି ରହିଅଛନ୍ତି ।

ମାୟା ଉପାଧିଯୁକ୍ତ ଈଶ୍ୱର ସମସ୍ତଙ୍କର ସ୍ରଷ୍ଟା ଅଟନ୍ତି-

---

୧ ଅଥର୍ବବେଦ କା ୯/ସୂ୧୪/ମ୨୦ ଏବଂ ଋକ୍‌ବେଦ ମ ୧ ସୂ୧୬୪ କା ୨୦ ।

୨ ଅଥର୍ବବେଦ କା ୯/ସୂ୧୫/ମ ୧୮ ଏବଂ ଋକ୍‌ବେଦ ମ.୧ ସୂ.୧୬୪ ମନ୍ତ୍ର. ୩୯

ଛନ୍ଦାଂସି ଯଜ୍ଞାଃ କ୍ରତବୋ ବ୍ରତାନି
ଭୂତଂ ଭବ୍ୟଂ ଯଚ୍ଚ ବେଦା ବଦନ୍ତି ।
ଅସ୍ମାନ୍ ମାୟୀ ସୃଜତେ ବିଶ୍ୱମେତଦ୍
ତସ୍ମିଂଶ୍ଚାନ୍ୟୋ ମାୟୟା ସଂନିରୁଦ୍ଧଃ ।।୯।।

ମନ୍ତ୍ରାର୍ଥ – ବେଦ ବର୍ଣ୍ଣିତ ଛନ୍ଦ, ଯଜ୍ଞ, କ୍ରତୁ, ବ୍ରତ, ଭୂତ, ଭବିଷ୍ୟତ ଆଉ ବର୍ତ୍ତମାନ ତଥା ଅନ୍ୟ ଯେ କୌଣସି ବେଦବର୍ଣ୍ଣିତ ପ୍ରସଙ୍ଗ ରହିଛି ସେସବୁକୁ ମାୟାବୀ ଈଶ୍ୱର ଏହି ଅକ୍ଷରରୁ ଉତ୍ପନ୍ନ କରିଅଛନ୍ତି । ଆହୁରି ମଧ୍ୟ ସେହି ପ୍ରପଞ୍ଚରେ ଅର୍ଥାତ୍ ମାୟା ସାହାଯ୍ୟରେ ଅନ୍ୟରୂପେ ବାନ୍ଧି ରଖିଛନ୍ତି ।

ସାମାନ୍ୟ ବ୍ୟାଖ୍ୟା– ଯେଉଁ ସମଗ୍ର ବେଦମନ୍ତ୍ର ରୂପ ଛନ୍ଦ, ଯଜ୍ଞ, କ୍ରତୁ ଅର୍ଥାତ୍ ଜ୍ୟୋତିଷ୍ଟୋମାଦି ବିଶେଷ ଯଜ୍ଞ, ନାନାପ୍ରକାର ବ୍ରତ ଅର୍ଥାତ୍ ଶୁଭକର୍ମ, ସଦାଚାର ଏବଂ ତଦ୍‌ସମ୍ପର୍କିତ ନିୟମ ରହିଛି ଏବଂ ଯେଉଁକିଛି ଭୂତ, ଭବିଷ୍ୟ ତଥା ବର୍ତ୍ତମାନ ପଦାର୍ଥ ରହିଛି, ଯାହାଙ୍କର ବର୍ଣ୍ଣନା ବେଦରେ ସର୍ବତ୍ର ପରିବ୍ୟାପ୍ତଯ ଏ ସମସ୍ତଙ୍କୁ ସେହି ପ୍ରକୃତି ଅଧିଷ୍ଠାତା ପରମେଶ୍ୱର ହିଁ ନିଜ ଅଂଶଭୂତ ଏହି ପ୍ରଥମ ବର୍ଣ୍ଣିତ ପଞ୍ଚଭୂତ ଆଦି ସତ୍ତ୍ୱ ସମୁଦାୟ ଦ୍ୱାରା ରଚନା କରିଛନ୍ତି । ଏହିଭଳି ରଚିତ ହୋଇଥିବା ଉକ୍ତ ଜଗତରେ ଅନ୍ୟ ଅର୍ଥାତ୍ ପ୍ରଥମେ ବର୍ଣ୍ଣିତ ଜ୍ଞାନୀ ମହାପୁରୁଷମାନଙ୍କ ଭିନ୍ନ ଜୀବ ସମୁଦାୟ ମାୟାଦ୍ୱାରା ବନ୍ଧା ହୋଇରହିଛି । ଯେ ପର୍ଯ୍ୟନ୍ତ ନିଜର ସ୍ୱାମୀ ପରମଦେବ ପରମେଶ୍ୱରଙ୍କୁ ସେସାକ୍ଷାତ କରିପାରିନାହିଁ, ସେ ପର୍ଯ୍ୟନ୍ତ ତାଙ୍କୁ ଏହି ପ୍ରକୃତିରୁ ମୁକ୍ତି ମିଳିପାରିବ ନାହିଁ । ଅତଃ ମନୁଷ୍ୟମାନଙ୍କୁ ସେହି ପରମାତ୍ମାଙ୍କୁ ଜାଣିବାପାଇଁ ଏବଂ ପାଇବାପାଇଁ ଉତ୍କଟ ଅଭିଳାଷା ଜାଗ୍ରତ କରିବା ଦରକାର ।

ପ୍ରକୃତି ଏବଂ ପରମେଶ୍ୱରଙ୍କର ସ୍ୱରୂପ ତଥା ତାଙ୍କର ସର୍ବବ୍ୟାପକତା–

ମାୟାଂ ତୁ ପ୍ରକୃତିଂ ବିଦ୍ୟାନ୍ମାୟିନଂ ତୁ ମହେଶ୍ୱରମ୍ ।
ତସ୍ୟାବୟବଭୂତୈସ୍ତୁ ବ୍ୟାପ୍ତଂ ସର୍ବମିଦଂ ଜଗତ୍ ।।୧୦।।

ମନ୍ତ୍ରାର୍ଥ – ପ୍ରକୃତିକୁ ତ ମାୟା ଜାଣିବା ଦରକାର ଆଉ ମାୟାପତି ମହେଶ୍ୱରଙ୍କୁ ମାୟାବୀ । ତାଙ୍କର ଅବୟବଭୂତ(କାର୍ଯ୍ୟ–କାରଣ ସଂଘାତ)ରେ ଏହି ସମ୍ପୂର୍ଣ୍ଣ ଜଗତ ବ୍ୟାପ୍ତ ହୋଇ ରହିଛି (ଏହା ଭଲଭାବେ ବୁଝିନେବା ଦରକାର) ।

ସାମାନ୍ୟ ବ୍ୟାଖ୍ୟା– ମାୟା ତ ପ୍ରକୃତିକୁ ବୁଝିବା ଦରକାର ଆଉ ମାୟାପତି ମହେଶ୍ୱରଙ୍କୁ ବୁଝିବା ଦରକାର । ତାହାର ଅଙ୍ଗଭୂତ କାର୍ଯ୍ୟ–କାରଣ ସମୁଦାୟରେ ଏହି ସମ୍ପୂର୍ଣ୍ଣ ଜଗତ ବ୍ୟାପ୍ତ ହୋଇ ରହିଛି । ଏହି ପ୍ରକରଣରେ ଯାହାଙ୍କୁ ମାୟା ନାମରେ

ବର୍ଣ୍ଣନ କରାଯାଇଛି, ସେ ଭଗବାନଙ୍କର ଶକ୍ତିରୂପା ପ୍ରକୃତି ଅଟନ୍ତି ଆଉ ସେହି ମାୟା ନାମରେ ଅଭିହିତ ହୋଇଥିବା ଶକ୍ତିରୂପା ପ୍ରକୃତିର ଅଧିପତି ପରବ୍ରହ୍ମ ପରମାତ୍ମା ମହେଶ୍ୱର ଅଟନ୍ତି । ଏହିଭଳି ସେହି ଦୁହିଁଙ୍କୁ ଭିନ୍ନ ବୋଲି ଜାଣିବା ଆବଶ୍ୟକ । ସେହି ପରମେଶ୍ୱରଙ୍କର ଶକ୍ତିରୂପା ପ୍ରକୃତି ହିଁ ଅଙ୍ଗଭୂତ କାରଣ-କାର୍ଯ୍ୟ-ସମୁଦାୟ ଦ୍ୱାରା ଏହି ସମ୍ପୂର୍ଣ୍ଣ ଜଗତ ପରିବ୍ୟାପ୍ତ ହୋଇ ରହିଛି ।

କାରଣ ବ୍ରହ୍ମଙ୍କର ସାକ୍ଷାତକାର ଦ୍ୱାରା ପରମଶାନ୍ତି-

ଯୋ ଯୋନିଂ ଯୋନିମଧିତିଷ୍ଠତ୍ୟେକୋ
ଯସ୍ମିନ୍ନିଦଂ ସ ଚ ବି ଚୈତି ସର୍ବମ୍ ।
ତମୀଶାନଂ ବରଦଂ ଦେବମୀଡ୍ୟଂ
ନିଚାଯ୍ୟେମାଂ ଶାନ୍ତିମତ୍ୟନ୍ତମେତି ॥୧୧॥

ମନ୍ତ୍ରାର୍ଥ - ଯିଏ ଏକାକୀ ପ୍ରତ୍ୟେକ ଯୋନିର ଅଧିଷ୍ଠିତ ଅଟନ୍ତି, ଯାହାଙ୍କ ଠାରେ ଏହିସବୁ ଦୃଶ୍ୟମାନ୍ ଜଗତ ସମ୍ୟକ୍ ପ୍ରକାରେ ଲୀନ ହୋଇଥାଏ ଏବଂ ବିବିଧ ରୂପ ଧାରଣ କରିଥାଏ, ସେହି ସର୍ବନିୟନ୍ତା, ବରଦାୟକ, ସ୍ତବନୀୟ ଦେବଙ୍କର ସାକ୍ଷାତକାର କରି ସାଧକ ପରମଶାନ୍ତିକୁ ପ୍ରାପ୍ତ ହୋଇଯାଏ ।

ସାମାନ୍ୟ ବ୍ୟାଖ୍ୟା- ଯିଏ ଏକାକୀ ପ୍ରତ୍ୟେକ ଯୋନି ଅଧିଷ୍ଠାତା ହୋଇଅଛନ୍ତି, ଯାହାଙ୍କଠାରେ ଏହି ସମଗ୍ର ଜଗତ ପ୍ରଳୟକାଳରେ ବିଲୀନ ହୋଇଯାଏ ଆଉ ସୃଷ୍ଟିକାଳରେ ବିବିଧରୂପରେ ଯିଏ ପ୍ରକଟ ହୁଅନ୍ତି, ସେହି ସର୍ବନିୟନ୍ତା, ବରଦାୟକ, ସ୍ତୁତିଯୋଗ୍ୟା, ପରମଦେବ ପରମେଶ୍ୱରଙ୍କୁ ତତ୍ତ୍ୱତଃ ଜାଣିନେଇ ମନୁଷ୍ୟ ନିରନ୍ତର ସ୍ଥିତ ଉକ୍ତ ମୁକ୍ତିରୂପକ ଶାନ୍ତିକୁ ପ୍ରାପ୍ତ ହୋଇଯାଏ ।

ଅଖଣ୍ଡ ଜ୍ଞାନସିଦ୍ଧି ପାଇଁ ପରମାତ୍ମାଙ୍କୁ ପ୍ରାର୍ଥନା-

ଯୋ ଦେବାନାଂ ପ୍ରଭବଶ୍ଚୋଦ୍ଭବଶ୍ଚ
ବିଶ୍ୱାଧିପୋ ରୁଦ୍ରୋ ମହର୍ଷିଃ ।
ହିରଣ୍ୟଗର୍ଭଂ ପଶ୍ୟତ ଜାୟମାନଂ
ସ ନୋ ବୁଦ୍ଧ୍ୟା ଶୁଭୟା ସଂଯୁନକ୍ତୁ ॥୧୨॥

ମନ୍ତ୍ରାର୍ଥ - ଯିଏ ରୁଦ୍ରଦେବଙ୍କର ଐଶ୍ୱର୍ଯ୍ୟପ୍ରାପ୍ତି ତଥା ଉତ୍ପତ୍ତିର କାରଣ ଅଟନ୍ତି, ଜଗତର ସ୍ୱାମୀ ଏବଂ ସର୍ବଜ୍ଞ ଅଟନ୍ତି ତଥା ଯାହାଙ୍କଠାରେ ସର୍ବପ୍ରଥମେ ହିରଣ୍ୟଗର୍ଭଙ୍କୁ ନିଜଠାରୁ ଉତ୍ପନ୍ନ ହୋଇଥିବାର ଦେଖାଗଲା, ସେ ଆମକୁ ଶୁଦ୍ଧ ବୁଦ୍ଧି ସଂଯୁକ୍ତ କରାନ୍ତୁ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁ ରୁଦ୍ର ଇନ୍ଦ୍ରାଦି ଦେବଗଣଙ୍କୁ ଉତ୍ପନ୍ନକାରୀ ଏବଂ ବୃଦ୍ଧିକାରୀ ଅଟନ୍ତି ପୁନଶ୍ଚ ଯିଏ ସମସ୍ତଙ୍କର ଅଧିପତି ଅଟନ୍ତି, ସେହି ମହାନ୍ ଜ୍ଞାନୀ ଯାହାଙ୍କଠାରୁ ପ୍ରଥମେ ଉତ୍ପନ୍ନ ହୋଇଥିଲେ ଏବଂ ହିରଣ୍ୟଗର୍ଭଙ୍କର ସନ୍ଧାନ ପାଇଥିଲେ, ସେହି ପରମଦେବ ପରମେଶ୍ୱର ଆମମାନଙ୍କୁ ଶୁଭବୁଦ୍ଧିଯୁକ୍ତ କରାନ୍ତୁ ।

ଯୋ ଦେବାନାମଧିପୋ ଯସ୍ମିଁଲ୍ଲୋକା ଅଧିଶ୍ରିତାଃ ।
ଯ ଈଶେ ଅସ୍ୟ ଦ୍ୱିପଦଶ୍ଚତୁଷ୍ପଦଃ
କସ୍ମୈ ଦେବାୟ ହବିଷା ବିଧେମ ।।୧୩।।

ମନ୍ତ୍ରାର୍ଥ – ଯିଏ ଦେବଗଣଙ୍କର ସ୍ୱାମୀ ଅଟନ୍ତି, ଯାହାଙ୍କଠାରେ ସମ୍ପୂର୍ଣ୍ଣ ଲୋକ ଆଶ୍ରିତ ଅଟନ୍ତି ଆଉ ଯିଏ ଏହି ଦ୍ୱିପଦ ଏବଂ ଚତୁଷ୍ପଦ ପ୍ରାଣୀମାନଙ୍କର ଶାସନ କରୁଛନ୍ତି, ସେହି ଆନନ୍ଦସ୍ୱରୂପ ଦେବତାଙ୍କୁ ଆମେ ହବି ସାହାଯ୍ୟରେ ପରିଚର୍ଯ୍ୟା ବା ପୂଜନ କରିବା ବିଧେୟ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁ ସର୍ବନିୟନ୍ତା ପରମେଶ୍ୱର ସମସ୍ତଙ୍କର ଅଧିପତି ଅଟନ୍ତି, ଯାହାଙ୍କଠାରେ ସମସ୍ତ ଲୋକ ସମଗ୍ରରୂପେ ଆଶ୍ରିତ ଅଟନ୍ତି ଅର୍ଥାତ୍ ଯିଏ ସ୍ଥୂଳ, ସୂକ୍ଷ୍ମ ଏବଂ ଅବ୍ୟକ୍ତ ଅବସ୍ଥାମାନଙ୍କରେ ସବୁବେଳ ପାଇଁ ସବୁପ୍ରକାର ଆଶ୍ରୟ ଲାଭ କରିଛନ୍ତି, ଯିଏ ଦ୍ୱିପଦ ତଥା ଚତୁଷ୍ପଦ ଅର୍ଥାତ୍ ସମଗ୍ର ପ୍ରାଣୀଜଗତର ଶାସନ କରୁଛନ୍ତି, ସେହି ଆନନ୍ଦସ୍ୱରୂପ ପରମଦେବ, ସର୍ବାଧାର, ସର୍ବଶକ୍ତିମାନ୍ ପରମେଶ୍ୱରଙ୍କୁ ଆମେ ଶ୍ରଦ୍ଧା–ଭକ୍ତିପୂର୍ବକ ହବିଃସ୍ୱରୂପ ଭେଟି ସମର୍ପଣକରି ପୂଜା କରିବା । ଏହାର ଅର୍ଥ ହେଉଛି ସବୁକିଛି ତାଙ୍କୁ ସମର୍ପଣକରି ଆମେ ତାଙ୍କର ହୋଇଯିବା ଦରକାର, ଯାହାକି ତାଙ୍କୁ ଲାଭ କରିବାର ସହଜ ଉପାୟ ।

ପରମାତ୍ମଜ୍ଞାନ ଦ୍ୱାରା ଶାନ୍ତି ପ୍ରାପ୍ତି ଏବଂ ବନ୍ଧନନାଶର ପୁନଃ ଉପଦେଶ–

ସୂକ୍ଷ୍ମାତିସୂକ୍ଷ୍ମଂ କଲିଲସ୍ୟ ମଧ୍ୟେ
ବିଶ୍ୱସ୍ୟ ସ୍ରଷ୍ଟାରମନେକରୂପମ୍ ।
ବିଶ୍ୱସ୍ୟୈକଂ ପରିବେଷ୍ଟିତାରଂ
ଜ୍ଞାତ୍ୱା ଶିବଂ ଶାନ୍ତିମତ୍ୟନ୍ତମେତି ।।୧୪।।

ମନ୍ତ୍ରାର୍ଥ – ସୂକ୍ଷ୍ମ ଠାରୁ ମଧ୍ୟ ସୂକ୍ଷ୍ମତର, ଅବିଦ୍ୟା ଏବଂ ତାହାର କାର୍ଯ୍ୟରୂପ ଦୁର୍ଗମସ୍ଥାନରେ ସ୍ଥିତ, ଜଗତର ରଚୟିତା ଅନେକ ରୂପ ଏବଂ ସଂସାରକୁ ଏକମାତ୍ର ଭୋଗ ପ୍ରଦାନକାରୀ ଶିବରୂପେ ଜାଣି ଜୀବ ପରମଶାନ୍ତି ପ୍ରାପ୍ତ କରିଥାଏ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁ ପରବ୍ରହ୍ମ ପରମାତ୍ମା ସୂକ୍ଷ୍ମଠାରୁ ମଧ୍ୟ ସୂକ୍ଷ୍ମତର ଅର୍ଥାତ୍

ତାଙ୍କ କୃପା ବ୍ୟତିରେକ ଯିଏ ଅବଗତ ନୁହଁନ୍ତି, ଯିଏ ସମସ୍ତଙ୍କ ହୃଦୟରୂପୀ ଗୁହାରେ ଅତ୍ୟନ୍ତ ଗୁହ୍ୟତମ ପ୍ରଦେଶରେ ନିବାସ କରୁଛନ୍ତି । ଅର୍ଥାତ୍ ଯିଏ ଏ ସମସ୍ତ ସୃଷ୍ଟିର ରଚ଼ନା କ୍ରିୟା କରିଛନ୍ତି ଆଉ ଯିଏ ନିଜେ ବିଶ୍ୱରୂପ ହୋଇ ଅନେକରୂପ ଧାରଣ କରିଅଛନ୍ତି, ସେହି ଏକ ଅଦ୍ୱିତୀୟ ରୂପୀ କଲ୍ୟାଣସ୍ୱରୂପ ମହେଶ୍ୱରଙ୍କୁ ଜାଣି ମନୁଷ୍ୟ ଅତିଶୟ ଶାନ୍ତିକୁ ପ୍ରାପ୍ତ କରିନେଇଥାଏ, ଯେଉଁ ଶାନ୍ତି ନିକଟରେ ରହି ସେ ଅବିନାଶୀ ଭାବରେ ବିଦ୍ୟମାନ ଅଟେ । କାହିଁକି ନାଁ ସେହି ମହାପୁରୁଷ ଏହି ଅଶାନ୍ତ ଜଗତ ପ୍ରପଞ୍ଚରୁ ସର୍ବଦା ସମ୍ବନ୍ଧ ରହିତ ଏବଂ ଉପରତ ହୋଇଯାଇଥାନ୍ତି ।

କଲିଳ ଶବ୍ଦର ଅର୍ଥ ଭିନ୍ନ ଭିନ୍ନ ଟୀକାକାରଙ୍କ ଅନୁସାରେ ମତ ପାର୍ଥକ୍ୟ ସୃଷ୍ଟି କରୁଛି । ଶାଙ୍କରଭାଷ୍ୟାନୁସାରେ ଏହା ଅବିଦ୍ୟା ବୋଧ କଲାବେଳେ ବିଜ୍ଞାନ ଭଗବାନଙ୍କ ମତରେ ଏହାର ଅର୍ଥ ଭିନ୍ନ ହେଉଛି । ନାରାୟଣ ତୀର୍ଥ ଏହାକୁ ତମସା ବୋଲି ସ୍ୱୀକାର କରୁଥିଲାବେଳେ ଶଙ୍କରାନନ୍ଦ ଏହାକୁ ଅଜ୍ଞାନ ଭାବରେ ସ୍ୱୀକାର କରୁଛନ୍ତି । ଏହାର ଆଉ ଏକ ପ୍ରକାର ଅର୍ଥଭାବରେ ସ୍ତ୍ରୀର ରଜ ସହିତ ପୁରୁଷର ବୀର୍ଯ୍ୟ ସ୍ଥିତ ହେଲେ ଯେଉଁ କଳିକାର ଉତ୍ପତ୍ତି ହୁଏ, ତାହାକୁ ନିର୍ଦ୍ଦେଶ କରୁଛି ଅର୍ଥାତ୍ ଜଗତ ରଚ଼ନାକାରୀ ଜଳ ବୁଦ୍‌ବୁଦର ପୂର୍ବାବସ୍ଥା ଫେନଯୁକ୍ତ ହୋଇ କଲିଳ ବୋଲାଇଥାଏ । ଏଣୁ ଏହାର ବାସ୍ତବିକ ଅର୍ଥ ଆବଶ୍ୟକତାନୁସାରେ ବ୍ୟକ୍ତିବିଶେଷ୍ୟରେ ଆସ୍ୱାଦନୀୟ ।

ସ ଏବ କାଳେ ଭୁବନସ୍ୟ ଗୋପ୍ତା
ବିଶ୍ୱାଧିପଃ ସର୍ବଭୂତେଷୁ ଗୂଢ଼ଃ ।
ଯସ୍ମିନ୍ ଯୁକ୍ତା ବ୍ରହ୍ମର୍ଷୟୋ ଦେବତାଶ୍ଚ
ତମେବଂ ଜ୍ଞାତ୍ୱା ମୃତ୍ୟୁପାଶାଂଶ୍ଛିନତ୍ତି ।।୧୫।।

ମନ୍ତ୍ରାର୍ଥ – ସେ ଅତୀତ କଳ୍ପରେ (ପୂର୍ବେ) ବିଶ୍ୱର ରକ୍ଷକ ଥିଲେ ଅର୍ଥାତ୍ କାଳାନୁସାରେ ବ୍ରହ୍ମାଣ୍ଡକୁ ରକ୍ଷା କରୁଅଛନ୍ତି, ସେ ହିଁ ବିଶ୍ୱର ସ୍ୱାମୀ ଏବଂ ସମଗ୍ର ଭୂତରେ ଲୁଚି ରହିଛନ୍ତି (ସ୍ଥିତ ହୋଇଛନ୍ତି) । ବେଦଜ୍ଞ ମହର୍ଷିଗଣ ଏବଂ ଦେବତାଲୋକ ମଧ୍ୟ ଧ୍ୟାନ ସଲଗ୍ନ ଅଟନ୍ତି । ସେହି ପରମଦେବ ପରମେଶ୍ୱରଙ୍କୁ ଏହିଭଳି ଜାଣି ବ୍ୟକ୍ତି ମୃତ୍ୟୁର ପାଶକୁ ବା ବନ୍ଧନକୁ କାଟିବାକୁ ସମର୍ଥ ହୋଇଥାଏ ।

ଘୃତାତ୍ ପରଂ ମଣ୍ଡମିବାତିସୂକ୍ଷ୍ମଂ
ଜ୍ଞାତ୍ୱା ଶିବଂ ସର୍ବଭୂତେଷୁ ଗୂଢ଼ମ୍ ।
ବିଶ୍ୱସ୍ୟୈକଂ ପରିବେଷ୍ଟିତାରଂ
ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ।।୧୬।।

ମନ୍ତ୍ରାର୍ଥ – କଲ୍ୟାଣସ୍ୱରୂପ ଏକ ଅଦ୍ୱିତୀୟ ପରମଦେବଙ୍କୁ ଘୃତର ଉପରଭାଗରେ ରହିଥିବା ତାର ସାରସମ ଅତ୍ୟନ୍ତ ସୂକ୍ଷ୍ମ ଏବଂ ପ୍ରାଣୀ ସମୂହରେ ଲୁଚି ରହିଥିବା ଜାଣି ତଥା ଜଗତକୁ ସବୁଦିଗରୁ ଆବୃତକରି ରଖିଥିବା ଜାଣି ମନୁଷ୍ୟ ସମସ୍ତ ବନ୍ଧନରୁ ମୁକ୍ତ ହୋଇଯାଇଥାଏ ।

ଏଷ ଦେବୋ ବିଶ୍ୱକର୍ମା ମହାତ୍ମା
ସଦା ଜନାନାଂ ହୃଦୟେ ସଂନିବିଷ୍ଟଃ ।
ହୃଦା ମନୀଷା ମନସାଭିକ୍ଳୃପ୍ତୋ
ଯ ଏତଦ୍ ବିଦୁରମୃତାସ୍ତେ ଭବନ୍ତି ॥୧୭॥

ମନ୍ତ୍ରାର୍ଥ – ଏହି ସର୍ବବ୍ୟାପୀ ଦେବତା ଜଗତ୍‌କର୍ତ୍ତା ଅଟନ୍ତି ଆଉ ସମସ୍ତଙ୍କ ହୃଦୟରେ ନିବାସ କରୁଛନ୍ତି । ଏହି ପ୍ରପଞ୍ଚ-ନିଷେଧର ଉପଦେଶ, ଆତ୍ମାନାତ୍ମବିବେକ-ବୁଦ୍ଧି ଏବଂ ଏକତ୍ୱ ଜ୍ଞାନ ଦ୍ୱାରା ପ୍ରକାଶିତ ହୋଇଥାଏ । ଏହାକୁ ଯିଏ ଜାଣିପାରନ୍ତି, ସେ ଅମର ହୋଇଯାଆନ୍ତି ।

ଜ୍ଞାନଦ୍ୱାରା ଦ୍ୱୈତ ନିବୃତ୍ତିର ଉପଦେଶ–

ଯଦାତମସ୍ତନ୍ନ ଦିବା ନ ରାତ୍ରିର୍ନ ସନ୍ନ ଚାସଚ୍ଛିବ ଏବ କେବଳଃ ।
ତଦକ୍ଷରଂ ତତ୍ସବିତୁର୍ବରେଣ୍ୟଂ ପ୍ରଜ୍ଞା ଚ ତସ୍ମାତ୍ ପ୍ରସୃତା ପୁରାଣୀ ॥୧୮

ମନ୍ତ୍ରାର୍ଥ – ଯେତେବେଳେ ଅଜ୍ଞାନ ରହେ ନାହିଁ, ସେହି ସମୟରେ ନାଁ ଦିନ ରହେ ନାଁ ରାତି, ନାଁ ସଦ୍ ନାଁ ଅସଦ୍ ରହନ୍ତି କେବଳ ଏକମାତ୍ର ଶିବ ସେ ଅବିନାଶୀ ଏବଂ ଆଦିତ୍ୟମଣ୍ଡଳାଭିମାନୀ ଦେବଙ୍କର ଭଜନୀୟ ଅଟନ୍ତି ଆଉ ତାଙ୍କ ଦ୍ୱାରା ପୁରାତନ ପ୍ରଜ୍ଞା(ଗୁରୁପରମ୍ପରାଗତ ଜ୍ଞାନ)ର ପ୍ରସାର ହୋଇଥାଏ ।

ବ୍ରହ୍ମଙ୍କର ଅନୁପମ ଏବଂ ଇନ୍ଦ୍ରିୟାତୀତ ସ୍ୱରୂପର ବର୍ଣ୍ଣନା–

ନୈନମୂର୍ଦ୍ଧ୍ୱଂ ନ ତିର୍ଯ୍ୟଞ୍ଚଂ ନ ମଧ୍ୟେ ପରିଜଗ୍ରଭତ୍ ।
ନ ତସ୍ୟ ପ୍ରତିମା ଅସ୍ତି ଯସ୍ୟ ନାମ ମହଦ୍ୟଶଃ ॥୧୯॥

ମନ୍ତ୍ରାର୍ଥ – ତାଙ୍କୁ ଉପରୁ, ତଳୁ, ମଧ୍ୟଭାଗରୁ କୌଣସି ଦିଗରୁ ହେଲେ କେହି ଗ୍ରହଣ କରିପାରନ୍ତି ନାହିଁ । ଯାହାଙ୍କର ନାମ ମହଦ୍ୟଶ(ମହାନ ଯଶସମ୍ପନ୍ନ) ଅଟେ ସେହିଭଳି ବ୍ରହ୍ମଙ୍କର କୌଣସି ଉପମା ନାହିଁ ।

ନ ସଂଦୃଶେ ତିଷ୍ଠତି ରୂପମସ୍ୟ

ନ ଚ଼କ୍ଷୁଷା ପଶ୍ୟତି କଶ୍ଚନୈନମ୍ ।
ହୃଦା ହୃଦିସ୍ଥଂ ମନସା ଯ ଏନ–
ମେବଂ ବିଦୁରମୃତାସ୍ତେ ଭବନ୍ତି ।।୨୦।।

ମନ୍ତ୍ରାର୍ଥ – ତାଙ୍କର ସ୍ୱରୂପ ନେତ୍ରାଦି ଦ୍ୱାରା ଗ୍ରହଣ କରିବାଯୋଗ୍ୟ ସ୍ଥାନରେ ରହେନାହିଁ । ତାଙ୍କୁ କେହିହେଲେ ନେତ୍ର ଦ୍ୱାରା ଦେଖି ପାରନ୍ତି ନାହିଁ । ଯିଏ ଏହି ହୃଦୟସ୍ଥିତ ପରମାତ୍ମାଙ୍କୁ ଶୁଦ୍ଧବୁଦ୍ଧି ଅର୍ଥାତ୍ ମନରେ ଏହିଭଳି ଜାଣିଥାଏ, ସେ ଅମର ହୋଇଯାଏ ।

ସାମାନ୍ୟ ବ୍ୟାଖ୍ୟା– ଏହିଭଳି ପରମେଶ୍ୱରଙ୍କର ସ୍ତବରୂପୀ ସ୍ୱରୂପ ବର୍ଣ୍ଣନା ଦ୍ୱାରା ତାଙ୍କର ବର୍ଣ୍ଣନା କରାଯିବା ପରେ ତାଙ୍କୁ ପ୍ରାପ୍ତି କଲେ କି ପ୍ରକାର ଫଳ ମିଳେ, ସେ ସମ୍ପର୍କରେ ପୂର୍ବରୁ ବତାଯାଇଛି । ମୁକ୍ତି ପାଇଁ ଏବଂ ପରେ ପରେ ସଂସାରଭୟରୁ ରକ୍ଷା ପାଇବା ପାଇଁ ପରମାତ୍ମାଙ୍କ ଠାରେ ପୁନର୍ବାର ଯେଉଁ ସ୍ତବନ କରାଯାଏ, ତାହା ନିମ୍ନ ପ୍ରକାରେ ବର୍ଣ୍ଣନା କରାଗଲା—

ଅଜାତ ଇତ୍ୟେବଂ କଶ୍ଚିଦ୍ ଭୀରୁଃ ପ୍ରପଦ୍ୟତେ ।
ରୁଦ୍ର ଯତ୍ତେ ଦକ୍ଷିଣଂ ମୁଖଂ ତେନ ମାଂ ପାହି ନିତ୍ୟମ୍ ।।୨୧।।

ମନ୍ତ୍ରାର୍ଥ – ହେ ରୁଦ୍ର ! ତୁମେ ଅଜନ୍ମା ଅଟ, ତେଣୁ ଯଦି କେହି (ମୋ ଭଳି)ସଂସାର ଭୟରେ କାତର ପୁରୁଷ ତୁମର ଶରଣାପନ୍ନ ହୁଏ, ତୁମର ଯେଉଁ ଦକ୍ଷିଣମୁଖ ରହିଛି ତାହାରି ସାହାଯ୍ୟରେ ତୁମେ ତାଙ୍କୁ ରକ୍ଷାକର (ଅର୍ଥାତ୍ ତୁମେ ମୋର ରକ୍ଷା କର) ।

ସାମାନ୍ୟ ବ୍ୟାଖ୍ୟା– ହେ ରୁଦ୍ର ! ଅର୍ଥାତ୍ ସମସ୍ତଙ୍କର ସଂହାରକାରୀ ପରମେଶ୍ୱର ! ଆପଣ ନିଜେ ଅଜନ୍ମା ଅଟନ୍ତି । ଏଣୁ ଅନ୍ୟକୁ ମୁକ୍ତ କରାଇବା ଅର୍ଥାତ୍ ଜନ୍ମ–ମୃତ୍ୟୁରୁ ଉଦ୍ଧାରକରିବା ଆପଣଙ୍କର ସ୍ୱଭାବ ଅଟେ । ଏହାକୁ ଜାଣି ଯଦି କେହି ଜନ୍ମ–ମରଣ ଭୟରେ ଆଚ୍ଛନ୍ନ ହୋଇଥିବା ସାଧକ ଏହି ସଂସାରରୁ ମୁକ୍ତି ପାଇବାପାଇଁ ଆପଣଙ୍କର ଶରଣାପନ୍ନ ହୁଏ, ତେବେ ଆପଣ ତାଙ୍କୁ ଶରଣ ପ୍ରଦାନ କରନ୍ତି । ତେଣୁ ହେ ପରମେଶ୍ୱର ! ମୋ'ଭଳି ଜଣେ ସଂସାରଭୀରୁକୁ ଆପଣ ସେହିଭଳି ରକ୍ଷାକରନ୍ତୁ, ଯେଉଁଥିରେ ଆପଣଙ୍କର ଦକ୍ଷିଣ ମୁଖ ରହିଛି ଅର୍ଥାତ୍ ପ୍ରସନ୍ନମୁଦ୍ରା ରହିଛି । ଆପଣଙ୍କର ସେହି ଶାନ୍ତ କଲ୍ୟାଣମୟ ସ୍ୱରୂପ ଦ୍ୱାରା ଆପଣ ମୋ'ଭଳି ଜଣେ ଭୟଭୀତ ଶରଣାପନ୍ନକୁ ସବୁଦିନ ପାଇଁ ରକ୍ଷାକରନ୍ତୁ । ମୋତେ ଏହି ଭୟରୁ ଚ଼ିରକାଳ ପାଇଁ ମୁକ୍ତ କରାନ୍ତୁ ।

ମା ନସ୍ତୋକେ ତନୟେ ମା ନ ଆୟୁଷି ମା ନୋ
ଗୋଷୁ ମା ନୋ ଅଶ୍ୱେଷୁ ରୀରିଷଃ ।

ବୀରାନ୍ମା ନୋ ରୁଦ୍ର ଭାମିତୋ
ବଧୀର୍ହବିଷ୍ମନ୍ତଃ ସଦମିତ୍ତ୍ୱା ହବାମହେ ।।୨୨।।[୧]

ମନ୍ତ୍ରାର୍ଥ – ହେ ସର୍ବ ସଂହାରକ ରୁଦ୍ରଦେବ ! ଆପଣ କୁପିତହୋଇ ଆମର ପୁତ୍ର, ପୌତ୍ର, ଆୟୁ, ଗୋ ଏବଂ ଅଶ୍ୱଙ୍କୁ କ୍ଷୟ କରନାହିଁ । ଆଉ ଆମର ବୀର ସେବକମାନଙ୍କର ବି ବଧ କରନାହିଁ । ଆମେ ହବ୍ୟ ସାମଗ୍ରୀଯୁକ୍ତ ହୋଇ ସବୁବେଳେ ତୁମର ଆବାହନ କରୁଅଛୁ ।

ସାମାନ୍ୟ ବ୍ୟାଖ୍ୟା– ହେ ସର୍ବସଂହାରକ ରୁଦ୍ର ! ଆମେମାନେ ବିଭିନ୍ନ ପ୍ରକାର ଭେଟି ସମର୍ପଣକରି ସବୁବେଳେ ଆପଣଙ୍କର ଆବାହନ କରୁଅଛୁ । ଆପଣ ଆମକୁ ରକ୍ଷାକରିବା ପାଇଁ ସମର୍ଥ ହୋଇଥିବାରୁ ପ୍ରାର୍ଥନା କରୁଅଛୁ, ଆପଣ ଆମଉପରେ କୁପିତ ନ ହୋଇ ଆମର ବନ୍ଧୁ–ପରିଜନ ଆଦିଙ୍କ ଉପରେ କୁ–ଦୃଷ୍ଟି ନ ପକାଇ ସେମାନଙ୍କୁ ରକ୍ଷାକରନ୍ତୁ । ଆମପାଇଁ ଯେଉଁ ବୀରସାହସୀ ସହାୟକମାନେ ରହିଛନ୍ତି, ସେମାନଙ୍କର ମଧ୍ୟ ଧନଜୀବନ ରକ୍ଷାକରି ଆମମାନଙ୍କୁ ସହାୟତା ପ୍ରଦାନ କରିବାପାଇଁ ସକ୍ଷମ କରାନ୍ତୁ ।

।। ଚତୁର୍ଥ ଅଧ୍ୟାୟ ସମାପ୍ତ ।।୪।।

---

୧ ଯଜୁର୍ବେଦ ୧୬ ଅଧ୍ୟାୟ ୧୬ ମନ୍ତ୍ର ଏବଂ ଋଗ୍‌ବେଦ ୧୦ମ ମଣ୍ଡଳ ୧୧୪ ସୂକ୍ତର ୮ମ ମନ୍ତ୍ର ଅଟେ ।

ପଞ୍ଚମ ଅଧ୍ୟାୟ

ବିଦ୍ୟା ଅବିଦ୍ୟାର ପ୍ରଭେଦ ଓ ଉପନିଷଦୀୟ ଗୁହ୍ୟବିଦ୍ୟା ବର୍ଣ୍ଣନା

ବିଦ୍ୟା ଅବିଦ୍ୟାର ପ୍ରଭେଦ ତଥା ଉତ୍କୃଷ୍ଟତା ପ୍ରତିପାଦନ କରି ପରମାତ୍ମାଙ୍କର ଯଥାର୍ଥତା ପ୍ରତିପାଦନ କରାଯାଇଛି । ସାଧନାର ପରିସମାପ୍ତି ରହିଛି ଆଉ କ୍ରମାନ୍ୱୟରେ ଉନ୍ନତି ସାଧିତହୋଇ ଜୀବ ପରମଗତି ପ୍ରାପ୍ତକରେ ତାହା ସ୍ପଷ୍ଟକରାଯାଇଛି । ପୁନଶ୍ଚ ଗୁହ୍ୟବିଦ୍ୟା ଉପନିଷଦରେ ନିହିତ ତାହାକୁ ଇଙ୍ଗିତକରି ସାଧକଙ୍କୁ ସତର୍କ କରାଇଦିଆଯାଇଛି ।

ଅକ୍ଷରାଶ୍ରିତ ବିଦ୍ୟା–ଅବିଦ୍ୟା ଏବଂ ତାଙ୍କର ଶାସକ ପରମେଶ୍ୱରଙ୍କର ସ୍ୱରୂପ ତଥା ମାହାତ୍ମ୍ୟ ବର୍ଣ୍ଣନା–

ଦ୍ୱେ ଅକ୍ଷରେ ବ୍ରହ୍ମପରେ ତ୍ୱନନ୍ତେ
ବିଦ୍ୟାବିଦ୍ୟେ ନିହିତେ ଯନ୍ନ ଗୂଢେ ।
କ୍ଷରଂ ତ୍ୱବିଦ୍ୟା ହ୍ୟମୃତଂ ତୁ ବିଦ୍ୟା
ବିଦ୍ୟାବିଦ୍ୟେ ଈଶତେ ଯସ୍ତୁ ସୋଽନ୍ୟଃ ।।୧।।

ମନ୍ତ୍ରାର୍ଥ – ୧) ଯେଉଁ ବ୍ରହ୍ମଙ୍କଠାରୁ ଶ୍ରେଷ୍ଠ ଗୁଢ ତଥା ଅସୀମ ଏବଂ ପରମାତ୍ମାଙ୍କ ଠାରେ ବିଦ୍ୟା ଏବଂ ଅବିଦ୍ୟା ଉଭୟରୂପେ ସ୍ଥିତ ସିଏ ବ୍ରହ୍ମ । ଏଠାରେ ଅର୍ଥାତ୍ ବିନାଶଶୀଳ ଜଡବର୍ଗ ଯାହାକୁ ଅମେ ଜୀବଜଗତ ବୁଝୁ ତାହାକୁ ଅବିଦ୍ୟା କୁହାଯାଏ । ହେଲେ ସେହି ଅବିନାଶୀ ବର୍ଗ ହିଁ ବିଦ୍ୟାନାମରେ ବ୍ୟକ୍ତ ହୋଇଥାଏ । ମାତ୍ର ଉପରୋକ୍ତ ବିଦ୍ୟା ତଥା ଅବିଦ୍ୟା ଉଭୟ ଉପରେ ଯିଏ ଶାସନ କରନ୍ତି ସେ ଉଭୟରୁ ଭିନ୍ନ ତଥା ବିଲକ୍ଷଣ ଅଟନ୍ତି ।

୨) ହିରଣ୍ୟଗର୍ଭଙ୍କ ଠାରୁ ଉତ୍କୃଷ୍ଟ ଅବିନାଶୀ ଏବଂ ଅନନ୍ତ ପରବ୍ରହ୍ମଙ୍କ ଠାରେ, ଯେଉଁ ଠାରେ କି ବିଦ୍ୟା ଏବଂ ଅବିଦ୍ୟା ପରିଛିନ୍ନ ଭାବରେ ରହିଛି, ତନ୍ମଧ୍ୟରେ କ୍ଷର ଅବିଦ୍ୟା ଅଟେ ଆଉ ଅକ୍ଷର ଅମୃତ ବିଦ୍ୟା ଅଟେ ତଥା ଯିଏ ଏହି ବିଦ୍ୟା ଓ ଅବିଦ୍ୟାର ଶାସନ କରନ୍ତି, ସେ ଏହା ଠାରୁ ଭିନ୍ନ ବୋଲାନ୍ତି ।

ଯୋ ଯୋନିଂ ଯୋନିମଧିତିଷ୍ଠତ୍ୟେକୋ
ବିଶ୍ୱାନି ରୂପାଣି ଯୋନୀଶ୍ଚ ସର୍ବାଃ ।
ଋଷିଂ ପ୍ରସୂତଂ କପିଳଂ ଯସ୍ତମଗ୍ରେ
ଜ୍ଞାନୈର୍ବିଭର୍ତି ଜାୟମାନଂ ଚ ପଶ୍ୟେତ୍ ।।୨।।

ମନ୍ତ୍ରାର୍ଥ – ଯିଏ ଏକାକୀ ପ୍ରତ୍ୟେକ ସ୍ଥାନ ତଥା ସମ୍ପୂର୍ଣ୍ଣରୂପ ଏବଂ ସମସ୍ତ ଯୋନିମାନଙ୍କର ଅଧିଷ୍ଠାନ ଅର୍ଥାତ୍ ଉତ୍ପତ୍ତି ସ୍ଥାନର ଅଧିଷ୍ଠାତା ଅଟନ୍ତି, ତଥା ଯିଏ ସୃଷ୍ଟି ପ୍ରାରମ୍ଭରେ ଉତ୍ପନ୍ନ ହୋଇଥିବା କପିଳଋଷି (ହିରଣ୍ୟଗର୍ଭ)ଙ୍କୁ ଜ୍ଞାନ ସମ୍ପନ୍ନ କରାଇଥିଲେ ଆଉ ଜନ୍ମ ନେଇ ମଧ ଦେଖିଥିଲେ ଯେ, ସେ ବିଦ୍ୟା ଏବଂ ଅବିଦ୍ୟା ଠାରୁ ଭିନ୍ନ ତଥା ତାଙ୍କର ଶାସକ(ପରମାତ୍ମା) ଅଟନ୍ତି ।

ଏକୈକଂ ଜାଲଂ ବହୁଧା ବିକୁର୍ବ–
ନ୍ନସ୍ମିନ୍ କ୍ଷେତ୍ରେ ସଂହରତ୍ୟେଷ ଦେବଃ ।
ଭୂୟଃ ସୃଷ୍ଟ୍ୱା ପତୟସ୍ତଥେଶଃ
ସର୍ବାଧିପତ୍ୟଂ କୁରୁତେ ମହାତ୍ମା ।।୩।।

ମନ୍ତ୍ରାର୍ଥ – ୧) ଏହି ପରମଦେବ ପରମେଶ୍ୱର ଏହି ଜଗତ କ୍ଷେତ୍ରରେ ଅର୍ଥାତ୍ ସୃଷ୍ଟି ପ୍ରାରମ୍ଭରେ ଏକ ଏକ ଜାଲକୁ ଅର୍ଥାତ୍ ବୁଦ୍ଧି ଏବଂ ଆକାଶାଦି ତତ୍ତ୍ୱକୁ ଅନେକ ପ୍ରକାରେ ବିଭକ୍ତକରି ତାହାକୁ ପ୍ରଳୟକାଳରେ ସଂହାର କରିଦିଅନ୍ତି ସେହି ମହାମନା(ମହାତ୍ମା) ଈଶ୍ୱର ପୁନରାୟ ସୃଷ୍ଟିକାଳରେ ପୂର୍ବବତ୍ ସମସ୍ତ ଲୋକପାଳଙ୍କର ରଚନାକରି ନିଜେ ସେ ସମସ୍ତଙ୍କ ଉପରେ ଆଧିପତ୍ୟ ବିସ୍ତାର କରିଥାନ୍ତି ।

୨) ଏହି ସଂସାରକ୍ଷେତ୍ରରେ ଏହି ଦେବତା (ସୃଷ୍ଟି ପ୍ରାରମ୍ଭରେ) ଗୋଟିଏ ଗୋଟିଏ ଜାଲକୁ ଅନେକ ପ୍ରକାରେ ବିକୃତକରି ପରିଶେଷରେ ସଂହାର କରିଛନ୍ତି ଏବଂ ସେହି ମହାତ୍ମା ଈଶ୍ୱର ହିଁ କଳ୍ପାନ୍ତର ପ୍ରାରମ୍ଭରେ ପ୍ରଜାପତିଙ୍କୁ ପୁନଃ ଉତ୍ପନ୍ନକରି ସମସ୍ତଙ୍କର ଆଧିପତ୍ୟ ବିସ୍ତାର କରିଛନ୍ତି (ସେ ପରମାତ୍ମା ଅଟନ୍ତି) ।

ସର୍ବା ଦିଶ ଉର୍ଦ୍ଧ୍ୱମଧଶ୍ଚ ତିର୍ଯକ୍
ପ୍ରକାଶୟନ୍ ଭ୍ରାଜତେ ଯଦ୍ୱନଡ୍ୱାନ୍ ।

ଏବଂ ସ ଦେବୋ ଭଗବାନ୍ ବରେଣ୍ୟୋ
ଯୋନିସ୍ୱଭାବାନଧିତିଷ୍ଠତ୍ୟେକଃ ।।୪।।

ମନ୍ତ୍ରାର୍ଥ – ୧) ଯେଉଁ ଭଳି ଏକାକୀ ସୂର୍ଯ୍ୟ ସମସ୍ତ ଦିଗକୁ ସବୁଆଡୁ (ଉର୍ଦ୍ଧ୍ୱ-ଅଧଃ , ଦିଗବିଦିଗ, କୋଣ ଅନୁକୋଣକୁ) ଆଲୋକିତକରି ଦେଦୀପ୍ୟମାନ ହୋଇଥାନ୍ତି ସେହିଭଳି ଉକ୍ତ ଭଗବାନ୍ ସ୍ୱାମୀ ହେବାଯୋଗ୍ୟ ସର୍ବଶ୍ରେଷ୍ଠ ପରମଦେବ ପରମେଶ୍ୱର ଏକାକୀ ସମସ୍ତ କାରଣରୂପ ନିଜ ଶକ୍ତି ସାହାଯ୍ୟରେ ଆଧିପତ୍ୟ ବିସ୍ତାର କରିଥାନ୍ତି ।

୨) ଯେଉଁଭଳି ସୂର୍ଯ୍ୟ ପ୍ରକାଶିତ ହୋଇଥାନ୍ତି, ସେହିଭଳି ଏହି ପରବ୍ରହ୍ମ ଉର୍ଦ୍ଧ୍ୱ-ଅଧଃ-ପାର୍ଶ୍ୱ ସମସ୍ତ ଦିଗକୁ ପ୍ରକାଶିତକରି ଦେଦୀପ୍ୟମାନ ହୋଇଛନ୍ତି । ଏହିଭଳି ସେ ଦ୍ୟୋତନସ୍ୱଭାବ ସଂଭଜନୀୟ ଭଗବାନ୍ ଏକାକୀ କାରଣଭୂତ ପୃଥିବୀ ଆଦିର ନିୟମନ କରୁଛନ୍ତି ।

ଯଚ୍ଚ ସ୍ୱଭାବଂ ପଚ୍‌ତି ବିଶ୍ୱଯୋନିଃ
ପାଚ୍ୟାଂଶ୍ଚ ସର୍ବାନ୍ ପରିଣାମୟେଦ୍ ଯଃ ।
ସର୍ବମେତଦ୍ ବିଶ୍ୱମଧିତିଷ୍ଠତ୍ୟେକୋ
ଗୁଣାଂଶ୍ଚ ସର୍ବାନ୍ ବିନିଯୋଜୟେଦ୍ ଯଃ ।।୫।।

ମନ୍ତ୍ରାର୍ଥ – ଜଗତର କାରଣୀଭୂତ ଯେଉଁ ପରମାତ୍ମା ପ୍ରତ୍ୟେକ ବସ୍ତୁର ସ୍ୱଭାବକୁ ନିଷ୍ପନ୍ନ କରୁଅଛନ୍ତି, ଯିଏ ପାଚ୍ୟ (ପରିଣାମ ଯୋଗ୍ୟ ପଦାର୍ଥ)କୁ ପରିଣତ କରାଉଛନ୍ତି, ଯିଏ ଏକାକୀ ଏହି ସମ୍ପୂର୍ଣ୍ଣ ବିଶ୍ୱର ନିୟମନ କରୁଛନ୍ତି ଏବଂ ଯିଏ ସତ୍ତ୍ୱାଦି ସମସ୍ତ ଗୁଣମାନଙ୍କୁ ତାଙ୍କ କାର୍ଯ୍ୟରେ ନିଯୁକ୍ତ କରିଛନ୍ତି, ସେ ପରବ୍ରହ୍ମ ଅଟନ୍ତି ।

ତଦ୍ ବେଦଗୁହ୍ୟୋପନିଷତ୍ସୁ ଗୂଢ଼ଂ
ତଦ୍ ବ୍ରହ୍ମା ବେଦତେ ବ୍ରହ୍ମଯୋନିମ୍ ।
ଯେ ପୂର୍ବଦେବା ଋଷୟଶ୍ଚ ତଦ୍ୱିଦୁ-
ସ୍ତେ ତନ୍ମୟା ଅମୃତା ବୈ ବଭୂବୁଃ ।।୬।।

ମନ୍ତ୍ରାର୍ଥ – ସେ ବେଦର ଗୁହ୍ୟଭାଗ ଉପନିଷଦରେ ନିହିତ ଅଟନ୍ତି, ସେହି ବେଦବିଦ୍ୟ ପରମାତ୍ମାଙ୍କୁ ବ୍ରହ୍ମା ଜାଣନ୍ତି, ଯେଉଁ ପୁରାତନ ଦେବ ଏବଂ ଋଷିଗଣ ତାଙ୍କୁ ଜାଣିଥିଲେ, ସେ ତଦ୍ରୂପ ହୋଇ ଅମର ହୋଇଯାଇଥିଲେ ।

କର୍ତ୍ତୃତ୍ୱାଦି ଧର୍ମ ସଂଯୁକ୍ତ ଜୀବାତ୍ମାଙ୍କ ସ୍ୱରୂପବର୍ଣ୍ଣନା-

ଗୁଣାନ୍ୱୟୋ ଯଃ ଫଳକର୍ମକର୍ତ୍ତା
କୃତସ୍ୟ ତସ୍ୟୈବ ସ ଚୋପଭୋକ୍ତା ।

ସ ବିଶ୍ୱରୂପସ୍ତ୍ରିଗୁଣସ୍ତ୍ରିବର୍ତ୍ମା
ପ୍ରାଣାଧିପଃ ସଂଚରତି ସ୍ୱକର୍ମଭିଃ ।।୭।।

ମନ୍ତ୍ରାର୍ଥ – ଯିଏ ଗୁଣ ସହିତ ସମ୍ବନ୍ଧ ରକ୍ଷାକରି ଫଳପ୍ରଦ କର୍ମର କର୍ତ୍ତା ହୋଇଅଛନ୍ତି ଆଉ ସେହି କୃତକର୍ମର ଉପଭୋଗ କରୁଅଛନ୍ତି, ସେହି ବିଭିନ୍ନ ରୂପଯୁକ୍ତ ତ୍ରିଗୁଣମୟ ଭୋଗତ୍ରୟକୁ ଗମନକାରୀ ପ୍ରାଣର ଅଧିଷ୍ଠାତା ନିଜ କର୍ମାନୁସାରେ ଗମନ କରନ୍ତି ଅର୍ଥାତ୍ କର୍ମାନୁରୂପ ଫଳଲାଭ କରନ୍ତି ।

ଜୀବାତ୍ମାର ସ୍ୱରୂପ କିଭଳି, ଉକ୍ତ ଜିଜ୍ଞାଷା ସ୍ପଷ୍ଟ କରିବା ପାଇଁ କୁହାଯାଇଛି :

ଅଙ୍ଗୁଷ୍ଠମାତ୍ରୋ ରବିତୁଲ୍ୟରୂପଃ
ସଂକଳ୍ପାହଂକାରସମନ୍ୱିତୋ ଯଃ ।
ବୁଦ୍ଧେର୍ଗୁଣେନାତ୍ମଗୁଣେନ ଚୈବ
ଆରାଗ୍ରମାତ୍ରୋ ହ୍ୟପରୋଽପି ଦୃଷ୍ଟଃ ।।୮।।

ମନ୍ତ୍ରାର୍ଥ – ୧) ଯିଏ ଅଙ୍ଗୁଷ୍ଠ ପରିମିତ, ସୂର୍ଯ୍ୟସମ ଦିପ୍ତିମନ୍ତ ତଥା ସଙ୍କଳ୍ପ ଓ ଅହଂକାରବିଦିତ, ବୁଦ୍ଧି ତଥା ଗୁଣର କାରଣ ସେ ଅତ୍ୟନ୍ତ ସୂକ୍ଷ୍ମ (ଛୁଞ୍ଚିମୁନ ଠାରୁ ମଧ କ୍ଷୁଦ୍ରାତି କ୍ଷୁଦ୍ର) ଅଟନ୍ତି । ଏ ପ୍ରକାରେ ଅପରଦ୍ୱାରା ଅର୍ଥାତ୍ ପରମାତ୍ମାଙ୍କ ଭିନ୍ନ ଜୀବାତ୍ମା ଦ୍ୱାରା ନିଃସନ୍ଦେହରେ ଅବଗତ ହୋଇଥାନ୍ତି ।

୨) ଯିଏ ଅଙ୍ଗୁଷ୍ଠ ପରିମିତ ପରିଣାମଯୁକ୍ତ, ସୂର୍ଯ୍ୟସମ ଜ୍ୟୋତିଃସ୍ୱରୂପ, ସଂକଳ୍ପ ଏବଂ ଅହଂକାରଯୁକ୍ତ ତଥା ବୁଦ୍ଧି ଓ ଶରୀରର ଗୁଣଯୁକ୍ତ ହୋଇଅଛନ୍ତି ସେ ଅନ୍ୟ (ଜୀବ) ତୀକ୍ଷ୍ଣବସ୍ତୁର ମଧ ଅଗ୍ରଭାଗ ସଦୃଶ ଦୃଶ୍ୟମାନ୍ ହୁଅନ୍ତି ।

ସାମାନ୍ୟ ବ୍ୟାଖ୍ୟା– ମନୁଷ୍ୟ ହୃଦୟରେ ଅଙ୍ଗୁଷ୍ଠମାତ୍ର ଆକାରଧାରୀ ପରମାତ୍ମା ନିବାସ କରୁଛନ୍ତି, ଏଣୁ ତାଙ୍କୁ ଅଙ୍ଗୁଷ୍ଠମାତ୍ର କୁହାଯାଇଛି । ଏହାର ବାସ୍ତବିକ ସ୍ୱରୂପ ସୂର୍ଯ୍ୟସମ ପ୍ରକାଶମୟ ବା ବିଜ୍ଞାନମୟ ଅଟେ । ତାଙ୍କୁ ଅଜ୍ଞାନରୂପୀ ଅନ୍ଧକାର ସ୍ପର୍ଶ ସୁଦ୍ଧା କରେନାହିଁ । ତାହା ସଙ୍କଳ୍ପ ଏବଂ ଅହଂକାର ଉଭୟ ଦ୍ୱାରା ଯୁକ୍ତ ହୋଇଅଛି । ଅତଃ ସଙ୍କଳ୍ପଯୁକ୍ତ ବୁଦ୍ଧି ହେଲେ ଅନ୍ତଃକରଣ ଏବଂ ଇନ୍ଦ୍ରିୟମାନଙ୍କର ଧର୍ମମାନଙ୍କ ଦ୍ୱାରା ଏବଂ ଅହଂତାରୂପ ନିଜର ଗୁଣଦ୍ୱାରା ଅର୍ଥାତ୍ ଅହଂତା-ମମତା ଆଦି ସମ୍ବନ୍ଧ ହୋଇଥିବା କାରଣରୁ ଛୁଞ୍ଚିର ପୃଷ୍ଠଭାଗ ସଦୃଶ ସୂକ୍ଷ୍ମାକୃତି ଏବଂ ପରମାତ୍ମାଙ୍କଠାରୁ ଭିନ୍ନ ଅଟେ । ଜୀବର ତତ୍ତ୍ୱକୁ ଜାଣିଥିବା ଜ୍ଞାନୀ ବ୍ୟକ୍ତି ଗୁଣ ପରିବେଷ୍ଟିତ ଜୀବାତ୍ମାର ସ୍ୱରୂପ ଏହିଭଳି ଦେଖିଅଛନ୍ତି । ତାତ୍ପର୍ଯ୍ୟ ହେଉଛି, ଆତ୍ମାର ସ୍ୱରୂପ ବାସ୍ତବକ୍ଷେତ୍ରରେ ଅତ୍ୟନ୍ତ ସୂକ୍ଷ୍ମ ଅଟେ । ସୂକ୍ଷ୍ମଠାରୁ ମଧ ସୂକ୍ଷ୍ମ

ଏବଂ ଜଡ଼ ପଦାର୍ଥ ଏହା ତୁଳନାରେ ସ୍ଥୂଳ ହୋଇଯାଏ । ତାହାର ସୂକ୍ଷ୍ମତା କୌଣସି ଜଡ଼ପଦାର୍ଥର ପରିମାଣରେ ମାପ କରାଯାଇପାରେ ନାହିଁ । କେବଳ ଏହାର ଲକ୍ଷ୍ୟ କରାଇବାପାଇଁ ତଦ୍‌ସମ୍ବନ୍ଧୀତ ବସ୍ତୁମାନଙ୍କର ଆକାରକୁ ବତାଯାଇଥାଏ । ହୃଦ୍‌ଦେଶରେ ସ୍ଥିତ ହୋଇଥିବା କାରଣରୁ ଏହାକୁ ଅଙ୍ଗୁଷ୍ଠ ପରିମାଣ କୁହାଯାଇଛି । ବୁଦ୍ଧି–ଗୁଣ ଏବଂ ଆତ୍ମାଗୁଣ ସମ୍ବନ୍ଧିତ ହୋଇଥିବାରୁ ଏହାକୁ ତୀକ୍ଷ୍ଣ ବସ୍ତୁର ଅଗ୍ରଭାଗ ଭାବରେ ବତାଯାଇଛି । ବୁଦ୍ଧି ଆଦିକୁ ଛୁଞ୍ଚର ପୃଷ୍ଠଭାଗ ଭାବରେ ବର୍ଣ୍ଣନା କରାଯାଇଛି । ଏହା ଦ୍ୱାରା ଜୀବାତ୍ମାକୁ ଏଠାରେ ତୀକ୍ଷ୍ଣବସ୍ତୁର ଅଗ୍ରଭାଗ ସଦୃଶ ପୂରଣ କରାଯାଇଛି ।

ପୂର୍ବୋକ୍ତ ସୂକ୍ଷାତିସୂକ୍ଷ୍ମ ଆକାରକୁ ପୁନଃ ବ୍ୟକ୍ତକରି କୁହାଯାଇଛି :

ବାଲାଗ୍ରଶତଭାଗସ୍ୟ ଶତଧା କଳ୍ପିତସ୍ୟ ଚ଼ ।
ଭାଗୋ ଜୀବଃ ସ ବିଜ୍ଞେୟଃ ସ ଚ଼ାନନ୍ତ୍ୟାୟ କଳ୍ପତେ ।।୯।।

ମନ୍ତ୍ରାର୍ଥ – ୧) କେଶାଗ୍ରକୁ ସହସ୍ରଭାଗ କଲେ ଯେତିକି ଅଂଶକୁ କଳ୍ପନା କରିହେବ ତାହା ହେଉଛି ଜୀବର ସ୍ୱରୂପ ଯାହାକି ପୁନରାୟ ଅସୀମଭାବ ଯୁକ୍ତ ମଧ୍ୟ ।

୨) ଶହେଭାଗରେ ବିଭକ୍ତ ହୋଇଥିବା ଯେଉଁ କେଶାଗ୍ରର ଏକ ଶତାଂଶ ହେଉଛି ଜୀବକୁ ତା'ଠାରୁ ମଧ୍ୟ କ୍ଷୁଦ୍ର ଜାଣିବା ଦରକାର ମାତ୍ର ସେ ଯେ ଅନନ୍ତରୂପ ହୋଇଛନ୍ତି ଏହା ମଧ୍ୟ ଜାଣିନେବା ଦରକାର ।

ନୈବ ସ୍ତ୍ରୀ ନ ପୁମାନେଷ ନ ଚ଼ୈବାୟଂ ନପୁଂସକଃ ।
ଯଦ୍ ଯଚ୍ଛରୀରମାଦତ୍ତେ ତେନ ତେନ ସ ଯୁଜ୍ୟତେ ।।୧୦।।

ମନ୍ତ୍ରାର୍ଥ – ଏହି ବିଜ୍ଞାନାତ୍ମା ନାଁ ସ୍ତ୍ରୀ ନାଁ ପୁରୁଷ ଅଟନ୍ତି, ଏପରିକି ନପୁଂସକ ମଧ୍ୟ ନୁହଁନ୍ତି । ସେ ଯେଉଁ ଯେଉଁ ଶରୀର ଧାରଣ କରନ୍ତି, ସେହି ସେହି ଶରୀରରେ ସେ ସୁରକ୍ଷିତ ଭାବରେ ରହିପାରନ୍ତି (ଏବଂ ତାହା ସହିତ ଅନାୟାସରେ ସମ୍ବନ୍ଧୀତ ହୋଇପାରନ୍ତି) ।

ଜୀବକୁ କର୍ମାନୁସାରେ ବିବିଧ ଦେହପ୍ରାପ୍ତିର ନିର୍ଦ୍ଦେଶ–

ସଂକଳ୍ପନସ୍ପର୍ଶନଦୃଷ୍ଟିମୋହୈ–
ର୍ଗ୍ରାସାମ୍ବୁବୃଷ୍ଟ୍ୟା ଚ଼ାତ୍ମବିବୃଦ୍ଧିଜନ୍ମ ।
କର୍ମାନୁଗାନ୍ୟନୁକ୍ରମେଣ ଦେହୀ
ସ୍ଥାନେଷୁ ରୂପାଣ୍ୟଭିସମ୍ପ୍ରପଦ୍ୟତେ ।।୧୧।।

ମନ୍ତ୍ରାର୍ଥ – ଯେଉଁଭଳି ଅନ୍ନ ଏବଂ ଜଳକୁ ସେବନ କରିବା ଦ୍ୱାରା ଶରୀରର ବୃଦ୍ଧି ଘଟେ, ସେହିଭଳି ସଂକଳ୍ପ, ସ୍ପର୍ଶ, ଦର୍ଶନ ଓ ମୋହ ଦ୍ୱାରା (କର୍ମ ସମ୍ପାଦିତ ହୋଇଥାଏ । ପୁଣି) ଏହି ଦେହୀ କ୍ରମଶଃ (ବିଭିନ୍ନ) ଯୋନିମାନଙ୍କରେ ଭ୍ରମଣକରି କର୍ମାନୁସାରେ ରୂପଧାରଣ କରିଥାଏ ।

ସାମାନ୍ୟ ବ୍ୟାଖ୍ୟା– ସଙ୍କଳ୍ପ, ସ୍ପର୍ଶ, ଦୃଷ୍ଟି ଏବଂ ମୋହଦ୍ୱାରା ତଥା ଭୋଜନ, ଜଳପାନ ଏବଂ ବର୍ଷା ଦ୍ୱାରା ପ୍ରାଣୀ ସଜୀବ ହୋଇ ଉଠେ ଅର୍ଥାତ୍ ଶରୀରର ବୃଦ୍ଧି ଘଟାଇଥାଏ ଏବଂ ପୁନଃ (ନୂତନ ଜୀବ ଉତ୍ପନ୍ନ କରାଇବାକୁ ସକ୍ଷମ ହୋଇ) ଜନ୍ମ ସାଧିତ କରାଇଥାଏ । ମାତ୍ର ଏହି ଜୀବାତ୍ମା ଭିନ୍ନ ଭିନ୍ନ ଶରୀରକୁ ନିଜ ପୂର୍ବକର୍ମାନୁସାରେ ବାରମ୍ବାର ପ୍ରାପ୍ତ ହୋଇଥାଏ ।

ନାନା ଯୋନିକୁ ବାରମ୍ବାର ଆବାଗମନ କାହିଁକି,
ତାହାକୁ ବ୍ୟକ୍ତ କରିବାକୁ କୁହାଯାଇଛି —

ସ୍ଥୂଳାନି ସୂକ୍ଷ୍ମାଣି ବହୂନି ଚୈବ
ରୂପାଣି ଦେହୀ ସ୍ୱଗୁଣୈର୍ବୃଣୋତି ।
କ୍ରିୟାଗୁଣୈରାତ୍ମଗୁଣୈଶ୍ଚ ତେଷାଂ
ସଂଯୋଗହେତୁରପରୋଽପି ଦୃଷ୍ଟଃ ।।୧୨।।

ମନ୍ତ୍ରାର୍ଥ – ୧) ଜୀବାତ୍ମା ନିଜର ସଂସ୍କାର ରୂପା କର୍ମ ତଥା ଶାରୀରିକ ଗୁଣକୁ ଅହଂତା, ମମତା ଆଦି ସ୍ୱଗୁଣର ବଶୀଭୂତ ହୋଇ ସ୍ଥୂଳ ଏବଂ ସୂକ୍ଷ୍ମ ଅନେକ ରୂପକୁ ସ୍ୱୀକାର କରିଥାଏ ଏବଂ ତାହାର ସଂଯୋଗ କାରଣରୁ ଭିନ୍ନଭାବେ ଦୃଷ୍ଟ ମଧ୍ୟ ହୋଇଥାଏ ।

୨) ଜୀବ ନିଜ ଗୁଣ(ପାପ-ପୁଣ୍ୟ) ସାହାଯ୍ୟରେ ସ୍ଥୂଳ-ସୂକ୍ଷ୍ମ ଆଦି ଅନେକ ପ୍ରକାରେ ଦେହ ଧାରଣ କରିଥାଏ । ପୁଣି ସେହି ଶରୀରରେ କର୍ମଫଳ ଏବଂ ମାନସିକ ସଂସ୍କାରମାନଙ୍କ ଦ୍ୱାରା ସଂଯୋଗବଶତଃ ଦେହାନ୍ତର ପ୍ରାପ୍ତିର ଭିନ୍ନ କାରଣ ମଧ୍ୟ ଦେଖାଯାଇଛି । (ଅର୍ଥାତ୍ ତାଙ୍କ ସଂଯୋଗରୁ ଭିନ୍ନ ହେବାର ବିଲକ୍ଷଣତା ମଧ୍ୟ ଦେଖାଯାଇଛି ।)

ସାମାନ୍ୟ ବ୍ୟାଖ୍ୟା– ଜୀବାତ୍ମା ନିଜ କୃତ୍‌କର୍ମର ସଂସ୍କାରରୁ ପଞ୍ଚଭୂତର ଶରୀରକୁ ପ୍ରାପ୍ତହୋଇ ଶାରୀରିକ ଧର୍ମ ରକ୍ଷାକରିବାପାଇଁ ଅହଂତା, ମମତା ଆଦି ଗୁଣମାନଙ୍କରେ ବଶୀଭୂତ ହେବାରୁ ଅନେକ ଶରୀର ଧାରଣ କରିଥାଏ । ମାତ୍ର ଏହିଭଳି ଜନ୍ମନେବାରେ ତାର କିଛି ସ୍ୱତନ୍ତ୍ରତା ନ ଥାଏ । ଏଥିରେ ସଙ୍କଳ୍ପ ଏବଂ

କର୍ମାନୁସାରେ ସେହି ସେହି ଯୋନିମାନଙ୍କରେ ତାହାର ସମ୍ବନ୍ଧ ସ୍ଥାପିତ କରିବାପାଇଁ କେହି ଅନ୍ୟ ଜଣେ ସହାୟତା ପ୍ରଦାନ କରିଥାଏ । ସେ ହେଉଛନ୍ତି ପୂର୍ବୋକ୍ତ ସେହି ପରମେଶ୍ୱର, ଯାହାଙ୍କୁ ତତ୍ତ୍ୱଜ୍ଞାନୀ ମହାପୁରୁଷମାନେ ଦେଖିଅଛନ୍ତି । ସେମାନେ ଏହି ରହସ୍ୟକୁ ଭଲଭାବରେ ଜାଣିଅଛନ୍ତି । ଏଠାରେ କର୍ମସଂସ୍କାରର ନାମ କ୍ରିୟାଗୁଣ ଅଟେ, ସମସ୍ତ ତତ୍ତ୍ୱସମୁଦାୟରୂପ ଶରୀରକୁ ଦେଖିବା, ଶୁଣିବା, ବୁଝିବା ଆଦି ଶକ୍ତିମାନଙ୍କର ନାମ ଆତ୍ମଗୁଣ ଅଟେ । ଆଉ ସେମାନଙ୍କ ସମ୍ବନ୍ଧରେ ଜୀବାତ୍ମାଠାରେ ଯେଉଁ ଅହଂତା, ମମତା, ଆସକ୍ତି ଆଦି ଉତ୍ପନ୍ନ ହୁଏ, ତାର ନାମ ସ୍ୱଗୁଣ ଅଟେ– ଏହିଭଳି ବୁଝିବା ଦରକାର ।

ଅନାଦି କାଳରୁ ଚାଲି ଆସୁଥିବା ଏହି ଜନ୍ମ ମରଣ ରୂପକ ବନ୍ଧନରୁ ମୁକ୍ତ ହେବାର ଉପାୟ —— ପରମାତ୍ମତତ୍ତ୍ୱକୁ ଜାଣିଗଲେ ଜୀବର ମୁକ୍ତି ଅବଶ୍ୟମ୍ଭାବୀ–

ଅନାଦ୍ୟନନ୍ତଂ କଲିଳସ୍ୟ ମଧ୍ୟେ
ବିଶ୍ୱସ୍ୟ ସ୍ରଷ୍ଟାରମନେକରୂପମ୍ ।
ବିଶ୍ୱସ୍ୟୈକଂ ପରିବେଷ୍ଟିତାରଂ
ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ।।୧୩।।

ମନ୍ତ୍ରାର୍ଥ – ଏହି ଗହନ ସଂସାରରେ ସେହି ଅନାଦି, ଅନନ୍ତ ବିଶ୍ୱର ରଚୟିତା, ଅନେକରୂପ ଧାରଣକାରୀ, ବିଶ୍ୱରେ ଏକମାତ୍ର ବ୍ୟାପ୍ତ ହୋଇଥିବା ଉକ୍ତ ଦେବତାଙ୍କୁ ଜାଣି ଜୀବ ସମସ୍ତ ପାଶ ବା ବନ୍ଧନରୁ ମୁକ୍ତ ହୋଇଯାଇଥାଏ ।

ସାମାନ୍ୟ ବ୍ୟାଖ୍ୟା– ଦୁର୍ଗମ ସଂସାରରେ ବ୍ୟାପ୍ତ ଆଦି ଅନ୍ତ ରହିତ ସମଗ୍ର ଜଗତର ରଚନାକାରୀ ଅନେକ ରୂପ ଧାରଣକାରୀ ଏବଂ ଜଗତକୁ ସବୁଆଡୁ ଘେରି ରହିଥିବା ଏକ ଅଦ୍ୱିତୀୟ ପରମଦେବ ପରମେଶ୍ୱରଙ୍କୁ ଜାଣିଗଲେ ମନୁଷ୍ୟର ଆଉ ଜନ୍ମବନ୍ଧନ ରହେ ନାହିଁ । ସେ ସବୁବେଳ ପାଇଁ ମୁକ୍ତ ହୋଇଯାଏ ।

ପରମାତ୍ମା ପ୍ରାପ୍ତିର ଉପାୟ ସ୍ପଷ୍ଟକରି କୁହାଯାଉଛି :

ଭାବଗ୍ରାହ୍ୟମନୀଡାଖ୍ୟଂ ଭାବାଭାବକରଂ ଶିବମ୍ ।
କଳାସର୍ଗକରଂ ଦେବଂ ଯେ ବିଦୁସ୍ତେ ଜହୁସ୍ତନୁମ୍ ।।୧୪।।

ମନ୍ତ୍ରାର୍ଥ – ଶ୍ରଦ୍ଧା ଓ ଭକ୍ତି ଦ୍ୱାରା ଗ୍ରହଣଯୋଗ୍ୟ ଭାବଗ୍ରାହୀ ଆଶ୍ରୟରହତ ଭାବେ କଥିତ ତଥା ଜଗତର ଉତ୍ପତ୍ତି ଓ ସଂହାରକାରୀ କଲ୍ୟାଣ ସ୍ୱରୂପ ତଥା ଷୋହଳକଳାକୁ ରଚନା କରିଥିବା ପରମଦେବ ପରମେଶ୍ୱରଙ୍କୁ ଯେଉଁ ସାଧକ ଜାଣିନିଏ ସେ ଶରୀରକୁ ସବୁବେଳ ପାଇଁ ତ୍ୟାଗ କରିଦିଅନ୍ତି । (ଅର୍ଥାତ୍ ଜନ୍ମ ମରଣ ରୂପ ଚକ୍ରବ୍ୟୁହରେ ଆଉ

ପତିତ ହୁଅନ୍ତି ନାହିଁ ।)

ସାମାନ୍ୟ ବ୍ୟାଖ୍ୟା– ଭାବଗ୍ରାହ୍ୟ, ଅଶରୀର ସଂଜ୍ଞକ, ସୃଷ୍ଟି ଏବଂ ପ୍ରଳୟର କାରଣ, ଶିବସ୍ୱରୂପ ଏବଂ କଳାର ରଚୟିତା ଉକ୍ତ ଦେବତାଙ୍କୁ ଯିଏ ଜାଣନ୍ତି, ସେ ଶରୀରକୁ ତ୍ୟାଗ କରନ୍ତି ଅର୍ଥାତ୍ ଦେହବନ୍ଧନରୁ ମୁକ୍ତ ହୋଇଯାଆନ୍ତି ।

ସେହି ପରମେଶ୍ୱର ଆଶ୍ରୟରହିତ ଅର୍ଥାତ୍ ଶରୀରରହିତ ଅଟନ୍ତି । ଏହା ସମସ୍ତେ ଜାଣନ୍ତି । ସେ ଜଗତର ଉତ୍ପତ୍ତି ଏବଂ ସଂହାରକାରୀ ହୁଅନ୍ତି । ଏପରିକି ତାଙ୍କଠାରୁ ଷୋଳକଳାର ଉତ୍ପନ୍ନ ହେବା କଥା ପ୍ରଶ୍ନୋପନିଷଦରେ ବର୍ଣ୍ଣନା କରାଯାଇଛି । ଏଭଳି ହେବା ଦ୍ୱାରା ସେହି କଲ୍ୟାଣସ୍ୱରୂପ ଆନନ୍ଦମୟ ପରମେଶ୍ୱର ଶ୍ରଦ୍ଧା, ଭକ୍ତି ଏବଂ ପ୍ରେମ ଭାବରେ ଧରାଦିଅନ୍ତି । ଯେଉଁ ମନୁଷ୍ୟ ସେହି ପରମଦେବ ପରମେଶ୍ୱରଙ୍କୁ ଜାଣି ନେଇଥାଏ, ସେ ଶରୀରଠାରୁ ନିଜ ସମ୍ବନ୍ଧକୁ ସବୁଦିନ ପାଇଁ ପରିତ୍ୟାଗ କରିଦେଇଥାଏ ଅର୍ଥାତ୍ ସଂସାର ଚକ୍ରରୁ ମୁକ୍ତ ହୋଇଯାଇଥାଏ । ଏହି ରହସ୍ୟକୁ ଜାଣି ମନୁଷ୍ୟକୁ ଯେତେଶୀଘ୍ର ସମ୍ଭବ ସେହି ପରମସୁହୃଦ୍, ପରମ ଦୟାଳୁ, ପରମପ୍ରେମୀ, ସର୍ବଶକ୍ତିମାନ୍, ସର୍ବାଧାର, ସର୍ବେଶ୍ୱର ପରମାତ୍ମାଙ୍କୁ ଜାଣିବା ଏବଂ ପାଇବା ପାଇଁ ବ୍ୟାକୁଳିତ ହୋଇ ଶ୍ରଦ୍ଧା ତଥା ଭକ୍ତି ଭାବରେ ତାଙ୍କ ଆରାଧନାରେ ଲାଗିଯିବା ଦରକାର ।

॥ ପଞ୍ଚମ ଅଧ୍ୟାୟ ସମାପ୍ତ ॥୫॥

ଷଷ୍ଠ ଅଧ୍ୟାୟ

ପରମଗୁହ୍ୟ ବିଦ୍ୟା ସାଧନ ସାପେକ୍ଷ

ଗୁହ୍ୟବିଦ୍ୟା ଅବଗତଥିବା ସାଧକ ଯେ ସର୍ବଜ୍ଞ ନୁହଁନ୍ତି ତାହାକୁ ଏହି ଅଧ୍ୟାୟରେ ଅବଗତ କରାଇବାକୁ ଯତପରୋନାସ୍ତି ପ୍ରୟାସ କରାଯାଇଛି । ଜଗଦାଧାର ପରମାତ୍ମାଙ୍କୁ ସମସ୍ତ କାରଣର କାରଣ ଦର୍ଶାଇ ତନ୍ନିମିତ କର୍ମ କରିବାକୁ ଏବଂ ତାଙ୍କୁ ଲାଭକରିବା ନିମନ୍ତେ ପ୍ରୟାସ କରିବାକୁ ଉପଦେଶ ଦିଆଯାଇଛି । ବ୍ରହ୍ମର୍ଷି ବ୍ରହ୍ମବେତ୍ତାଗଣ ଏହି ରହସ୍ୟକୁ ଯାଣି ପ୍ରୟାସ କରୁଥିବାରୁ ସଂସାର ସାଗରରୁ ଅନାୟାସରେ ମୁକ୍ତ ହୋଇପାରିଛନ୍ତି, ଏ ପ୍ରକାର ଦୃଢୋକ୍ତି ଦେଇ ସାଧକଙ୍କୁ ପ୍ରୟାସରେ ଅଗ୍ରସର ହେବାପାଇଁ ଅନୁପ୍ରେରିତ କରିବା ସହିତ ଉପନିଷଦର ଉପସଂହାର କରାଯାଇଛି ।

ପରମେଶ୍ୱରଙ୍କର ମହିମାରୁ ସୃଷ୍ଟିଚକ୍ରର ସଞ୍ଚାଳନ ଘଟୁଛି–

ସ୍ୱଭାବମେକେ କବୟୋ ବଦନ୍ତି
କାଳଂ ତଥାନ୍ୟେ ପରିମୁହ୍ୟମାନାଃ ।
ଦେବସ୍ୟୈଷ ମହିମା ତୁ ଲୋକେ
ଯେନେଦଂ ଭ୍ରାମ୍ୟତେ ବ୍ରହ୍ମଚକ୍ରମ୍ ।।୧।।

ମନ୍ତ୍ରାର୍ଥ – କୌଣସି ବୁଦ୍ଧିମାନ୍ ବ୍ୟକ୍ତି ସ୍ୱଭାବକୁ କାରଣ ବତାଇଥାଆନ୍ତି ଆଉ କେତେକ କାଳକୁ । କିନ୍ତୁ ଏମାନେ ସମସ୍ତେ ମୋହଗ୍ରସ୍ତ ଅଟନ୍ତି (ଏଣୁ ଠିକ୍ ଜାଣନ୍ତି ନାହିଁ) । ଏହା ସବୁ ଭଗବାନଙ୍କର ମହିମା ଅଟେ, ଯେଉଁଥିପାଇଁକି ଏହି ଲୋକରେ ବ୍ରହ୍ମଚକ୍ର ଘୂରୁଅଛି ।[୧]

---

୧ ବ୍ରହ୍ମଚକ୍ର ଅର୍ଥାତ୍ ସଂସାର ରୂପରେ ବିବର୍ତ୍ତିତ ବ୍ରହ୍ମରୂପ ଚକ୍ର, ଯାହାର ବର୍ଣ୍ଣନ ପ୍ରଥମ ଅଧ୍ୟାୟର

ଚିନ୍ତନୀୟ ପରମେଶ୍ୱରଙ୍କର ସ୍ୱରୂପ ତଥା ତାଙ୍କର ମହିମା-

ଯେନାବୃତଂ ନିତ୍ୟମିଦଂ ହି ସର୍ବଂ
ଜ୍ଞଃ କାଳକାରୋ ଗୁଣୀ ସର୍ବବିଦ୍ୟଃ ।
ତେନେଶିତଂ କର୍ମ ବିବର୍ତତେ ହ
ପୃଥ୍ୱ୍ୟପ୍ତେଜୋଽନିଳଖାନି ଚିନ୍ତ୍ୟମ୍ ।।୨।।

ମନ୍ତ୍ରାର୍ଥ - ଯେଉଁ ପରମେଶ୍ୱରଙ୍କ ଦ୍ୱାରା ସର୍ବଦା ଏହି ଚରାଚର ଜଗତ୍ ବ୍ୟାପ୍ତହୋଇ ରହିଛି ଆଉ ଯିଏ ଜ୍ଞାନସ୍ୱରୂପ, କାଳର ମଧ କର୍ତ୍ତା, ନିଷ୍ପାପତ୍ୱ ଆଦି ଗୁଣର ଅଧିକାରୀ ଏବଂ ସର୍ବଜ୍ଞ ଅଟନ୍ତି ତାଙ୍କରି ଦ୍ୱାରା ପ୍ରେରିତ(ଅନୁପ୍ରାଣିତ) ହୋଇ ଏହି ପୃଥିବୀ, ଜଳ, ଅଗ୍ନି, ବାୟୁ ଏବଂ ଆକାଶରୂପ କର୍ମ ବିବର୍ତ୍ତିତ ହୋଇଥାଏ-(ଅତଃ ତାଙ୍କର ଚିନ୍ତନ କରିବା ଦରକାର ।)

ସାମାନ୍ୟ ବ୍ୟାଖ୍ୟା- ଯେଉଁ ଜଗନ୍ନିୟନ୍ତା ଜଗଦାଧାର ପରମେଶ୍ୱରଙ୍କ ଠାରୁ ଏହି ସମ୍ପୂର୍ଣ୍ଣ ଜଗତ ପରିବ୍ୟାପ୍ତହୋଇ ରହିଛି, ଯିଏ କାଳର ମହାକାଳ ଅଟେ ଅର୍ଥାତ୍ ଯିଏ କାଳର ସୀମାରୁ ଊର୍ଦ୍ଧ୍ୱରେ ରହିଛନ୍ତି, ଯିଏ ଜ୍ଞାନସ୍ୱରୂପ ଚିନ୍ମୟ ପରମାତ୍ମା ସୁହୃଦତା ଆଦି ଦିବ୍ୟଗୁଣ ସମ୍ପନ୍ନ ଅଟନ୍ତି, ସମସ୍ତ ଗୁଣ ଯାହାଙ୍କର ସ୍ୱରୂପଭୂତ ଆଉ ଚିନ୍ମୟ ଅଟେ ଆଉ ଯିଏ ସମଗ୍ର ବ୍ରହ୍ମାଣ୍ଡକୁ ଭଲଭାବରେ ଜାଣିପାରିଛନ୍ତି, ତାଙ୍କ ଦ୍ୱାରା ଚାଳିତ ହୋଇଥିବା ଏହି ଜଗତଚକ୍ର ନିୟମପୂର୍ବକ ଚାଲୁଅଛି । ସେ ହିଁ ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ ଆଦି ପଞ୍ଚମହାଭୂତର ଶାସକ ହୋଇ ସେମାନଙ୍କୁ ସ୍ୱ-ସ୍ୱ କର୍ମରେ ନିଯୁକ୍ତ ହେବାପାଇଁ ଶକ୍ତି ପ୍ରଦାନ କରିଛନ୍ତି । ତାଙ୍କରି ଶକ୍ତି ବିନା ଏମାନେ କିଛି କରିପାରନ୍ତି ନାହିଁ, ଏହା କେନୋପନିଷଦରେ ମଧ ବର୍ଣ୍ଣିତ ହୋଇଛି, ତେଣୁ ଏହି ରହସ୍ୟକୁ ବୁଝି ମନୁଷ୍ୟ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କର ଉପରୋକ୍ତ ଭାବେ ଚିନ୍ତନ-ମନନ କରିବା ବିଧେୟ ।

ତତ୍‌କର୍ମ କୃତ୍ୱା ବିନିବର୍ତ୍ୟ ଭୂୟ-
ସ୍ତତ୍ତ୍ୱସ୍ୟ ତତ୍ତ୍ୱେନ ସମେତ୍ୟ ଯୋଗମ୍ ।
ଏକେନ ଦ୍ୱାଭ୍ୟାଂ ତ୍ରିଭିରଷ୍ଟଭିର୍ବା
କାଳେନ ଚୈବାତ୍ମଗୁଣୈଶ୍ଚ ସୂକ୍ଷ୍ମୈଃ ।।୩।।

ମନ୍ତ୍ରାର୍ଥ - ସେହି କର୍ମକୁ ସମ୍ପାଦନକରି (ଜଡତତ୍ତ୍ୱକୁ ରଚନାକରି), ସେଗୁଡିକୁ

ଚତୁର୍ଥ ମନ୍ତ୍ରରେ ମଧ କରାଯାଇଛି ।

ନିରୀକ୍ଷଣକରି ଯିଏ ସେହି ତତ୍ତ୍ୱ ସହିତ ଅର୍ଥାତ୍ ଏକ[୧], ଦୁଇ[୨], ତିନି[୩] ଅଥବା ଅଷ୍ଟତତ୍ତ୍ୱ[୪] ସହିତ ଅଥବା କାଳ ଏବଂ ଅନ୍ତଃକରଣର ସୂକ୍ଷ୍ମଗୁଣ ସହିତ ନିଜର ସତ୍ତାରୂପ ଗୁଣକୁ ତ୍ୟାଗକରି ନିଜେ ସ୍ଥିତ ହୋଇଥାନ୍ତି, ତାଙ୍କରି ଚିନ୍ତନ କରିବା ଦରକାର ।

ସାମାନ୍ୟ ବ୍ୟାଖ୍ୟା– ପରମେଶ୍ୱର ନିଜର ଶକ୍ତିଭୂତା ମୂଳ ପ୍ରକୃତି ଦ୍ୱାରା ପଞ୍ଚସ୍ଥୂଳ ମହାଭୂତ ଆଦିର ରଚନାକରି ତାର ନିରୀକ୍ଷଣ କରୁଛନ୍ତି । ପୁଣି ଜଡ଼ତତ୍ତ୍ୱ ସହିତ ଚେତନ ତତ୍ତ୍ୱର ସଂଯୋଗ କରାଇ ଅନେକରୂପରେ ଅନୁଭବ ହେଉଥିବା ବିଚିତ୍ର ଜଗତର ରଚନା କରିଛନ୍ତି । ଅନ୍ୟପ୍ରକାରେ ବୁଝିଲେ ଏକ ଅବିଦ୍ୟା, ଦୁଇ ପୁଣ୍ୟ ଏବଂ ପାପରୂପ ସଞ୍ଚିତ କର୍ମ ସଂସ୍କାର, ସତ୍ତ୍ୱ, ରଜ ଏବଂ ତମ ଏଭଳି ଭାବେ ତିନି ଗୁଣ ଏବଂ ଏକ କାଳ ତଥା ମନ–ବୁଦ୍ଧି–ଅହଂକାର, ପୃଥିବୀ–ଜଳ–ତେଜ–ବାୟୁ–ଆକାଶ, ଏହିଭଳି ଅଷ୍ଟପ୍ରକୃତି ଭେଦରେ ଜୀବାତ୍ମା ସହିତ ସମ୍ବନ୍ଧ ସ୍ଥାପନକରି ଜଗତର ରଚନା କରିଛନ୍ତି ।

ଭଗବଦର୍ପଣ କର୍ମରେ ଭଗବତ୍‌ପ୍ରାପ୍ତି–

ଆରଭ୍ୟ କର୍ମାଣି ଗୁଣାନ୍ୱିତାନି
ଭାବାଂଶ୍ଚ ସର୍ବାନ୍ ବିନିଯୋଜୟେଦ୍ ଯଃ ।
ତେଷାମଭାବେ କୃତକର୍ମନାଶଃ
କର୍ମକ୍ଷୟେ ଯାତି ସ ତତ୍ତ୍ୱତୋଽନ୍ୟଃ ।।୪।।

ମନ୍ତ୍ରାର୍ଥ – ଯେଉଁପୁରୁଷ ସତ୍ତ୍ୱବାଦୀ ଗୁଣମୟ କର୍ମାର ଆରମ୍ଭକରି ସେସବୁକୁ ଏବଂ ତତ୍ ସମ୍ପର୍କିତ ଭାବକୁ ପରମାତ୍ମାଙ୍କୁ ଅର୍ପଣ କରିଦେଇଥାଏ, ତାଙ୍କଠାରେ ସମ୍ବନ୍ଧର ଅଭାବ ହୋଇଥିବା କାରଣରୁ ତାଙ୍କ ପୂର୍ବକୃତ କର୍ମଗୁଡ଼ିକ ନାଶ ହୋଇଯାଆନ୍ତି– ଆଉ କର୍ମମାନଙ୍କର କ୍ଷୟ ହୋଇଯିବା ପରେ ସେ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି କାହିଁକି ନାଁ ସେ ତତ୍ତ୍ୱତଃ ପୃଥିବୀ ଇତ୍ୟାଦି ଠାରୁ ଭିନ୍ନ ଅଟନ୍ତି ।

ଉପାସନା ସାହାଯ୍ୟରେ ଭଗବତ୍ ପ୍ରାପ୍ତି–

---

୧ ଅବିଦ୍ୟା

୨ ପୁଣ୍ୟ ଓ ପାପରୁପକ କର୍ମ

୩ ଗୁଣତ୍ରୟ (ସତ୍ତ୍ୱ, ରଜ ଓ ତମ)

୪ ଆଠ ପ୍ରକୃତି : ମନ,ବୁଦ୍ଧି,ଅହଂକାର, ପୃଥିବୀ,ଜଳ,ତେଜ,ବାୟୁ,ଆକାଶ

ଆଦିଃ ସ ସଂଯୋଗନିମିତ୍ତହେତୁଃ
ପରସ୍ତ୍ରିକାଳାଦକଳୋଽପି ଦୃଷ୍ଟଃ ।
ତଂ ବିଶ୍ୱରୂପଂ ଭବଭୂତମୀଡ୍ୟଂ
ଦେବଂ ସ୍ୱଚିତ୍ତସ୍ଥମୁପାସ୍ୟ ପୂର୍ବମ୍ ।।୫।।

ମନ୍ତ୍ରାର୍ଥ – ସେ ସମସ୍ତଙ୍କର କାରଣ, ଶରୀର ସଂଯୋଗର ନିମିତ୍ତଭୂତା, ଅବିଦ୍ୟାର ହେତୁ, ତ୍ରିକାଳାତୀତ ଏବଂ କାଳହୀନ ଭାବରେ ଦେଖାଯାଆନ୍ତି । ସ୍ୱ–ଅନ୍ତଃକରଣରେ ସ୍ଥିତ ସେହି ସର୍ବରୂପ ଏବଂ ସଂସାରରୂପ ଦେବତାଙ୍କର ଜ୍ଞାନୋପୃତ୍ତି ଦ୍ୱାରା ପୂର୍ବରୁ ଉପାସନାକରି ତାଙ୍କୁ ପ୍ରାପ୍ତ ହୋଇଥାଏ ।

ସାମାନ୍ୟ ବ୍ୟାଖ୍ୟା– ସେହି ଆଦିକାରଣ ପରମାତ୍ମା କାଳତ୍ରୟରୁ ସର୍ବଥା ଅତୀତ ହୋଇଥିବାରୁ ଏବଂ କଳାରହିତ ହୋଇଥିବା କାରଣରୁ ମଧ୍ୟ ପ୍ରକୃତି ସହିତ ଜୀବର ସଂଯୋଗ କରାଇବାରେ କାରଣର ମଧ୍ୟ କାରଣ ଭଳି ଦୃଷ୍ଟ ହୁଅନ୍ତି । ନିଜ ଅନ୍ତଃ କରଣରେ ସ୍ଥିତ ସେହି ସର୍ବରୂପ ଏବଂ ଜଗତରୂପରେ ପ୍ରକଟିତ ସ୍ତୁତିଯୋଗ୍ୟ ପୁରାଣପୁରୁଷ ପରମଦେବ (ଅର୍ଥାତ୍ ଆଦିପୁରୁଷ) ପରମେଶ୍ୱରଙ୍କୁ ଉପାସନା କରି ତାଙ୍କୁ ପ୍ରାପ୍ତ ହେବା ଦରକାର ।

ଜ୍ଞାନଦ୍ୱାରା ଭଗବତ୍‌ପ୍ରାପ୍ତି–

ସ ବୃକ୍ଷକାଳାକୃତିଭିଃ ପରୋଽନ୍ୟୋ
ଯସ୍ମାଦ୍ ପ୍ରପଞ୍ଚଃ ପରିବର୍ତତେଽୟମ୍ ।
ଧର୍ମାବହଂ ପାପନୁଦଂ ଭଗେଶଂ
ଜ୍ଞାତ୍ୱାତ୍ମସ୍ଥମମୃତଂ ବିଶ୍ୱଧାମ ।।୬।।

ମନ୍ତ୍ରାର୍ଥ – ଯାହାଙ୍କ ଠାରୁ ଏହି ପ୍ରପଞ୍ଚ (ସଂସାର) ପ୍ରବୃତ୍ତ ହୁଏ ସେହି ପରମାତ୍ମା ବୃକ୍ଷାକାର ଏବଂ କାଳାକାରରୁ ଅତୀତ ତଥା ପ୍ରପଞ୍ଚରୁ ଭିନ୍ନ ଅଟନ୍ତି । ଧର୍ମର ପ୍ରାପ୍ତି କରାଇବା ପାଇଁ ଏବଂ ପାପର ନାଶ କରାଇବା ପାଇଁ ସେହି ଐଶ୍ୱର୍ଯ୍ୟାଧିପତିଙ୍କୁ ଅବଗତହୋଇ ବ୍ୟକ୍ତି ଆତ୍ମସ୍ଥ, ଅମୃତସ୍ୱରୂପ ଏବଂ ବିଶ୍ୱାଧାର ଉକ୍ତ ସେହି ପରମାତ୍ମାଙ୍କୁ ପ୍ରାପ୍ତ ହୋଇଯାଏ ।

ଜ୍ଞାନୀମାନଙ୍କର ତତ୍ତ୍ୱାନୁଭବ ଉଲ୍ଲେଖ–

ତମୀଶ୍ୱରାଣାଂ ପରମଂ ମହେଶ୍ୱରଂ
ତଂ ଦେବତାନାଂ ପରମଂ ଚ୍ ଦୈବତମ୍ ।
ପତିଂ ପତୀନାଂ ପରମଂ ପରସ୍ତାଦ୍

ବିଦାମ ଦେବଂ ଭୁବନେଶମୀଡ୍ୟମ୍ ।।୭।।

ମନ୍ତ୍ରାର୍ଥ – ଈଶ୍ୱରଙ୍କର ପରମ ମହାନ୍ ଈଶ୍ୱର, ଦେବତାଙ୍କର ପରମଦେବ, ପତିଗଣଙ୍କର ପରମପତି, ଅବ୍ୟକ୍ତାଦିଠାରୁ ଉର୍ଦ୍ଧ୍ୱରେ ତଥା ବିଶ୍ୱର ଅଧିପତି ସେହି ସ୍ତବନୀୟ ଦେବତାଙ୍କୁ ଆମେ ଜାଣୁଅଛେ ।

ସାମାନ୍ୟ ବ୍ୟାଖ୍ୟା– ଈଶ୍ୱରଙ୍କର ଈଶ ମହେଶ୍ୱର, ଦେବଗଣଙ୍କର ମଧ୍ୟ ଦେବତା ଅର୍ଥାତ୍ ପରମଦେବ, ପତି ବା ସ୍ୱାମୀଶ୍ରେଷ୍ଠ, ଭୁବନମାନଙ୍କର ଈଶ ଭୁବନେଶ୍ୱର ବା ବ୍ରହ୍ମାଣ୍ଡାଧିପତି, ସ୍ତୋତବ୍ୟ ଅର୍ଥାତ୍ ସ୍ତୁତିକରିବା ଯୋଗ୍ୟ ସେହି ପ୍ରକାଶ ସ୍ୱରୂପ ପରମାତ୍ମାଙ୍କୁ ଆମେମାନେ ସବୁଠାରୁ ଉର୍ଦ୍ଧ୍ୱରେ ବା ଶ୍ରେଷ୍ଠ ବୋଲି ଜାଣୁଅଛେ ।

ପରମେଶ୍ୱରଙ୍କର ମହିମା–

ନ ତସ୍ୟ କାର୍ଯ୍ୟଂ କରଣଂ ଚ଼ ବିଦ୍ୟତେ
ନ ତତ୍ସମଶ୍ଚାଭ୍ୟଧିକଶ୍ଚ ଦୃଶ୍ୟତେ ।
ପରାସ୍ୟ ଶକ୍ତିର୍ବିବିଧୈବ ଶ୍ରୂୟତେ
ସ୍ୱାଭାବିକୀ ଜ୍ଞାନବଲକ୍ରିୟା ଚ଼ ।।୮।।

ମନ୍ତ୍ରାର୍ଥ – ତାଙ୍କର ଶରୀର ଏବଂ ଇନ୍ଦ୍ରିୟ ନାହିଁ, ତାଙ୍କସମ ଏବଂ ତାଙ୍କଠାରୁ ବଳି ବଡ଼ ଆଉ କେହି ଦେଖାଯାଆନ୍ତି ନାହିଁ । ତାଙ୍କର ପରାଶକ୍ତି ନାନା ପ୍ରକାରେ ଶୁଣାଯାଏ, ଆଉ ସେ ସ୍ୱାଭାବିକ ଜ୍ଞାନକ୍ରିୟା ଓ ବଳକ୍ରିୟା ଅଟନ୍ତି ।

ନ ତସ୍ୟ କଶ୍ଚିତ୍ ପତିରସ୍ତି ଲୋକେ
ନ ଚ଼େଶିତା ନୈବ ଚ଼ ତସ୍ୟ ଲିଙ୍ଗମ୍ ।
ସ କାରଣଂ କରଣାଧିପାଧିପୋ
ନ ଚ଼ାସ୍ୟ କଶ୍ଚିଜ୍ଜନିତା ନ ଚ଼ାଧିପଃ ।।୯।।

ମନ୍ତ୍ରାର୍ଥ – ଏହି ଲୋକରେ ତାଙ୍କର ଆଉ କେହି ସ୍ୱାମୀ ନାହାଁନ୍ତି, ନାଁ କେହି ଶାସକ ଅଛନ୍ତି ନାଁ ସେଭଳି କିଛି ଚ଼ିହ୍ନ ମଧ୍ୟ ରହିଛି । ସେ ସମସ୍ତଙ୍କର କାରଣ ଅଟନ୍ତି ଏବଂ ଇନ୍ଦ୍ରିୟାଧିଷ୍ଠାତା ଜୀବଙ୍କର ସ୍ୱାମୀ ବି ଅଟନ୍ତି । ତାଙ୍କର ଉତ୍ପତ୍ତିକର୍ତ୍ତା ବା ସ୍ୱାମୀ ଅନ୍ୟ କେହି ନାହାଁନ୍ତି ।

ବ୍ରହ୍ମସାଯୁଜ୍ୟ ପ୍ରାପ୍ତି ପାଇଁ ପରମେଶ୍ୱରଙ୍କ ନିକଟରେ ପ୍ରାର୍ଥନା–

ଯସ୍ତନ୍ତୁନାଭ ଇବ ତନ୍ତୁଭିଃ ପ୍ରଧାନଜୈଃ
ସ୍ୱଭାବତୋ ଦେବ ଏକଃ ସ୍ୱମାବୃଣୋତ୍ ।

ସ ନୋ ଦଧାଦ୍‌ବ୍ରହ୍ମାପ୍ୟୟମ୍ ।।୧୦।।

ମନ୍ତ୍ରାର୍ଥ – ତନ୍ତୁରେ ବୁଢିଆଣୀ ସଦୃଶ ଯେଉଁ ଏକମାତ୍ର ଦେବତା ସ୍ୱଭାବତଃ ନିଜର ମୂଖ୍ୟସାମର୍ଥ୍ୟରୂପ କାର୍ଯ୍ୟଦ୍ୱାରା ନିଜକୁ ଆବୃତକରି ନେଇଛନ୍ତି, ସେହି ପରମେଶ୍ୱର (ଉକ୍ତ ଗୁଣର ଅଧିକାରୀ) ଆମକୁ ବ୍ରହ୍ମଙ୍କ ସହିତ ଏକୀଭାବ ପ୍ରଦାନ କରାଇ ଦିଅନ୍ତୁ ।

ସାମାନ୍ୟ ବ୍ୟାଖ୍ୟା– ଯେଉଁଭଳି ବୁଢିଆଣୀ ନିଜ ଦ୍ୱାରା ପ୍ରକଟ ହୋଇଥିବା ଜାଲରେ ନିଜକୁ ଆଚ୍ଛାଦିତ କରିଦେଇଥାଏ ଅର୍ଥାତ୍ ସେଥିରେ ନିଜକୁ ଲୁଚାଇଥାଏ, ସେହିଭଳି ଯେଉଁ ପରମପୁରୁଷ ପରମେଶ୍ୱର ନିଜର ସ୍ୱରୂପଭୂତ ମୁଖ୍ୟ ଏବଂ ଦିବ୍ୟ ଅଚିନ୍ତ୍ୟଶକ୍ତି ଦ୍ୱାରା ଉତ୍ପନ୍ନ ଅନନ୍ତ କାର୍ଯ୍ୟମାନଙ୍କ ଦ୍ୱାରା ସ୍ୱଭାବତଃ ନିଜକୁ ଆଚ୍ଛାଦିତ କରି ରଖିଥାନ୍ତି, ଯାହାଙ୍କର କାରଣରୁ ସଂସାରୀ ଜୀବ ତାଙ୍କୁ ଦେଖିପାରିନାହିଁ, ସେହି ସର୍ବଶକ୍ତିମାନ୍ ସର୍ବାଧାର ପରମାତ୍ମା ଆମମାନଙ୍କୁ ସମସ୍ତଙ୍କର ପରମ ଆଶ୍ରୟଭୂତ ନିଜ ପରବ୍ରହ୍ମ ସ୍ୱରୂପରେ ସ୍ଥାପିତ କରନ୍ତୁ ।

ପରମେଶ୍ୱରଙ୍କର ସ୍ୱରୂପ ନିର୍ଦ୍ଦେଶ–

ଏକୋ ଦେବଃ ସର୍ବଭୂତେଷୁ ଗୂଢଃ
ସର୍ବବ୍ୟାପୀ ସର୍ବଭୂତାନ୍ତରାତ୍ମା ।
କର୍ମାଧ୍ୟକ୍ଷଃ ସର୍ବଭୂତାଧିବାସଃ
ସାକ୍ଷୀ ଚେ଼ତା କେବଲୋ ନିର୍ଗୁଣଶ୍ଚ ।।୧୧।।

ମନ୍ତ୍ରାର୍ଥ – ସମସ୍ତ ପ୍ରାଣୀଗଣଙ୍କ ମଧରେ ସେହି ଏକ ଦେବତା ସ୍ଥିତ ହୋଇଛନ୍ତି । ସେ ସର୍ବବ୍ୟାପକ, ସମସ୍ତ ଭୂତଙ୍କର ଅନ୍ତରାତ୍ମା, କର୍ମମାନଙ୍କର ଅଧିଷ୍ଠାତା, ସମଗ୍ର ପ୍ରାଣୀମାନଙ୍କ ମଧରେ ବିରାଜମାନ କରୁଥିବା ସାକ୍ଷୀସ୍ୱରୂପ, ଚେ଼ତନତ୍ୱ ପ୍ରଦାନକାରୀ ଶୁଦ୍ଧ ଏବଂ ନିର୍ଗୁଣ ଅଟନ୍ତି ।

ପରମାତ୍ମଜ୍ଞାନଦ୍ୱାରା ନିତ୍ୟସୁଖ ଓ ମୋକ୍ଷପ୍ରାପ୍ତି–

ଏକୋ ବଶୀ ନିଷ୍କ୍ରିୟାଣାଂ ବହୂନା–
ମେକଂ ବୀଜଂ ବହୁଧା ଯଃ କରୋତି ।
ତମାତ୍ମସ୍ଥଂ ଯେଽନୁପଶ୍ୟନ୍ତି ଧୀରା–
ସ୍ତେଷାଂ ସୁଖଂ ଶାଶ୍ୱତଂ ନେତରେଷାମ୍ ।।୧୨।।

ମନ୍ତ୍ରାର୍ଥ – ଯେଉଁ ଏକ ଅଦ୍ୱିତୀୟ ସ୍ୱତନ୍ତ୍ର ପରମାତ୍ମା ଅନେକ ନିଷ୍କ୍ରିୟ ଜୀବମାନଙ୍କ ଭିତରେ ସେହି ଏକ ବୀଜକୁ ଅନେକ ରୂପ ଦେଇଛନ୍ତି, ସେ ଆମ ଅନ୍ତଃକରଣରେ ସ୍ଥିତ ହୋଇଛନ୍ତି । ତାଙ୍କୁ ଯେଉଁ ମତିମାନ୍ (ବୁଦ୍ଧିମାନ୍ ବ୍ୟକ୍ତି) ଦେଖିପାରନ୍ତି, ତାଙ୍କୁ

ନିତ୍ୟସୁଖ ପ୍ରାପ୍ତ ହୁଏ ଅନ୍ୟଥା (ଅନ୍ୟମାନଙ୍କୁ) ନୁହେଁ ।

ନିତ୍ୟୋ ନିତ୍ୟାନାଂ ଚେ଼ତନଶ୍ଚେତନାନା–
ମେକୋ ବହୂନାଂ ଯୋ ବିଦଧାତି କାମାନ୍ ।
ତତ୍ କାରଣଂ ସାଂଖ୍ୟଯୋଗାଧିଗମ୍ୟଂ
ଜ୍ଞାତ୍ୱା ଦେବଂ ମୁଚ୍ୟତେ ସର୍ବପାଶୈଃ ।।୧୩।।

ମନ୍ତ୍ରାର୍ଥ – ଯିଏ ନିତ୍ୟମାନଙ୍କ ମଧ୍ୟରେ ନିତ୍ୟ, ଚେ଼ତନମାନଙ୍କ ମଧ୍ୟରେ ଚେ଼ତନ ଏବଂ ଏକାକୀ ଅନେକଙ୍କୁ ଭୋଗ ପ୍ରଦାନ କରିବାକୁ ସକ୍ଷମ ଅଟନ୍ତି, ସାଂଖ୍ୟଯୋଗ ଦ୍ୱାରା ଜ୍ଞାତବ୍ୟ ସେହି ସର୍ବକାରଣ ଦେବତାଙ୍କୁ ଜାଣି ବ୍ୟକ୍ତି ସମସ୍ତ ବନ୍ଧନରୁ ମୁକ୍ତ ହୋଇଯାଏ ।

ବ୍ରହ୍ମଙ୍କର ପ୍ରକାଶ ସମସ୍ତଙ୍କୁ ପ୍ରକାଶିତ କରିଥାଏ–

ନ ତତ୍ର ସୂର୍ଯ୍ୟୋ ଭାତି ନ ଚ଼ନ୍ଦ୍ରତାରକଂ
ନେମା ବିଦ୍ୟୁତୋ ଭାନ୍ତି କୁତୋଽୟମଗ୍ନିଃ ।
ତମେବ ଭାନ୍ତମନୁଭାତି ସର୍ବଂ
ତସ୍ୟ ଭାସା ସର୍ବମିଦଂ ବିଭାତି ।।୧୪।।[୧]

ମନ୍ତ୍ରାର୍ଥ – ସେଠାରେ ସୂର୍ଯ୍ୟ ପ୍ରକାଶିତ ହୁଅନ୍ତି ନାହିଁ କି ଚ଼ନ୍ଦ୍ର ବା ତାରା ପ୍ରକାଶିତ ହୁଅନ୍ତି ନାହିଁ ଏପରିକି ବିଜୁଳି ମଧ୍ୟ ଚ଼ମକ ପ୍ରଦାନ କରିପାରେ ନାହିଁ ଆଉ ଅଗ୍ନିଙ୍କ କଥା କ'ଣ ? ଏମାନେ ସମସ୍ତେ ତାଙ୍କ ପ୍ରକାଶରେ ପ୍ରକାଶିତ ହୋଇଥାନ୍ତି । ସେ ପ୍ରକାଶିତ ହେଲେ ଏମାନେ ପ୍ରକାଶିତ ହୁଅନ୍ତି ।

ମୋକ୍ଷ ପାଇଁ ଜ୍ଞାନ ବ୍ୟତୀତ ଅନ୍ୟ କାରଣର ନିଷେଧ–

ଏକୋ ହଂସୋ ଭୁବନସ୍ୟାସ୍ୟ ମଧ୍ୟେ
ସ ଏବାଗ୍ନିଃ ସଲିଲେ ସଂନିବିଷ୍ଟଃ ।
ତମେବ ବିଦିତ୍ୱାତି ମୃତ୍ୟୁମେତି
ନାନ୍ୟଃ ପନ୍ଥା ବିଦ୍ୟତେଽୟନାୟ ।।୧୫।।

ମନ୍ତ୍ରାର୍ଥ – ଏହି ବ୍ରହ୍ମାଣ୍ଡରେ (ଭୁବନମଧ୍ୟରେ) ଗୋଟିଏ ହଂସ ରହିଛି । ସେ ଜଳରେ (ପଞ୍ଚମାହୁତିରୂପ ଦେହରେ) ସ୍ଥିତ ଅଗ୍ନି ଅଟନ୍ତି । ତାଙ୍କୁ ଜାଣି ବ୍ୟକ୍ତି ମୃତ୍ୟୁକୁ ପାର

---

୧ କଠ ୨/୨/୧୫ ଏବଂ ମୁଣ୍ଡକ ୨/୨/୧୦

ହୋଇପାରେ । ତାଙ୍କ ଭିନ୍ନ ମୋକ୍ଷ ପ୍ରାପ୍ତିର ଅନ୍ୟ କୌଣସି ମାର୍ଗ ହିଁ ନାହିଁ ।

ସାମାନ୍ୟ ବ୍ୟାଖ୍ୟା– ଏହି ବ୍ରହ୍ମାଣ୍ଡରେ ଯୋଉଁ ପ୍ରକାଶସ୍ୱରୂପ ପରମାତ୍ମା ପରିପୂର୍ଣ୍ଣ ହୋଇ ରହିଛନ୍ତି ସେ ଜଳରେ ସ୍ଥିତ ଅଗ୍ନି ଅଟନ୍ତି, ତାଙ୍କୁ ଜାଣିଗଲେ ମନୁଷ୍ୟ ମୃତ୍ୟୁରୂପା ସଂସାର ସାଗରକୁ ତରିପାରେ ଏବଂ ଦିବ୍ୟ ପରମଧାମକୁ ରାସ୍ତା ପରିଷ୍କାର କରିଦିଏ, ଏତଦ୍ ଭିନ୍ନ ଅନ୍ୟ କିଛି ପ୍ରଶସ୍ତ ମାର୍ଗ ବିକଳ୍ପ ନାହିଁ । ଏଣୁ ଉକ୍ତ ମାର୍ଗରେ ଅଗ୍ରସର ହୋଇ ଜୀବ ଉନ୍ମୁକ୍ତ ହେବା ମାର୍ଗରେ ପ୍ରୟାସୀହେବା ବାଞ୍ଛନୀୟ ।

ଜଳସ୍ଥିତ ଅଗ୍ନି କହିଲେ –(*ପରମେଶ୍ୱରଙ୍କର ସ୍ୱରୂପକୁ ବିଶେଷରୂପେ ବର୍ଣ୍ଣନା*)–

ସ ବିଶ୍ୱକୃଦ୍ ବିଶ୍ୱବିଦାତ୍ମଯୋନିର୍ଜ୍ଞଃ
କାଳକାଳୋ ଗୁଣୀ ସର୍ବବିଦ୍ ଯଃ ।
ପ୍ରଧାନକ୍ଷେତ୍ରଜ୍ଞପତିର୍ଗୁଣେଶଃ
ସଁସାରମୋକ୍ଷସ୍ଥିତିବନ୍ଧହେତୁଃ ।।୧୬।।

ମନ୍ତ୍ରାର୍ଥ – ସେ ବିଶ୍ୱର କର୍ତ୍ତା, ବିଶ୍ୱବେତ୍ତା, ଆତ୍ମଯୋନି (ସ୍ୱୟମ୍ଭୁ), ଜ୍ଞାତା, କାଳର ପ୍ରେରକ, ଅପହତପାପ୍ମାଦି ଗୁଣବାନ୍ ଏବଂ ସମ୍ପୂର୍ଣ୍ଣ ବିଦ୍ୟାର ଆଶ୍ରୟ ଅଟନ୍ତି । ସେ ପ୍ରଧାନ ଏବଂ ପୁରୁଷଙ୍କର ଅଧ୍ୟକ୍ଷ, ଗୁଣମାନଙ୍କର ନିୟାମକ ଏବଂ ସଂସାରର ମୋକ୍ଷ, ସ୍ଥିତି ଏବଂ ବନ୍ଧନର କାରଣ ଅଟନ୍ତି ।

ସାମାନ୍ୟ ବ୍ୟାଖ୍ୟା– ସେହି ଜ୍ଞାନସ୍ୱରୂପ ପରମାତ୍ମା ସର୍ବଦ୍ରଷ୍ଟା ସର୍ବଜ୍ଞ ଏବଂ ନିଜେ ନିଜ ପ୍ରାକଟ୍ୟର କାରଣ, କାଳର ବି କାଳ ତେଣୁ ମହାକାଳ, ସମସ୍ତ ଦିବ୍ୟଗୁଣର ଅଧିକାରୀ, ସବୁ କିଛିକୁ ଜାଣିପାରନ୍ତି ତେଣୁ ସର୍ବଜ୍ଞ, ପ୍ରକୃତି ଏବଂ ଜୀବାତ୍ମାର ସ୍ୱାମୀ, ସମସ୍ତ ଗୁଣର ଶାସକ ତଥା ଜନ୍ମ ମରଣ ରୂପ ସଂସାରରେ ଆବଦ୍ଧ କରିବା ଉନ୍ମୁକ୍ତ କରିବା କାମ ଯାହାଙ୍କର ସେ ହିଁ କେବଳ ଆମକୁ ମୁକ୍ତ କରାଇପାରିବେ ।

ସ ତନ୍ମୟୋ ହ୍ୟମୃତ ଈଶସଂସ୍ଥୋ
ଜ୍ଞଃ ସର୍ବଗୋ ଭୁବନସ୍ୟାସ୍ୟ ଗୋପ୍ତା ।
ଯ ଈଶେ ଅସ୍ୟ ଜଗତୋ ନିତ୍ୟମେବ
ନାନ୍ୟୋ ହେତୁର୍ବିଦ୍ୟତ ଈଶନାୟ ।।୧୭।।

ମନ୍ତ୍ରାର୍ଥ – ସେ ତନ୍ମୟ (ଜଗଦ୍ରୂପ ଅଥବା ଜ୍ୟୋତିର୍ମୟ), ଅମରଣଧର୍ମା, ଈଶ୍ୱରରୂପରେ ସ୍ଥିତ, ଜ୍ଞାତା, ସର୍ବଗତ ଏବଂ ଏହି ଭୁବନର ରକ୍ଷକ ଅଟନ୍ତି ଯିଏକି ସର୍ବଦା ଏହି ଜଗତର ଶାସନ କରୁଅଛନ୍ତି, କାହିଁକି ନାଁ ତାଙ୍କସମ ଶାସକ ଆଉ କେହି ନାହାଁନ୍ତି ଅର୍ଥାତ୍ ତାଙ୍କ ସମର୍ଥ ଦ୍ୱିତୀୟ କେହି ନାହିଁ ।

ମୁମୁକ୍ଷୁଙ୍କ ପାଇଁ ଭଗବତ୍ ଶରଣାଗତିର ଉପଦେଶ–

ଯୋ ବ୍ରହ୍ମାଣଂ ବିଦଧାତି ପୂର୍ବଂ
ଯୋ ବୈ ବେଦାଂଶ୍ଚ ପ୍ରହିଣୋତି ତସ୍ମୈ ।
ତଁ ହ ଦେବମାତ୍ମବୁଦ୍ଧିପ୍ରକାଶଂ
ମୁମୁକ୍ଷୁର୍ବୈ ଶରଣମହଂ ପ୍ରପଦ୍ୟେ ।।୧୮।।

ମନ୍ତ୍ରାର୍ଥ – ନିଜ ବୁଦ୍ଧିକୁ ପ୍ରକାଶିତ କରିବାକୁ ଚାହୁଁଥିବା ବ୍ୟକ୍ତି, ଯିଏ ସୃଷ୍ଟିର ପ୍ରାରମ୍ଭରେ ବ୍ରହ୍ମାଙ୍କୁ ଉତ୍ପନ୍ନ କରାଇଛନ୍ତି ଆଉ ଯିଏ ତାଙ୍କ ପାଇଁ ବେଦର ପ୍ରଣୟନ ଓ ପ୍ରବୃତ୍ତ କରାଇଛନ୍ତି, ସେହି ଦେବତାଙ୍କ ନିକଟରେ 'ମୁଁ ମୁମୁକ୍ଷୁ, ଶରଣ ଗ୍ରହଣ କରୁଛି' କହିବା ଦରକାର ।

ନିଷ୍କଳଂ ନିଷ୍କ୍ରିୟଁ ଶାନ୍ତଂ ନିରବଦ୍ୟଂ ନିରଞ୍ଜନମ୍ ।
ଅମୃତସ୍ୟ ପରଁ ସେତୁଂ ଦଗ୍ଧେନ୍ଧନମିବାନଳମ୍ ।।୧୯।।

ମନ୍ତ୍ରାର୍ଥ – ଯିଏ କଳାହୀନ, କ୍ରିୟାହୀନ, ଶାନ୍ତ, ଅନିନ୍ଦ୍ୟ, ନିର୍ଲେପ, ଅମୃତତ୍ୱର ଉତ୍କୃଷ୍ଟସେତୁ ଏବଂ ଯାହାଙ୍କର ଇନ୍ଧନ ସମାପ୍ତ ହୋଇଯାଇଛି, ଧୂମାଦିଶୂନ୍ୟ ଅଗ୍ନିସମ ଦେଦୀପ୍ୟମାନ ହୋଇଛନ୍ତି, ସେହି ଦେବତାଙ୍କର ମୁଁ ଶରଣାପନ୍ନ ହେଉଅଛି ।

ପରମାତ୍ମଜ୍ଞାନ ବ୍ୟତୀତ ଦୁଃଖ ନିବୃତ୍ତି ଅସମ୍ଭବ–

ଯଦା ଚର୍ମବଦାକାଶଂ ବେଷ୍ଟୟିଷ୍ୟନ୍ତି ମାନବାଃ ।
ତଦା ଦେବମବିଜ୍ଞାୟ ଦୁଃଖସ୍ୟାନ୍ତୋ ଭବିଷ୍ୟତି ।।୨୦।।

ମନ୍ତ୍ରାର୍ଥ – ଯେଉଁ ସମୟରେ ଲୋକ ଚର୍ମସଦୃଶ(ଶରୀରକୁ ଚର୍ମାଚ୍ଛାଦନ କଲାଭଳି) ଆକାଶକୁ ପରିବେଷ୍ଟନକରି ରହିବେ, ସେହି ସମୟରେ ଉକ୍ତ ଦେବତାଙ୍କୁ ନ ଜାଣି ମଧ ତାଙ୍କ ଦୁଃଖର ଅନ୍ତ (ପରିସମାପ୍ତି) ହୋଇଯିବ ।

ସାମାନ୍ୟ ବ୍ୟାଖ୍ୟା– ପରମାତ୍ମାଙ୍କୁ ନ ଜାଣି ଦୁଃଖର ଅନ୍ତ ବା ପରିସମାପ୍ତି ହେବା ଅସମ୍ଭବ । ଯେଉଁଭଳି ବିଭୁ ଏବଂ ଅମୂର୍ତ୍ତ ଆକାଶକୁ ପରିଚ୍ଛିନ୍ନ ତଥା ମୂର୍ତ୍ତସ୍ୱରୂପ ଚର୍ମସମ ବେଷ୍ଟିତ ହୋଇଛନ୍ତି ସେହିଭଳି ପରମାତ୍ମାଙ୍କୁ ଜୀବ ପୂର୍ଣ୍ଣରୂପେ ଜାବୁଡି ଧରିଲେ ତା' ଦୁଃଖର ପରିସମାପ୍ତି ଘଟାଇ ପାରିବ ଅର୍ଥାତ୍ ମୁକ୍ତ ହେବାକୁ ସକ୍ଷମ ହେବ, ଅନ୍ୟଥା କୌଣସି ସ୍ଥିତିରେ ସମ୍ଭବ ନୁହେଁ ।

ଶ୍ୱେତାଶ୍ୱେତର ବିଦ୍ୟାର ସମ୍ପ୍ରଦାୟ ତଥା ତାହାର ଅଧିକାରୀ–

ତପଃପ୍ରଭାବାଦ୍ ଦେବପ୍ରସାଦାଚ୍ଚ ବ୍ରହ୍ମ
ହ ଶ୍ୱେତାଶ୍ୱତରୋଽଥ ବିଦ୍ୱାନ୍ ।
ଅତ୍ୟାଶ୍ରମିଭ୍ୟଃ ପରମଂ ପବିତ୍ରଂ
ପ୍ରୋବାଚ ସମ୍ୟଗୃଷିସଙ୍ଘଜୁଷ୍ଟମ୍ ।।୨୧।।

ମନ୍ତ୍ରାର୍ଥ – ଶ୍ୱେତାଶ୍ୱତର ଋଷି ତପୋବଳ ଏବଂ ପରମାତ୍ମାଙ୍କର ପ୍ରସନ୍ନତା ଦ୍ୱାରା ଉକ୍ତ ପ୍ରସିଦ୍ଧ ବ୍ରହ୍ମଙ୍କୁ ଜାଣିବାକୁ ସକ୍ଷମ ହୋଇଥିଲେ ଏବଂ ଋଷି ସମ୍ପ୍ରଦାୟ ସେବିତ ଏହି ପରମପବିତ୍ର ବ୍ରହ୍ମତତ୍ତ୍ୱକୁ ସମ୍ୟକ୍ ରୂପେ ପରମହଂସ ସନ୍ନ୍ୟାସୀଙ୍କୁ ଉପଦେଶ ଭାବରେ ପ୍ରଦାନ କରିଥିଲେ ।

ଅନଧିକାରୀଙ୍କ ପ୍ରତି ବିଦ୍ୟାର ଉପଦେଶ ନିଷେଧ–

ବେଦାନ୍ତେ ପରମଂ ଗୁହ୍ୟଂ ପୁରାକଳ୍ପେ ପ୍ରଚୋଦିତମ୍ ।
ନାପ୍ରଶାନ୍ତାୟ ଦାତବ୍ୟଂ ନାପୁତ୍ରାୟାଶିଷ୍ୟାୟ ବା ପୁନଃ ।।୨୨

ମନ୍ତ୍ରାର୍ଥ– ଉପନିଷଦର ପରମଗୁହ୍ୟ ଏହି ବିଦ୍ୟାସମୂହ ପୂର୍ବକଳ୍ପରେ ଉପଦେଶ ଭାବରେ ଦିଆଯାଇଛି । ଯାହାଙ୍କର ଚିତ୍ତ ଅତ୍ୟନ୍ତ ଶାନ୍ତ(ରାଗାଦି ମଳରହିତ) ନ ହୋଇଛି, ସେହି ବ୍ୟକ୍ତିଙ୍କୁ ଏବଂ ଯିଏ ପୁତ୍ର ବା ଶିଷ୍ୟ ନ ହୋଇଛନ୍ତି ତାଙ୍କୁ ଏହି ଉପଦେଶ କଦାପି ଦେବା ଅନୁଚିତ ।

ପରମେଶ୍ୱର ଏବଂ ଗୁରୁଙ୍କଠାରେ ଶ୍ରଦ୍ଧା–ଭକ୍ତି ରଖିଥିବା ଶିଷ୍ୟଙ୍କ ପ୍ରତି ପ୍ରଦତ୍ତ ଉପଦେଶର ସଫଳତା–

ଯସ୍ୟ ଦେବେ ପରା ଭକ୍ତିର୍ଯଥା ଦେବେ ତଥା ଗୁରୌ ।
ତସ୍ୟୈତେ କଥିତା ହ୍ୟର୍ଥାଃ ପ୍ରକାଶନ୍ତେ ମହାତ୍ମନଃ ।
ପ୍ରକାଶନ୍ତେ ମହାତ୍ମନଃ ।।୨୩।।

ମନ୍ତ୍ରାର୍ଥ – ଯାହାଙ୍କର ପରମେଶ୍ୱରଙ୍କ ଠାରେ ଅତ୍ୟନ୍ତ ଭକ୍ତିରହିଛି ଆଉ ଯିଏ ପରମେଶ୍ୱରଙ୍କ ଭଳି ଗୁରୁଙ୍କ ଠାରେ ମଧ୍ୟ ଅନନ୍ୟ ଭକ୍ତ ହୋଇଅଛନ୍ତି, ସେହି ମହାତ୍ମାଙ୍କ ପ୍ରତି ଏହା କୁହାଯିବା ପରେ ଏହି ତତ୍ତ୍ୱଗୁଡ଼ିକ ପ୍ରକାଶିତ ହୋଇଥାଏ । କାରଣ ତାହା ସେହି ମହାତ୍ମାମାନଙ୍କ ପ୍ରତି ଓ ଦ୍ୱାରା ହିଁ ପ୍ରକାଶିତ ହୁଏ । (ଅର୍ଥାତ୍ ଏହି ଉପଦେଶ ସେହିମାନଙ୍କ ପାଇଁ ପ୍ରକାଶର ଉତ୍ସ ହୁଏ, ଯେଉଁମାନେ ଉପରୋକ୍ତ ପ୍ରକାରେ ଭକ୍ତି ଓ ନିଷ୍ଠା ରଖିଅଛନ୍ତି ।)

ସାମାନ୍ୟ ବ୍ୟାଖ୍ୟା– ଯେଉଁ ସାଧକ ପରମଦେବ ପରମେଶ୍ୱରଙ୍କଠାରେ ପରମଭକ୍ତି ପରାୟଣ ହୋଇଥାନ୍ତି ଆଉ ଯେଉଁଭଳି ପରମେଶ୍ୱରଙ୍କଠାରେ ପରିବେଷ୍ଟିତ

ହୋଇଥାନ୍ତି, ସେହିଭଳି ନିଜ ଗୁରୁଙ୍କଠାରେ ମଧ ହୋଇଥାନ୍ତି । ସେହି ମହାତ୍ମା ଅର୍ଥାତ୍ ମନସ୍ୱୀ ପୁରୁଷଙ୍କ ହୃଦୟରେ ହିଁ ଉପରୋକ୍ତ ବର୍ଣ୍ଣିତ ରହସ୍ୟମୟ ଅର୍ଥ ପ୍ରକାଶିତ ହୋଇଥାଏ । ଅତଃ ଜିଜ୍ଞାସୁମାନଙ୍କୁ ପୂର୍ଣ୍ଣତୟା ଶ୍ରଦ୍ଧାବାନ୍ ତଥା ଭକ୍ତ ହେବା ବିଧେୟ । ଯାହାଙ୍କଠାରେ ପୂର୍ଣ୍ଣ ଶ୍ରଦ୍ଧା ଏବଂ ଭକ୍ତି ରହିଛି, ସେହି ମହାତ୍ମାଙ୍କ ହୃଦୟରେ ଏହି ଗୂଢ ଅର୍ଥ ପ୍ରକାଶିତ ହୋଇଥାଏ । ଏହି ମନ୍ତ୍ରରେ ଅନ୍ତିମ ବାକ୍ୟର ପୁନରାବୃତ୍ତି ଗ୍ରନ୍ଥ ସମାପ୍ତିକୁ ସୂଚିତ କରୁଅଛି ।

।। ଷଷ୍ଠ ଅଧ୍ୟାୟ ସମାପ୍ତ ।।୬।।

।। କୃଷ୍ଣଯଜୁର୍ବେଦୀୟ ଶ୍ୱେତାଶ୍ୱତରୋପନିଷଦ୍ ସମାପ୍ତ ।।

ପୁନଃ ଶାନ୍ତିପାଠଃ

ଓଁ ସହ ନାବବତୁ । ସହ ନୌ ଭୁନକ୍ତୁ ।
ସହ ବୀର୍ଯ୍ୟଂ କରବାବହୈ ।
ତେଜସ୍ୱି ନାବଧୀତମସ୍ତୁ । ମା ବିଦ୍ୱିଷାବହୈ ।
ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!!

ପରମାତ୍ମନ୍ ! ଆପଣ ଆମକୁ ଅର୍ଥାତ୍ ଗୁରୁ ଓ ଶିଷ୍ୟ ଉଭୟଙ୍କୁ ଏକତ୍ର ରକ୍ଷା କରନ୍ତୁ । ଆମକୁ ଏକତ୍ର ପାଳନ କରନ୍ତୁ । ଆମେ ଏକତ୍ର ବିଦ୍ୟା ସମନ୍ଧୀ ସାମର୍ଥ୍ୟ ପ୍ରାପ୍ତ କରୁ ଓ ଆମଦ୍ୱାରା ଅଧିତ ବିଦ୍ୟା ତେଜସ୍ୱୀ ହେଉ । ଆମେ ପରସ୍ପର ମଧ୍ୟରେ କେବେହେଲେ ଦ୍ୱେଷ ଭାବ ନ ରଖୁ । ଆମ୍ଭର ତ୍ରିବିଧ ତାପ ଶାନ୍ତ ହେଉ ।

ଶ୍ୱେତାଶ୍ୱତରୋପନିଷଦ

ସାରାଂଶ

ପ୍ରଥମ ଅଧ୍ୟାୟ

ପରବ୍ରହ୍ମ ପରମାତ୍ମାଙ୍କୁ ଜାଣିବା ପାଇଁ ତାଙ୍କ ବିଷୟରେ ଚର୍ଚ୍ଚା କରୁଥିବା କିଛି ଜିଜ୍ଞାସୁ ପରସ୍ପର ମଧ୍ୟରେ ଚର୍ଚ୍ଚା କରୁଥିଲେ । ସେମାନଙ୍କ ଭିତରୁ ଜଣେ କେହି ନିଜର ଶଙ୍କା ବିମୋଚନାର୍ଥେ କତିପୟ ପ୍ରଶ୍ନ ଉପସ୍ଥାପନ କଲେ । ତାଙ୍କ କଥନର ଅଭିପ୍ରାୟ ହେଉଛି, ହେ ବେଦଜ୍ଞ ମହର୍ଷିଗଣ ! ଆମେମାନେ ବେଦରେ ପଢିଅଛେ କି, ଏହି ସମଗ୍ର ଜଗତର କାରଣ ହେଉଛନ୍ତି ବ୍ରହ୍ମ, ତାହେଲେ

କିଏ ସେହି ବ୍ରହ୍ମ ? ଯଦି ଆମେମାନେ ତହିଁରୁ ଉତ୍ପନ୍ନ ତେବେ ସେ କିଏ ଅଟନ୍ତି ? ଏଠାରେ ଆଦି ଶବ୍ଦବାଚକ ବା ମୂଳକୁ ନିର୍ଦ୍ଦେଶ କରୁଥିବା ବସ୍ତୁ ସମ୍ପର୍କରେ ଆକଳନ କରିବାପାଇଁ ଶଙ୍କା ଉତ୍ପନ୍ନ ହୋଇଛି । ପୁନର୍ବାର, ଜୀବନର ଆଧାର, ସ୍ଥିତି ତଥା କାଳାନ୍ତରରେ(ଭୂତ, ଭବିଷ୍ୟ ଓ ବର୍ତ୍ତମାନ କାଳରେ) ସ୍ଥିତି ସମ୍ପର୍କରେ ଶଙ୍କା ମଧ୍ୟ ଉତ୍ପନ୍ନ ହୋଇଛି । ଏତଦ୍‌ଭିନ୍ନ ଯାହାଙ୍କଦ୍ୱାରା ଏହି ସୃଷ୍ଟି ରଚିତ ହୋଇଛି ଏବଂ ଯାହାଙ୍କ ଯୋଗୁଁ ଆମେମାନେ ସୁଖ-ଦୁଃଖରେ ଭାଗୀ ହେଉଛେ, ସେହି ସଞ୍ଚାଳକ ସ୍ୱାମୀଙ୍କୁ ଜାଣିବାପାଇଁ ଜିଜ୍ଞାସା ପରିଲକ୍ଷିତ ବି ହୋଇଅଛି ।

ଏହିଭଳି ପରବ୍ରହ୍ମ ପରମାତ୍ମାଙ୍କର ଅନୁସନ୍ଧାନ କରିବା, ତାଙ୍କୁ ଜାଣିବା ଏବଂ ପାଇବା ପାଇଁ ଉତ୍କଟ ଅଭିଳାଷା ସହିତ ଉତ୍ସାହପୂର୍ବକ ପରସ୍ପର ମଧ୍ୟରେ ବିଚାର ତଥା ମହାପୁରୁଷମାନଙ୍କ ନିକଟରେ ବିନୟଭାବ ଏବଂ ଶ୍ରଦ୍ଧାପୂର୍ବକ ପ୍ରଶ୍ନ ପ୍ରତିପାଦନ କରିବା, ତାଙ୍କ ବର୍ଣ୍ଣିତ କଥନକୁ ଧ୍ୟାନପୂର୍ବକ ଶୁଣି କାମରେ ଲଗାଇବାର ନାମ ହେଉଛି ସତ୍‌ସଙ୍ଗ । ଏହି ଉପନିଷଦର ପ୍ରଥମ ମନ୍ତ୍ରରେ ସତ୍‌ସଙ୍ଗର ବର୍ଣ୍ଣନା ପରିଲକ୍ଷିତ ହେଉଛି । ଏହି ଯେଉଁ ସତ୍‌ସଙ୍ଗର ପ୍ରକ୍ରିୟା ଅନାଦି ଆଉ ତାର ମହିମା ଅଲୌକିକ,

ଏହା ମଧ୍ୟ ସୂଚିତ ହେଉଛି ।

କାଳ, ସ୍ୱଭାବ, ନିୟତି, ଯଦୃଚ୍ଛା(ଆକସ୍ମିକ ଘଟଣା), ଭୂତ (ପଞ୍ଚ ମହାଭୂତ) ଏବଂ ପୁରୁଷ– ଏମାନେ ସମସ୍ତେ କାରଣ ଅଟନ୍ତି ବା ନୁହଁନ୍ତି, ଏହି ବିଷୟରେ ବିବେଚ଼ନା କରିବା ଦରକାର । ଏହାର ସଂଯୋଗ ମଧ୍ୟ ଆତ୍ମାଧୀନ ହୋଇଥିବାରୁ କାରଣ ହୋଇ ନ ପାରନ୍ତି ଆଉ ଜୀବାତ୍ମା ମଧ୍ୟ ସୁଖ ଦୁଃଖର କାରଣ ଅର୍ଥାତ୍ ପୁଣ୍ୟାପୁଣ୍ୟ କର୍ମର ଅଧୀନ ହୋଇଥାନ୍ତି, ଏଣୁ ତାହା ମଧ୍ୟ କାରଣ ହୋଇ ନ ପାରେ । ଯେହେତୁ ସୁଖ–ଦୁଃଖର ହେତୁଭୂତ ପ୍ରାରବ୍ଧର ଅଧୀନ ଅଟେ ସ୍ୱତନ୍ତ୍ର ନୁହେଁ, ସେଥିପାଇଁ ଏ ସମ୍ପର୍କରେ ଭଲ ଭାବରେ ବିବେଚ଼ନା କରିବାର ଆବଶ୍ୟକତା ରହିଛି ।

ବେଦଶାସ୍ତ୍ରରେ ଅନେକ କାରଣର ବର୍ଣ୍ଣନା ହୋଇଛି । କେଉଁଠି କାଳକୁ କାରଣ ବତାଯାଇଛି ତ ଆଉ କେଉଁଠି ଉତ୍ପତ୍ତି, ରଚ଼ନା ଓ ପ୍ରଳୟକୁ କାରଣ ବତାଯାଇଛି । ଅନ୍ୟତ୍ର ସ୍ୱଭାବକୁ କାରଣ ବତାଯାଉଥିବାବେଳେ କାର୍ଯ୍ୟକୁ ବି କାରଣ ବତାଯାଇଛି । ଏଥିରୁ ଏହା ସିଦ୍ଧ ହେଉଛି କି, ବସ୍ତୁଗତ ଶକ୍ତିରୂପ ଯେଉଁ ସ୍ୱଭାବ ରହିଛି, ତାହା କାରଣ ଅଟେ । ଯେଉଁଠି କର୍ମକୁ କାରଣ ବତାଯାଇଛି, ସେଠାରେ ଜୀବ କର୍ମାନୁସାରେ ଭିନ୍ନ ଭିନ୍ନ ଯୋନିରେ, ଭିନ୍ନ ଭିନ୍ନ ସ୍ୱଭାବଯୁକ୍ତ ହୋଇ ଉତ୍ପନ୍ନ ହୁଏ । ଅନ୍ୟତ୍ର ଆକସ୍ମିକ ଘଟଣାକୁ ଅବା ଭବିତବ୍ୟକୁ କାରଣ ବୋଲି ଦର୍ଶାଯାଇଛି । କେଉଁଠି ପଞ୍ଚମହାଭୂତକୁ ଏବଂ କେଉଁଠି ଜୀବାତ୍ମାକୁ ଜଗତର କାରଣ ବୋଲି ମଧ୍ୟ କୁହାଯାଇଛି । ତେଣୁ ସେମାନଙ୍କର ବିଚ଼ାର୍ଯ୍ୟ ବସ୍ତୁ ହେଲା କିଏ ସେହି କାରଣ ? ବିଚ଼ାରରୁ ସିଦ୍ଧ ହେଲାକି, କାଳଠୁ ନେଇ ପଞ୍ଚ ମହାଭୂତ ପର୍ଯ୍ୟନ୍ତ ବର୍ଣ୍ଣିତ ହୋଇଥିବା ଜଡ଼ ପଦାର୍ଥମାନଙ୍କ ମଧ୍ୟରୁ କେହିହେଲେ ଜଗତର କାରଣ ନୁହଁନ୍ତି । ସେମାନେ ଭିନ୍ନ ଭିନ୍ନ ଭାବରେ ନୁହଁନ୍ତି କି ଏକତ୍ରିତ ଭାବରେ ଜଗତର ମଧ୍ୟ କାରଣ ହୋଇ ନ ପାରନ୍ତି । କାହିଁକି ନାଁ ଏଗୁଡ଼ିକ ସବୁ ଜଡ଼ ହୋଇଥିବା କାରଣରୁ ଚ଼େତନର ଅଧୀନ ଅଟନ୍ତି । ସେମାନଙ୍କଠାରେ ସ୍ୱତନ୍ତ୍ର କାର୍ଯ୍ୟ କରିବାର ଶକ୍ତି ନାହିଁ । ଯେଉଁ ଜଡ଼ବସ୍ତୁମାନଙ୍କ ସମ୍ମିଶ୍ରଣରେ କୌଣସି ନୂତନ ବସ୍ତୁ ଉତ୍ପନ୍ନ ହୁଏ, ସେହି ବସ୍ତୁ ତାହାର ସଞ୍ଚାଳକ ଚ଼େତନ ଆତ୍ମାଙ୍କର ଅଧୀନ ଏବଂ ତାଙ୍କର ଭୋଗପାଇଁ ଉଦ୍ଦିଷ୍ଟ । ତାଙ୍କ ବ୍ୟତୀତ ପୁରୁଷ ଅର୍ଥାତ୍ ଜୀବାତ୍ମା ମଧ୍ୟ ଜଗତର କାରଣ ହୋଇ ନ ପାରେ କାରଣ ସେ ସୁଖ–ଦୁଃଖରୂପୀ ହେତୁଭୂତ ପ୍ରାରବ୍ଧର ଅଧୀନ । ସେ ମଧ୍ୟ ସ୍ୱତନ୍ତ୍ର ରୂପେ କିଛି କରିପାରେ ନାହିଁ । ତେଣୁ କାରଣରୂପୀ ଏହି ତତ୍ତ୍ୱ ଭିନ୍ନ ଅଟେ । ସେଥିପାଇଁ ସେମାନେ ଧ୍ୟାନଯୋଗର ଅନୁବର୍ତ୍ତନକରି ନିଜ ଗୁଣ ସାହାଯ୍ୟରେ ଆଚ୍ଛାଦିତ ପରମାତ୍ମା ଶକ୍ତିର ସାକ୍ଷାତକାର କଲେ – ଯିଏ(ପରମାତ୍ମା) କି ଏକାକୀ କାଳଠାରୁ ନେଇ ଆତ୍ମା ପର୍ଯ୍ୟନ୍ତ ସମସ୍ତ କାରଣମାନଙ୍କର ଅଧିଷ୍ଠାନ କରିଛନ୍ତି ।

ଏଇଭଳି ବିଚାର କରୁ କରୁ ଯେତେବେଳେ ଯୁକ୍ତି ତଥା ଅନୁମାନ ଦ୍ୱାରା ସେମାନେ କୌଣସି ନିଷ୍କର୍ଷରେ ପହଞ୍ଚି ପାରିଲେ ନାହିଁ, ସେତେବେଳେ ଧ୍ୟାନ ସାହାଯ୍ୟରେ ଅର୍ଥାତ୍ ମନ ତଥା ଇନ୍ଦ୍ରିୟକୁ ବାହ୍ୟ ବିଷୟରୁ ଦୂରେଇ ଦେଇ ପରବ୍ରହ୍ମଙ୍କୁ ଜାଣିବାପାଇଁ ତତ୍ପର ହୋଇଉଠିଲେ ଫଳରେ ପରମାତ୍ମାଙ୍କ ମହିମାର ଅନୁଭୂତ ହେଲା । ସେମାନେ ସେହି ପରମଦେବ ପରବ୍ରହ୍ମ ପୁରୁଷୋତ୍ତମଙ୍କର ସ୍ୱରୂପଭୂତ ଅଚିନ୍ତ୍ୟ ଦିବ୍ୟଶକ୍ତିର ସାକ୍ଷାତକାର କଲେ । ଯିଏ ନିଜ ଗୁଣ ସାହାଯ୍ୟରେ (ସତ୍ତ୍ୱ, ରଜ ଓ ତମଗୁଣ ଦ୍ୱାରା ଆଚ୍ଛାଦିତ ହୋଇ) ତ୍ରିଗୁଣମୟୀ ଭାବେ ପ୍ରତୀତ ହେଉଛନ୍ତି, ବାସ୍ତବରେ ସେ ଉକ୍ତ ଗୁଣତ୍ରୟରୁ ଉର୍ଦ୍ଧ୍ୱରେ । ଅତଃ ସେମାନେ ନିଷ୍କର୍ଷରେ ପହଞ୍ଚିଲେ କି, କାଳରୁ ନେଇ ଆତ୍ମା ପର୍ଯ୍ୟନ୍ତ ସମଗ୍ର କାରଣର ଅଧିଷ୍ଠାତା ବା ସ୍ୱାମୀ ଯିଏ, ସେ ଯାହାଙ୍କ ଆଜ୍ଞା ଓ ପ୍ରେରଣା ପାଇ, ଯାହାଙ୍କର ଉକ୍ତ ଶକ୍ତିର କୌଣସି ଏକ ଅଂଶକୁ ନେଇ ସ୍ୱ-ସ୍ୱ କାର୍ଯ୍ୟ କରିବାପାଇଁ ସମର୍ଥ ହୋଇଛନ୍ତି- ସେ ହିଁ ସର୍ବଶକ୍ତିମାନ୍ ପରମେଶ୍ୱର ।

ଧ୍ୟାନ ଦ୍ୱାରା ସେମାନେ ଗୋଟିଏ ନେମି, ତିନିଗୋଟି ବୃତ୍ତ, ଷୋହଳଟି ଅନ୍ତ, ପଚାଶଟି ଅର, କୋଡ଼ିଏଟି ପ୍ରତିଅର, ଛଅଗୋଟି ଅଷ୍ଟକ, ବିଶ୍ୱରୂପର ଗୋଟିଏ ପାଶ, ତିନିଗୋଟି ମାର୍ଗ ତଥା ପାପପୁଣ୍ୟ ଉଭୟର ନିମିତ୍ତଭୂତ ଏକ ମୋହଯୁକ୍ତ କାରଣକୁ ଦେଖିଲେ ବା ଜାଣିପାରିଲେ ।

ଯେଉଁଭଳି କୌଣସି ଏକ ଚକ୍ରର ଚାରିପଟେ ରହିଥିବା ଗୋଲାକୃତିକୁ ଏକ ମେରୁଦଣ୍ଡ ବା କେନ୍ଦ୍ରବିନ୍ଦୁ ଉପରେ ରହି ଘୂରିବାକୁ ହୋଇଥାଏ, ଠିକ୍ ସେହିଭଳି ଏହି ସଂସାରଚକ୍ରରୂପୀ ଅବ୍ୟାକୃତ ପ୍ରକୃତିରୂପ ନେମି ଉପରେ ଗୁଣତ୍ରୟ ଘେରି ରହିଛନ୍ତି । ଏହା ପୂର୍ବରୁ କୁହାଯାଇଛି କି, ଭଗବାନଙ୍କର ସେହି ଅଚିନ୍ତ୍ୟଶକ୍ତି ଏହି ଗୁଣତ୍ରୟ ଦ୍ୱାରା ଆବୃତ ହୋଇ ରହିଛି ଏବଂ ସଂସାରରୂପୀ ଚକ୍ରର ପ୍ରକୃତିରୂପ ନେମିରେ ମନ, ବୁଦ୍ଧି, ଅହଂକାର ତଥା ଆକାଶ, ବାୟୁ, ତେଜ, ଜଳ ଓ ପୃଥିବୀ ଏହି ଅଷ୍ଟ ସୂକ୍ଷ୍ମତତ୍ତ୍ୱ ଏବଂ ତାହାର ଅଷ୍ଟ ସ୍ଥୂଳତତ୍ତ୍ୱ ଏଭଳି ମୋଟ ଷୋହଳଗୋଟି ଶିର ରହିଛନ୍ତି । ଯେଉଁଭଳି ଚକ୍ରରେ ଅର ଲାଗିଥାଏ, ଠିକ୍ ସେହିଭଳି ଏହି ସଂସାରଚକ୍ରରେ ଅନ୍ତଃ କରଣର ବୃତ୍ତିଗୁଡ଼ିକ ପଚାଶ ଗୋଟି ଭେଦ ପଚାଶଗୋଟି ଅର ଉପରେ ଏବଂ ପଞ୍ଚ ମହାଭୂତଙ୍କର କାର୍ଯ୍ୟ ଦଶ ଇନ୍ଦ୍ରିୟ, ପଞ୍ଚ ବିଷୟ ଓ ପଞ୍ଚପ୍ରାଣ ଏହିଭଳି କୋଡ଼ିଏ ଗୋଟି ସହାୟକ ଉକ୍ତ ଅର ସ୍ଥାନରେ ରହିଛନ୍ତି । ଏହି ଚକ୍ରରେ ଆଠ ଆଠ ବସ୍ତୁ ଷଡ଼ସମୂହ ଅଙ୍ଗରୂପରେ ବିଦ୍ୟମାନ ଅଟେ । ଏହାକୁ ଷଡଅଷ୍ଟକ ନାମ ଦିଆଯାଇଛି । ଜୀବକୁ ଏହି ଚକ୍ରରେ ବାନ୍ଧି ରଖିଲାଭଳି ଅନେକ ରୂପରେ ପ୍ରକଟ ଆସକ୍ତିରୂପ ଏକ ଫାଶୀ ରହିଛି । ଦେବଯାନ, ପିତୃଯାନ ଏବଂ ଏହି ଲୋକରେ ଗୋଟିଏ ଯୋନିରୁ ଅନ୍ୟ ଗୋଟିଏ ଯୋନିକୁ ପ୍ରତ୍ୟାଗମନ ଭଳି ତିନିଗୋଟି ମାର୍ଗ ରହିଛି । ପୁଣ୍ୟ

ଓ ପାପରୂପୀ ଦୁଇଟି କର୍ମ ଜୀବକୁ ଏହି ଚ଼କ୍ର ସହିତ ଘୂରାଇବା ପାଇଁ ରହିଛି । ଏହି ପରିଭ୍ରମଣ କାଳରେ ଅର୍ଥାତ୍ ନାଭିଦେଶରେ ଅଜ୍ଞାନ ହିଁ ସ୍ଥାନିତ ହୋଇଛି । ଯେଉଁଭଳି ଚ଼କ୍ରର କେନ୍ଦ୍ର ନାଭି ଅଟେ, ସେହିଭଳି ଅଜ୍ଞାନ ଏହି ସମଗ୍ର ଜଗତର କେନ୍ଦ୍ର ଅଟେ ।

ପାଞ୍ଚଗୋଟି ସ୍ରୋତ ଯେଉଁଥିରେ ଜଳର ଧାରା ହୋଇଛନ୍ତି, ପାଞ୍ଚଗୋଟି ଉଦ୍ଗମସ୍ଥାନ ଯୋଗୁଁ ଯିଏ ଅତୀବ ଉଗ୍ର ଓ ବକ୍ର ହୋଇଯାଇଛନ୍ତି, ଯେଉଁଥିରେ ପଞ୍ଚପ୍ରାଣରୂପ ତରଙ୍ଗ ରହିଛି, ପଞ୍ଚଜ୍ଞାନର ମୂଳ ଯାହାର କାରଣ ଅଟେ, ଯେଉଁଥିରେ ପାଞ୍ଚଗୋଟି ଆବର୍ତ୍ତ ବା ଭଅଁର ରହିଛି, ଯିଏ ପାଞ୍ଚପ୍ରକାର ଦୁଃଖରୂପ ଓ ବେଗଯୁକ୍ତ ହୋଇଛନ୍ତି ଆଉ ଯିଏ ପଞ୍ଚପର୍ବଯୁକ୍ତ ହୋଇଛନ୍ତି– ସେହି ପଚ଼ାଶ ଭେଦଯୁକ୍ତ ଉକ୍ତ ନଦୀକୁ ଆମେ ଭଲଭାବରେ ଜାଣିଅଛେ । ଅର୍ଥାତ୍ ଏହି ମନ୍ତ୍ରରେ ସଂସାରକୁ ନଦୀରୂପେ ବର୍ଣ୍ଣନା କରାଯାଇଛି । ବ୍ରହ୍ମଜ୍ଞ ଋଷିଗଣ କହନ୍ତି, ଆମେ ଏଭଳି ଏକ ନଦୀକୁ ଦେଖୁଅଛୁ ଯାହାର ପଞ୍ଚଜ୍ଞାନେନ୍ଦ୍ରିୟ ପାଞ୍ଚଗୋଟି ସ୍ରୋତ ଅଟନ୍ତି । ସାଂସାରିକ ଜ୍ଞାନ ଆମକୁ ପଞ୍ଚଜ୍ଞାନେନ୍ଦ୍ରିୟ ଦ୍ୱାରା ପ୍ରାପ୍ତ ହୁଅନ୍ତି, ଯେଉଁଥିରୁ କି ସଂସାରର ପ୍ରବାହ ହୋଇଛି । ତେଣୁ ଇନ୍ଦ୍ରିୟଗୁଡ଼ିକୁ ଏଠାରେ ସ୍ରୋତବୋଲି କୁହାଯାଇଛି । ଏହି ଇନ୍ଦ୍ରିୟଗୁଡ଼ିକ ପଞ୍ଚସୂକ୍ଷ୍ମଭୂତ ତନ୍ମାତ୍ରାଠାରୁ ଉତ୍ପନ୍ନ ହୋଇଛନ୍ତି । ଯେଉଁଭଳି ନଦୀର ଉଦ୍ଗମସ୍ଥାନ ରହିଛି ଆଉ ଉଦ୍ଗମୀତ ହୋଇ ତାହା ଭୟଙ୍କର ରୂପ ଧାରଣ କରିଛି ଠିକ୍ ସେହିଭଳି । ସେହି ନଦୀ ପ୍ରବାହରେ ଖସିଗଲେ ଅଥଳ ସମୁଦ୍ରରେ ନିପତିତ ହେବାକୁ ହୁଏ, ଏହି ଇନ୍ଦ୍ରିୟମାନଙ୍କ ପ୍ରବାହରେ ପତିତ ହେଲେ ବାରମ୍ବାର ଜନ୍ମମୃତ୍ୟୁର କ୍ଲେଶ ଉଠାଇବାକୁ ପଡ଼େ । ଏହି ସଂସାର ଅତୀବ ଆକୁଡ଼ା–ଖାକୁଡ଼ା ଅର୍ଥାତ୍ କପଟତା ପୂର୍ଣ୍ଣ ଅଟେ । ଏଥିରୁ ରକ୍ଷାପାଇବା କାଠିକର ପାଠ । ତେଣୁ ସଂସାରରୂପୀ ନଦୀକୁ ବକ୍ର ବୋଲି କୁହାଯାଇଛି । ଜଗତରେ ଜୀବର ଯେଉଁସବୁ ଚ଼େଷ୍ଟା ରହିଛି, ତାହାକୁ ଭବସରିତାରୂପୀ ତରଙ୍ଗମାଳା ସଙ୍ଗେ ତୁଳନା କରାଯାଇଛି । ନଦୀର ସ୍ରୋତରେ ଚ଼ଳଚ଼ଞ୍ଚଳ ଯେଉଁ ତରଙ୍ଗ ରହିଛି, ତାହାକୁ ପଞ୍ଚଜ୍ଞାନେନ୍ଦ୍ରିୟର ଜ୍ଞାନ ସହ ତୁଳନା କରାଯାଇଛି । ଯେଉଁଭଳି ଜ୍ଞାନର ଆଦିକାରଣ ମନ ଅଟେ ଆଉ ଯେତେସବୁ ଜ୍ଞାନ ରହିଛନ୍ତି ସବୁଗୁଡ଼ିକ ମନର ବୃତ୍ତି ଅଟନ୍ତି । ଯଦି ମନ ନହୁଏ, ଇନ୍ଦ୍ରିୟ ସଚ଼େଷ୍ଟ ହୋଇଥିଲେ ମଧ୍ୟ ଜ୍ଞାନଲାଭ ହୁଏନାହିଁ । ଏହି ମନ ହିଁ ସଂସାର ନଦୀର ମୂଳ । ମନରୁ ସଂସାରର ସୃଷ୍ଟି । ସାରାଜଗତ୍ ମନର କଳ୍ପନା ମାତ୍ର । ମନ ଯେତେବେଳେ ଅମନ ହୋଇଯାଏ, ସେତେବେଳେ ଜଗତର ଅସ୍ତିତ୍ୱ ରହେନାହିଁ । ଯେ ପର୍ଯ୍ୟନ୍ତ ମନ ରହିଛି, ସେ ପର୍ଯ୍ୟନ୍ତ ସଂସାରଚ଼କ୍ର ରହିଛି । ଇନ୍ଦ୍ରିୟମାନଙ୍କର ଶବ୍ଦ, ସ୍ପର୍ଶ ଆଦି ପଞ୍ଚ ବିଷୟ ହିଁ ଏହି ସଂସାରରୂପୀ ନଦୀର ଆବର୍ତ୍ତ ବା ଭଉଁରୀ ସଦୃଶ । ସେଥିରେ

ପତିତ ହୋଇ ଜୀବ ମୃତ୍ୟୁଚକ୍ରରେ ପଡ଼ିଥାଏ । ଗର୍ଭଦୁଃଖ, ଜନ୍ମଦୁଃଖ, ରୋଗ, ବୃଦ୍ଧା, ମୃତ୍ୟୁ ଆଦି ଦୁଃଖ ଏହିଭଳି ପଞ୍ଚଦୁଃଖ ନଦୀ ପ୍ରବାହର ବେଗ ସଦୃଶ ଅଟନ୍ତି । ଅବିଦ୍ୟା(ଅଜ୍ଞାନ), ଅସ୍ମିତା (ଅହଂକାର), ରାଗ(ପ୍ରିୟବୁଦ୍ଧି), ଦ୍ୱେଷ (ଅପ୍ରିୟବୁଦ୍ଧି), ଅଭିନିବେଶ (ମୃତ୍ୟୁଭୟ) ଏଭଳି ପଞ୍ଚବିଧ କ୍ଲେଶ ଏହି ସଂସାରରୂପୀ ନଦୀରେ ପଞ୍ଚପର୍ବ ଅର୍ଥାତ୍ ବିଭାଗ ଅଟନ୍ତି । ଏହିଭଳି ପଞ୍ଚବିଭାଗରେ ଉକ୍ତ ଜଗତକୁ ବିଭାଜିତ କରାଯାଇଛି । ଏପରିଭାବେ ମୋଟକରି ଦେଖିଲେ ପଚାଶଗୋଟି ବୃତ୍ତି ସଂସାରରେ ପ୍ରତୀୟମାନ ହୁଅନ୍ତି । ସେହି ଅନ୍ତଃକରଣର ବୃତ୍ତିମାନଙ୍କୁ ନେଇ ସଂସାରରେ ଭେଦର ପ୍ରତୀତି ହୋଇଥାଏ ।

ଜୀବ ନିଜକୁ ଆଉ ସର୍ବନିୟନ୍ତା ପରମାତ୍ମାଙ୍କୁ ଭିନ୍ନ ଭିନ୍ନ ଭାବରେ ମାନି ଏହି ସମଗ୍ର ଭୂତଗଣଙ୍କର ଭୋଗଭୂମି ଜୀବନ ନିର୍ବାହକ ଆଉ ସମସ୍ତଙ୍କର ଆଶ୍ରୟଭୂତ ପ୍ରଳୟସ୍ଥାନ ମହାନ୍ ବ୍ରହ୍ମଚକ୍ରରେ ଭ୍ରମଣ କରୁଥାଏ- ଆଉ ଯେତେବେଳେ ତାହାକୁ ଅଭିନ୍ନ ରୂପରେ ବୋଧ ହୁଏ ସେତେବେଳେ ଅମୃତତ୍ତ୍ୱକୁ ପ୍ରାପ୍ତ ହୋଇଯାଏ ।

ପ୍ରପଞ୍ଚ ଠାରୁ ପୃଥକ୍ ରୂପେ ବର୍ଣ୍ଣନା କରାଯାଇଥିବା ଏହି ବ୍ରହ୍ମ ସର୍ବୋତ୍କୃଷ୍ଟ ଅଟେ । ସେଥିରେ ଭୋକ୍ତା, ଭୋଗ୍ୟ ଓ ନିୟନ୍ତା ତିନିହେଁ ସ୍ଥିତ ହୋଇଛନ୍ତି । ତାହା ତାଙ୍କର ସୁପ୍ରତିଷ୍ଠା ଆଉ ଅବିନାଶିତ୍ୱ ଅଟେ । ଏଥିରେ ପ୍ରବେଶଦ୍ୱାରକୁ ଲାଭକରି ବ୍ରହ୍ମବେତ୍ତାମାନେ ବ୍ରହ୍ମରେ ଲୀନହୋଇ ସମାଧି ନିଷ୍ଠାରେ ସ୍ଥିତ ହୋଇଥିବା ଜନ୍ମ-ମରଣରୁ ମୁକ୍ତ ହୋଇଯାନ୍ତି ।

ପରସ୍ପର ମିଳିତ ହୋଇଥିବା ଏହି କ୍ଷର-ଅକ୍ଷର ଅଥବା ବ୍ୟକ୍ତାବ୍ୟକ୍ତରୂପ ବିଶ୍ୱର ପୋଷଣ ପରମାତ୍ମା କରିଥାନ୍ତି । ମାୟାଧୀନ ଜୀବ ଭୋକ୍ତୃଭାବ କାରଣରୁ ସେଥିରେ ବାନ୍ଧି ହୋଇଥାଏ । ପରମାତ୍ମାଙ୍କ ଜ୍ଞାନଲାଭ ପରେ ତାଙ୍କର ସମସ୍ତ ବନ୍ଧନ ବା ପାଶ ମୁକ୍ତ ହୋଇଯାଏ ।

ବିନାଶଶୀଳ ଜଡ଼ବର୍ଗ ଏବଂ ଅବିନାଶୀ ଜୀବାତ୍ମା ଏହି ଦୁହିଁଙ୍କର ସଂଯୋଗରେ ନିର୍ମିତ ହୋଇଥିବା ବ୍ୟକ୍ତ ଏବଂ ଅବ୍ୟକ୍ତ ସ୍ୱରୂପ ଏହି ବିଶ୍ୱକୁ ପରମେଶ୍ୱର ହିଁ ଧାରଣ ଏବଂ ପୋଷଣ କରିଥାନ୍ତି ଏବଂ ଜୀବାତ୍ମା ଏହି ଜଗତର ବିଷୟମାନଙ୍କୁ ଭୋଗ କରୁଥିବା କାରଣରୁ ପ୍ରକୃତିର ଅଧୀନରେ ଅସମର୍ଥତା ବଶତଃ ବନ୍ଧା ହୋଇଥାଏ ଏବଂ ସେହି ପରମଦେବ ପରମେଶ୍ୱରଙ୍କୁ ଜାଣି ସମସ୍ତପ୍ରକାର ବନ୍ଧନରୁ ମୁକ୍ତ ହୋଇଯାଏ ।

ଏମାନେ (ଈଶ୍ୱର ଏବଂ ଜୀବ କ୍ରମଶଃ) ସର୍ବଜ୍ଞ ଆଉ ଅଜ୍ଞ ତଥା ସର୍ବସମର୍ଥ ଆଉ ଅସମର୍ଥ ଅଟନ୍ତି, ଏହି ଦୁହେଁ ଅଜନ୍ମା ମଧ୍ୟ ଅଟନ୍ତି । ଏକମାତ୍ର ଅଜା ପ୍ରକୃତି ହିଁ ଭୋକ୍ତା ବା ଜୀବ ପାଇଁ ଭୋଗ୍ୟ ସମ୍ପାଦନାରେ ନିଯୁକ୍ତ ହୋଇଥାଏ । ବିଶ୍ୱରୂପ

ଆତ୍ମା ତ ଅନନ୍ତ ଓ ଅକର୍ତ୍ତା ଅଟେ ।

ନିଜ ଆତ୍ମାରେ ସ୍ଥିତ ଉକ୍ତ ବ୍ରହ୍ମଙ୍କୁ ସର୍ବଦା ବୋଧହେବା ଦରକାର । ଏହାଠାରୁ ବଳି ଅନ୍ୟ କୌଣସି ଜ୍ଞାତବ୍ୟ ପଦାର୍ଥ ନାହିଁ । ଭୋକ୍ତା (ଜୀବ), ଭୋଗ୍ୟ (ଜଗତ୍) ଆଉ ପ୍ରେରକ (ଈଶ୍ୱର)- ଏମାନେ ତିନି ପ୍ରକାରରେ କୁହାଯାଉଥିବା ପୂର୍ଣ୍ଣବ୍ରହ୍ମ ଅଟନ୍ତି- ଏହିଭଳି ଭାବେ ଜାଣିନେବା ଦରକାର ।

ଯେଉଁଭଳି ନିଜ ଆଶ୍ରୟରେ (କାଠରେ) ସ୍ଥିତ ଅଗ୍ନିର ରୂପ ଦେଖାଯାଏ ନାହିଁ କି ତାହାର (ଲିଙ୍ଗ ବା ସୂକ୍ଷ୍ମସ୍ୱରୂପର) ନାଶ ହୁଏନାହିଁ ବରଂ ଇନ୍ଧନରୂପ କାରଣରୁ ତାହା(ଅଗ୍ନି)ର ଗ୍ରହଣ କରାଯାଏ, ଠିକ୍ ସେହିଭଳି ଅଗ୍ନି ଆଉ ଅଗ୍ନିଲିଙ୍ଗସମ ଏହି ଦେହରେ ପ୍ରଣବ ଦ୍ୱାରା ଆତ୍ମାକୁ ଗ୍ରହଣ କରାଯାଇଥାଏ ।

ନିଜ ଦେହକୁ ଅରଣୀ ଆଉ ପ୍ରଣବକୁ ଉତ୍ତରାରଣୀ କରି ଧ୍ୟାନରୂପ ମନ୍ଥନ ବା ଅଭ୍ୟାସ ଦ୍ୱାରା ସ୍ୱପ୍ରକାଶ ପରମାତ୍ମାଙ୍କୁ ଲୁଚି ରହିଥିବା ଅଗ୍ନିସମ ଦେଖିବା ଦରକାର । ଅଗ୍ନିକୁ ପ୍ରକଟ କରିବାପାଇଁ ଯେଉଁଭଳି ଦୁଇଟି କାଷ୍ଠର ଘର୍ଷଣ କରାଯାଇଥାଏ, ଠିକ୍ ସେହିଭଳି ନିଜ ଶରୀରରେ ପରମପୁରୁଷ ପରମାତ୍ମାଙ୍କୁ ପ୍ରାପ୍ତ କରିବାପାଇଁ ସ୍ୱଶରୀରକୁ ନିମ୍ନ କାଷ୍ଠ ବା ଅରଣୀ କରାଇ ଓମ୍‌କାରକୁ ଉଚ୍ଚ ଅରଣୀ ମନେ କରିନେବା ଦରକାର । ଅର୍ଥାତ୍ ସ୍ୱ-ଶରୀରକୁ ସମଭାବରେ ନିଶ୍ଚଳ ପୂର୍ବକ ସ୍ଥିରକରି ଓମ୍‌କାରରୂପୀ ବାଣୀଦ୍ୱାରା ଜପ ତଥା ଅର୍ଥତଃ ମନନ କରିବା ଫଳରେ ପରମାତ୍ମାଙ୍କର ନିରନ୍ତର ଚିନ୍ତନ ହୋଇଥାଏ । ଏହିଭଳି ଧ୍ୟାନରୂପ ମନ୍ଥନ ଦ୍ୱାରା ସାଧକକୁ କାଠରେ ଲୁଚି ରହିଥିବା ଅଗ୍ନିସମ ନିଜ ହୃଦୟରେ ରହିଥିବା ପରମେଶ୍ୱରଙ୍କୁ ଦେଖିନେବା ଦରକାର ।

ଯେଉଁଭଳି ରାଶିରେ ତୈଳ, ଦଧିରେ ଘିଅ, ନଦୀସ୍ରୋତରେ ଜଳ ତଥା ଅରଣି ବା କାଷ୍ଠରେ ଅଗ୍ନି ଲୁଚି ରହିଛନ୍ତି, ଠିକ୍ ସେହିଭଳି ପରମାତ୍ମା ଆମ ହୃତ୍‌କନ୍ଦରରେ ଲୁଚି ରହିଛନ୍ତି । ଯାହା ତପ ଏବଂ ଆତ୍ମବିଦ୍ୟାର ମୂଳ ଅଟେ ତଥା ଯେଉଁଥିରେ ପରମ ଶ୍ରେୟ ଆଶ୍ରିତ ହୋଇରହିଛି, ସେହି ସର୍ବବ୍ୟାପୀ ଆତ୍ମାଙ୍କୁ ଦୁଗ୍ଧରେ ବିଦ୍ୟମାନ ଘୃତସମ ଦେଖିବା ଦରକାର । ଆତ୍ମବିଦ୍ୟା ଏବଂ ତପ ଯାହାଙ୍କର ମୂଳଭୂତ ସାଧନ ହୋଇଯାଇଛି, ଯିଏ ଦୁଗ୍ଧସ୍ଥିତ ଘୃତସଦୃଶ ସର୍ବତ୍ର ପରମାତ୍ମାଙ୍କୁ ବୋଧ ହୁଅନ୍ତି, ସେ ଉପନିଷଦ ବର୍ଣ୍ଣିତ ପରମତତ୍ତ୍ୱ ବ୍ରହ୍ମଙ୍କୁ ଲାଭ କରନ୍ତି । ଅର୍ଥାତ୍ ସେ ହିଁ ପରମତତ୍ତ୍ୱ ବ୍ରହ୍ମ ଅଟନ୍ତି ।

ଦ୍ୱିତୀୟ ଅଧ୍ୟାୟ

ପ୍ରଥମ ଅଧ୍ୟାୟରେ ପରମଦେବ ପରମାତ୍ମାଙ୍କୁ ସାକ୍ଷାତକାର କରିବାପାଇଁ ଧ୍ୟାନକୁ ପ୍ରଧାନ ମାଧ୍ୟମ ଭାବରେ ଉପଯୋଗ କରାଯାଇଛି । ସେହି ଧ୍ୟାନର ପ୍ରକ୍ରିୟା ଦ୍ୱିତୀୟ ଅଧ୍ୟାୟରେ ପ୍ରାରମ୍ଭ କରାଯାଉଛି । ଏଥିରେ ପ୍ରଥମେ ଧ୍ୟାନ-ସିଦ୍ଧି ପାଇଁ ପାଞ୍ଚଟି ମନ୍ତ୍ରରେ ପରମେଶ୍ୱରଙ୍କୁ ପ୍ରାର୍ଥନା କରିବାର ପ୍ରଣାଳୀ ବର୍ଣ୍ଣନା କରାଯାଇଛି । ତତ୍ପରେ ଧ୍ୟାନର ବିଧି ବର୍ଣ୍ଣିତ ହୋଇଛି ।

ଯେଉଁ ବିପ୍ରଗଣ ମନ ଏବଂ ଇନ୍ଦ୍ରିୟମାନଙ୍କୁ ପରମାତ୍ମାଙ୍କଠାରେ ଲଗାଇଥାନ୍ତି, ସେମାନଙ୍କୁ ଯେ କୌଣସି ପ୍ରକାରେ ଜଣେ ପ୍ରଜ୍ଞାବିତଙ୍କ ଦ୍ୱାରା ହୋତୃସାଧ(ଯଜ୍ଞାଦି) କ୍ରିୟାମାନଙ୍କର ବିଧାନ କରାଇ ଉକ୍ତ ମହାନ୍ ସର୍ବଜ୍ଞ ଏବଂ ବିପ୍ର (ବିଶେଷରୂପରେ ବ୍ୟାପକ) ସବିତୃଦେବଙ୍କର ମହତୀ ସ୍ତୁତି କରନ୍ତୁ ।

ଯେଉଁଥିରେ ବ୍ରାହ୍ମଣାଦି ବ୍ୟକ୍ତିବିଶେଷ ମନକୁ ସ୍ଥିରକରାନ୍ତି ଆଉ ବୁଦ୍ଧିର ବୃତ୍ତିକୁ ସଂଲଗ୍ନ କରାନ୍ତି– ଯିଏ ସମସ୍ତ ଅଗ୍ନିହୋତ୍ରାଦି ଶୁଭକର୍ମମାନଙ୍କର ବିଧାନ କରନ୍ତି ତଥା ଯିଏ ସମସ୍ତ ଜଗତର ବିଚାରମାନଙ୍କୁ ଜାଣନ୍ତି ଆଉ ସେ ଏକ ଅଟନ୍ତି । ଆଉ ସେହି ସର୍ବଶ୍ରେଷ୍ଠ, ସର୍ବବ୍ୟାପକ, ସର୍ବଜ୍ଞ, ସର୍ବୋନାଦକ ପରମଦେବ ପରମେଶ୍ୱରଙ୍କର ନିଶ୍ଚିତଭାବର ମହତୀ ବା ସ୍ତୁତି କରିବା ଦରକାର ।

ଯେଉଁ ପରବ୍ରହ୍ମ ପରମାତ୍ମାଙ୍କର ଶ୍ରେଷ୍ଠବୁଦ୍ଧିଯୁକ୍ତ ବ୍ରାହ୍ମଣାଦି ଅଧିକାରୀ ମନୁଷ୍ୟ ନିଜର ମନକୁ ଲଗାଇଛନ୍ତି ଅର୍ଥାତ୍ ନିଜର ସର୍ବପ୍ରକାର ବୁଦ୍ଧିବୃତ୍ତିକୁ ନିଯୁକ୍ତ କରିଛନ୍ତି, ଯିଏ ଅଗ୍ନିହୋତ୍ର ଆଦି ସମସ୍ତ ଶୁଭକର୍ମମାନଙ୍କର ବିଧାନ କରିଛନ୍ତି, ଯିଏ ସମସ୍ତ ଜଗତର ବିଚାରମାନଙ୍କୁ ଜାଣିବାକୁ ଏକ ତଥା ଅଦ୍ୱିତୀୟ ଅଟନ୍ତି, ସେହି ସର୍ବମହାନ୍, ସର୍ବବ୍ୟାପୀ, ସର୍ବଜ୍ଞ, ସର୍ବୋନାଦକ, ପରମଦେବ ପରମେଶ୍ୱରଙ୍କର ପ୍ରଶଂସା ଆମେମାନେ କରିବା ବିଧେୟ ।

ହେ ଇନ୍ଦ୍ରିୟବର୍ଗ ଏବଂ ଇନ୍ଦ୍ରିୟାଧିଷ୍ଠାତୃ ଦେବଗଣ ! ମୁଁ ତୁମ ସମ୍ବନ୍ଧୀତ ପୁରାତନ ବ୍ରହ୍ମଙ୍କୁ ମନ ଲଗାଇ ନମସ୍କାର(ଚିତ୍ତପ୍ରଣିଧାନାଦି ଦ୍ୱାରା) କରୁଛି । ସତ୍ ମାର୍ଗରେ ବିଦ୍ୟମାନ ବିଦ୍ୱାନଙ୍କ ଭଳି ମୋର ଏହି କୀର୍ତ୍ତନୀୟ ଶ୍ଳୋକ (ସ୍ତୁତିପାଠ) ଲୋକମାନଙ୍କଠାରେ ବିସ୍ତୃତହେଉ । ଯିଏ ସବୁଦିଗରୁ ଦିବ୍ୟଧାମ ଉପରେ ଅଧିକାର ସାବ୍ୟସ୍ତ କରି ରଖିଛନ୍ତି, ତାହାଙ୍କୁ ଅମୃତ(ହିରଣ୍ୟଗର୍ଭ)ଙ୍କର ପୁତ୍ର ବିଶ୍ୱେଦେବଗଣ ଶ୍ରବଣ କରନ୍ତୁ ।

ହେ ମନ ଏବଂ ବୁଦ୍ଧି ! ମୁଁ ତୁମଦୁହିଁଙ୍କର ସ୍ୱାମୀଙ୍କୁ ଅର୍ଥାତ୍ ସମସ୍ତଙ୍କର ଆଦି ପୂର୍ଣ୍ଣବ୍ରହ୍ମ ପରମାତ୍ମାଙ୍କୁ ବାରମ୍ବାର ନମସ୍କାର ଦ୍ୱାରା ସଂଯୁକ୍ତ ହେଉଛି । ମୋର ସେହି ସ୍ତୁତିପାଠ

ଶ୍ରେଷ୍ଠ ବିଦ୍ୱାନମାନଙ୍କର କୀର୍ତ୍ତିଭଳି ସର୍ବତ୍ର ବିସ୍ତୃତ ହୋଇଯାଉ, ଯାହାଦ୍ୱାରା ଅବିନାଶୀ ପରମାତ୍ମାଙ୍କର ସମସ୍ତ ପୁତ୍ର ଯେଉଁମାନେ ଦିବ୍ୟଲୋକରେ ନିବାସ କରୁଛନ୍ତି ସେମାନେ ଶୁଣିପାରିବେ ।

ଯେଉଁ ସ୍ଥିତିରେ ପରମାତ୍ମାରୂପ ଅଗ୍ନିଙ୍କୁ ପ୍ରାପ୍ତ କରିବା ଉଦ୍ଦେଶ୍ୟରେ ଓମ୍‌କାର ଜପ ଓ ଧ୍ୟାନ ଦ୍ୱାରା ମନ୍ଥନ କରାଯାଇଥାଏ । ଯେଉଁଠାରେ ପ୍ରାଣବାୟୁକୁ ଭଲଭାବରେ ବିଧିପୂର୍ବକ ନିରୋଧ କରାଯାଉଛି ତଥା ଯେଉଁଠାରେ ଆନନ୍ଦରୂପ ସୋମରସ ଅଧିକ ମାତ୍ରାରେ ପ୍ରକଟିତ ହେଉଛି, ସେଠାରେ ଅର୍ଥାତ୍ ସେହିସ୍ଥିତିରେ ମନ ସର୍ବଥା ବିଶୁଦ୍ଧ ହୋଇଯାଏ ।

ସବିତା ଦେବତାଙ୍କ ଦ୍ୱାରା ଅନୁଜ୍ଞାତହୋଇ ସେହି ଚିରନ୍ତନ ବ୍ରହ୍ମଙ୍କର ସେବନ କରିବା ଦରକାର । ତୁମେ ସେହି ବ୍ରହ୍ମରେ ନିଷ୍ଠା (ସମାଧି) ସ୍ଥାପନ କର । ତାହାଦ୍ୱାରା ପୂର୍ତ୍ତକର୍ମ ତୁମ ବନ୍ଧନର କାରଣ ହେବନାହିଁ ।

ହେ ସାଧକ ! ସମଗ୍ର ଜଗତର ଉତ୍ପାଦକ ସର୍ବାନ୍ତର୍ଯ୍ୟାମୀ ପରମେଶ୍ୱରଙ୍କ ପ୍ରେରଣାରୁ ଅର୍ଥାତ୍ ପୂର୍ବ ନିର୍ଦ୍ଦେଶିତ ପନ୍ଥାନୁସାରେ ପରମାତ୍ମାଙ୍କର ସ୍ତୁତି କରି ତାଙ୍କଠାରୁ ଅନୁମତି ପ୍ରାପ୍ତିପୂର୍ବକ ତୁମେ ସେ ସମସ୍ତଙ୍କର ଆଦି ପରବ୍ରହ୍ମ ପରମାତ୍ମାଙ୍କର ସେବା ତଥା ଆରାଧନା କରିବା ଦରକାର । ସେହି ପରମେଶ୍ୱରଙ୍କ ଠାରେ ଆଶ୍ରୟ ପ୍ରାପ୍ତ କରିବା ଦରକାର । ତାଙ୍କ ଶରଣାପନ୍ନ ହୋଇ ନିଜକୁ ବିଲୀନ କରାଇଦେବା ଦରକାର । ଏଭଳି କରିପାରିଲେ ପୂର୍ବକୃତ କର୍ମ ତୁମର ବନ୍ଧନର କାରଣ ହେବନାହିଁ । ଅର୍ଥାତ୍ ତୁମଦ୍ୱାରା ଅନୁଷ୍ଠିତ କର୍ମ-ଅକର୍ମ ତୁମକୁ ଆଉ ବାନ୍ଧି ରଖିପାରିବ ନାହିଁ । ତାହାର ପରିଣତି ତୁମେ ଆଉ ଭୋଗ କରିବନାହିଁ ।

ବୁଦ୍ଧିମାନ୍ ବ୍ୟକ୍ତିମାନେ ଶିର, ଗ୍ରୀବା ତଥା ହୃତ୍‌ଦେଶକୁ ସରଳରେଖାରେ ସ୍ଥାପନକରି ଶରୀରକୁ ଯଥାସାଧ୍ୟ ସରଳକରାଇ ସ୍ଥିରଭାବରେ ବସିରହି ସମଗ୍ର ଇନ୍ଦ୍ରିୟମାନଙ୍କୁ ମନ ସାହାଯ୍ୟରେ ହୃତ୍‌ଦେଶରେ ନିରୁଦ୍ଧକରି ଓମ୍‌କାର ରୂପୀ ନୌକାର ସାହାଯ୍ୟନେଇ ଭୟଙ୍କର ସ୍ରୋତରୂପୀ ସଂସାରକୁ ପାର କରିପାରନ୍ତି ।

ଯେଉଁମାନେ ଧ୍ୟାନଯୋଗର ସାଧନ କରନ୍ତି, ସେହି ବୁଦ୍ଧିମାନ୍ ସାଧକମାନେ ଉପରୋକ୍ତ ପ୍ରକାରେ ଶରୀରକୁ ସଳଖ ରଖି ଇତସ୍ତତଃ ନ ହୋଇ ସ୍ଥିରଭାବରେ ବସିଯାଇ ସମ୍ପୂର୍ଣ୍ଣ ଇନ୍ଦ୍ରିୟମାନଙ୍କୁ ମନ ସାହାଯ୍ୟରେ ହୃତ୍‌ଦେଶରେ କେନ୍ଦ୍ରିତକରି ଓମ୍‌କାର ଧ୍ୟାନ କରନ୍ତୁ । ଏଭଳି କରିବାଦ୍ୱାରା ସଂସାରରୂପୀ ସ୍ରୋତକୁ ଅନାୟାସରେ ପାର କରିହେବ । ଏହି ଯେଉଁ ଓମ୍‌କାରରୂପୀ ସାଧନ ଏଠାରେ ପ୍ରଦର୍ଶିତ ହୋଇଛି, ତାହା ନିଃସନ୍ଦେହରେ ସାଧନଲବ୍ଧ ଓ ସାଧନପ୍ରଦ ସାଧବସ୍ତୁ ଅଟେ । ଯାହାର

ପ୍ରୟୋଗକରି ସଂସାର ସାଗରକୁ ଅତିକ୍ରମ କରିହେବ । ସେଥିପାଇଁ ଯେଉଁଭଳି ଭାବରେ ନିଜକୁ ପ୍ରସ୍ତୁତକରିବା ଦରକାର, ତାହା ମଧ୍ୟ ଏଠାରେ ବର୍ଣ୍ଣିତ ହୋଇଛି । ଶରୀରର ସ୍ୱରୂପ ତଥା ଅଙ୍ଗ ଓ ଇନ୍ଦ୍ରିୟମାନଙ୍କର ସ୍ଥିତି ମଧ୍ୟ କିଭଳି ହେବା ଦରକାର, ତାହା ବର୍ଣ୍ଣନା କରାଯାଇଛି । ଏହି ଉପାୟର ଅବଲମ୍ବନରେ ବ୍ୟକ୍ତି ନିଜକୁ ପ୍ରସ୍ତୁତ କରିନେଇପାରିବ, ଯାହାକି ପୂର୍ବମନ୍ତ୍ରାନୁସାରେ କର୍ମ ବନ୍ଧନର କାରଣ ନ ହୋଇ ମୁକ୍ତିର ପଥ ପ୍ରଶସ୍ତ କରିପାରିବ ।

ସାଧକକୁ ଯୁକ୍ତ ଆହାର-ବିହାର କରି ପ୍ରାଣକୁ ନିରୋଧପୂର୍ବକ ଯେତେବେଳେ ପ୍ରାଣଶକ୍ତି (ପ୍ରାଣଧାରଣର ସାମର୍ଥ୍ୟ) କ୍ଷୀଣ ହୋଇଯିବ, ସେତେବେଳେ ନାସିକା ରନ୍ଧ୍ର ଦ୍ୱାରା ତାକୁ ବହିଷ୍କାର କରିବା ଦରକାର । ତାପରେ ପୁଣି ସେହି ବିଦ୍ୱାନବ୍ୟକ୍ତି ଦୁଷ୍ଟ ଅଶ୍ୱଯୁକ୍ତ ରଥର ସାରଥୀସମ ସାବଧାନପୂର୍ବକ ମନର ନିୟନ୍ତ୍ରଣ କରିବା ଦରକାର । ଯେତେବେଳେ ନିୟନ୍ତ୍ରିତ ପ୍ରାଣ ସୂକ୍ଷ୍ମ ସ୍ଥିତିରେ ଉପନୀତ ହେବ ଠିକ୍ ସେତିକିବେଳେ ନାସିକା ରନ୍ଧ୍ରଦେଇ ଉକ୍ତପ୍ରାଣକୁ ବହିର୍ଗତ କରାଇଦିଅନ୍ତୁ । ଏହାପରେ ଯେଉଁଭଳି ଦୁଷ୍ଟଘୋଡ଼ା ସଂଯୁକ୍ତ ରଥର ସାରଥୀ ସନ୍ତର୍ପଣର ସହିତ ରଥଚାଳନା କରନ୍ତି, ଠିକ୍ ସେହିଭଳି ମନକୁ ସଂଯତକରି ସାବଧାନପୂର୍ବକ ଆୟତ୍ତ କରନ୍ତୁ । ଯାହାଦ୍ୱାରା ଯୋଗ ସାଧନରେ କୌଣସି ପ୍ରକାର ବିଘ୍ନ ଉପସ୍ଥିତ ନ ହେବ ଆଉ ତାହା ପରମାତ୍ମା ପ୍ରାପ୍ତି ରୂପ ଲକ୍ଷ୍ୟରେ ଉପନୀତ କରାଇପାରିବ ।

ଯାହା ସମତଳ, ପବିତ୍ର, ଶର୍କରା, ଅଗ୍ନି ଏବଂ ବାଲୁକାରହିତ ତଥା ଶବ୍ଦ, ଜଳ ଆଉ ଆଶ୍ରୟାଦି ଶୂନ୍ୟ ହୋଇଛି, ମନର ଅନୁକୂଳ ହୋଇଛି ଏବଂ ନେତ୍ରକୁ ପୀଡ଼ା ପ୍ରଦାନ କରୁନାହିଁ, ସେହିଭଳି ଗୁହା ଆଦି ମଧ୍ୟରେ ବାୟୁଶୂନ୍ୟ ସ୍ଥାନ ଚୟନକରି ସେଠାରେ ତାଙ୍କ ଉଦ୍ଦେଶ୍ୟରେ ମନକୁ ଯୁକ୍ତକରାଅ ।

ଯୋଗାଭ୍ୟାସ ଆରମ୍ଭ କରିବାପରେ ପ୍ରଥମେ ଅନୁଭୂତ ହେଉଥିବା ଶୀତ, ଉଷ୍ଣ, ତାପ ଅର୍ଥାତ୍ କୁହୁଡ଼ି, ଧୂମ, ସୂର୍ଯ୍ୟ, ବାୟୁ, ଅଗ୍ନି, ଖଦ୍ୟୋତ୍, ବିଦ୍ୟୁତ୍, ସ୍ଫଟିକମଣି ଏବଂ ଚନ୍ଦ୍ରମା ଆଦି ତାଙ୍କର ରୂପରେ ବ୍ରହ୍ମଙ୍କର ଅଭିବ୍ୟକ୍ତିକୁ ପ୍ରକାଶ କରିଥାନ୍ତି । ଯେତେବେଳେ ସାଧକ ପରବ୍ରହ୍ମ ପରମାତ୍ମାଙ୍କ ପ୍ରାପ୍ତି ପାଇଁ ଧ୍ୟାନଯୋଗର ସାଧନା ଆରମ୍ଭ କରେ, ସେତେବେଳେ ତାଙ୍କ ସମ୍ମୁଖରେ କେବେ କୁହୁଡ଼ି ସଦୃଶ ରୂପ ଦୃଶ୍ୟମାନ୍ ହୁଏ ପୁଣି କେବେ ଧୂମ ସଦୃଶ ପ୍ରତୀୟମାନ ହୁଏ । କେବେକେବେ ସୂର୍ଯ୍ୟସମ ପ୍ରକାଶୋଦୀପ୍ତ ପ୍ରତିଭାତ ହେଲାବେଳେ କେବେ ନିଶ୍ଚଳ ବାୟୁଙ୍କର ନିରାକାର ରୂପ ଅନୁଭୂତ ହୁଏ । କେବେ ଅଗ୍ନି ସଦୃଶ ତେଜ ପ୍ରତୀୟମାନ ହେଲାବେଳେ କେବେ ଜୁଳୁଜୁଳିଆ ପୋକ ଭଳି ସାମାନ୍ୟତମ ଦୀପ୍ତି ପ୍ରତୀତ ହୁଏ ।

ପୁନଶ୍ଚ କେବେ ବିଜୁଳି ଭଳି ଚମକୃତ ଆଲୋକବର୍ତ୍ତିକା ଦୃଷ୍ଟିଗୋଚର ହେଲାବେଳେ ପୁଣି କେବେ ସ୍ଫଟିକମଣି ସଦୃଶ ଉଜ୍ଜ୍ୱଳରୂପ ପରିଦୃଷ୍ଟ ହୋଇଥାଏ । କେବେ ଚନ୍ଦ୍ରସମ ଶୀତଳତା ଅନୁଭୂତ ହେଲାବେଳେ ଆଉ କେବେ ସୂର୍ଯ୍ୟଙ୍କର ତେଜରଶ୍ମି ସମ ଉଷ୍ଣତା ପରିଦୃଷ୍ଟ ହୋଇଥାଏ । ଏସବୁ ଯୋଗ ସାଧନାର ଉନ୍ନତି ଦ୍ୟୋତକ ହୋଇଥିବାରୁ ସାଧକ ନିଶ୍ଚଳ-ନିଶ୍ଚିନ୍ତ ହୋଇ ଧ୍ୟାନସ୍ଥ ହେବା ବିଧେୟ ।

ପୃଥିବୀ, ଜଳ, ଅଗ୍ନି, ବାୟୁ ଏବଂ ଆକାଶର ଅଭିବ୍ୟକ୍ତି ହେବାପରେ ଯାହାଙ୍କୁ ଯୋଗାଗ୍ନିମୟ ଶରୀର ପ୍ରାପ୍ତ ହୋଇଛି, ସେହି ଯୋଗୀଙ୍କୁ ନାଁ ରୋଗ, ନାଁ ବୃଦ୍ଧାବସ୍ଥା କିମ୍ବା ନାଁ ସାମୟିକ ମୃତ୍ୟୁ ପ୍ରାପ୍ତି ହୁଏ । ପୃଥିବୀ, ଜଳ, ତେଜ, ବାୟୁ ଏବଂ ଆକାଶ- ଏହି ପଞ୍ଚମହାଭୂତର ସମ୍ୟକ୍ ଉତ୍ଥାନ ହେବାରୁ ଏମାନଙ୍କ ସହ ସମ୍ବନ୍ଧ ରକ୍ଷାକାରୀ ଯୋଗ ସମ୍ବନ୍ଧିତ ପଞ୍ଚଗୁଣରେ ସିଦ୍ଧିଲାଭ ହୁଏ । ଫଳତଃ ଯୋଗାଗ୍ନିମୟ ଶରୀରକୁ ପ୍ରାପ୍ତକାରୀ ଉକ୍ତ ସାଧକ ନାଁ ରୋଗ, ନାଁ ଶୋକ, ନାଁ ବୃଦ୍ଧାବସ୍ଥା ନାଁ ମୃତ୍ୟୁ ଆଦିକୁ ପ୍ରାପ୍ତ ହୋଇଥାଏ ।

ଧ୍ୟାନଯୋଗକୁ ସାଧନ କରୁ କରୁ ଯେତେବେଳେ ପଞ୍ଚମହାଭୂତର ଉତ୍ଥାନ ହୁଏ ଅର୍ଥାତ୍ ସାଧକ ଉକ୍ତ ପଞ୍ଚମହାଭୂତର ଅଧିକାରୀ ହୋଇଯାଏ, ସେତେବେଳେ ତାଙ୍କ ନିକଟରେ ପଞ୍ଚସିଦ୍ଧି ଅବଶ୍ୟ ପ୍ରକଟିତ ହୁଅନ୍ତି । ସେହି ସମୟରେ ଯୋଗାଗ୍ନିମୟ ଶରୀରକୁ ପ୍ରାପ୍ତ କରିଥିବା ଉକ୍ତ ଯୋଗୀ ରୋଗ, ଶୋକ, ବୃଦ୍ଧା ତଥା ମୃତ୍ୟୁକୁ ଭୟ ନ କରି ନିଶ୍ଚିନ୍ତରେ ନିବାସ କରିଥାନ୍ତି । ଏହାର ଅଭିପ୍ରାୟ ହେଉଛି ତାଙ୍କ ଇଚ୍ଛା ବ୍ୟତିରେକ ତାଙ୍କ ଶରୀରକୁ କେହିହେଲେ ସ୍ପର୍ଶ କରିପାରନ୍ତି ନାହିଁ ।

ଶରୀରରେ ଓଜନଶୂନ୍ୟତା, ନୀରୋଗତା, ବିଷୟାସକ୍ତିର ନିବୃତ୍ତି, ଶାରୀରିକ କାନ୍ତିର ଉଜ୍ଜ୍ୱଳତା, ସ୍ୱରର ମଧୁରତା, ସୁଗନ୍ଧ ଏବଂ ମଳ-ମୂତ୍ରର ନ୍ୟୂନତା- ଏସବୁ ଯୋଗର ପ୍ରାଥମିକ ସିଦ୍ଧି ବୋଲାନ୍ତି । ଯେଉଁଭଳି ମୃତ୍ତିକା ଦ୍ୱାରା ଆଚ୍ଛାଦିତ ହୋଇଥିବା ସ୍ୱର୍ଣ୍ଣ ବା ରୌପ୍ୟଖଣ୍ଡ ବିଶୋଧିତ ହେବା ପରେ ତେଜୋମୟତା ଲାଭ କରେ, ସେହିଭଳି ଦେହଧାରୀ ଜୀବ ଆତ୍ମତତ୍ତ୍ୱର ସକ୍ଷାତକାର କରି ଅଦ୍ୱିତୀୟ, କୃତକୃତ୍ୟ ତଥା ଶୋକରହିତ ହୋଇଯାଆନ୍ତି ।

ଯେଉଁ ସମୟରେ ଯୋଗୀ ଦୀପକସଦୃଶ ପ୍ରକାଶସ୍ୱରୂପ ଆତ୍ମଭାବରେ ବ୍ରହ୍ମତତ୍ତ୍ୱର ସାକ୍ଷାତକାର କରେ, ସେହି ସମୟରେ ସେହି ଅଜନ୍ମା ନିଶ୍ଚଳ ଏବଂ ସମସ୍ତ ତତ୍ତ୍ୱଦ୍ୱାରା ବିଶୁଦ୍ଧ ଦେବତାଙ୍କୁ ଅବଗତ ହୋଇ ସେ ସମଗ୍ର ବନ୍ଧନରୁ ମୁକ୍ତ ହୋଇଯାଏ । ଏହି ଦେବତା ହିଁ ସମ୍ପୂର୍ଣ୍ଣ ଦିଗ-ବିଦିଗ ହୋଇରହିଛନ୍ତି, ସେ ହିରଣ୍ୟଗର୍ଭ ରୂପରେ ପୂର୍ବରୁ ଉତ୍ପନ୍ନ ହୋଇଥିଲେ, ସେ ମଧ୍ୟ ଏହି ଗର୍ଭ ଅନ୍ତର୍ଗତ ଅଟନ୍ତି । ଏହିଠାରୁ ଉତ୍ପନ୍ନ

ମଧ୍ୟ ହୋଇଛନ୍ତି, ଭବିଷ୍ୟତରେ ହେବେ ମଧ୍ୟ । ଆହୁରି ସେ ମଧ୍ୟ ସମଗ୍ର ଜୀବରେ ପ୍ରତିଷ୍ଠିତ ହୋଇଛନ୍ତି ଏବଂ ସର୍ବତୋମୁଖ ଅଟନ୍ତି ।

ନିଶ୍ଚିତଭାବରେ ପୂର୍ବବର୍ଣ୍ଣିତ ଫଳଗୁଡ଼ିକ ଲାଭକରି ସାଧକ ପରମଦେବ ପରମାତ୍ମାଙ୍କ ପରିପୂର୍ଣ୍ଣତାକୁ ଉପଲବ୍ଧ କରେ । ଜଗତରେ ଏଭଳି କୌଣସି ସ୍ଥାନ ନାହିଁ, ଯେଉଁଠାରେ ସେ ନାହାନ୍ତି । ସେ ପ୍ରାରମ୍ଭରୁ ହିରଣ୍ୟଗର୍ଭ ରୂପେ ପ୍ରକଟିତ ହୋଇଥିଲେ, ବ୍ରହ୍ମାଣ୍ଡରୂପ ଗର୍ଭରେ ଅନ୍ତର୍ଯ୍ୟାମୀ ରୂପେ ସ୍ଥିତ ହୋଇଛନ୍ତି । ସେ ମଧ୍ୟ ଅଧୁନା ଜଗତ୍ ରୂପରେ ପ୍ରକଟିତ ହୋଇଛନ୍ତି ଏବଂ ଭବିଷ୍ୟତରେ ଅର୍ଥାତ୍ ପ୍ରଳୟାନ୍ତେ ସୃଷ୍ଟି ପ୍ରାରମ୍ଭ ମଧ୍ୟ କରିପାରିବେ । ସେ ସମଗ୍ର ଜୀବଜଗତ ମଧ୍ୟରେ ଅନ୍ତର୍ଯ୍ୟାମୀରୂପେ ସ୍ଥିତ ହୋଇଛନ୍ତି ଆଉ ସର୍ବବ୍ୟାପୀ ମୁଖଯୁକ୍ତ ହୋଇ ସବୁକିଛିର ଦର୍ଶନ ମଧ୍ୟ କରୁଛନ୍ତି । ତେଣୁ ସାଧକ ଏହାକୁ ବୁଝି ସ୍ପଷ୍ଟ ହୋଇଯିବା ଦରକାର କି, ସେହି ପରବ୍ରହ୍ମ ପରମାତ୍ମା ହିଁ ସାଧ୍ୟବସ୍ତୁ ଅଟନ୍ତି । ଯୋଗ ମାଧ୍ୟମରେ ବା ଉପାସନା ମାଧ୍ୟମରେ ତାଙ୍କୁ ହିଁ ଅବଗତ ହେବା ଏକାନ୍ତ ବିଧେୟ ।

ତୃତୀୟ ଅଧ୍ୟାୟ

ପୂର୍ବୋକ୍ତ ବର୍ଣ୍ଣନାନୁସାରେ ଜଣେ ଯିଏ ଜାଲ ବିସ୍ତାରକାରୀ(ମାୟାବୀ) ନିଜ ଐଶ୍ୱରୀୟ ଶକ୍ତି ସାହାଯ୍ୟରେ ଶାସନ କରିଥାନ୍ତି, ଯିଏ ଏକାକୀ ଐଶ୍ୱର୍ଯ୍ୟଯୁକ୍ତ ହୋଇ ମଧ୍ୟ ଜଗତର ପ୍ରାଦୁର୍ଭାବ ସମୟରେ ନିଜଶକ୍ତି ଦ୍ୱାରା ସମଗ୍ର ଲୋକକୁ ଶାସନ କରିଥାନ୍ତି, ତାଙ୍କୁ ଯିଏ ଅବଗତ ହୁଅନ୍ତି- ସେ ଅମର ହୋଇଥାଆନ୍ତି ।

କାହିଁକି ନାଁ ରୁଦ୍ର ଏକ ଅଟନ୍ତି, ଏଣୁ ବ୍ରହ୍ମବିଦ୍‌ଗଣ ତାଙ୍କ ଭିନ୍ନ ଅନ୍ୟ କୌଣସି ବସ୍ତୁ ପାଇଁ ଅପେକ୍ଷା କରନ୍ତି ନାହିଁ । ସେ ନିଜର ଶକ୍ତିସମୂହ ଦ୍ୱାରା ଏହି ଲୋକକୁ ଶାସନ କରିଥାଆନ୍ତି- ସେ ସମସ୍ତ ଜୀବଙ୍କ ମଧ୍ୟରେ ରହିଥାଆନ୍ତି ଆଉ ସମ୍ପୂର୍ଣ୍ଣ ଲୋକର ରଚ଼ନା କରିଛନ୍ତି । ଏପରିକି ସମସ୍ତଙ୍କର ରକ୍ଷକହୋଇ ପ୍ରଳୟ କାଳରେ ସେସବୁକୁ ସଙ୍କୁଚ଼ିତ ମଧ୍ୟ କରିଦେଇଥାଆନ୍ତି ।

ସେ ସର୍ବ ବିଦ୍ୟମାନ ହୋଇଛନ୍ତି ଅର୍ଥାତ୍ ତାଙ୍କର ଚ଼କ୍ଷୁ ସର୍ବତ୍ର ରହିଛି, ସେ ଅନେକ ମୁଖବିଶିଷ୍ଟ ହୋଇଛନ୍ତି, ସର୍ବତ୍ର ଭୁଜାବିଷ୍ଟ ତଥା ଉର ବିଶିଷ୍ଟ ହୋଇଛନ୍ତି । ସେହି ଏକମାତ୍ର ଦେବତା (ପ୍ରକାଶମୟ ପରମାତ୍ମା) ଦ୍ୟୁଲୋକ ଏବଂ ପୃଥିବୀଲୋକର ରଚ଼ନାକରି (ସେଠାରେ ମନୁଷ୍ୟ, ପକ୍ଷୀ ଆଦି ପ୍ରାଣୀମାନଙ୍କୁ) ଦୁଇ ଭୁଜା ବିଶିଷ୍ଟ

କରାଇ ଏବଂ ପତତ୍ର ଯୁକ୍ତ (ପାଦପକ୍ଷୀଯୁକ୍ତ) କରାଇ ଅଛନ୍ତି । ତାଙ୍କର ସର୍ବତ୍ର ଚକ୍ଷୁ ବ୍ୟାପୀ ରହିଛି ଆଉ ସର୍ବତ୍ର ମୁଖ ମଧ ରହିଛି । ସବୁସ୍ଥାନରେ ତାଙ୍କର ହସ୍ତପାଦ ପରିବ୍ୟାପ୍ତ ହୋଇଛି । ଏହାର ଭାବାର୍ଥ ହେଉଛି, ସେ ସମଗ୍ରଲୋକରେ ସ୍ଥିତ ସମସ୍ତ ଜୀବମାନଙ୍କର କର୍ମ ଓ ବିଚାରକୁ ତଥା ସମଗ୍ର ଘଟଣାମାନଙ୍କୁ ନିଜର ଦିବ୍ୟଶକ୍ତି ଦ୍ୱାରା ନିରନ୍ତର ଦର୍ଶନ କରିପାରନ୍ତି । ତାଙ୍କ ସମ୍ମୁଖରେ କୌଣସି ବସ୍ତୁ ଲୁଚି ରହିପାରେନାହିଁ । ତାଙ୍କ ଭକ୍ତ ତାଙ୍କୁ ଯେଉଁଠି ସେଇଠି ଭୋଜନଯୋଗ୍ୟ ବସ୍ତୁ ସମର୍ପିତ କରନ୍ତି, ତାକୁ ମଧ ସେ ଗ୍ରହଣ କରନ୍ତି । ସେ ସର୍ବତ୍ର ପରିଦୃଷ୍ଟ ହୁଅନ୍ତି, ସମସ୍ତ ବସ୍ତୁ ତାଙ୍କଦ୍ୱାରା ସୃଷ୍ଟ । ତେଣୁ ତାଙ୍କ ଆଶ୍ରିତ ଯେ କୌଣସି ଜୀବର ସଙ୍କଟନାଶନ ତାଙ୍କ ଦ୍ୱାରା ସମ୍ଭବ ହୁଏ ଅର୍ଥାତ୍ ସେ ସମସ୍ତଙ୍କର ରକ୍ଷାକାରୀ ଅଟନ୍ତି । ସଂସାରରେ ଏଭଳି କୌଣସି ସ୍ଥାନ ନାହିଁ, ଯେଉଁଠାରେ ତାଙ୍କର କୌଣସି ଶକ୍ତି ବିଦ୍ୟମାନ ନୁହେଁ । ସେ ସମଗ୍ର ପ୍ରାଣୀମାନଙ୍କର ଆବଶ୍ୟକତା ଅନୁସାରେ ଭିନ୍ନ ଭିନ୍ନ ଶକ୍ତି ଏବଂ ସାଧନା ଦ୍ୱାରା ସେଗୁଡ଼ିକୁ ସମ୍ପନ୍ନ କରନ୍ତି । ଏଠାରେ ଭୁଜା ତଥା ପକ୍ଷ କଥା ଉପଲକ୍ଷଣ ଭାବରେ ପ୍ରୟୋଗ କରାଯାଇଛି । ଏଠାରେ ବୁଝିବାକୁ ହେବ, ସମଗ୍ର ପ୍ରାଣୀମାନଙ୍କଠାରେ ଯେଉଁକିଛି ବି ଶକ୍ତି ରହିଛି, ସେଗୁଡ଼ିକ ପରମାତ୍ମା ପ୍ରଦତ୍ତ ।

ସେହି ପୁରୁଷଯୁକ୍ତ ଜଗତଠାରୁ ଉର୍ଦ୍ଧ୍ୱରେ ଯେଉଁ ବ୍ରହ୍ମ- ହିରଣ୍ୟଗର୍ଭଙ୍କ ଠାରୁ ଉତ୍କୃଷ୍ଟ ଏବଂ ମହାନ ଅଟନ୍ତି, ଯିଏ ସମସ୍ତ ପ୍ରାଣୀମାନଙ୍କ ଠାରେ ଶରୀରାନୁସାରେ ପରିଚ୍ଛିନ୍ନ ରୂପରେ ଲୁଚି ରହିଛନ୍ତି ଏବଂ ବିଶ୍ୱର ଏକମାତ୍ର ପରିବେଷ୍ଟା ହୋଇଛନ୍ତି, ସେହି ପରମେଶ୍ୱରଙ୍କୁ ଜାଣି ଜୀବଗଣ ଅମର ହୋଇଯାଆନ୍ତି ।

ମୁଁ ଏହି ଅଜ୍ଞାନାତୀତ, ପ୍ରକାଶସ୍ୱରୂପ, ମହାନ ପୁରୁଷଙ୍କୁ ଜାଣିଅଛି । ତାଙ୍କୁ ଜାଣି ପୁରୁଷ ମୃତ୍ୟୁକୁ ପାର କରିଥାଏ । ତାଙ୍କ ବ୍ୟତୀତ ପରମପଦ ପ୍ରାପ୍ତିର ଅନ୍ୟ କୌଣସି ମାର୍ଗ ହିଁ ନାହିଁ ।

କୌଣସି ଜ୍ଞାନୀ ମହାପୁରୁଷ କହନ୍ତି କି- ଏହି ମହାନାତୀତସମ ପରମ ପୁରୁଷୋତ୍ତମଙ୍କୁ ମୁଁ ଜାଣିଅଛି । ସେ ଅବିଦ୍ୟାରୂପକ ଅନ୍ଧକାରଠାରୁ ସର୍ବଦା ଉର୍ଦ୍ଧ୍ୱରେ ରହନ୍ତି । ସୂର୍ଯ୍ୟସମ ସ୍ୱୟଂ ପ୍ରକାଶସ୍ୱରୂପ ଅଟନ୍ତି । ତାଙ୍କୁ ଜାଣିଲେ ବ୍ୟକ୍ତି ମୃତ୍ୟୁକୁ ଉଲଂଘନ କରିପାରେ ଅର୍ଥାତ୍ ଜନ୍ମ-ମୃତ୍ୟୁଚକ୍ରରୁ ମୁକ୍ତ ହୋଇଯାଏ ।

ସେହି ପରମଦେବ ପରମେଶ୍ୱରଙ୍କ ଠାରୁ ଶ୍ରେଷ୍ଠ ଅନ୍ୟ କେହି ନାହାଁନ୍ତି । ସେ ସର୍ବଶ୍ରେଷ୍ଠ ଅଟନ୍ତି । ଯେତେସବୁ ସୂକ୍ଷ୍ମ ତତ୍ତ୍ୱ ରହିଛନ୍ତି, ସେମାନଙ୍କଠାରୁ ଅଧିକ ସୂକ୍ଷ୍ମତର ସେ ହିଁ ଅଟନ୍ତି । ତାଙ୍କଠାରୁ ସୂକ୍ଷ୍ମ ଆଉ କେହି ନାହାଁନ୍ତି । ତେଣୁ ସେ କ୍ଷୁଦ୍ରାତିକ୍ଷୁଦ୍ର ଜୀବମାନଙ୍କ ଶରୀରରେ ପ୍ରବିଷ୍ଟ ହୋଇ ରହିଛନ୍ତି । ଏହିଭଳି ଯେତେସବୁ

ମହାନ ବ୍ୟାପକ ତତ୍ତ୍ୱ ରହିଛନ୍ତି, ସେସବୁଥିରୁ ମହାନ– ଅଧିକ ବ୍ୟାପକ ସେହି ପରବ୍ରହ୍ମ ଅଟନ୍ତି । ତାଙ୍କଠାରୁ ବଡ଼ ବା ଅଧିକ ବ୍ୟାପ୍ତ କେହି ନାହାଁନ୍ତି । ତେଣୁ ସେ ପ୍ରଳୟକାଳରେ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡକୁ ନିଜ ମଧ୍ୟରେ ଲୀନ କରାଇଦିଅନ୍ତି । ଯିଏ ଏକାକୀ ବୃକ୍ଷସଦୃଶ ନିଶ୍ଚଳ ଭାବରେ ପରମଧାମ ରୂପ ପ୍ରକାଶମୟ ଦିବ୍ୟ ଆକାଶରେ ସ୍ଥିତ ହୋଇଛନ୍ତି, ସେହି ପରବ୍ରହ୍ମ ପରମାତ୍ମାଙ୍କଠାରୁ ଏହି ସମଗ୍ର ଜଗତ୍ ବ୍ୟାପ୍ତ ହୋଇଛି । ସେହି ପରମପୁରୁଷ ପରମେଶ୍ୱର ହିଁ ନିରାକାର ରୂପେ ସମଗ୍ର ଜଗତରେ ପରିପୂର୍ଣ୍ଣ ହୋଇ ରହିଛନ୍ତି ।

ସେହି କାରଣ ବ୍ରହ୍ମଙ୍କ ଠାରୁ ଯିଏ ଉତ୍କୃଷ୍ଟତର ସେ ଅରୂପ ଏବଂ ଅନାମୟ ଅଟନ୍ତି । ତାଙ୍କୁ ଯିଏ ଜାଣନ୍ତି ସେ ଅମର ହୋଇଯାଆନ୍ତି ।

ସେହି ସର୍ବେଶ୍ୱର ଭଗବାନଙ୍କର ସବୁସ୍ଥାନରେ ମୁଖ ରହିଛି, ସର୍ବତ୍ର ଶିର ତଥା ଗ୍ରୀବା ବିଦ୍ୟମାନ ହୋଇଛି । ଏହାର ଭାବ ହେଉଛି ପ୍ରତ୍ୟେକ ସ୍ଥାନରେ, ପ୍ରତ୍ୟେକ ଅଙ୍ଗଦ୍ୱାରା କୃତକର୍ମ ତାଙ୍କ ଦ୍ୱାରା ସମ୍ପନ୍ନ ହୋଇଛି । ସମଗ୍ର ପ୍ରାଣୀଙ୍କର ହୃଦୟକନ୍ଦରରେ ନିବାସକରି ସେ ସର୍ବବ୍ୟାପୀ ହୋଇଛନ୍ତି । ଏହାର ଅଭିପ୍ରାୟ ହେଉଛି, ସେ କଲ୍ୟାଣସ୍ୱରୂପ ଭାବେ ସର୍ବତ୍ର ପହଞ୍ଚି ପାରୁଛନ୍ତି । ଅର୍ଥାତ୍ ସାଧକ ତାଙ୍କୁ ଯେଉଁ ସମୟରେ ଯେଉଁଭଳି ଭାବରେ ପ୍ରତ୍ୟକ୍ଷ କରିବାକୁ ଚାହୁଁଛି, ସେହି ସମୟରେ, ସେହି ଜାଗାରେ ଆଉ ସେହି ରୂପରେ ପ୍ରତ୍ୟକ୍ଷ କରିପାରୁଛି ।

ନିଶ୍ଚିତ ଭାବରେ ଏହି ମହାନ ତଥା ସାମର୍ଥ୍ୟବାନ୍ ଅବିନାଶୀ, ପ୍ରକାଶସ୍ୱରୂପ, ପରମପୁରୁଷ, ପୁରୁଷୋତ୍ତମ ସମସ୍ତଙ୍କର ଶାସନକାରୀ ହୋଇ ନିଜକୁ ପ୍ରାପ୍ତ କରାଇବାର ଯେଉଁ ନିର୍ମଳଲାଭ ରହିଛି, ସେହି ଦିଗକୁ ପ୍ରେରିତକାରୀ ଅଟନ୍ତି । ଅର୍ଥାତ ସମସ୍ତଙ୍କ ଉପରେ ଶାସନ କରୁଥିବା ମହାନ୍ ପ୍ରଭୁ ପ୍ରଥମରୁ ବର୍ଣ୍ଣିତ ହୋଇଥିବା ଉକ୍ତ ପରମପଦ ଲାଭ ଯାହାକି ନିର୍ମଳ ଲାଭ ଭାବରେ ଖ୍ୟାତ ଅଟେ, ତାହାକୁ ଲାଭ କରିବା ପାଇଁ ପ୍ରତ୍ୟେକ ମନୁଷ୍ୟକୁ ପ୍ରେରିତ କରୁଛନ୍ତି । ପ୍ରତ୍ୟେକଙ୍କୁ ତାଙ୍କ ଆଡ଼କୁ ଆକର୍ଷଣ କରୁଛନ୍ତି । ତଥାପି ଏହି ମୂର୍ଖ ଜୀବ ସବୁପ୍ରକାର ସୁଯୋଗ ପାଇ ମଧ୍ୟ ତାଙ୍କ ପ୍ରେରଣା ଅନୁସାରେ ତାଙ୍କ ପ୍ରାପ୍ତି ପାଇଁ ତତ୍ପର ହେଉନାହିଁ । ସେଇଥିପାଇଁ ସେ ବାରମ୍ବାର ମୃତ୍ୟୁମୁଖରେ ପଡୁଛି ।

ଏହି ଅଙ୍ଗୁଷ୍ଠମାତ୍ର ପୁରୁଷ, ଅନ୍ତରାତ୍ମା, ସର୍ବଦା ଜୀବହୃଦୟରେ ସ୍ଥିତ, ଜ୍ଞାନାଧିପତି ଓ ହୃଦୟସ୍ଥିତ ମନ ଦ୍ୱାରା ସୁରକ୍ଷିତ ଅଟନ୍ତି । ଯିଏ ଏହାଙ୍କୁ ଜାଣନ୍ତି ସେ ଅମର ହୋଇଯାଆନ୍ତି । ସେ ସହସ୍ରଶିର, ସହସ୍ରନେତ୍ର ଏବଂ ସହସ୍ରଚରଣଯୁକ୍ତ ହୋଇ ପୂର୍ଣ୍ଣ ଅଟନ୍ତି । ସେ ଭୂମିକୁ ସବୁଦିଗରୁ ବ୍ୟାପ୍ତ କରି ରଖିଛନ୍ତି, ଅନନ୍ତରୂପରେ ସେ ସବୁର

ଅତିକ୍ରମଣକରି ସ୍ଥିତ ହୋଇଛନ୍ତି । (ଅନ୍ୟପ୍ରକାରେ କହିଲେ– ସେ ନାଭିର ଊର୍ଦ୍ଧ୍ୱକୁ ଦଶଅଙ୍ଗୁଳ ପରିମାଣ ବିଶିଷ୍ଟ ହୃଦୟ ମଧ୍ୟରେ ସ୍ଥିତ ହୋଇଛନ୍ତି ।)

ସେହି ପରମପୁରୁଷ ପରମେଶ୍ୱରଙ୍କର ସହସ୍ର ଶିର, ସହସ୍ର ଚ଼କ୍ଷୁ ତଥା ପାଦ ରହିଛି ଅର୍ଥାତ୍ ସେ ସମସ୍ତ ଅବୟବ ରହିତ ହୋଇ ମଧ୍ୟ ଶିର, ଚ଼କ୍ଷୁ, ପାଦ ଆଦି ଅଙ୍ଗମାନଙ୍କରେ ଭୂଷିତ ହୋଇଛନ୍ତି । ତାଙ୍କର ଅସଂଖ୍ୟ ଅଙ୍ଗ ବିଦ୍ୟମାନ । ସେହି ସର୍ବଶକ୍ତିମାନ୍ ପରମେଶ୍ୱର ସମସ୍ତ ଜଗତକୁ ସବୁଆଡୁ ଘେରିରହି ସର୍ବତ୍ର ବ୍ୟାପ୍ତ ହୋଇଛନ୍ତି । ଯାହାକିଛି ଭୂତ ଏବଂ ଭବିଷ୍ୟତ ରହିଛି, ଯାହା ଅନ୍ନଦ୍ୱାରା ବୃଦ୍ଧିକୁ ପ୍ରାପ୍ତ ହୋଇଥାଏ, ସେସବୁ ପୁରୁଷ(ସେ ହିଁ) ଅଟନ୍ତି । ସେ ଅମୃତତ୍ୱ ଅର୍ଥାତ୍ ମୁକ୍ତିର ମଧ୍ୟ ପ୍ରଭୁ ଅଟନ୍ତି ।

ଯାହା ପୂର୍ବରୁ ଘଟିଯାଇଛି ଓ ଭବିଷ୍ୟତରେ ଘଟିବାକୁ ଅଛି ଏବଂ ବର୍ତ୍ତମାନ କାଳରେ ଅନ୍ନଦ୍ୱାରା ଅର୍ଥାତ୍ ଖାଦ୍ୟପଦାର୍ଥ ଦ୍ୱାରା ବୃଦ୍ଧି ପ୍ରାପ୍ତ ହେଉଛନ୍ତି, ସେ ସମସ୍ତ ଜଗତ୍ ପରମାତ୍ମା ପରମପୁରୁଷଙ୍କର ହିଁ ସ୍ୱରୂପ ଅଟେ । ସେ ନିଜେ ନିଜର ସ୍ୱରୂପଭୂତ ଅଚ଼ିନ୍ତ୍ୟ ଶକ୍ତି ଦ୍ୱାରା ଏହି ରୂପରେ ପ୍ରକଟିତ ହୋଇଛନ୍ତି ଏବଂ ତାହାର ସ୍ୱାମୀ ହୋଇ ଜୀବମାନଙ୍କୁ ସଂସାର ବନ୍ଧନରୁ ମୁକ୍ତି କରାଉଛନ୍ତି । ଅତଏବ ତାଙ୍କୁ ପ୍ରାପ୍ତ କରିବାର ଅଭିଳାଷା ସାଧକମାନଙ୍କ ମନରେ ଜାଗ୍ରତ ହେବା ଦରକାର ଏବଂ ସାଧକମାନେ ତାଙ୍କ ଶରଣାପନ୍ନ ହେବା ଦରକାର ।

ତାଙ୍କର ସବୁଦିଗରେ ହସ୍ତ ଓ ପଦ ରହିଛି, ସର୍ବତ୍ର ଚ଼କ୍ଷୁ ରହିଛି, ଶିର ଏବଂ ମୁଖ ମଧ୍ୟ ରହିଛି । ଏପରିକି ତାଙ୍କର କର୍ଣ୍ଣ ସର୍ବତ୍ର ବ୍ୟାପ୍ତ ହୋଇ ରହିଛି । ସେ ଲୋକମାନଙ୍କ ମଧ୍ୟରେ ସର୍ବତ୍ର ବ୍ୟାପୀ ରହିଛନ୍ତି ।

ସେ ସମସ୍ତ ଇନ୍ଦ୍ରିୟଗଣଙ୍କର ବୃତ୍ତିରୂପରେ ଅବଭାସିତ ହୋଇ ମଧ୍ୟ ସମସ୍ତ ଇନ୍ଦ୍ରିୟରହିତ ଅଟନ୍ତି । ସେ ସମସ୍ତଙ୍କର ପ୍ରଭୁ, ଶାସକ ଏବଂ ସର୍ବାଶ୍ରୟଦାତା ତଥା ସମସ୍ତଙ୍କର କାରଣ ଅଟନ୍ତି ।

ସମ୍ପୂର୍ଣ୍ଣ ସ୍ଥାବର–ଜଙ୍ଗମ ଜଗତର ସ୍ୱାମୀ ଏହି ହଂସ (ପରମାତ୍ମା) ଦେହାଭିମାନୀ ହୋଇ ନବଦ୍ୱାରଯୁକ୍ତ (ଦେହରୂପକ) ପୁରରେ ବାହ୍ୟ ବିଷୟମାନଙ୍କୁ ଗ୍ରହଣ କରିବା ପାଇଁ ଚ଼େଷ୍ଟିତ ।

ସମ୍ପୂର୍ଣ୍ଣ ସ୍ଥାବର ଏବଂ ଜଙ୍ଗମ ଜୀବଗଣଙ୍କର ପରିବେଷ୍ଟିତ ଏହି ସମ୍ପୂର୍ଣ୍ଣ ଜଗତକୁ ନିଜ ବଶରେ ରଖିପାରିଥିବା ସେହି ପ୍ରକାଶମୟ ପରମେଶ୍ୱର ଦୁଇ ଆଖି, ଦୁଇ କାନ, ଦୁଇ ନାସା, ଏକ ମୁଖ, ଏକ ଗୁହ୍ୟ ଏବଂ ଏକ ଉପସ୍ଥ– ଏହିଭଳି ଭାବେ ମୋଟ

ନବଦ୍ୱାର ବେଷ୍ଟିତ ମନୁଷ୍ୟଶରୀର ରୂପ ନଗରରେ ଅନ୍ତର୍ଯ୍ୟାମୀ ରୂପେ ସ୍ଥିତ ଅଟନ୍ତି ଆଉ ସେ ହିଁ ଏହି ବାହ୍ୟ ଜଗତରେ ମଧ୍ୟ ଲୀଳା କରୁଅଛନ୍ତି । ଏଭଳି ବୁଝି ମନ ଯେଉଁଠାରେ ସୁଗମତା ପୂର୍ବକ ସ୍ଥିର ହୋଇପାରୁଛି, ସେହିଠାରେ ତାଙ୍କର ଧ୍ୟାନ କରିବା ଦରକାର ।

ସେ ହସ୍ତପାଦରହିତ ହୋଇ ମଧ୍ୟ ବେଗବାନ୍ ଅଟନ୍ତି । ସବୁକିଛି ଗ୍ରହଣ କରିବାକୁ ସକ୍ଷମ ଅଟନ୍ତି । ନେତ୍ରହୀନ ହୋଇମଧ୍ୟ ଦେଖିପାରୁଛନ୍ତି, କର୍ଣ୍ଣରହିତ ହୋଇ ମଧ୍ୟ ଶୁଣିପାରୁଛନ୍ତି । ସେ ସମ୍ପୂର୍ଣ୍ଣ ବେଦ୍ୟବର୍ଗଙ୍କୁ ଜାଣୁଛନ୍ତି କିନ୍ତୁ ତାଙ୍କୁ ଜାଣିବାକୁ କେହି ସକ୍ଷମ ହେଉପାରୁନାହାନ୍ତି । ତାଙ୍କୁ ଋଷିମାନେ ସମସ୍ତଙ୍କର ଆଦି, ପୂର୍ଣ୍ଣ ଏବଂ ମହାନ୍ ବୋଲି ବର୍ଣ୍ଣନା ଓ ସ୍ୱୀକାର କରିଛନ୍ତି ।

ସେ ଅଣୁଠାରୁ ମଧ୍ୟ କ୍ଷୁଦ୍ର ଅଣୁ ସଦୃଶ ଅଟନ୍ତି, ମହାନ୍‌ଠାରୁ ମଧ୍ୟ ମହତ୍ତର ଅଟନ୍ତି, ସମଗ୍ର ଜୀବର ଅନ୍ତଃକରଣରେ ସ୍ଥିତ ହୋଇ ରହିଛନ୍ତି । ସେହି ବିଷୟଭୋଗ ସଙ୍କଳ୍ପଶୂନ୍ୟ ମହିମାମୟ ଆତ୍ମାଙ୍କୁ ଯିଏ ବିଧାତାଙ୍କ କୃପା ସାହାଯ୍ୟରେ ଈଶ୍ୱରରୂପେ ଦେଖିଥାଏ, ସେ ଶୋକରହିତ ହୋଇଯାଇଥାଏ ।

ବ୍ରହ୍ମବେତ୍ତାଗଣ ଯାହାଙ୍କର ଜନ୍ମ ନ ହେବା କଥା କହନ୍ତି ଆଉ ଯାହାଙ୍କୁ ନିତ୍ୟ ବୋଲି କହନ୍ତି, ସେହି ଜରାଶୂନ୍ୟ ପୁରାତନ ସର୍ବାତ୍ମାଙ୍କୁ ବିଭୁ ଭାବରେ ସ୍ୱୀକାର କରୁଛନ୍ତି, ସେ ସର୍ବଗତ ଅଟନ୍ତି, ଏହା ଆମ୍ଭେ ଜାଣୁଅଛୁ ।

ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥିବା ମହାତ୍ମାମାନେ କହନ୍ତି କି, 'ବେଦର ରହସ୍ୟକୁ ବର୍ଣ୍ଣନା କରୁଥିବା ମହାପୁରୁଷ ଯାହାଙ୍କୁ ଜନ୍ମରହିତ ତଥା ନିତ୍ୟ ବୋଲି କହିଛନ୍ତି, ଯାହାଙ୍କୁ ବ୍ୟାପକ ହୋଇଥିବା କାରଣରୁ ସର୍ବବିଦ୍ୟମାନ ବୋଲି କହନ୍ତି, ଯାହାଙ୍କ ପାଖରେ କୌଣସିସ୍ଥାନ ଖାଲି ନାହିଁ, ଯେ ଜରା-ମୃତ୍ୟୁ ରହିତହୋଇ ସମଗ୍ର ବିକାରରହିତ ଭାବେ ବିଦ୍ୟମାନ ଅଟନ୍ତି- ସେହି ପୁରାଣ ପୁରୁଷ ପରମେଶ୍ୱରଙ୍କୁ ଆମେ ଜାଣିଅଛୁ ।'

ଚତୁର୍ଥ ଅଧ୍ୟାୟ

ସୃଷ୍ଟି ପ୍ରାରମ୍ଭରେ ଯିଏ ଏକ ଓ ନିର୍ବିଶେଷ ରୂପେ ନିଜ ଶକ୍ତି ଦ୍ୱାରା କୌଣସି ପ୍ରୟୋଜନ ବିହୀନଭାବେ ଅନେକ ପ୍ରକାର, ଅନେକ ବର୍ଣ୍ଣ ତଥା ବିଶେଷ ରୂପ ଧାରଣ କରିପାରନ୍ତି ଆଉ ପରିଶେଷରେ ଯାହାଙ୍କଠାରେ ବିଶ୍ୱ ବିଲୀନ ହୁଏ, ସେହି ପ୍ରକାଶସ୍ୱରୂପ ପରମାତ୍ମା ଆମକୁ ଶୁଭବୁଦ୍ଧି ସଂଯୁକ୍ତ କରାନ୍ତୁ ।

ସେ ଅଗ୍ନି ଅଟନ୍ତି, ସେ ସୂର୍ଯ୍ୟ ଅଟନ୍ତି, ସେ ବାୟୁ ଅଟନ୍ତି, ସେ ଚ଼ନ୍ଦ୍ରମା ଅଟନ୍ତି, ସେ ଶୁକ୍ର ବା ଶୁଦ୍ଧ ଅଟନ୍ତି, ସେ ବ୍ରହ୍ମ ଅଟନ୍ତି– ଏପରିକି ଜଳ ଓ ପ୍ରଜାପତି ମଧ୍ୟ ଅଟନ୍ତି । ସେ ସ୍ତ୍ରୀ, ପୁରୁଷ, କୁମାର, କୁମାରୀ, ବୃଦ୍ଧ ହୋଇ ଦଣ୍ଡ ଧରି ଚ଼ାଲୁଅଛନ୍ତି ଆଉ ସେ ହିଁ ପ୍ରପଞ୍ଚରୂପରେ ଉତ୍ପନ୍ନ ହୋଇ ଅନେକରୂପ ଧାରଣ କରିଅଛନ୍ତି ।

ନୀଳବର୍ଣ୍ଣର ଭ୍ରମର, ହରିତ ବର୍ଣ୍ଣ ଏବଂ ଲାଲ ଚ଼କ୍ଷୁଯୁକ୍ତ ଜୀବ(ଶୁକାଦି ନିକୃଷ୍ଟ ପ୍ରାଣୀ), ମେଘ ତଥା ଗ୍ରୀଷ୍ମାଦି ଋତୁ ଓ ସପ୍ତ ସମୁଦ୍ର ହୋଇ ସେ ଅନାଦି ଅଟନ୍ତି, ସର୍ବତ୍ର ବ୍ୟାପ୍ତ ହୋଇ ରହିଛନ୍ତି । ନିଜ ଭଳି ଅନେକଗୁଡ଼ିଏ ପ୍ରଜାଉତ୍ପନ୍ନକାରୀ ଏକ ଲୋହିତ, ଶୁକ୍ଳ ଏବଂ କୃଷ୍ଣ ବର୍ଣ୍ଣର ଅଜାକୁ ଗୋଟିଏ ଅଜ ସେବନ କରି ଭୋଗ କରୁଛି । ଦ୍ୱିତୀୟ ଅଜ ସେହି ଭୁକ୍ତଭୋଗକୁ ତ୍ୟାଗ କରିଦେଇଛନ୍ତି ।

ଯେଉଁଭଳି ପରସ୍ପର ଏକତ୍ରିତ ରହୁଥିବା ଦୁଇ ସଖା ଗୋଟିଏ ବୃକ୍ଷକୁ ଆଶ୍ରିତ ହୋଇଅଛନ୍ତି, ଆଉ ସେମାନଙ୍କ ଭିତରୁ ଗୋଟିଏ ବୃକ୍ଷସ୍ଥ ସ୍ୱାଦିଷ୍ଟ ଫଳକୁ ଭୋଗ କରୁଛି, ଅନ୍ୟଟି ଭୋଗ ନ କରି କେବଳ ଦେଖୁଅଛି, ଠିକ୍ ସେହିଭଳି ।

ସେହି ଗୋଟିଏ ବୃକ୍ଷରେ ଜୀବ ଦେହାତ୍ମଭାବରେ ବୁଡ଼ି ରହି ମୋହଗ୍ରସ୍ତ ହୋଇଯାଇଛି ଓ ଦୀନଭାବଯୁକ୍ତ ହୋଇ ଶୋକ କରୁଅଛି । ଯେଉଁ ସମୟରେ ସେ (ଅନେକ ପ୍ରକାରର ଭୋଗମାର୍ଗଯୁକ୍ତ ହୋଇ) ସେବିତ ହୁଏ ଏବଂ ଦେହାଦି ଭିନ୍ନ ଈଶ୍ୱର ତଥା ତାଙ୍କର ମହିମାକୁ ଅବଗତ ହୁଏ, ସେହି ସମୟରେ ଶୋକରହିତ ହୋଇଯାଏ ।

ଯେଉଁଥିରେ ସମସ୍ତ ଦେବଗଣ ଅଧିଷ୍ଠିତ ହୋଇଛନ୍ତି, ସେହି ଅକ୍ଷର ପରବ୍ୟୋମରେ ହିଁ ବେଦତ୍ରୟ ସ୍ଥିତ ଅଟନ୍ତି । ଅର୍ଥାତ୍ ସେ ମଧ୍ୟ ଏସବୁର ପ୍ରତିପାଦନ କରିଛନ୍ତି । ଯିଏ ଏହାକୁ ଜାଣନ୍ତି ନାହିଁ ସେ ବେଦକୁ ନେଇ କ'ଣ କରିବେ ? ଯିଏ ଏହାକୁ ଜାଣନ୍ତି ସେ ତ କୃତାର୍ଥ ହୋଇ ରହିଛନ୍ତି ।

ବେଦ, ଯଜ୍ଞ, କ୍ରତୁ, ବ୍ରତ, ଭୂତ, ଭବିଷ୍ୟତ ଆଉ ବର୍ତ୍ତମାନ ତଥା ଅନ୍ୟ ଯେ କୌଣସି ବେଦବର୍ଣ୍ଣିତ ପ୍ରସଙ୍ଗ ରହିଛି ସେସବୁକୁ ମାୟାବୀ ଈଶ୍ୱର ଏହି ଅକ୍ଷରରୁ ଉତ୍ପନ୍ନ କରିଛନ୍ତି । ଆହୁରି ମଧ୍ୟ ସେହି ପ୍ରପଞ୍ଚରେ ଅର୍ଥାତ୍ ମାୟା ସାହାଯ୍ୟରେ ଅନ୍ୟରୂପରେ ବାନ୍ଧିହୋଇ ରହିଛନ୍ତି ।

ପ୍ରକୃତିକୁ ତ ମାୟା ଜାଣିବା ଦରକାର ଆଉ ମହେଶ୍ୱରଙ୍କୁ ମାୟାବୀ । ତାଙ୍କର ଅବୟବଭୂତ(କାର୍ଯ୍ୟ–କାରଣ ସଂଘାତ)ରେ ଏହି ସମ୍ପୂର୍ଣ୍ଣ ଜଗତ ବ୍ୟାପ୍ତ ହୋଇ ରହିଛି ।

ଯିଏ ଏକାକୀ ପ୍ରତ୍ୟେକ ଯୋନିର ଅଧିଷ୍ଠାତା ଅଟନ୍ତି, ଯାହାଙ୍କଠାରେ ଏହିସବୁ

ଦୃଶ୍ୟମାନ୍ ଜଗତ ସମ୍ୟକ୍ ପ୍ରକାରରେ ଲୀନ ହୋଇଥାଏ ଏବଂ ବିବିଧ ରୂପ ଧାରଣ କରିଥାଏ, ସେହି ସର୍ବନିୟନ୍ତା, ବରଦାୟକ, ସ୍ତବନୀୟ ଦେବଙ୍କର ସାକ୍ଷାତକାର କରି ସାଧକ ଏହି ପରମଶାନ୍ତିକୁ ପ୍ରାପ୍ତ ହୋଇଥାଏ ।

ଯିଏ ରୁଦ୍ରଦେବତାଙ୍କର ଐଶ୍ୱର୍ଯ୍ୟପ୍ରାପ୍ତି ତଥା ଉତ୍ପତ୍ତିର କାରଣ ଅଟନ୍ତି, ଜଗତର ସ୍ୱାମୀ ଏବଂ ସର୍ବଜ୍ଞ ଅଟନ୍ତି ତଥା ଯାହାଙ୍କଠାରେ ସର୍ବପ୍ରଥମେ ହିରଣ୍ୟଗର୍ଭଙ୍କୁ ନିଜଠାରୁ ଉତ୍ପନ୍ନ ହୋଇଥିବାର ଦେଖାଗଲା, ସେ ଆମକୁ ଶୁଦ୍ଧ ବୁଦ୍ଧି ସଂଯୁକ୍ତ କରାନ୍ତୁ ।

ଯିଏ ଦେବଗଣଙ୍କର ସ୍ୱାମୀ ଅଟନ୍ତି, ଯାହାଙ୍କଠାରେ ସମ୍ପୂର୍ଣ୍ଣ ଲୋକ ଆଶ୍ରିତ ଅଟନ୍ତି ଆଉ ଯିଏ ଏହି ଦ୍ୱିପଦ ଏବଂ ଚତୁଷ୍ପଦ ପ୍ରାଣୀମାନଙ୍କର ଶାସନ କରୁଛନ୍ତି, ସେହି ଆନନ୍ଦସ୍ୱରୂପ ଦେବତାଙ୍କୁ ଆମେ ହବି ସାହାଯ୍ୟରେ ପରିଚ୍ର୍ଯ୍ୟା ବା ପୂଜନ କରିବା ବିଧେୟ ।

ସେ ଅତୀତ କଳ୍ପରେ ବିଶ୍ୱର ରକ୍ଷକ ଥିଲେ, ସେ ହିଁ ବିଶ୍ୱର ସ୍ୱାମୀ ଏବଂ ସମଗ୍ର ଭୂତରେ ସ୍ଥିତ ଅଟନ୍ତି । ଏହିଭଳି ଯେଉଁ ପରମାତ୍ମାଙ୍କ ଠାରେ ବ୍ରହ୍ମର୍ଷି ଏବଂ ଦେବଗଣ ଅଭିନ୍ନ ରୂପରେ ସ୍ଥିତ ହୋଇଛନ୍ତି, ତାଙ୍କୁ ଏହିଭଳି ଜାଣି ବ୍ୟକ୍ତି ମୃତ୍ୟୁର ପାଶକୁ ବା ବନ୍ଧନକୁ କାଟିବାକୁ ସମର୍ଥ ହୋଇଥାଏ ।

ଘୃତର ଉପରଭାଗରେ ରହିଥିବା ତାର ସାରସମ ଅତ୍ୟନ୍ତ ସୂକ୍ଷ୍ମ ଶିବଙ୍କୁ ଭୂତମାନଙ୍କ ମଧ୍ୟରେ ଅନ୍ତର୍ଯ୍ୟାମୀ ରୂପରେ ରହିଥିବାର ଜାଣି ଏବଂ ବିଶ୍ୱର ଏକମାତ୍ର ଭୋଗପ୍ରଦ ସେହି ଦେବତାଙ୍କର ସାକ୍ଷାତକାର କରି ବ୍ୟକ୍ତି ସମସ୍ତ ବନ୍ଧନରୁ ମୁକ୍ତ ହୋଇଯାଏ ।

ଏହି ସର୍ବବ୍ୟାପୀ ଦେବତା ଜଗତ୍‌କର୍ତ୍ତା ଅଟନ୍ତି ଆଉ ସମସ୍ତଙ୍କ ହୃଦୟରେ ନିବାସ କରୁଛନ୍ତି । ଏହି ପ୍ରପଞ୍ଚ-ନିଷେଧର ଉପଦେଶ, ଆତ୍ମାନାତ୍ମବିବେକ-ବୁଦ୍ଧି ଏବଂ ଏକତ୍ୱ ଜ୍ଞାନ ଦ୍ୱାରା ପ୍ରକାଶିତ ହୋଇଥାଏ । ଏହାକୁ ଯିଏ ଜାଣିପାରନ୍ତି, ସେ ଅମର ହୋଇଯାଆନ୍ତି ।

ଯେତେବେଳେ ଅଜ୍ଞାନ ରହେନାହିଁ, ସେହି ସମୟରେ ନାଁ ଦିନ ରହେ ନାଁ ରାତି, ନାଁ ସତ୍ ନାଁ ଅସତ୍ ରହନ୍ତି କେବଳ ଏକମାତ୍ର ଶିବ- ସେ ଅବିନାଶୀ ଏବଂ ଆଦିତ୍ୟମଣ୍ଡଳାଭିମାନୀ ଦେବଙ୍କର ଭଜନୀୟ ଅଟନ୍ତି ଆଉ ତାଙ୍କ ଦ୍ୱାରା ପୁରାତନ ପ୍ରଜ୍ଞା(ଗୁରୁପରମ୍ପରାଗତ ଜ୍ଞାନ)ର ପ୍ରସାର ହୋଇଥାଏ ।

ତାଙ୍କୁ ଉପରୁ, ତଳୁ, ମଧ୍ୟଭାଗରୁ କୌଣସି ଦିଗରୁ ହେଲେ କେହି ଗ୍ରହଣ କରିପାରନ୍ତି ନାହିଁ । ଯାହାଙ୍କର ନାମ ମହଦ୍ୟଶ(ମହାନ ଯଶସମ୍ପନ୍ନ) ଅଟେ ସେହିଭଳି ବ୍ରହ୍ମଙ୍କର କୌଣସି ଉପମା ନାହିଁ ।

ତାଙ୍କର ସ୍ୱରୂପ ନେତ୍ରାଦି ଦ୍ୱାରା ଗ୍ରହଣ କରିବାଯୋଗ୍ୟ ସ୍ଥାନରେ ରହେନାହିଁ । ତାଙ୍କୁ କେହିହେଲେ ନେତ୍ର ଦ୍ୱାରା ଦେଖି ପାରନ୍ତି ନାହିଁ । ଯିଏ ଏହି ହୃଦୟସ୍ଥିତ ପରମାତ୍ମାଙ୍କୁ ଶୁଦ୍ଧବୁଦ୍ଧି ଅର୍ଥାତ୍ ମନରେ ଏହିଭଳି ଜାଣିଥାଏ, ସେ ଅମର ହୋଇଯାଏ ।

ଏହିଭଳି ପରମେଶ୍ୱରଙ୍କର ସ୍ତବରୂପୀ ସ୍ୱରୂପ ବର୍ଣ୍ଣନା ଦ୍ୱାରା ତାଙ୍କର ବର୍ଣ୍ଣନା କରାଯିବା ପରେ ତାଙ୍କୁ ପ୍ରାପ୍ତି କଲେ କି ପ୍ରକାର ଫଳ ମିଳେ, ସେ ସମ୍ପର୍କରେ ପୂର୍ବରୁ ବତାଯାଇଛି । ମୁକ୍ତି ପାଇଁ ଏବଂ ପରେ ପରେ ସଂସାରଭୟରୁ ରକ୍ଷା ପାଇବା ପାଇଁ ପରମାତ୍ମାଙ୍କ ଠାରେ ପୁନର୍ବାର ଯେଉଁ ସ୍ତବନ କରାଯାଏ, ତାହା ନିମ୍ନ ପ୍ରକାରେ ବର୍ଣ୍ଣନା କରାଗଲା–

ହେ ରୁଦ୍ର ! ତୁମେ ଅଜନ୍ମା ଅଟ, ତେଣୁ ଯଦି କେହି (ମୋଭଳି)ସଂସାରଭୟରେ କାତର ପୁରୁଷ ତୁମର ଶରଣାପନ୍ନ ହୁଏ, ତୁମର ଯେଉଁ ଦକ୍ଷିଣମୁଖ ରହିଛି ତାହାରି ସାହାଯ୍ୟରେ ତୁମେ ତାଙ୍କୁ ରକ୍ଷାକର ଅର୍ଥାତ୍ ତୁମେ ମୋର ରକ୍ଷା କର ।

ହେ ରୁଦ୍ର ! ତୁମେ କୁପିତହୋଇ ଆମର ପୁତ୍ର, ପ୍ରୌତ୍ର, ଆୟୁ, ଗୋ ଏବଂ ଅଶ୍ୱଙ୍କୁ କ୍ଷୟ କରନାହିଁ । ଆଉ ଆମର ବୀର ସେବକମାନଙ୍କର ବଧ କରନାହିଁ । ଆମେ ହବ୍ୟ ସାମଗ୍ରୀଯୁକ୍ତ ହୋଇ ସବୁବେଳେ ତୁମର ଆବାହନ କରୁଅଛୁ ।

ପଞ୍ଚମ ଅଧ୍ୟାୟ

ହିରଣ୍ୟଗର୍ଭଙ୍କଠାରୁ ଉତ୍କୃଷ୍ଟ ଅବିନାଶୀ ଏବଂ ଅନନ୍ତ ପରବ୍ରହ୍ମଙ୍କଠାରେ, ଯେଉଁଠାରେ ବିଦ୍ୟା ଏବଂ ଅବିଦ୍ୟା ପରିଚ୍ଛିନ୍ନ ଭାବରେ ରହିଛି, ତନ୍ମଧ୍ୟରେ କ୍ଷର ଅବିଦ୍ୟା ଅଟେ ଆଉ ଅମୃତ ବିଦ୍ୟା ଅଟେ ତଥା ଯିଏ ଏହି ବିଦ୍ୟା ଓ ଅବିଦ୍ୟାର ଶାସନ କରନ୍ତି ସେ ଏହାଠାରୁ ଭିନ୍ନ ଅଟନ୍ତି ।

ଯିଏ ଏକାକୀ ପ୍ରତ୍ୟେକସ୍ଥାନ ତଥା ସମ୍ପୂର୍ଣ୍ଣରୂପ ଏବଂ ସମସ୍ତ ଯୋନିମାନଙ୍କର ଅଧିଷ୍ଠାନ ଅର୍ଥାତ୍ ଉତ୍ପତ୍ତି ସ୍ଥାନର ଅଧିଷ୍ଠାତା ଅଟନ୍ତି, ତଥା ଯିଏ ସୃଷ୍ଟିର ଆରମ୍ଭରେ ଉତ୍ପନ୍ନ ହୋଇଥିବା କପିଳଋଷି ହିରଣ୍ୟଗର୍ଭଙ୍କୁ ଜ୍ଞାନ ସମ୍ପନ୍ନ କରାଇଥିଲେ ଆଉ ଜନ୍ମ ନେଇ ମଧ୍ୟ ଦେଖିଥିଲେ ସେ ବିଦ୍ୟା ଏବଂ ଅବିଦ୍ୟାଠାରୁ ଭିନ୍ନ ତାଙ୍କର ଶାସକ ଅଟନ୍ତି ।

ଏହି ସଂସାରକ୍ଷେତ୍ରରେ ଏହି ଦେବତା (ସୃଷ୍ଟି ପ୍ରାରମ୍ଭ ସମୟରେ) ଗୋଟିଏ ଗୋଟିଏ

ଜାଲକୁ ଅନେକ ପ୍ରକାରରେ ବିକୃତକରି ପରିଶେଷରେ ସଂହାର କରିଛନ୍ତି ଏବଂ ଏହି ମହାତ୍ମା ଈଶ୍ୱର ହିଁ କଳ୍ପାନ୍ତରର ଆରମ୍ଭରେ ପ୍ରଜାପତିଙ୍କୁ ପୁନଃ ଉତ୍ପନ୍ନକରି ସମସ୍ତଙ୍କର ଆଧିପତ୍ୟ କରିଛନ୍ତି ।

ଯେଉଁଭଳି ସୂର୍ଯ୍ୟ ପ୍ରକାଶିତ ହୋଇଥାନ୍ତି ସେହିଭଳି ଏହି ପରବ୍ରହ୍ମ ଊର୍ଦ୍ଧ୍ୱ-ଅଧଃ-ପାର୍ଶ୍ୱ ସମସ୍ତ ଦିଗକୁ ପ୍ରକାଶିତକରି ଦେଦୀପ୍ୟମାନ ହୋଇଛନ୍ତି ।

ସେ ବେଦର ଗୁହ୍ୟଭାଗ ଉପନିଷଦରେ ନିହିତ ଅଟନ୍ତି, ସେହି ବେଦବିଦ୍ୟ ପରମାତ୍ମାଙ୍କୁ ବ୍ରହ୍ମା ଜାଣନ୍ତି, ଯେଉଁ ପୁରାତନ ଦେବ ଏବଂ ଋଷିଗଣ ତାଙ୍କୁ ଜାଣିଥିଲେ, ସେ ତଦ୍ରୁପ ହୋଇ ଅମର ହୋଇଯାଇଥିଲେ ।

ଯିଏ ଗୁଣ ସହିତ ସମ୍ବନ୍ଧ ରକ୍ଷାକରି ଫଳପ୍ରଦ କର୍ମର କର୍ତ୍ତା ହୋଇଛନ୍ତି ଆଉ ସେହି କୃତକର୍ମର ଉପଭୋଗ କରୁଛନ୍ତି, ସେହି ବିଭିନ୍ନ ରୂପଯୁକ୍ତ ତ୍ରିଗୁଣମୟ ଭୋଗତ୍ରୟକୁ ଗମନକାରୀ ପ୍ରାଣର ଅଧିଷ୍ଠାତା ନିଜ କର୍ମାନୁସାରେ ଗମନ କରନ୍ତି ଅର୍ଥାତ୍ ଫଳଲାଭ କରନ୍ତି । ଯିଏ ଅଙ୍ଗୁଷ୍ଠପରିମିତ ପରିଣାମଯୁକ୍ତ, ସୂର୍ଯ୍ୟସମ ଜ୍ୟୋତିଃସ୍ୱରୂପ, ସଂକଳ୍ପ ଏବଂ ଅହଂକାରଯୁକ୍ତ ତଥା ବୁଦ୍ଧି ଓ ଶରୀରର ଗୁଣଯୁକ୍ତ ହୋଇଛନ୍ତି ସେ ଅନ୍ୟ (ଜୀବ) ମଧ୍ୟ ତୀକ୍ଷ୍ଣବସ୍ତୁର ଅଗ୍ରଭାଗ ସଦୃଶ ଦୃଶ୍ୟମାନ୍ ହୁଅନ୍ତି ।

ଶହେଭାଗରେ ବିଭକ୍ତ ହୋଇଥିବା ଯେଉଁ କୋଷାଗ୍ରଭାଗର ଏକ ଶତାଂଶ ରହିଛି, ସେହି ଜୀବକୁ ତା'ଠାରୁ ମଧ୍ୟ କ୍ଷୁଦ୍ର ଜାଣିବା ଦରକାର ମାତ୍ର ସେ ଯେ ଅନନ୍ତରୂପ ହୋଇଛନ୍ତି ଏହା ମଧ୍ୟ ଜାଣିବା ଦରକାର ।

ଏହି ବିଜ୍ଞାନାତ୍ମା ନାଁ ସ୍ତ୍ରୀ ଅଟନ୍ତି ନାଁ ପୁରୁଷ, ଏପରିକି ନପୁଂସକ ମଧ୍ୟ ନୁହଁନ୍ତି । ସେ ଯେଉଁ ଯେଉଁ ଶରୀର ଧାରଣ କରନ୍ତି, ସେହି ସେହି ଶରୀରରେ ସୁରକ୍ଷିତ ଭାବରେ ରହନ୍ତି ।

ଯେଉଁଭଳି ଅନ୍ନ ଏବଂ ଜଳକୁ ସେବନ କରିବା ଦ୍ୱାରା ଶରୀରର ବୃଦ୍ଧି ଘଟେ ସେହିଭଳି ସଂକଳ୍ପ, ସ୍ପର୍ଶ, ଦର୍ଶନ ଓ ମୋହ ଦ୍ୱାରା (କର୍ମ ସମ୍ପାଦିତ ହୋଇଥାଏ । ପୁଣି) ଏହି ଦେହୀ କ୍ରମଶଃ (ବିଭିନ୍ନ) ଯୋନିମାନଙ୍କରେ ଭ୍ରମଣକରି କର୍ମାନୁସାରେ ରୂପଧାରଣ କରିଥାଏ ।

ଜୀବ ନିଜ ଗୁଣ(ପାପ-ପୁଣ୍ୟ) ସାହାଯ୍ୟରେ ସ୍ଥୂଳ-ସୂକ୍ଷ୍ମ ଆଦି ଅନେକ ପ୍ରକାରର ଦେହ ଧାରଣ କରିଥାଏ । ପୁଣି ସେହି ଶରୀରର କର୍ମଫଳ ଏବଂ ମାନସିକ ସଂସ୍କାରମାନଙ୍କ ଦ୍ୱାରା ସଂଯୋଗବଶତଃ ଦେହାନ୍ତର ପ୍ରାପ୍ତିରେ ଭିନ୍ନ କାରଣ ମଧ୍ୟ ଦେଖାଯାଇଛି । ଅର୍ଥାତ୍ ତାଙ୍କ ସଂଯୋଗରୁ ଭିନ୍ନ ହେବାର ଦେଖାଯାଇଛି ।

ଏହି ଗହନ ସଂସାରରେ ସେହି ଅନାଦି, ଅନନ୍ତ ବିଶ୍ୱର ରଚୟିତା, ଅନେକରୂପ ଧାରଣକାରୀ, ବିଶ୍ୱରେ ଏକମାତ୍ର ବ୍ୟାପ୍ତ ହୋଇଥିବା ଉକ୍ତ ଦେବତାଙ୍କୁ ଜାଣି ଜୀବ ସମସ୍ତ ପାଶ ବା ବନ୍ଧନରୁ ମୁକ୍ତ ହୋଇଯାଇଥାଏ ।

ଭାବଗ୍ରାହ୍ୟ, ଅଶରୀର ସଂଜ୍ଞକ, ସୃଷ୍ଟି ଏବଂ ପ୍ରଳୟର କାରଣ, ଶିବସ୍ୱରୂପ ଏବଂ କଳାମାନଙ୍କର ରଚୟିତା ଉକ୍ତ ଦେବତାଙ୍କୁ ଯିଏ ଜାଣନ୍ତି, ସେ ଶରୀରକୁ ତ୍ୟାଗ କରିଦିଅନ୍ତି ଅର୍ଥାତ୍ ଦେହବନ୍ଧନରୁ ମୁକ୍ତ ହୋଇଯାଆନ୍ତି ।

ଷଷ୍ଠ ଅଧ୍ୟାୟ

କୌଣସି ବୁଦ୍ଧିମାନ୍ ବ୍ୟକ୍ତି ସ୍ୱଭାବକୁ କାରଣ ବତାଇଥାଆନ୍ତି ଆଉ କେତେକ କାଳକୁ । କିନ୍ତୁ ଏମାନେ ସମସ୍ତେ ମୋହଗ୍ରସ୍ତ ଅଟନ୍ତି (ଏଣୁ ଠିକ୍ ଜାଣନ୍ତି ନାହିଁ) । ଏହା ସବୁ ଭଗବାନଙ୍କର ମହିମା ଅଟେ, ଯେଉଁଠାରେକି ଏହି ଲୋକରେ ବ୍ରହ୍ମଚକ୍ର ଘୁରୁଅଛି । ଯାହାଙ୍କ ଦ୍ୱାରା ସର୍ବଦା ଏହିସବୁ ବ୍ୟାପ୍ତହୋଇ ରହିଛି ଆଉ ଯିଏ ଜ୍ଞାନସ୍ୱରୂପ, କାଳର ମଧ୍ୟ କର୍ତ୍ତା, ନିଷ୍ପାପତ୍ୱ ଆଦି ଗୁଣବାନ୍ ଏବଂ ସର୍ବଜ୍ଞ ଅଟନ୍ତି ତାଙ୍କରି ଦ୍ୱାରା ପ୍ରେରିତ ହୋଇ ଏହି ପୃଥିବୀ, ଜଳ, ଅଗ୍ନି, ବାୟୁ ଏବଂ ଆକାଶରୂପ କର୍ମ ବିବର୍ତ୍ତିତ ହୋଇଥାଏ ଅତଃ ତାଙ୍କର ଚିନ୍ତନ କରିବା ଦରକାର ।

ଯେଉଁ ଜଗନ୍ନିୟନ୍ତା ଜଗଦାଧାର ପରମେଶ୍ୱରଙ୍କଠାରୁ ଏହି ସମ୍ପୂର୍ଣ୍ଣ ଜଗତ ପରିବ୍ୟାପ୍ତହୋଇ ରହିଛି, ଯିଏ କାଳର ମହାକାଳ ଅଟେ ଅର୍ଥାତ୍ ଯିଏ କାଳର ସୀମାରୁ ଉର୍ଦ୍ଧ୍ୱରେ ରହିଛନ୍ତି, ଯିଏ ଜ୍ଞାନସ୍ୱରୂପ ଚିନ୍ମୟ ପରମାତ୍ମା ସୁହୃଦତା ଆଦି ଦିବ୍ୟଗୁଣ ସମ୍ପନ୍ନ ଅଟନ୍ତି, ସମସ୍ତ ଗୁଣ ଯାହାଙ୍କର ସ୍ୱରୂପଭୂତ ଆଉ ଚିନ୍ମୟ ଅଟେ ଆଉ ଯିଏ ସମଗ୍ର ବ୍ରହ୍ମାଣ୍ଡକୁ ଭଲଭାବରେ ଜାଣିପାରିଛନ୍ତି, ତାଙ୍କ ଦ୍ୱାରା ଚାଳିତ ହୋଇଥିବା ଏହି ଜଗତଚକ୍ର ନିୟମପୂର୍ବକ ଚାଲୁଅଛି । ସେ ହିଁ ପୃଥିବୀ, ଜଳ, ତେଜ, ବାୟୁ ଓ ଆକାଶ ଆଦି ପଞ୍ଚମହାଭୂତର ଶାସକ ହୋଇ ସେମାନଙ୍କୁ ସ୍ୱ-ସ୍ୱ କର୍ମରେ ନିଯୁକ୍ତ ହେବାପାଇଁ ଶକ୍ତି ପ୍ରଦାନ କରିଛନ୍ତି । ତାଙ୍କରି ଶକ୍ତି ବିନା ଏମାନେ କିଛି କରିପାରନ୍ତି ନାହିଁ, ଏହା କେନୋପନିଷଦରେ ମଧ୍ୟ ବର୍ଣ୍ଣିତ ହୋଇଛି, ତେଣୁ ଏହି ରହସ୍ୟକୁ ବୁଝି ମନୁଷ୍ୟ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କର ଉପରୋକ୍ତ ଭାବେ ଚିନ୍ତନ-ମନନ କରିବା ବିଧେୟ ।

ସେହି କର୍ମକୁ କରି, ତାହାର ନିରୀକ୍ଷଣ କରି ପୁଣି ଯିଏ ସେହି ତତ୍ତ୍ୱ ସହିତ ଅର୍ଥାତ୍ ଏକ, ଦୁଇ, ତିନି ଅଥବା ଅଷ୍ଟତତ୍ତ୍ୱ ସହିତ ଅଥବା କାଳ ଏବଂ ଅନ୍ତଃକରଣର ସୂକ୍ଷ୍ମଗୁଣ

ସହିତ ନିଜର ସତ୍ତାରୂପ ଗୁଣକୁ ତ୍ୟାଗକରି ନିଜେ ସ୍ଥିତ ହୋଇଥାନ୍ତି, ତାଙ୍କରି ଚ଼ିନ୍ତନ କରିବା ଦରକାର ।

ଯେଉଁପୁରୁଷ ସତ୍ତ୍ୱବାଦୀ ଗୁଣମୟ କର୍ମ ଆରମ୍ଭକରି ସେସବୁକୁ ଏବଂ ସମସ୍ତ ଭାବକୁ ପରମାତ୍ମାଙ୍କୁ ଅର୍ପଣ କରିଦେଇଥାଏ, ତାଙ୍କଠାରେ ସମ୍ବନ୍ଧର ଅଭାବ ହୋଇଯିବା କାରଣରୁ ତାଙ୍କ ପୂର୍ବକୃତ କର୍ମଗୁଡ଼ିକ ନାଶ ହୋଇଯାଆନ୍ତି– ଆଉ କର୍ମମାନଙ୍କର କ୍ଷୟ ହୋଇଯିବା ପରେ ସେ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାନ୍ତି କାହିଁକି ନାଁ ସେ ତତ୍ତ୍ୱତଃ ସେହି ପୃଥିବୀ ଆଦିଠାରୁ ଭିନ୍ନ ଅଟନ୍ତି ।

ସେ ସମସ୍ତଙ୍କର କାରଣ, ଶରୀରସଂଯୋଗର ନିମିତ୍ତଭୂତା, ଅବିଦ୍ୟାର ହେତୁ, ତ୍ରିକାଳାତୀତ ଏବଂ କାଳହୀନ ଭାବରେ ଦେଖାଯାଆନ୍ତି । ନିଜ ଅନ୍ତଃକରଣରେ ସ୍ଥିତ ସେହି ସର୍ବରୂପ ଏବଂ ସଂସାରରୂପ ଦେବତାଙ୍କର ଜ୍ଞାନୋନତ୍ତି ଦ୍ୱାରା ପୂର୍ବରୁ ଉପାସନାକରି ତାଙ୍କୁ ପ୍ରାପ୍ତ ହୋଇଥାଏ ।

ସେ, ଯାହାଙ୍କଠାରୁ ଏହି ପ୍ରପଞ୍ଚ ପ୍ରବୃତ୍ତ ହୋଇଥାଏ, ବୃକ୍ଷାକାର ଏବଂ କାଳାକାରରୁ ଅତୀତ ତଥା ପ୍ରପଞ୍ଚରୁ ଭିନ୍ନ ଅଟନ୍ତି । ଧର୍ମର ପ୍ରାପ୍ତି କରାଇବା ପାଇଁ ଏବଂ ପାପର ନାଶ କରାଇବା ପାଇଁ ସେହି ଐଶ୍ୱର୍ଯ୍ୟାଧିପତିଙ୍କୁ ଜାଣି ବ୍ୟକ୍ତି ଆତ୍ମସ୍ଥ, ଅମୃତସ୍ୱରୂପ ଏବଂ ବିଶ୍ୱାଧାର ପରମାତ୍ମାଙ୍କୁ ପ୍ରାପ୍ତ ହୋଇଯାଏ ।

ଈଶ୍ୱରଙ୍କର ପରମମହାନ୍ ଈଶ୍ୱର, ଦେବତାଙ୍କର ପରମଦେବ, ପତିଗଣଙ୍କର ପରମପତି, ଅବ୍ୟକ୍ତାଦିଠାରୁ ଊର୍ଦ୍ଧ୍ୱରେ ତଥା ବିଶ୍ୱର ଅଧିପତି ସେହି ସ୍ତବନୀୟ ଦେବତାଙ୍କୁ ଆମେ ଜାଣୁଅଛେ । ତାଙ୍କର ଶରୀର ଏବଂ ଇନ୍ଦ୍ରିୟ ନାହିଁ, ତାଙ୍କସମ ଏବଂ ତାଙ୍କଠାରୁ ବଳି ବଡ଼ ଆଉ କେହି ଦେଖାଯାଆନ୍ତି ନାହିଁ ।

ଏହି ଲୋକରେ ତାଙ୍କର ଆଉ କେହି ସ୍ୱାମୀ ନାହାଁନ୍ତି, ନାଁ କେହି ଶାସକ ଅଛନ୍ତି ନାଁ ସେଭଳି କିଛି ଚ଼ିହ୍ନ ରହିଛି । ସେ ସମସ୍ତଙ୍କର କାରଣ ଅଟନ୍ତି ଏବଂ ଇନ୍ଦ୍ରିୟାଧିଷ୍ଠାତା ଜୀବଙ୍କର ସ୍ୱାମୀ ଅଟନ୍ତି । ତାଙ୍କର ଉତ୍ପତ୍ତିକର୍ତ୍ତା ବା ସ୍ୱାମୀ ଆଉ କେହି ନାହାଁନ୍ତି ।

ତନ୍ତୁରୁ ବୁଢିଆଣୀ ସଦୃଶ ଯେଉଁ ଏକମାତ୍ର ଦେବତା ସ୍ୱଭାବତଃ ପ୍ରଧାନଜନିତ କାର୍ଯ୍ୟଦ୍ୱାରା ନିଜକୁ ଆବୃତ କରି ନେଇଛନ୍ତି, ସେ ଆମକୁ ବ୍ରହ୍ମଙ୍କ ସହିତ ଏକୀଭାବକୁ ପ୍ରଦାନ କରନ୍ତୁ ।

ଯେଉଁଭଳି ବୁଢିଆଣୀ ନିଜ ଦ୍ୱାରା ପ୍ରକଟ ହୋଇଥିବା ଜାଲରେ ନିଜକୁ ଆଚ୍ଛାଦିତ କରିଦେଇଥାଏ ଅର୍ଥାତ୍ ସେଥିରେ ନିଜକୁ ଲୁଚ଼ାଇଥାଏ, ସେହିଭଳି ଯେଉଁ ପରମପୁରୁଷ ପରମେଶ୍ୱର ନିଜର ସ୍ୱରୂପଭୂତ ମୁଖ୍ୟ ଏବଂ ଦିବ୍ୟ ଅଚ଼ିନ୍ତ୍ୟଶକ୍ତି ଦ୍ୱାରା ଉତ୍ପନ୍ନ ଅନନ୍ତ କାର୍ଯ୍ୟମାନଙ୍କ ଦ୍ୱାରା ସ୍ୱଭାବତଃ ନିଜକୁ ଆଚ୍ଛାଦିତ କରି ରଖିଥାନ୍ତି, ଯାହାଙ୍କର କାରଣରୁ ସଂସାରୀ ଜୀବ ତାଙ୍କୁ ଦେଖିପାରିନାହିଁ, ସେହି ସର୍ବଶକ୍ତିମାନ୍

ସର୍ବାଧାର ପରମାତ୍ମା ଆମମାନଙ୍କୁ ସମସ୍ତଙ୍କର ପରମ ଆଶ୍ରୟଭୂତ ନିଜ ପରବ୍ରହ୍ମ ସ୍ୱରୂପରେ ସ୍ଥାପିତ କରନ୍ତୁ ।

ସମସ୍ତ ପ୍ରାଣୀଗଣଙ୍କ ମଧ୍ୟରେ ସେହି ଏକ ଦେବତା ସ୍ଥିତ ହୋଇଛନ୍ତି । ସେ ସର୍ବବ୍ୟାପକ, ସମସ୍ତ ଭୂତଙ୍କର ଅନ୍ତରାତ୍ମା, କର୍ମମାନଙ୍କର ଅଧିଷ୍ଠାତା, ସମଗ୍ର ପ୍ରାଣୀମାନଙ୍କ ମଧ୍ୟରେ ବିରାଜମାନ କରୁଥିବା ସାକ୍ଷୀସ୍ୱରୂପ, ଚେତନତ୍ୱ ପ୍ରଦାନକାରୀ ଶୁଦ୍ଧ ଏବଂ ନିର୍ଗୁଣ ଅଟନ୍ତି ।

ଯେଉଁ ଏକ ଅଦ୍ୱିତୀୟ ସ୍ୱତନ୍ତ୍ର ପରମାତ୍ମା ଅନେକ ନିଷ୍କ୍ରିୟ ଜୀବମାନଙ୍କ ଭିତରେ ସେହି ଏକ ବୀଜକୁ ଅନେକ ରୂପ ଦେଇଛନ୍ତି, ସେ ଆମ ଅନ୍ତଃକରଣରେ ସ୍ଥିତ ଅଟନ୍ତି । ତାଙ୍କୁ ଯେଉଁ ମତିମାନ୍ ଦେଖିପାରନ୍ତି, ତାଙ୍କୁ ନିତ୍ୟସୁଖ ପ୍ରାପ୍ତ ହୁଏ ଅନ୍ୟମାନଙ୍କୁ ନୁହେଁ ।

ଯିଏ ନିତ୍ୟମାନଙ୍କ ମଧ୍ୟରେ ନିତ୍ୟ, ଚେତନମାନଙ୍କ ମଧ୍ୟରେ ଚେତନ ଏବଂ ଏକାକୀ ଅନେକଙ୍କୁ ଭୋଗ ପ୍ରଦାନକରିବାକୁ ସକ୍ଷମ ଅଟନ୍ତି, ସାଂଖ୍ୟଯୋଗ ଦ୍ୱାରା ଜ୍ଞାତବ୍ୟ ସେହି ସର୍ବକାରଣ ଦେବତାଙ୍କୁ ଜାଣି ବ୍ୟକ୍ତି ସମସ୍ତ ବନ୍ଧନରୁ ମୁକ୍ତ ହୋଇଯାଏ ।

ଯେଉଁ ବ୍ରହ୍ମଙ୍କର ପ୍ରକାଶ ସମସ୍ତଙ୍କୁ ପ୍ରକାଶିତ କରିଥାଏ ସେଠାରେ ସୂର୍ଯ୍ୟ ପ୍ରକାଶିତ ହୁଅନ୍ତି ନାହିଁ କି ଚନ୍ଦ୍ର ବା ତାରା ପ୍ରକାଶିତ ହୁଅନ୍ତିନାହିଁ ଏପରିକି ବିଜୁଳି ମଧ୍ୟ ଚମକ ପ୍ରଦାନ କରିପାରେନାହିଁ ଆଉ ଅଗ୍ନିଙ୍କ କଥା କ'ଣ ? ଏମାନେ ସମସ୍ତେ ତାଙ୍କ ପ୍ରକାଶରେ ପ୍ରକାଶିତ ହୋଇଥାନ୍ତି । ସେ ପ୍ରକାଶିତ ହେଲେ ଏମାନେ ପ୍ରକାଶିତ ହୁଅନ୍ତି ।

ଏହି ଭୁବନ ମଧ୍ୟରେ ଗୋଟିଏ ହଂସ ରହିଛି । ସେ ଜଳରେ (ପଞ୍ଚମାହୁତିରୂପ ଦେହରେ) ସ୍ଥିତ ଅଗ୍ନି ଅଟନ୍ତି । ତାଙ୍କୁ ଜାଣି ବ୍ୟକ୍ତି ମୃତ୍ୟୁକୁ ପାର ହୋଇପାରେ । ତାଙ୍କ ଭିନ୍ନ ମୋକ୍ଷପ୍ରାପ୍ତିର ଅନ୍ୟ କୌଣସି ମାର୍ଗ ହିଁ ନାହିଁ ।

ସେ ବିଶ୍ୱର କର୍ତ୍ତା, ବିଶ୍ୱବେତ୍ତା, ଆତ୍ମଯୋନି (ସ୍ୱୟମ୍ଭୁ), ଜ୍ଞାତା, କାଳର ପ୍ରେରକ, ଅପହତପାପ୍ମାଦି ଗୁଣବାନ୍ ଏବଂ ସମ୍ପୂର୍ଣ୍ଣ ବିଦ୍ୟାର ଆଶ୍ରୟ ଅଟନ୍ତି । ସେ ପ୍ରଧାନ ଏବଂ ପୁରୁଷଙ୍କର ଅଧ୍ୟକ୍ଷ, ଗୁଣମାନଙ୍କର ନିୟାମକ ଏବଂ ସଂସାରର ମୋକ୍ଷ, ସ୍ଥିତି ଏବଂ ବନ୍ଧନର କାରଣ ଅଟନ୍ତି ।

ସେ ତନ୍ମୟ (ଜଗଦ୍ରୂପ ଅଥବା ଜ୍ୟୋତିର୍ମୟ), ଅମରଣଧର୍ମା, ଈଶ୍ୱରରୂପରେ ସ୍ଥିତ, ଜ୍ଞାତା, ସର୍ବଗତ ଏବଂ ଏହି ଭୁବନର ରକ୍ଷକ ଅଟନ୍ତି ଯିଏକି ସର୍ବଦା ଏହି ଜଗତର ଶାସନ କରୁଅଛନ୍ତି, କାହିଁକି ନାଁ ତାଙ୍କସମ ଶାସକ ଆଉ କେହି ନାହାଁନ୍ତି ଅର୍ଥାତ୍ ତାଙ୍କ ସମର୍ଥ ଦ୍ୱିତୀୟ କେହି ନାହିଁ ।

ଯିଏ ସୃଷ୍ଟିର ପ୍ରାରମ୍ଭରେ ବ୍ରହ୍ମାଙ୍କୁ ଉତ୍ପନ୍ନ କରାଇଛନ୍ତି ଆଉ ଯିଏ ତାଙ୍କପାଇଁ ବେଦର

ପ୍ରଣୟନ ଓ ପ୍ରବୃତ୍ତ କରାଇଛନ୍ତି, ନିଜ ବୁଦ୍ଧିକୁ ପ୍ରକାଶିତ କରିବାକୁ ଚାହୁଁଥିବା ବ୍ୟକ୍ତି ସେହି ଦେବତାଙ୍କ ନିକଟରେ 'ମୁଁ ମୁମୁକ୍ଷୁ, ଶରଣ ଗ୍ରହଣ କରୁଛି' କହିବା ଦରକାର । ତାତ୍ପର୍ଯ୍ୟ ହେଉଛି ପରମାତ୍ମାଙ୍କୁ ନ ଜାଣି ଦୁଃଖର ଅନ୍ତ ହେବା ଅସମ୍ଭବ ଅଟେ । ଯେଉଁଭଳି କି ବିଭୁ ଏବଂ ଅମୂର୍ତ୍ତ ଆକାଶକୁ ପରିଚ୍ଛିନ୍ନ ଏବଂ ମୂର୍ତ୍ତସ୍ୱରୂପ ଚର୍ମସମ ବେଷ୍ଟିତ ହୋଇଛନ୍ତି ।

ଶ୍ୱେତାଶ୍ୱେତର ଋଷି ତପୋବଳ ଏବଂ ପରମାତ୍ମାଙ୍କର ପ୍ରସନ୍ନତା ଦ୍ୱାରା ସେହି ପ୍ରସିଦ୍ଧ ବ୍ରହ୍ମଙ୍କୁ ଜାଣିଥିଲେ ଏବଂ ଋଷି ସମ୍ପ୍ରଦାୟ ସେବିତ ଏହି ପରମପବିତ୍ର ବ୍ରହ୍ମତତ୍ତ୍ୱକୁ ସମ୍ୟକ୍ ରୂପେ ପରମହଂସ ସନ୍ନ୍ୟାସୀଙ୍କୁ ଉପଦେଶ ଭାବରେ ଦେଇଥିଲେ ।

ଉପନିଷଦରେ ପରମଗୁହ୍ୟ ଏହି ବିଦ୍ୟା ପୂର୍ବକଳ୍ପରେ ଉପଦେଶ ଭାବରେ ଦିଆଯାଇଛି । ଯାହାଙ୍କର ଚିତ୍ତ ଅତ୍ୟନ୍ତ ଶାନ୍ତ (ରାଗାଦି ମଳରହିତ) ନ ହୋଇଛି, ସେହି ବ୍ୟକ୍ତିଙ୍କୁ ଏବଂ ଯିଏ ପୁତ୍ର ବା ଶିଷ୍ୟ ନ ହୋଇଛନ୍ତି, ତାଙ୍କୁ ଏହି ଉପଦେଶ ଦେବା ଅନୁଚିତ ।

ଯାହାଙ୍କର ପରମେଶ୍ୱରଙ୍କ ଠାରେ ଅତ୍ୟନ୍ତ ଭକ୍ତି ରହିଛି ଆଉ ଯିଏ ପରମେଶ୍ୱରଙ୍କ ଭଳି ଗୁରୁଙ୍କଠାରେ ମଧ୍ୟ ଅନନ୍ୟ ଭକ୍ତ ହୋଇଛନ୍ତି, ସେହି ମହାତ୍ମାଙ୍କ ପ୍ରତି ଏହା କୁହାଯିବାପରେ ଏହି ତତ୍ତ୍ୱଗୁଡ଼ିକ ପ୍ରକାଶିତ ହୋଇଥାଏ । କାରଣ ତାହା ସେହି ମହାତ୍ମାମାନଙ୍କ ପ୍ରତି ହିଁ ପ୍ରକାଶିତ ହୁଏ । ଅର୍ଥାତ୍ ଏହି ଉପଦେଶ ସେହିମାନଙ୍କ ପାଇଁ ପ୍ରକାଶର ଉତ୍ସ ହୁଏ, ଯେଉଁମାନେ ଉପରୋକ୍ତ ପ୍ରକାରରେ ଭକ୍ତି ଓ ନିଷ୍ଠା ରଖିଛନ୍ତି । ଯେଉଁ ସାଧକ ପରମଦେବ ପରମେଶ୍ୱରଙ୍କ ଠାରେ ପରମଭକ୍ତି ପରାୟଣ ହୋଇଥାନ୍ତି ଆଉ ଯେଉଁଭଳି ପରମେଶ୍ୱରଙ୍କ ଠାରେ ପରିବେଷ୍ଟିତ ହୋଇଥାନ୍ତି, ସେହିଭଳି ନିଜ ଗୁରୁଙ୍କ ଠାରେ ମଧ୍ୟ ହୋଇଥାନ୍ତି । ସେହି ମହାତ୍ମା ଅର୍ଥାତ୍ ମନସ୍ୱୀ ପୁରୁଷଙ୍କ ହୃଦୟରେ ହିଁ ଉପରୋକ୍ତ ବର୍ଣ୍ଣିତ ରହସ୍ୟମୟ ଅର୍ଥ ପ୍ରକାଶିତ ହୋଇଥାଏ । ଅତଃ ଜିଜ୍ଞାସୁମାନଙ୍କୁ ପୂର୍ଣ୍ଣତୟା ଶ୍ରଦ୍ଧାବାନ୍ ତଥା ଭକ୍ତ ହେବା ବିଧେୟ । ଯାହାଙ୍କଠାରେ ପୂର୍ଣ୍ଣ ଶ୍ରଦ୍ଧା ଏବଂ ଭକ୍ତି ରହିଛି, ସେହି ମହାତ୍ମାଙ୍କ ହୃଦୟରେ ଏହି ଗୂଢ ଅର୍ଥ ପ୍ରକାଶିତ ହୋଇଥାଏ । ଏହି ମନ୍ତ୍ରରେ ଅନ୍ତିମ ବାକ୍ୟର ପୁନରାବୃତ୍ତି ଗ୍ରନ୍ଥ ସମାପ୍ତିକୁ ସୂଚିତ କରୁଅଛି ।

।। ଶାନ୍ତି-ମନ୍ତ୍ରଃ ।।

ଆପ୍ୟାୟନ୍ତୁ ମମଙ୍ଗାନି ବାକ୍‌ପ୍ରାଣଶ୍ଚକ୍ଷୁଃ
ଶ୍ରୋତ୍ରମଥୋ ବଳମିନ୍ଦ୍ରିୟାଣି ଚ ସର୍ବାଣି ।
ସର୍ବଂ ବ୍ରହ୍ମୋପନିଷଦମାହଂ ବ୍ରହ୍ମ ନିରାକୁର୍ଯ୍ୟାଂ
ମା ମା ବ୍ରହ୍ମ ନିରାକରୋଦ-
ନିରାକରଣମସ୍ତ୍ୱନିରାକରଣଂ ମେଽସ୍ତୁ ।
ତଦାତ୍ମନି ନିରତେ ଯ ଉପନିଷତ୍ସୁ
ଧର୍ମାସ୍ତେ ମୟି ସନ୍ତୁ ତେ ମୟି ସନ୍ତୁ ।।
ଓଁ ଶାନ୍ତିଃ ! ଶାନ୍ତିଃ !! ଶାନ୍ତିଃ !!!

ମୋର (ହାତ-ପାଦ ଆଦି) ଅଙ୍ଗ ସବୁପ୍ରକାରେ ପୁଷ୍ଟ ହେଉ, ବାଣୀ, ପ୍ରାଣ, ନେତ୍ର ଏବଂ ଶ୍ରୋତ୍ର ପୁଷ୍ଟ ହେଉ ତଥା ସମ୍ପୂର୍ଣ୍ଣ ଇନ୍ଦ୍ରିୟ ବଳ ପ୍ରାପ୍ତି ହୁଅନ୍ତୁ । ଉପନିଷଦରେ ପ୍ରତିପାଦିତ ବ୍ରହ୍ମ ହିଁ ସବୁକିଛି ଅଟେ । ମୁଁ ବ୍ରହ୍ମଙ୍କର ନିରାକରଣ(ତ୍ୟାଗ) ନ କରେ ଏବଂ ବ୍ରହ୍ମ ମୋର ନିରାକରଣ ନ କରନ୍ତୁ । ଏହିଭଳି ଆମର ଅନିରାକରଣ (ନିରନ୍ତର ମିଳନ)ହେଉ, ଅନିରାକରଣ ହେଉ । ଉପନିଷଦରେ ଯେଉଁ ଶମ ଆଦି ଧର୍ମ କୁହାଯାଇଛି, ସେ ବ୍ରହ୍ମରୂପ ଆତ୍ମାରେ ନିରନ୍ତର ରମଣ କରୁଥିବା, ମୁକ୍ତରେ ସଦା ରହୁଥିବା, ସେ ମୁକ୍ତରେ ସଦା ରହନ୍ତୁ । ଆଧ୍ୟାତ୍ମିକ, ଆଧିଭୌତିକ ଓ ଆଧିଦୈବିକ ତାପର ଶାନ୍ତି ହେଉ ।